ଧରିତ୍ରୀ DHARITRI 51 Years

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, October 16/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୩୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 320 | ମୂଲ୍ୟ₹୭/-






ଆଗ୍ରାରେ ବୁଧବାର ଯବାନମାନେ ଇଣ୍ଡିଆନ୍ ଆର୍ମଡ୍ ଫୋର୍ସେସ୍‌ର ବୈଷୟିକ କୌଶଳ ପ୍ରଦର୍ଶନ କରୁଛନ୍ତି।

# ସବ୍‌ସିଡି ପାଇଥିବା ରାଜ୍ୟର ୨,୯୦୯ ଶିଳ୍ପର ପତ୍ତା ମିଳୁନି

**ଦେଶରେ ଯୁବବର୍ଗଙ୍କୁ ଉଦ୍ୟୋଗପତି କରିବା ଲକ୍ଷ୍ୟନେଇ ୨୦୦୮ରେ ପ୍ରଧାନମନ୍ତ୍ରୀ ଏମ୍ପ୍ଲୟମେଣ୍ଟ ଜେନେରେଶନ ପ୍ରୋଗ୍ରାମ(ପିଏମ୍‌ଇଜିପି) କାର୍ଯ୍ୟକାରୀ ହୋଇଥିଲା। ଏହାର ଲକ୍ଷ୍ୟ ଥିଲା, ଗ୍ରାମାଞ୍ଚଳରୁ ଆରମ୍ଭକରି ସହରାଞ୍ଚଳ ଯୁବବର୍ଗଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ସହ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବା। ହେଲେ ଏହି ଯୋଜନା ଓଡ଼ିଶାରେ ବାଟବଣା ହେଲାଭଳି ପରିଲକ୍ଷିତ ହେଉଛି। ରାଜ୍ୟରେ ଅନେକ ଯୁବୋଦ୍ୟୋଗୀ ଶିଳ୍ପ କରିବା ନାଁରେ ବ୍ୟାଙ୍କରୁ ଲୋନ୍ ଏବଂ ଏବାବଦରେ ସରକାରୀ ସବ୍‌ସିଡି ନେଇଛନ୍ତି, ମାତ୍ର ସେମାନଙ୍କର କୌଣସି ନାଁ ଗନ୍ଧ ନାହିଁ। ଏ ନେଇ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ଅଧୀନ ଖଦି ଆଣ୍ଡ୍ ଭିଲେଜ୍ ଇଣ୍ଡଷ୍ଟ୍ରି କମିଶନ (କେଭିଆଇସି) କାର୍ଯ୍ୟାଳୟ ପକ୍ଷରୁ ଖୋଳତାଡ଼ କରାଯାଉଛି। ରାଜ୍ୟରେ ୨୯୦୯ଟି ଶିଳ୍ପ ୟୁନିଟ୍‌ର କୌଣସି ପତ୍ତା ମିଳୁ ନ ଥିବାରୁ ଗତ ୮ ତାରିଖରେ କେଭିଆଇସି କମିଶନଙ୍କ ପକ୍ଷରୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ସମେତ ୧୭ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି।**

ଭୁବନେଶ୍ୱର,୧୫।୧୦
(ରବିନାରାୟଣ ଜେନା)

ରାଜ୍ୟସ୍ତରୀୟ ତଦାରଖ କମିଟି(ଏସ୍‌ଏଲ୍‌ଏମ୍‌ସି)ର ରିପୋର୍ଟକୁ ଆଧାରକରି କେଭିଆଇସି ରାଜ୍ୟ ନିର୍ଦ୍ଦେଶକ ଆର୍‌ବିଆଇ ସମେତ ନାବାର୍ଡ ସିଜିଏମ୍, ଜୋନାଲ ଡେପୁଟି ସିଇଓ-କୋଲ୍‌କାତା, ଏସ୍‌ଏଲ୍‌ବିସି ମହାପ୍ରବନ୍ଧକ, ଓଡ଼ିଶା ଖଦି ବୋର୍ଡ ସଚିବ ଏବଂ ୬ଟି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦେଇଥିବା ପତ୍ରରୁ ଜଣାପଡ଼ିଛି ଯେ, ଓଡ଼ିଶାରେ ୭ ହଜାର ୧୮୨ଟି ୟୁନିଟ୍ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୨୯୦୯ଟିର କୌଣସି ଚିହ୍ନବର୍ଣ୍ଣ ନାହିଁ, ଯାହାକି ଯାଞ୍ଚ ହୋଇଥିବା ୟୁନିଟ୍‌ର ୪୦.୫ ପ୍ରତିଶତ। ଏହାକୁ ନେଇ ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ଧରପଗଡ଼ ଜୋର୍‌ଦାର କରାଯାଇଛି। ତୁରନ୍ତ ଉକ୍ତ ୟୁନିଟ୍‌ଗୁଡ଼ିକୁ ଖୋଜି ବାହାର କରିବା ପାଇଁ ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟସ୍ତରୀୟ ତଦାରଖ କମିଟି ବୈଠକର ସୂଚନା ଅନୁଯାୟୀ, ଚଳିତବର୍ଷ ସେପ୍ଟେମ୍ବର ୫ ସୁଦ୍ଧା ରାଜ୍ୟରେ ୧୧ ହଜାର ୪୨୦ ୟୁନିଟ୍ ରହିଛି। ସେଥିମଧ୍ୟରୁ ୭ ହଜାର ୨୩୩ ☞ପୃଷ୍ଠା-୪

# ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ୍ ଡଲାର

- **ଆମେରିକା ଟାରିଫ୍ ଯୋଗୁ ୧୩ ମାସରେ ସର୍ବାଧିକ**
- **ସେପ୍ଟେମ୍ବରରେ ୫.୪୩ ବିଲିୟନ୍ ଡଲାର ରପ୍ତାନି ହ୍ରାସ**

**୨୦୨୫ ସେପ୍ଟେମ୍ବରରେ ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ୍ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି, ଯାହାକି ଗତ ୧୩ ମାସରେ ସର୍ବାଧିକ। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ତଥ୍ୟରୁ ଏହା ଜଣାପଡ଼ିଛି। ଆମେରିକାର ୫୦% ଟାରିଫ୍ ସହ ସୁନା ଓ ରୁପାରେ ରେକର୍ଡ ଆମଦାନୀ ଯୋଗୁ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ଏତେମାତ୍ରାରେ ପ୍ରଭାବିତ ହୋଇଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି।**

ନୂଆଦିଲ୍ଲୀ,୧୫।୧୦
(ରଏଟର୍ସ/ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ଅଗଷ୍ଟରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୨୫% ଆମଦାନୀ ଶୁଳ୍କ ସହ ରୁଷୀୟ ତୈଳ କ୍ରୟ ବାବଦକୁ ଅତିରିକ୍ତ ୨୫% ଜରିମାନା କଷିଥିଲେ। ଦେଶର ବାଣିଜ୍ୟିକ ନିଅଣ୍ଟ ଉପରେ ଏହାର ପ୍ରଭାବକୁ ବାଣିଜ୍ୟ ମନ୍ତ୍ରଣାଳୟର ଡେଟା ଦର୍ଶାଇଛି। ତଦନୁସାରେ ଆମେରିକାକୁ ଅଗଷ୍ଟରେ ୬.୮୭ ବିଲିୟନ୍ ଡଲାର ସାମଗ୍ରୀ ରପ୍ତାନି କରାଯାଇଥିବାବେଳେ ସେପ୍ଟେମ୍ବରରେ ଏହା ୫.୪୩ ବିଲିୟନ୍ ଡଲାରକୁ ହ୍ରାସ ପାଇଥିଲା। ବିଶେଷକରି ଟେକ୍ସଟାଇଲ୍ସ, ଚିଙ୍ଗୁଡ଼ି, ମୁକ୍ତା ଓ ଅଳଙ୍କାର ରପ୍ତାନି ଅଧିକ ହ୍ରାସ ପାଇଛି। କିନ୍ତୁ ଏହି ଅବଧି ମଧ୍ୟରେ ଆମଦାନୀ ୩.୬ ବିଲିୟନ୍ ଡଲାରରୁ ୩.୯୮ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଛି। ଏନେଇ କେନ୍ଦ୍ର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି, ବିଶ୍ୱ ବଜାରରେ ଅଡୁଆ ସ୍ଥିତି ସତ୍ତ୍ୱେ ଭାରତର ରପ୍ତାନିରେ ଗତିଶୀଳତା ବଜାୟ ରହିଛି। କିନ୍ତୁ ସେପ୍ଟେମ୍ବରରେ ଆମଦାନୀ ଅଧିକ ରହିଥିଲା, ଯାହାକି ସୁନା, ରୁପା, ସାର ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କ୍ଷେତ୍ରରେ ସର୍ବାଧିକ ଦେଖିବାକୁ ମିଳିଥିଲା। ଭାରତ ଓ ଆମେରିକା ଆସନ୍ତା ମାସ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ଟ୍ରେଡ୍ ଡିଲ୍ ଚୂଡ଼ାନ୍ତ କରିବା ପାଇଁ ☞ପୃଷ୍ଠା-୪

## ଅହମଦାବାଦ୍‌ରେ ହୋଇପାରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

ନୂଆଦିଲ୍ଲୀ, ୧୫।୧୦(ପି.ଟି.)

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲୁଜି) ଲାଗି ବୁଧବାର ଅହମଦାବାଦ୍‌କୁ ଆୟୋଜକ ସହର ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର କାର୍ଯ୍ୟକାରୀ ପରିଷଦ ସୁପାରିସ୍ କରିଛି। ଫଳରେ ଭାରତରେ ବୃହତ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିବାର ପଥ ପରିଷ୍କାର ହୋଇଛି। ଆସନ୍ତା ନଭେମ୍ବର ୨୬ରେ ଗ୍ଲାସ୍‌ଗୋରେ ବସିବାକୁ ☞ପୃଷ୍ଠା-୪

# ଭାଜପାରୁ ଜୟ, ବିଜେଡିରୁ ସ୍ନେହାଙ୍ଗିନୀ ପ୍ରାର୍ଥୀ

- **ନିର୍ବାଚନମଣ୍ଡଳୀ ବାହାରୁ ପ୍ରାର୍ଥୀ କରି ସରପ୍ରାଇଜ୍ ଦେଲା ବିଜେଡି**
- **ଆଜି ଭାଜପା ପ୍ରାର୍ଥୀ, ୧୯ରେ ବିଜେଡିର ନାମାଙ୍କନ**
- **ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ହେବ ମିଶ୍ରଣ ପର୍ବ**

ଭୁବନେଶ୍ୱର,୧୫।୧୦
(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ପାଇଁ ବୁଧବାର ଉଭୟ ଶାସକ ଭାଜପା ଏବଂ ବିରୋଧୀ ବିଜେଡିର ପ୍ରାର୍ଥୀ ଘୋଷଣା କରାଯାଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆଙ୍କୁ ଭାଜପା ଟିକେଟ ଦେଇଛି। ଏନେଇ ଭାଜପା ସଂସଦୀୟ ବୋର୍ଡ ପକ୍ଷରୁ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ହେଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ବିଜେଡିର ପ୍ରାର୍ଥୀ ଘୋଷଣା। ବିଜେଡି ଏହି ଉପନିର୍ବାଚନରେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନ ବିଜୁ ମହିଳା ଜନତା ଦଳର ସଭାପତି ଥିବା



ଜୟ ଢୋଲକିଆ



ସ୍ନେହାଙ୍ଗିନୀ ଛୁରିଆ

ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିଛି। ନୂଆପଡ଼ା ନିର୍ବାଚନମଣ୍ଡଳୀ ବାହାରୁ ସ୍ନେହାଙ୍ଗିନୀଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଏହା ନବୀନଙ୍କ ଆଉ ଏକ ମାଷ୍ଟର ଷ୍ଟ୍ରୋକ୍ ବୋଲି ଚର୍ଚ୍ଚା ହେଉଛି। ଉପନିର୍ବାଚନରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କାଞ୍ଚିର ଅଶ୍ୱାରୋହୀ**

# ୮୫ତମ ସ୍ଥାନକୁ ଖସିଲା ଭାରତୀୟ ପାସ୍‌ପୋର୍ଟ

ନୂଆଦିଲ୍ଲୀ,୧୫।୧୦

**ହେନ୍‌ଲେ ପାସ୍‌ପୋର୍ଟ ସୂଚକାଙ୍କ ୨୦୨୫**

- **ସିଙ୍ଗାପୁର ପାସ୍‌ପୋର୍ଟ ସବୁଠୁ ଶକ୍ତିଶାଳୀ**
- **ପ୍ରଥମ ଥର ଟପ୍ ଟେନ୍ ବାହାରେ ଆମେରିକା**




ଭାରତୀୟ ପାସ୍‌ପୋର୍ଟ ୨୦୨୪ରେ ୮୦ତମ ସ୍ଥାନରେ ଥିବାବେଳେ ଚଳିତବର୍ଷ ୫ ପାଦ ତଳକୁ ଖସି ୮୫ତମ ସ୍ଥାନରେ ରହିଛି। ହେନ୍‌ଲେ ପାସ୍‌ପୋର୍ଟ ଇଣ୍ଡେକ୍ସ ୨୦୨୫ ଅନୁସାରେ ସିଙ୍ଗାପୁର ପାସ୍‌ପୋର୍ଟ ପୁନର୍ବାର ବିଶ୍ୱର ସବୁଠୁ ଶକ୍ତିଶାଳୀ ପାସ୍‌ପୋର୍ଟ ରୂପେ ଉଭା ହୋଇଛି। ଏହି କ୍ଷେତ୍ରରେ ଦକ୍ଷିଣ କୋରିଆ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଜାପାନ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଜର୍ମାନୀ, ଇଟାଲୀ, ସ୍ପେନ୍, ସୁଇଜରଲାଣ୍ଡ, ଲକ୍ସେମ୍‌ବର୍ଗ ପାସ୍‌ପୋର୍ଟ ଚତୁର୍ଥ ସ୍ଥାନରେ ରହିଛି। ଆମେରିକା ପାସ୍‌ପୋର୍ଟ ୨ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ଟପ୍ ୧୦ ପାସ୍‌ପୋର୍ଟ ମଧ୍ୟରେ ନିଜ ସ୍ଥାନ ବଜାୟ ରଖିବାରେ ବିଫଳ ହୋଇଛି।

ହେନ୍‌ଲେ ଆଣ୍ଡ ପାର୍ଟନର୍ସ ପକ୍ଷରୁ ପ୍ରସ୍ତୁତ ପାସ୍‌ପୋର୍ଟ ସୂଚକାଙ୍କ ୨୦୨୫ ଅନୁସାରେ ଭାରତୀୟ ପାସ୍‌ପୋର୍ଟ ବଳରେ ୨୦୨୪ରେ ୫୯ ଦେଶକୁ ଭିଜାମୁକ୍ତ ପ୍ରବେଶ ସୁବିଧା ଥିଲା। ୨୦୨୫ରେ ଏହା ୫୭ ଦେଶରେ ସୀମିତ ରହିଥିବାରୁ ଭାରତୀୟ ପାସ୍‌ପୋର୍ଟ ୫ ପାଦ ତଳକୁ ଖସି ୮୫ତମ ସ୍ଥାନରେ ରହିଛି। ଏକଦା ☞ପୃଷ୍ଠା-୪



# ବଢ଼ିଲା ଅନାହାର ଫେରିବା ଆଶଙ୍କା

**ଇ-କେୱାଇସି କରି ନ ଥିଲେ ଚାଉଳ ବନ୍ଦ ହେବା ପ୍ରସଙ୍ଗ**

- ଜିଲାର ୮୦, ୩୩୨ ଜଣ ବ୍ୟକ୍ତି କରିନାହାନ୍ତି ଇ-କେୱାଇସି
- ଜିଲାର ୬ ଦାଦନ ପ୍ରବଣ ବ୍ଲକରେ ସର୍ବାଧିକ ସମସ୍ୟା

ବଲାଙ୍ଗୀର,୧୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାକୁ ପୁଣି ଫେରିପାରେ ଅନାହାରଜନିତ ସମସ୍ୟା। ଏହି ଜିଲାର ୮୦,୩୩୨ ଜଣ ରାଶନ କାର୍ଡ ହିତାଧିକାରୀଙ୍କ ଇ-କେୱାଇସି ହୋଇ ନ ଥିବାରୁ ସେମାନଙ୍କୁ ଆସନ୍ତା ନଭେମ୍ବର ମାସରୁ ଆଉ ମାଗଣା ଚାଉଳ ମିଳିବ ନାହିଁ। ସେମାନଙ୍କ ରାଶନ କାର୍ଡ ଅଚଳ ହୋଇଯିବ। ଏଭଳି ସ୍ଥିତିରେ ଜିଲାରେ ପୁଣି ଥରେ ଅନାହାର ଓ ଅର୍ଦ୍ଧାହାର ସମସ୍ୟା ଦେଖାଦେଇପାରେ ବୋଲି ତଥ୍ୟାଭିଜ୍ଞ ମହଲରେ ଆଲୋଚନା ଆରମ୍ଭ ହୋଇଛି। ଇ-କେୱାଇସି ଅପ୍‌ଡେଟ୍ ପ୍ରକ୍ରିୟାର ଡେଡ୍‌ଲାଇନ୍ ସରିଯିବା ପରେ ରାଜ୍ୟ ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ଯେଉଁ ସୂଚନା ଦେଇଛନ୍ତି ସେଥିରୁ ଇ-କେୱାଇସି କରିନଥିବା ଜିଲାର ଗରିବ ଲୋକଙ୍କ ଭିତରେ ଛନକା ପଶିଛି। ସରକାରଙ୍କ ଏଭଳି ନିଷ୍ପତ୍ତି ପ୍ରକାରାନ୍ତରେ ଜିଲାକୁ ପୁଣି ଥରେ ଅନାହାର ସମସ୍ୟା ଫେରିପାରେ ବୋଲି ଆଶଙ୍କା ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ଦିନ ଯୋଗାଣ ମନ୍ତ୍ରୀ ପାତ୍ର ଭୁବନେଶ୍ୱର ଠାରେ ଗଣମାଧ୍ୟମକୁ ରାଜ୍ୟର ଇ-କେୱାଇସି ସମ୍ପର୍କରେ ସୂଚନା ଦେଇଥିଲେ। ମନ୍ତ୍ରୀ ପାତ୍ର କହିଥିଲେ ଯେ, ଗତ ୭ରୁ ୮ ମାସ ଧରି ରାଜ୍ୟରେ ଇ-କେୱାଇସି ପ୍ରକ୍ରିୟା ଚାଲୁ ରହିଥିଲା। ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଇ-କେୱାଇସି ଡେଡ୍‌ଲାଇନ୍ ରହିଥିଲା। ଏହାପରେ କେନ୍ଦ୍ର ସରକାର ଇ-କେୱାଇସି ପ୍ରକ୍ରିୟା ବନ୍ଦ କରିଦେଇଛନ୍ତି। ଅର୍ଥାତ୍ ଯେଉଁମାନଙ୍କ ଇ-କେୱାଇସି ହୋଇନାହିଁ ସେହି ହିତାଧିକାରୀଙ୍କ ରାଶନ କାର୍ଡ ନିଷ୍କ୍ରିୟ ହୋଇଯିବ। ରାଜ୍ୟରେ ରାଶନକାର୍ଡ ପାଇଥିବା ହିତାଧିକାରୀଙ୍କ ମଧ୍ୟରେ ବହୁ ଭୂତକାର୍ଡ ରହିଥିବା ଏବଂ ଅନେକ ଯୋଗ୍ୟ ଲୋକ ଦଳୀୟ ଭିତ୍ତିରେ ରାଶନ କାର୍ଡ ହାତେଇଥିବା ଅନୁମାନ କରି ରାଜ୍ୟର ଭାଜପା ସରକାର ସେମାନଙ୍କୁ ରାଶନକାର୍ଡ ତାଲିକାରୁ ବାଦ୍ ଦେବା ପାଇଁ ଇ-କେୱାଇସି ପ୍ରକ୍ରିୟା ଆରମ୍ଭ କରିଥିଲେ। ଇତିମଧ୍ୟରେ ଏହି ପ୍ରକ୍ରିୟାର ଡେଡ୍‌ଲାଇନ୍ ସରିବା ପରେ ରାଜ୍ୟର କେଉଁ ଜିଲାରୁ କେତେ ଇ-କେୱାଇସି ହୋଇନାହିଁ ଜଣାପଡିଛି। ବଲାଙ୍ଗୀର ଜିଲାର ୧୪ ଲକ୍ଷ ୪୨୬ ଜଣ ରାଶନକାର୍ଡ ହିତାଧିକାରୀଙ୍କ ମଧ୍ୟରୁ ୮୦ ହଜାର ୩୩୨ ଜଣ ଇ-କେୱାଇସି କରିନଥିବା ଜଣାପଡିଛି। ଜିଲାର ଏତେ ସଂଖ୍ୟକ ହିତାଧିକାରୀ କେଉଁ କାରଣରୁ ଇ-କେୱାଇସି କରିପାରିନାହାନ୍ତି ସେନେଇ ସ୍ପଷ୍ଟ ତଥ୍ୟ ମିଳି ନଥିଲେ ମଧ୍ୟ ଜିଲାର ଯେଉଁ ବ୍ଲକ ଅଞ୍ଚଳରୁ ସର୍ବାଧିକ ଇ-କେୱାଇସି ହୋଇପାରିନାହିଁ ସେସବୁ ଦାଦନ ପ୍ରବଣ ବ୍ଲକ ବୋଲି ଜଣାପଡିଛି। ଜିଲା ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାର ଅନ୍ୟ ବ୍ଲକଗୁଡିକ ଅପେକ୍ଷା ପାଟଣାଗଡ, ବେଲପଡା, ଖପ୍ରାଖୋଲ, ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ଓ ଟିଟିଲାଗଡ ବ୍ଲକରେ ସର୍ବାଧିକ ସଂଖ୍ୟକ ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ଉପରୋକ୍ତ ବ୍ଲକ ସବୁ ଦାଦନ ପ୍ରବଣ ହୋଇଥିବାରୁ ଦେଶାନ୍ତରୀ ଶ୍ରମିକ ସମସ୍ୟା ଯୋଗୁ ଅଧିକାଂଶ ହିତାଧିକାରୀ ଇ-କେୱାଇସି କରିପାରିନଥିବା ଅନୁମାନ କରାଯାଉଛି। ଏନେଇ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡାଙ୍କୁ ପଚରାଯିବାରୁ ଜିଲାର ୮୦ ହଜାର ୩୩୨ ଜଣଙ୍କ ଇ-କେୱାଇସି ହୋଇପାରିନଥିବା ସୂଚନା ଦେଇ ଦାଦନ ଶ୍ରମିକ ପ୍ରବଣ ବ୍ଲକରେ ଏମାନଙ୍କ ସଂଖ୍ୟା ସର୍ବାଧିକ ବୋଲି କହିଛନ୍ତି। ଏହାସହିତ 'ବାଲ୍ ଆଧାର' ଏବଂ ବୃଦ୍ଧାବୃଦ୍ଧଙ୍କ ଇ-କେୱାଇସି ହୋଇପାରିନଥିବା ସୂଚନା ଦେଇଛନ୍ତି। ତେବେ ରାଜ୍ୟ ସରକାରଙ୍କ ପାଖରୁ ଏଯାବତ୍ ବିଧିବଦ୍ଧ ଭାବେ ତାଙ୍କ ପାଖକୁ ଇ-କେୱାଇସି ସଂକ୍ରାନ୍ତୀୟ କୌଣସି ନିର୍ଦ୍ଦେଶନାମା ଆସିନଥିବା ସେ କହିଛନ୍ତି। ମାତ୍ର ଆସନ୍ତା ନଭେମ୍ବର ମାସରୁ ଇ-କେୱାଇସି କରିନଥିବା ଲୋକଙ୍କୁ ମାଗଣା ଚାଉଳ ମିଳିବନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି।

୮୦ ଦଶକରୁ ବଲାଙ୍ଗୀର ଜିଲାର ଦାଦନ ପ୍ରବଣ ଅଞ୍ଚଳରେ ଅନାହାର ଓ ଅର୍ଦ୍ଧାହାର ସମସ୍ୟା ଚର୍ଚ୍ଚିତ ହୋଇଆସିଥିଲା। ୨୦୧୬ ମସିହା ପର୍ଯ୍ୟନ୍ତ ବଲାଙ୍ଗୀର ଜିଲାର ଅନାହାର ସମସ୍ୟା ବାରମ୍ବାର ଗଣମାଧ୍ୟମର ଶିରୋନାମା ପାଲଟିଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ମାଗଣା ଚାଉଳ ବଣ୍ଟନ ଏବଂ ଅନ୍ୟାନ୍ୟ ଯୋଜନା ଯୋଗୁ ପୂର୍ବଭଳି ଅନାହାର ସମ୍ବନ୍ଧୀୟ ରିପୋର୍ଟ ହେଉନାହିଁ। ଏବେ ଇ-କେୱାଇସି ଯୋଗୁ ଯଦି ଜିଲାର ୮୦ ହଜାରୁ ଉର୍ଦ୍ଧ୍ୱ ଲୋକ ମାଗଣା ଚାଉଳ ଯୋଜନାରୁ ବାଦ୍ ପଡନ୍ତି ତେବେ ଜିଲାରେ ପୁଣି ଥରେ ଅନାହାର ସମସ୍ୟା ଦେଖାଦେଇପାରେ ବୋଲି ତଥ୍ୟାଭିଜ୍ଞ ମହଲରେ ଆଲୋଚନା ଆରମ୍ଭ ହୋଇଛି।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ସୁରଭି କାର୍ଯ୍ୟକ୍ରମ ଅବସରରେ ଅତିଥିଙ୍କ ଗହଣରେ ପ୍ରତିଯୋଗୀ ମାନେ।

ଦେଓଗାଁ,୧୫।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପ୍ରଦୀପ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବକ୍ତୃତା, ରଚନା ଲିଖନ, ସୃଜନାତ୍ମକ ଲିଖନ, ପିଏମ ପୋଷଣ ଶିଳ୍ପକଳା, ଚିତ୍ରକଳା, ଏଫଏଲଏମର ଗଣିତ, ସାହିତ୍ୟ, ଗଳ୍ପକଥନ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଳଗତ, ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଶିକ୍ଷକ ଉପେନ୍ଦ୍ର ମେହେର, ଅଶୋକ କୁମାର ଭୋଇ, ଦେବବ୍ରତ ନାଥ, ଶୁଭସ୍ମିତା ନାୟକ, ବିଷ୍ଣୁପ୍ରିୟା ନାଏକ, ମୀନକେତନ ଭୋଇ, ମେଘନାଦ ରଣା, ସୁଦାମ ଭୋଇ, ଗଦାଧର ରଣା, ବିନାୟକ ପାଣିଗ୍ରାହୀ, ଦୁଃଖିଶ୍ୟାମ ବଗର୍ତ୍ତି, ବର୍ଷା ବେହେରା ପ୍ରମୁଖ ସହଯୋଗ କରିଥିଲେ। ଘାସିରାମ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳିଗଲା ଟ୍ରକ୍, ଜଣେ ମୃତ

**ଦେଓଗାଁ କଲେଜ ଛକରେ ଦୁର୍ଘଟଣା**



ଜଳନ୍ତା ଅବସ୍ଥାରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍।

ଦେଓଗାଁ,୧୫।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ କଲେଜ ଛକ ନିକଟରେ ଏକ ବାଇକ୍‌କୁ ଟ୍ରକ ଧକ୍କା ଦେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଟ୍ରକ୍ ଓ ବାଇକ୍ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିବା ଜଣାପଡିଛି। ମୃତ ଯୁବକ ଜଣକ ହେଲେ ସଇଁନ୍ତଲା ନବୀନ ଛକରେ ଥିବା ସରିଫ ଷ୍ଟିଲ୍‌ର ମାଲିକ ସରିଫ ସାହା (୩୫)। ପ୍ରକାଶ ଯେ, ଦେଓଗାଁ ପଟରୁ ଏକ ଟ୍ରକ୍ ଦ୍ରୁତଗତିରେ ଆସି କଲେଜଛକର ୟୁଟର୍ଣ୍ଣରେ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କୁ ଧକ୍କା ଦେଇ ବାଇକ୍ ସହ ପ୍ରାୟ ଶହେ ମିଟର ଦୂର ବିଦ୍ୟୁତ ଗ୍ରୀଡ ସାମ୍ନା ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ଫଳରେ ବାଇକ୍‌ରେ ଯାଉଥିବା ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କିଛି ବାଟ ଘୋଷାଡି ହୋଇ ଯିବାରୁ ଟ୍ରକ୍ ଓ ବାଇକ୍ ଜଳିଯାଇଥିଲା। ଉକ୍ତ ଟ୍ରକ୍‌ଟି ଭୁଡିଆରବାହାଲ କ୍ରଶରର ବୋଲି ଆଲୋଚନା ହେଉଥିବା ବେଳେ ଟ୍ରକ ଡ୍ରାଇଭର ଫେରାର ମାରିଥିବା ଜଣାପଡିଛି। ଖବରପାଇ ସ୍ଥାନୀୟ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦେଓଗାଁ ଥାନାଧିକାରୀ ବୁଲୁ ମୁଣ୍ଡା ଓ ଡିଏସପି ସମର୍ଥ କେ. ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ପଠାଇ ଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। ପ୍ରକାଶ ଯେ, ଏହି ଛକରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଧାନ ବ୍ୟବସାୟ ପାଇଁ କୃଷି ଋଣ ଠକେଇ ଅଭିଯୋଗ

**ଚର୍ଚ୍ଚାରେ ବୁର୍ଡା ପାକ୍ସ**

**ଉଚ୍ଚସ୍ତରୀୟ ତଦନ୍ତ ହେଲେ ଫିଟିବ ଗୁମର**

ଲୋଇସିଂହା,୧୫।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଏବେ ଚର୍ଚ୍ଚାରେ। ନିକଟରେ ବୁର୍ଡା ଗ୍ରାମର ଜଣେ ପକ୍ଷାଘାତ ପୀଡିତ ଚାଷୀ ମୁକୁନ୍ଦ ସାହୁ କୃଷିଋଣ ଠକେଇର ଶିକାର ହୋଇଥିବା ନେଇ ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଜିଲାପାଳ ବିଭାଗୀୟ ଡିଆରସିଏସଙ୍କୁ ତଦନ୍ତ କରି ରିପୋର୍ଟ ତଲବ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ବିଭାଗୀୟ ଇନ୍ସପେକ୍ଟରଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରି ଖୁବଶୀଘ୍ର ତଦନ୍ତ କରାଯିବ ବୋଲି ଏଆରସିଏସ ଗରିବଲ ସୋରେଙ୍ଗ କହିଛନ୍ତି।

ଧାନ ବ୍ୟବସାୟରୁ ଏହି କୃଷି ଋଣ ଜାଲିଆତି ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ବୁର୍ଡା ଗ୍ରାମର ଚାଷୀ ମୁକୁନ୍ଦଙ୍କ କ୍ଷେତ୍ରରେ ହୋଇଥିବା କୃଷିଋଣ ଠକେଇରେ ସମିତିର ଜଣେ ପୂର୍ବତନ ବୋର୍ଡ ସଭାପତି ଏବଂ ୨ ଜଣ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ବୁର୍ଡା, ହୀରାପୁର ପଞ୍ଚାୟତ, ବୁଢୀପଦର ପଞ୍ଚାୟତର ୧୦ରୁ ୧୨ ଖଣ୍ଡ ଗାଁକୁ ନେଇ ବୁର୍ଡା ପାକ୍ସ ଗଠିତ। ପାକ୍ସ ପରିଚାଳନା ପାଇଁ ଜଣେ ବୋର୍ଡ ସଭାପତିଙ୍କ ସମେତ ୧୪ ଜଣ ନିର୍ଦ୍ଦେଶକ ରହିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ନିର୍ଦ୍ଦେଶକ ଖରିଫ ଧାନ ବିକ୍ରି ପାଇଁ କେତେଜଣ ଚାଷୀଙ୍କ କାର୍ଡ କରାଇ ଦେଇ ଧାନ ବ୍ୟବସାୟ କରୁଥିବା ଅଭିଯୋଗ ହେଉଛି। ପାକ୍ସର କର୍ମଚାରୀଙ୍କ ସହାୟତାରେ ଏହି ଧାନ କାରବାର ହୋଇଥାଏ। ଆଲୋଚନା ହେଉଛି ଯେ, ମୁକୁନ୍ଦଙ୍କ କାର୍ଡରେ ଧାନ ବ୍ୟବସାୟୀ ଜଣକ ଧାନ ବିକ୍ରି କରିଥିଲେ। ଧାନ ବିକ୍ରି ଟଙ୍କା ସମ୍ପୃକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ପଡିଥିଲା। ହେଲେ ସମ୍ପୃକ୍ତ ଚାଷୀ ଜଣକ ସେହି ଟଙ୍କା କୁଆଡେ ବ୍ୟବସାୟୀଙ୍କୁ ଦେଇନଥିଲେ। ଫଳରେ ସମ୍ପୃକ୍ତ ବ୍ୟବସାୟୀ ଜଣକ ପାକ୍ସ କର୍ମଚାରୀଙ୍କୁ ଧରିଏପରି କୃଷି ଋଣ ଜାଲିଆତି କରି ଟଙ୍କା ଅସୁଲ କରିଥିବା ନେଇ ଆଲୋଚନା ହେଉଛି। କେବଳ ମୁକୁନ୍ଦଙ୍କ କ୍ଷେତ୍ରରେ ଏହା କରାଯାଇନାହିଁ। ଅନେକ ବ୍ୟକ୍ତିଙ୍କ ନାଁରେ ଏପରି କରି ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଗୁମର ଫିଟିବ ବୋଲି ଆଲୋଚନା ହେଉଛି। ଅପରପକ୍ଷେ ଖରିଫ ଧାନକ୍ରୟ ବେଳେ ପାକ୍ସ କର୍ମଚାରୀ ଏପରି ଦଲାଲ ବା ଧାନ ବ୍ୟବସାୟୀଙ୍କ ସହ ସଲାସୁତରା କରି ମାଲାମାଲ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଲୋଇସିଂହା ବିଡିସିସି ବ୍ୟାଙ୍କ ମ୍ୟାନେଜର ରଶ୍ମି ରଞ୍ଜନ ଯୋଶୀ କହିଛନ୍ତି, ମଙ୍ଗଳବାର ବିଭାଗୀୟ ଏଆରସିଏସ ବୁର୍ଡା ପାକ୍ସକୁ ଆସି କାଗଜପତ୍ର ତନଖି କରିଥିବା ପାକ୍ସ ସମ୍ପାଦକ ଜଣାଇଛନ୍ତି। ଋଣ ମଞ୍ଜୁର ସମୟରେ ସେ ନ ଥିଲେ। ନିକଟରେ କାର୍ଯ୍ୟରେ ଯୋଗ ଦେଇଛି। ଅଧିକା କ'ଣ ହୋଇଛି କହି ପାରିବି ନାହିଁ ବୋଲି ବ୍ୟାଙ୍କ ମ୍ୟାନେଜର ଯୋଶୀ କହିଛନ୍ତି। ଅପରପକ୍ଷେ ଏଆରସିଏସ ଗରିବଲ ସୋରେଙ୍ଗ କହିଛନ୍ତି, ବିଡିସିସି ବ୍ୟାଙ୍କରୁ ଅଭିଯୋଗକାରୀ ଚାଷୀ ମୁକୁନ୍ଦଙ୍କ ନାଁରେ ଟଙ୍କା ମଞ୍ଜୁର ହୋଇଛି। ପାକ୍ସ କର୍ମଚାରୀଙ୍କ ସମେତ ବ୍ୟାଙ୍କ ମ୍ୟାନେଜର ତଦନ୍ତ ପରିସରକୁ ଆସିବେ ବୋଲି ସେ କହିଛନ୍ତି। ବୁରୋଭାଡି ପାକ୍ସରୁ ଫେରିଲା ବାଟରେ ବୁର୍ଡା ପାକ୍ସକୁ ପରିଦର୍ଶନରେ ଯାଇଥିବା ସେ କହିଛନ୍ତି। ଉକ୍ତ ପାକ୍ସ ସଭାପତି ବାଳଗୋପାଳ ସାହୁ କହିଛନ୍ତି, ଏସବୁ ମୋ ଅଜ୍ଞାତରେ ହୋଇଛି। ଧାନ ବ୍ୟବସାୟରୁ ଏପରି ହୋଇଥିବା ସେ କହିଛନ୍ତି। ପ୍ରକାଶଯୋଗ୍ୟ, ଗତ ଖରିଫ ଧାନ କ୍ରୟ ବେଳେ ଅନିୟମିତତା କରି ଏହି ପାକ୍ସ କର୍ମଚାରୀ ଚର୍ଚ୍ଚାରେ ରହିଥିଲେ।

# ଶିଶୁ ମହୋତ୍ସବ ସୁରଭି




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଟିଟିଲାଗଡ,୧୫।୧୦(ଶରତ ମିଶ୍ର)

ଟିଟିଲାଗଡ ବ୍ଲକ ଅନ୍ତର୍ଗତ ବିଜେପୁର ଆଞ୍ଚଳିକ ସାଧନ କେନ୍ଦ୍ରରେ ସଂଯୋଜକ ଗୋପାଳ ସିଂହ ସୁନାଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ବିଜେପୁର ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇ ନିଜ ନିଜ ପ୍ରତିଭା ଦେଖାଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁନା ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ତୋଷ ମେହେର ମୁଖ୍ୟଅତିଥି, ଭରତ ମାଝୀ ଓ ଭୂପେନ୍ଦ୍ର ସାଗର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ର ନିଜର ଅର୍ନ୍ତନିହିତ ପ୍ରତିଭାର ବିକାଶ ପାଇଁ ପ୍ରେରଣା ପାଉଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ




ମଞ୍ଚାସୀନ ଅତିଥି।

ଲୋଇସିଂହା,୧୫।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ମାଣ୍ଡିଆପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଲୋଇସିଂହା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟର ଅଧୀନ ୧୫ଟି ବିଦ୍ୟାଳୟରୁ ୨ ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ପ୍ରଧାନଶିକ୍ଷକ ଲୋକେନ୍ଦ୍ର ପଶାୟତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟାପକ ସୁରେଶଚନ୍ଦ୍ର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରମାକାନ୍ତ ବିଶ୍ୱାଳ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ୟାମ ମେହେର, ଶିକ୍ଷକ ସଂଘ ସମ୍ପାଦକ ପର୍ଶୁରାମ ସୁନା, ସିଆରସିସି ଶୋଭଙ୍କର ବିଶ୍ୱାଳ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଷଡଙ୍ଗୀ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଉପରେ ଆଲୋକପାତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ମେହେର ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶରେ ସୁରଭି କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ କହିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

**ବଲାଙ୍ଗୀର,୧୫।୧୦(ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଲାଙ୍ଗୀର ପୌରାଞ୍ଚଳର ୱାର୍ଡ ନମ୍ବର ୧୮ଠାରେ ବିଜେଡି ପକ୍ଷରୁ ବୁଧବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ତଥା ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ମାର୍ଗଦର୍ଶନରେ ସ୍ଥାନୀୟ ସ୍ଥାନୀୟ ସର୍କିଟ ହାଉସ ଠାରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା। ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ବିଜେଡ଼ି ନଗର ସଭାପତି ତଥା କାଉନସିଲର ଶମ୍ଭୁ ନାଗଙ୍କ ସଭାପତିତ୍ୱରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଜିଲାର ବରିଷ୍ଠ ନେତୃବୃନ୍ଦ ବିଜେଡି ସରକାର ସମୟରେ ହୋଇଥିବା ଜନହିତକର କାର୍ଯ୍ୟ ଓ ଯୋଜନା ସମ୍ପର୍କରେ କହିଥିଲେ। ଡବଲ ଇଞ୍ଜିନ ସରକାର କିଭଳି ଲୋକଙ୍କୁ ନ୍ୟାୟ ଦେଇପାରୁନାହିଁ କହିଥିଲେ। କେବଳ ରଙ୍ଗ ପରିବର୍ତ୍ତନ କରି ଏ ସରକାର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଛି ବୋଲି କଡା ସମାଲୋଚନା କରିଥିଲେ। ପଦଯାତ୍ରା ସମୟରେ ସମସ୍ତ ୱାର୍ଡରେ ପଥପ୍ରାନ୍ତ ସଭା କରାଯାଇ ସରକାରଙ୍କ ଦୋଷ ଦୁର୍ବଳତାକୁ ଲୋକଙ୍କୁ ଅବଗତ କରାଯିବ ବୋଲି କୁହାଯାଇଛି। ପଦଯାତ୍ରାରେ ବିଜେଡି ନେତା ନରସିଂହ ବାଗ, ବିଧୁ ଭୂଷଣ ତ୍ରିପାଠୀ, ପାଣ୍ଡବ କୁମ୍ଭାର, ଗୁଞ୍ଜି ଖାଁ, ଦମୟନ୍ତୀ ବାଗ, ସୁମନ ନନ୍ଦ, ସନ୍ତୋଷ ଦନ୍ତା, ବନମାଳୀ ବାଗ, ଦିଲୀପ ବଗର୍ତ୍ତି, ମୁନୁ ପୋଢ଼, ପବିତ୍ର ନେପାକ, କାଉନସିଲର ଗଙ୍ଗା ଚାନ୍ଦ, ଶତ୍ରୁଘ୍ନ ବାଗ, ନନ୍ଦିନୀ ପୋଢ, ସନ୍ତୋଷିନୀ କୁଅଁର ଏବଂ ସଞ୍ଜୁଲତା ଦନ୍ତାଙ୍କ ସହ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର

କଣ୍ଟାବାଞ୍ଜି,୧୫।୧୦(ଗୁରୁ ଦୟାଲ ହଂସ)

ବୁଧବାର କଣ୍ଟାବାଞ୍ଜି ସହରର ହରିଭବନଠାରେ ସ୍ଥାନୀୟ ପ୍ରେସ କ୍ଲବ ପକ୍ଷରୁ ଟିଟିଲାଗଡ ଏସସିଡି ଚକ୍ଷୁ ଡାକ୍ତରଖାନା ସହଯୋଗରେ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ କିଶନ ଅଗ୍ରୱାଲଙ୍କ ସ୍ମୃତିରେ ତାଙ୍କ ପରିବାରବର୍ଗଙ୍କ ସହଯୋଗରେ ହୋଇଥିବା ଏହି ଶିବିରରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ନଗରପାଳ ବରୀୟାମ ସିଂହ ସାଲୁଜା, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ଅଗ୍ରୱାଲ ସଭା ଟ୍ରଷ୍ଟ ସମ୍ପାଦକ ସନ୍ତୋଷ ଅଗ୍ରୱାଲ, କଣ୍ଟାବାଞ୍ଜି ଓକିଲ ସଂଘ ସଭାପତି ପ୍ରଫୁଲ୍ଲ କୁମାର ନାୟକ, ସମ୍ପାଦକ ମନୋଜ ଦାସ, ସାମାଜିକ କର୍ମୀ ମନୀଷ ଅଗ୍ରୱାଲ, ଏସସିଡ଼ି ଚିକିତ୍ସାଳୟ ଟିଟିଲାଗଡରୁ ଏମ.ଏମ.ଦାସ। ପ୍ରେସ କ୍ଲବ ସଭାପତି ପ୍ରଭଜିତ ସିଂହ ସାଲୁଜା ମଞ୍ଚାସୀନ ଥିଲେ। ଏଚ. ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ଆଶିଷ ଖଇତାନ ଧନ୍ୟବାଦ ଦେଇଥିଲେ। ଶିବିରରେ କଣ୍ଟାବାଞ୍ଜି, ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା, ଖପ୍ରାଖୋଲ ବ୍ଲକ ସହ ଆଖପାଖ ଅଞ୍ଚଳର ୨୭୦ ଜଣ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ପ୍ରେସ କ୍ଲବ ଉପ ସଭାପତି ମନୋଜ ଶର୍ମା, ବିଶିକେଶନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ମହିଳା ଚାଷୀ ଦିବସ ପାଳିତ



ମହିଳା ଚାଷୀ ଦିବସ ପାଳନ ଅବସରରେ ମହିଳାମାନେ।

ଖପ୍ରାଖୋଲ,୧୫।୧୦(ଅଭୟ ତ୍ରିପାଠୀ)

ସ୍ଥାନୀୟ ମିଶନ ଶକ୍ତି ସଭାଗୃହଠାରେ ଜାତୀୟ ମହିଳା ଚାଷୀ ଦିବସ ବୁଧବାର ଓଏଲଏମ, ବିପିଏମ ପଙ୍କଜିନୀ ତରାସିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଏଲଏଫ ସଭାନେତ୍ରୀ କୁନି ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସମ୍ପାଦିକା କଲ୍ୟାଣୀ ଦୀପ, ମିଶନ ଶକ୍ତି ବିପିସି ବିଭୂତି ଭୂଷଣ ମିଶ୍ର, ୱାଇସିଡିଏ ବ୍ଲକ ସଂଯୋଜକ ଉମେଶ ଗୁପ୍ତା ଯୋଗ ଦେଇଥିଲେ। ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ, ଆତ୍ମନିର୍ଭରଶୀଳ, ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ କରିବାକୁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କୃଷି କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀ ରହିଛି। ଏହାକୁ ମନେ ପକାଇବାକୁ ମହିଳା ଚାଷୀ ଦିବସ ପାଳିତ ହେଉଥିବା ଅତିଥିମାନେ କହିଥିଲେ। ଏମବିକେ, ସିଆରପି ସମେତ ମହିଳା ଚାଷୀ ଉପସ୍ଥିତ ଥିଲେ। ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗଣେଶ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।

# 'ବିଧୁଭୂଷଣ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ'

**କବି ବିଧୁଭୂଷଣ ଗୁରୁଙ୍କ ଜୟନ୍ତୀ ସମାରୋହ**

**କବି ପ୍ରହ୍ଲାଦ ଶତପଥୀ, କବୟିତ୍ରୀ ଜ୍ୟୋତିର୍ମୟୀ ସାହୁ ସମ୍ବର୍ଦ୍ଧିତ**

ବଲାଙ୍ଗୀର,୧୫।୧୦(ବୀରେନ୍ଦ୍ର କୁମାର ଝାଙ୍କର)



କବି ପ୍ରହ୍ଲାଦ ଶତପଥୀଙ୍କୁ 'ବିଧୁଭୂଷଣ ଗୁରୁ ସ୍ମୃତି ସମ୍ମାନ' ପ୍ରଦାନ କରାଯାଉଛି।

ବିଶିଷ୍ଟ କବି, ଗୀତିକାର ଏବଂ ସାହିତ୍ୟିକ ସ୍ୱର୍ଗତ ବିଧୁଭୂଷଣ ଗୁରୁଙ୍କ ୧୦୬ ତମ ଜୟନ୍ତୀ ସମାରୋହ ସ୍ଥାନୀୟ ପତିତପାବନ ଏକାଡ଼େମୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଡା. ଭକ୍ତପ୍ରସାଦ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଚେୟାରମ୍ୟାନ ଡ. ପ୍ରତାପ କୁମାର ଦାଶ ଏବଂ ମୁଖ୍ୟବକ୍ତା ଭାବେ ଗୁରୁଶ୍ରୀ ଡ. ଘାସିରାମ ମିଶ୍ର ଯୋଗଦାନ କରିଥିଲେ। ଅତିଥିମାନେ ସ୍ୱର୍ଗତ ଗୁରୁଙ୍କ ବହୁମୁଖୀ ପ୍ରତିଭା ଏବଂ ଜୀବନୀ ଉପରେ ଆଲୋଚନା କରିଥିଲେ। ସ୍ୱର୍ଗତ ଗୁରୁ ପ୍ରଥମ ବ୍ୟକ୍ତି ଭାବେ କଟକ ରେଡ଼ିଓ ଷ୍ଟେଶନରେ ସମ୍ବଲପୁରୀ ଗୀତ ଗାଇ ରେଡର୍କ କରିଥିଲେ। ସମ୍ବଲପୁର ରେଡ଼ିଓ ଷ୍ଟେଶନରେ ମଧ୍ୟ ପ୍ରଥମେ ଗୀତ ଗାଇ ତାଙ୍କ ସଙ୍ଗୀତ ଏବଂ ସାହିତ୍ୟିକ ଦକ୍ଷତାର ପରିଚୟ ଦେଇଥିଲେ। ସେ ବଲାଙ୍ଗୀର ତଥା ପଶ୍ଚିମ ଓଡିଶାର ଅନ୍ୟତମ ପରିଚୟ ବୋଲି ଅତିଥିମାନେ କହିଥିଲେ। କବୟିତ୍ରୀ କସ୍ତୁରୀ ରଥ ସଭା ପରିଚାଳନା କରିଥିଲେ। ସମ୍ପାଦକ ଅଧ୍ୟାପକ ଜୟକୁମାର ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ। ଡ. ଦୈତାରୀ ପୂଜାରୀ ବେଦପାଠ କରିଥିଲେ। ସ୍ୱରୂପା ସିଂ, ପ୍ରିୟା ମିଶ୍ର ଓ କୁନି ପ୍ରତିଭା ସୃଜନୀ ଶୁଭଲକ୍ଷ୍ମୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କବି ରାଜୀବ ଲୋଚନ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ସାହିତ୍ୟ ପତ୍ରିକା 'ବିଧୁସ୍ମୃତି' ଉନ୍ମୋଚନ କରିଥିଲେ। ଏହାପରେ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତାଙ୍କ ରଚିତ 'ପ୍ରମୋଦ ବିଳସିତ ଗନ୍ଧର୍ବ: ବିଧୁଭୂଷଣ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଜଣାଶୁଣା କବି ପ୍ରହ୍ଲାଦ ଶତପଥୀଙ୍କୁ 'ବିଧୁଭୂଷଣ ଗୁରୁ ସ୍ମୃତି ସମ୍ମାନ' ଓ କବୟିତ୍ରୀ ଡା. ଜ୍ୟୋତିର୍ମୟୀ ସାହୁଙ୍କୁ 'ଶିବପ୍ରସାଦ ପାଣ୍ଡିଆ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଡ. କୌତୁକ ପନ୍ଦର ଓ ଡ. ଦୈତାରୀ ପୂଜାରୀ ମାନପତ୍ର ପାଠ କରିଥିଲେ। ଡ. ଜଗଦୀଶ ଚନ୍ଦ୍ର ଭୋଇ, ଡ. ଜୟପ୍ରକାଶ ମିଶ୍ର ଅଙ୍ଗବସ୍ତ୍ର ପ୍ରଦାନ କରିଥିଲେ। କୁମୁଦିନୀ ପୃଷ୍ଟି, ନିହାରିକା ମିଶ୍ର, ରାଜଶ୍ରୀ ତ୍ରିପାଠୀ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏହି ସମାରୋହରେ ପଦ୍ମଶ୍ରୀ ଶ୍ରୀନିବାସ ଉଦଗାତା, ପ୍ରଫେସର ଡ. ମଧୁସୂଦନ ପତି, ପ୍ରାଣବନ୍ଧୁ ନାୟକ, ଆହ୍ଲାଦ ପୂଜାରୀ, ତୁଳସୀ ଜୈନ, ଡ. ସତ୍ୟବନ୍ତ ବେଦବାକ, ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ ଯୋଷୀ, ଡ. ସୁଷମା ମଞ୍ଜରୀ ନାୟକ, ଡ. ପ୍ରେମଚାନ୍ଦ ମହାନ୍ତି, ଡ. ସୁରେଶ ପ୍ରସାଦ ଷଡ଼ଙ୍ଗୀ, ଅଶୋକ କୁମାର ପଣ୍ଡା, ଡ. ସଞ୍ଜୟ କୁମାର ମିଶ୍ର, ଡ. ଲକ୍ଷ୍ମଣ ମେହେର, ସନାତନ ଠାକୁର, ପ୍ରଦୀପ କୁମାର ମିଶ୍ର, ଧର୍ମବ୍ରତ ରଥ, ଗିରିଜା ଶଙ୍କର ରଥ, ଜୀବେଶ୍ୱର ପ୍ରଧାନ, ଅରୁଣ ଖୁଆସ, ଡ. ଅରୁଣ କୁମାର ନାଏକ, ବିଭିନ୍ନ ସଙ୍ଗଠନର ସଦସ୍ୟ, ତୁଷରାସ୍ଥିତ ବିଧୁଭୂଷଣ ସାହିତ୍ୟ ସଂସଦର କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

## ବଘିଆପଡ଼ାରୁ ବାଣ ଜବତ

ବଘିଆପଡା,(ଶ୍ରୀକାନ୍ତ ସାହୁ): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଜିଆକଟାଠାରେ ଗତ ମାସ ୨୧ ତାରିଖରେ ବାଣ ବିସ୍ଫୋରଣରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଗୁରୁତର ହୋଇଥିଲେ। ଏହି ଘଟଣା ପରେ ବୌଦ୍ଧ ପୋଲିସ ବାଣ ଉପରେ ନଜର ରଖି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଗତ ମଙ୍ଗଳବାର ସ୍ଥାନୀୟ ପୋଲିସ ବୌଦ୍ଧ ଥାନା ଅନ୍ତର୍ଗତ ବଘିଆପଡ଼ା ବଳରାମ ବେହେରା(୫୪)ଙ୍କ ଘରେ ଚଢ଼ାଉ କରିଥିଲା। ସେଠାରୁ ଗଚ୍ଛିତ ଥିବା ବାଣ ଜବତ କରାଯାଇଛି। ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ. ୪୦୧/୨୫)ରୁଜୁ କରିଛି ।

# ବଜାର ବ୍ୟବସ୍ଥା ସୁଦୃଢ଼ ହେଲେ ଚାଷୀ ଲାଭ ପାଇବେ

### ଆନ୍ତର୍ଜାତିକ ସମବାୟ ବର୍ଷ ଉପଲକ୍ଷେ ସଚେତନତା କର୍ମଶାଳା

**ସୋନପୁର,୧୫।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ଚାଷୀଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ସାମଗ୍ରୀର ବିକ୍ରିବଟା ସୁବିଧା ରହିବା ଆବଶ୍ୟକ। ଏଥିପାଇଁ ବଜାର ବ୍ୟବସ୍ଥାର ସୁଦୃଢ଼ୀକରଣ ଜରୁରି। ଚାଷୀଙ୍କୁ ଉତ୍ପାଦିତ କୃଷିଜାତ ସାମଗ୍ରୀର ଉଚିତ ଦର ମିଳିଲେ ସେମାନେ ଲାଭାନ୍ୱିତ ହେବ। ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ସୁବର୍ଣ୍ଣପୁର ସମବାୟ ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ କୃଷି ବିପଣନ ସଚେତନତା କର୍ମଶାଳାରେ ଚାଷୀଙ୍କ ଉତ୍ପାଦଗୁଡିକର ବଜାର ସୁବିଧା ଉପରେ ବିଶଦ ଆଲୋଚନା ହୋଇଥିଲା।

ଟାଉନ ହଲରେ ବୁଧବାର ଆୟୋଜିତ କର୍ମଶାଳାରେ ସୁବର୍ଣ୍ଣପୁର ବିଭାଜନ ସମବାୟ ସମିତି ସମୂହ ଉପନିବନ୍ଧକ ଡ. ସଞ୍ଜୟ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଡ. ତ୍ରିପାଠୀ କହିଥିଲେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ କେନ୍ଦ୍ର ସରକାର ବିଭିନ୍ନ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରୁଛନ୍ତି। ରାଜ୍ୟ ସରକାର ଚାଷୀଙ୍କୁ ସଶକ୍ତ କରିବା ପାଇଁ ଇନ୍‌ପୁଟ ସହାୟତା



ଜିଲାସ୍ତରୀୟ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ରାଶି ପ୍ରଦାନ କରୁଛନ୍ତି। ଏସବୁ ପରେ ମଧ୍ୟ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ବଜାର ଗୁଡିକର ରୂପାନ୍ତରଣ ଜରୁରି ହୋଇପଡିଛି ବୋଲି ସେ ମତପ୍ରକାଶ କରିଥିଲେ। ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଏଜିଏମ୍ ଜ୍ୟୋସ୍ନାମୟୀ ପଧାନ ଏଥିରେ ଯୋଗଦାନ କରି ଆଗକୁ ପାକ୍ସର ସମସ୍ତ ମାନୁଆଲ କାମ ବନ୍ଦ ହେବ। ନୂଆ ସଫ୍ଟୱାର ଦ୍ୱାରା କାମ ସହଜ ହେବା ସହ ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା ଆସିବ ବୋଲି କହିଥିଲେ। ବୀରମହାରାଜପୁର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ମନୋଜ କୁମାର ଜେନା ଓ ଡୁଙ୍ଗୁରିପାଲି ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକଙ୍କ ପ୍ରତିନିଧି ତୁଷାର କାନ୍ତ ପୋଢ ଜାତୀୟ କୃଷି ବଜାର(ଇଏନଏଏମ) ଏବଂ ସମବାୟ ସମିତିସ୍ତରରେ କୃଷି ବିପଣନ ସମ୍ପର୍କରେ ଆଲୋଚନା କରିଥିଲେ। ସୋନପୁର ସମବାୟ ସମିତି ସମୂହର ଭାରପ୍ରାପ୍ତ ବିଶ୍ୱାମିତ୍ର ସିଂ ଚାଷୀମାନଙ୍କର ବଜାର ଗୁଡିକର ରୂପାନ୍ତର ଉପରେ ଗୁରୁତ୍ୱାରୋପ କରିବା ସହ ସମିତି ମାଧ୍ୟମରେ ଚାଷୀ କିପରି ଉପକୃତ ହୋଇପାରିବେ ଏହା ଉପରେ ମତବ୍ୟକ୍ତ କରିଥିଲେ। ସମବାୟ ସଂସ୍ଥା ଗୁଡିକ ସଶକ୍ତ ହେଲେ ଗ୍ରାମାଞ୍ଚଳରେ ସୁଦୃଢ ସମାଜ ଓ ସମୃଦ୍ଧ ଜୀବନ ସମ୍ଭବ ହୋଇପାରିବ ବୋଲି କର୍ମଶାଳାରେ ମତପ୍ରକାଶ ପାଇଥିଲା। ଏଥିପାଇଁ ପାକ୍ସ ଗୁଡିକର କମ୍ପ୍ୟୁଟରୀକରଣ ଓ ସର୍ବଭାରତୀୟ ସ୍ତରରେ ଏକୀକରଣ ସମବାୟ ଉପରେ ନୂଆ ଜ୍ଞାନକୌଶଳ ପ୍ରୟୋଗ ନେଇ ଆଲୋଚନା ହୋଇଥିଲା। ଜିଲାର ୭୨ଟି ପାକ୍ସର ସଭାପତି, ସମ୍ପାଦକ ଓ ୨ଟି ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ଏଥିରେ ଯୋଗଦାନ କରିଥିଲେ। ରୁବି ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମବାୟ ସମିତିର ସହକାରୀ ନିବନ୍ଧକ ମଳୟ ଭୋଇ, ନିରୀକ୍ଷକ ଶାଶ୍ୱତ ଶତପଥୀ, ପ୍ରସନ୍ନଜିତ୍ ବାରିକ ଓ ଲକ୍ଷ୍ମଣ ବାଙ୍କ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଭାରପ୍ରାପ୍ତ ବୀରମହାରାଜପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ପ୍ରେମାନନ୍ଦ ଦୀପ ଧନ୍ୟବାଦ ପ୍ରଦାନ କରିଥିଲେ।

## ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ହାତଧୁଆ ଦିବସ



ହାତଧୁଆ ଦିବସରେ ମଞ୍ଚାସୀନ ଅତିଥି।

**ବିନିକା,୧୫।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ବୁଧବାର ହାତଧୁଆ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡ଼ ରେଖା ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ଡ଼ ନୀଳମାଧ ଛତ୍ର, ଅଧ୍ୟାପକ ଧନେଶ୍ୱର ସାହୁ, ନାରାୟଣ ଚୌଧୁରୀ, ଆଲୋକ ସେଠୀ, ସରୋଜ ମେହେର, ଆକାଶ ପଧାନ, ଆଶୀର୍ବାଦ ପଧାନ ଭାଗନେଇ ହାତ ଧୋଇବାର ଉପକାରିତା ଓ ସୁସ୍ଥ ଜୀବନ ଅତିବାହିତ କରିବା ବିଷୟରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଦେବେଶ ଗଦତିଆ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପିକା ତୁଳସୀ ରାୟ ଧନ୍ୟବାଦ ଦେଇଥିଲେ।

## ଭାଗବତ ସପ୍ତାହ ଉଦ୍‌ଯାପିତ


ଜଗନ୍ନାଥ ମନ୍ଦିରରେ ଆୟୋଜିତ ଭାଗବତ ସପ୍ତାହରେ ଶ୍ରଦ୍ଧାଳୁ।

**ବୀରମହାରାଜପୁର,୧୫।୧୦(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରେ ଚାଲିଥିବା ଭାଗବତ ସପ୍ତାହ ବୁଧବାର ଉଦ୍‌ଯାପିତ ହୋଇଛି। ବିଶିଷ୍ଟ ପୁରାଣ ଗାୟକ ରମେଶ କୁମାର ମିଶ୍ର ବ୍ୟାସ ଗାୟକ ଭାବେ ପୁରାଣ ପାଠ କରୁଥିଲେ। କର୍ତ୍ତାଭାବେ ନିତ୍ୟାନନ୍ଦ ତ୍ରିପାଠୀ ଓ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ତ୍ରିପାଠୀ କାର୍ଯ୍ୟ ନିର୍ବାହ କରିଥିଲେ। କାର୍ତ୍ତିକ ମାସ କାର୍ତ୍ତିକ କୃଷ୍ଣ ତୃତୀୟରେ ଭାଗବତ ସପ୍ତାହ ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନ ସହସ୍ରାଧିକ ଶ୍ରଦ୍ଧାଳୁ ପୁରାଣପାଠ ଶୁଣୁଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ପଣ୍ଡା, ସପ୍ତାହ କମିଟିର ଦେବକୀ ଶତପଥୀ, ସଂଯୁକ୍ତା ତ୍ରିପାଠୀ, ଜ୍ୟୋତି ମଞ୍ଜରୀ ପୁରୋହିତ, ବାସନ୍ତୀ ହୋତା,ଦୁଲାନି ସିଂ, ବରିଷ୍ଠ ସଦସ୍ୟ ସୁଦାମ ଚରଣ ସେଠୀ, ବିଜୟ କୁମାର ତ୍ରିପାଠୀ, ସନ୍ତୋଷ କୁମାର ଷଡଙ୍ଗୀ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଇନ୍ଦ୍ରଜିତ ପରୁଆ, କୋଷାଧ୍ୟକ୍ଷ ଭୂଷଣ କୁମାର ପାତ୍ର, ସହ ସମ୍ପାଦକ ଦୈତାରି ମହାକୁଡ଼ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜଗନ୍ନାଥ ମନ୍ଦିରରେ ୨୦୦୧ ମସିହାରୁ ଭାଗବତ ସପ୍ତାହ ଅନୁଷ୍ଠିତ ହୋଇ ଆସୁଛି। ଚଳିତବର୍ଷ ୨୫ବର୍ଷ ସମ୍ପୂର୍ଣ୍ଣ ହୋଇଛି ।

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ମାମଲାରେ ପୂର୍ବତନ ସରପଞ୍ଚ ଗିରଫ

**ବୌଦ୍ଧ,୧୫।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ରେଙ୍ଗାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ହୋଇ ବୁଧବାର ଜେଲ ଯାଇଥିବା ଜଣାପଡିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଗତ ମାର୍ଚ୍ଚ ୨୭ରେ ରେଙ୍ଗାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସିଲଟପଡା ଗ୍ରାମର ପ୍ରମୋଦ ରଣା ଓ ଅନ୍ୟ କେତେଜଣ ବ୍ୟକ୍ତି ଆମ୍ୱଝରି ପଞ୍ଚାୟତର ଉଡାମୁଣ୍ଡ ଜଙ୍ଗଲ ଭିତରେ ଗଞ୍ଜେଇ ଚାଲାଣ କରିବାକୁ ରଖିଥିଲେ। ବୌଦ୍ଧ ପୋଲିସ କୌଣସି ସୂତ୍ରରୁ ଖବରପାଇ ଚଢାଉ କରିଥିଲା। ପୋଲିସ ଜଙ୍ଗଲ ମଧ୍ୟରୁ ୮ କୁଇଣ୍ଟାଲ ୩୭ କେଜି ଗଞ୍ଜେଇ ଜବତ କରିଥିଲା। ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ. ୧୭୮/୨୦୨୫) ରୁଜୁ ହୋଇଥିଲା। ଏହି ଗଞ୍ଜେଇ ଚାଲାଣ ମାମଲାରେ ଗତ ମଙ୍ଗଳବାର କଣ୍ଟାମାଳ ପୋଲିସ ଅଭିଯୁକ୍ତ ପ୍ରମୋଦକୁ ସିଲଟପଡାଠାରୁ ଗିରଫ କରି ବୌଦ୍ଧ ପୋଲିସକୁ ହସ୍ତାନ୍ତର କରିଥିଲା। ବୌଦ୍ଧ ପୋଲିସ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ନଳିନିକାନ୍ତ ଦାସ ସୂଚନା ଦେଇଛନ୍ତି। ବର୍ତ୍ତମାନ ଅଭିଯୁକ୍ତ ପ୍ରମୋଦଙ୍କ ସ୍ତ୍ରୀ ମଧ୍ୟ ରେଙ୍ଗାଲି ପଞ୍ଚାୟତର ସରପଞ୍ଚ ଥିବା ଜଣାପଡିଛି ।

### ହାତଧୁଆ ଦିବସ ପାଳନ

**ପଲସାଗୋରା,୧୫।୧୦(ଅଶ୍ୱିନୀ କୁମାର ନନ୍ଦ)**

ବିଶ୍ୱସ୍ତରୀୟ ହାତଧୁଆ ଦିବସ ପାଳନ ଅବସରରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଡିମିରିମୁଣ୍ଡା ଗ୍ରାମରେ ଅବସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ବୁଧବାର ମଧ୍ୟାହ୍ନଭୋଜନ ଖାଇବା ଆଗରୁ ଓ ପରେ ୬ ପ୍ରକାରରେ ହାତ ସଫା କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର ନିଜ ଶରୀର ପ୍ରତି ସଚେତନ ହେବା ସହିତ ସମାଜ ପାଇଁ ଗୋଟେ ସୁସ୍ଥ ବାର୍ତ୍ତା ଦେଇଛନ୍ତି। ବିଶ୍ୱସ୍ତରୀୟ ହାତଧୁଆ ଦିବସକୁ ସଫଳ କରିବାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ତରିଆ ଓ ସହକାରୀ ଶିକ୍ଷକ ସୌମ୍ୟରଞ୍ଜନ ଜାନୀ ସହଯୋଗ କରିଥିଲେ।

### କୁଷ୍ଠରୋଗ ନିରାକରଣ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି,୧୫।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ବୁଧବାର କୁଷ୍ଠ ରୋଗର ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଏନଏଲଡବ୍ଲ୍ୟୁ ଜଗଦୀଶ ମେହେର, ମହିଳା ସ୍ୱାସ୍ଥ୍ୟକର୍ମୀ ତାରାମଣି ନାଏକ, ଯଶୋବନ୍ତୀ ପ୍ରଧାନ, ଆଶାକର୍ମୀ ପୁଷ୍ପାଞ୍ଜଳି ପତି, ଅଙ୍ଗନୱାଡ଼ି କର୍ମୀ ମାଳତୀ କୁମ୍ଭାର ଯୋଗଦେଇ କୁଷ୍ଠରୋଗର ଲକ୍ଷଣ, ନିରାକରଣ ଓ ଏହାର ଚିକିତ୍ସା ଉପାୟ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସସ୍ମିତ ପ୍ରଧାନ, ପଦ୍ମନାଭ ପ୍ରଧାନ, କହ୍ନେଇ ଚରଣ ପ୍ରଧାନ,ଖବରଦାତା ପୀତାମ୍ବର ସାହୁ ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କୁଷ୍ଠରୋଗର ବିଭିନ୍ନ ଲକ୍ଷଣକୁ ଫଟୋଚିତ୍ର ମାଧ୍ୟମରେ ପ୍ରଦର୍ଶନ କରିଥିଲେ।

## ମୃତଦେହ ଆଣିବାକୁ ଜମ୍ମୁରେ ମୃତକଙ୍କ ପରିବାର

### ବୈଷ୍ଣୋଦେବୀରେ ଦୁର୍ଘଟଣାରେ ତରଭାର ୩ଜଣଙ୍କ ମୃତ୍ୟୁ ଘଟଣା

**ତରଭା,୧୫।୧୦(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭାର ୨ ପରିବାର ସଦସ୍ୟ ଜମ୍ମୁ-କଶ୍ମୀରର ବୈଷ୍ଣୋଦେବୀ ଦର୍ଶନ ସାରି ମଙ୍ଗଳବାର ସକାଳେ ଜମ୍ମୁ ସ୍ଥିତ କଟରାକୁ ଫେରିବା ବେଳେ ସଡ଼କ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ବିଚିତ୍ର ସାହୁ, ତାଙ୍କ ସ୍ତ୍ରୀ କବିତା ସାହୁ ଓ ଯୋଗେନ୍ଦ୍ର ମଟାରୀ। ଦୁର୍ଘଟଣାରେ ଯୋଗେନ୍ଦ୍ରଙ୍କ ସ୍ତ୍ରୀ ସ୍ନେହଲତା ଗୁରୁତର ହୋଇଛନ୍ତି। ହେଲିପେଡ଼ରୁ ଏକ ଅଟୋ ଭଡାକରି ଏମାନେ ଆସୁଥିବାବେଳେ ଜମ୍ମୁ କଟରା ଏକ୍ସପ୍ରେସ ରାସ୍ତାରେ ଏକ ବସ ଧକ୍କା ଦେଇଥିଲା। ଏଥିରେ ଅଟୋ ଚୂରମାର ହୋଇଯାଇଥିଲା। ଅଟୋରେ ବସିଥିବା ବିଚିତ୍ର ସାହୁ, ଯୋଗେନ୍ଦ୍ର ମଟାରୀ ଏବଂ ଅଟୋ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ କବିତା ଓ ସ୍ନେହଲତାଙ୍କୁ ଗୁରୁତର ଅବସ୍ଥାରେ ଜାମ୍ମୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କବିତାଙ୍କ ମୃତ୍ୟୁ ଘଟିଥିଲା। ସୌଭାଗ୍ୟବଶତଃ ଅଟୋରେ ପୁଅ ଆଶୁତୋଷ ମଟାରୀ, ଝିଅ ଚିନ୍ମୟୀ ମଟାରୀ ଓ ପୁତ୍ରବଧୂ ଅଲିଭା ମଟାରୀ ଚାଲିଚାଲି ଆସୁଥିବାରୁ ବର୍ତ୍ତି ଯାଇଥିଲେ। ଖବର ପାଇ ଉଭୟ ପରିବାରର ସଦସ୍ୟମାନେ ଜମ୍ମୁରେ ପହଞ୍ଚି ମୃତଦେହ ଆଣିବାର ବ୍ୟବସ୍ଥା କରୁଥିବା ଜଣାପଡିଛି। ମୃତକ ଯୋଗେନ୍ଦ୍ର ଓ ବିଚିତ୍ର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଶାଖା ପରିଚାଳକ ଭାବେ ଅବସର ଗ୍ରହଣ କରିଥିଲେ। ଏ ଖବର ପ୍ରଚାରିତ ହେବା ପରେ ତରଭାରେ ଶୋକର ଛାୟା ଖେଳିଯାଇଛି।

## ରାସ୍ତାରେ ଓଲଟିଲା ଚାଉଳ ଟ୍ରକ୍

**ତରଭା,୧୫।୧୦(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ପେଟ୍ରୋଲ ପମ୍ପ ପଛ ପଟ ରାସ୍ତାରେ ଏକ ଚାଉଳ ଭର୍ତ୍ତି ଟ୍ରକ ବୁଧବାର ଭାରସାମ୍ୟ ହରାଇ ଓଲଟି ବିଦ୍ୟୁତ୍ ଖୁଣ୍ଟରେ ଝୁଲି ରହିଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ କାବୁ କରି ଥାନାକୁ ନେଇ ତଦନ୍ତ କରିଥିଲା। ଡ୍ରାଇଭର ପ୍ରଚୁର ପରିମାଣରେ ମଦ୍ୟପାନ କରି ଗାଡି ଚଳାଉଥିବାରୁ ଏଭଳି ଘଟଣା ଘଟିଥିବା ଜଣାପଡିଥିଲା। ଏନେଇ ତରଭା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଅନିତା କିଡୋ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ,ବୁଧବାର ଅପରାହ୍ନ ପ୍ରାୟ ୩ରେ ବଲାଙ୍ଗୀରରୁ ଯାଉଥିବା ଚାଉଳ ଭର୍ତ୍ତି ଟ୍ରକ (ନଂ.ଓଡ଼ି ୧୫ ଏ ୪୫୮୮) ତରଭା ପେଟ୍ରୋଲ ପମ୍ପ ପଛ ପଟ ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା।

## ବୀରନରସିଂହପୁର କ୍ଲଷ୍ଟରେ ସୁରଭି କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଅତିଥି।

**ହରଭଙ୍ଗା,୧୫।୧୦(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁର କ୍ଲଷ୍ଟରରେ ବୁଧବାର ସୁରଭି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଓମ୍ ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୀରନରସିଂହପୁର ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭୁବନେଶ୍ୱର ସେଠୀ, ସମ୍ମାନିତ ଅତିଥି ଭାବେ କାର୍ତ୍ତିକେଶ୍ୱର ନାୟକ ଓ ବିଶିକେଶନ ବେହେରା ଯୋଗ ଦେଇଥିଲେ। ସେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୮ ପ୍ରତିଯୋଗିତା ହୋଇଛି। ୧୧ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ୩୦ଜଣ ଛାତ୍ରୀଛାତ୍ରଙ୍କୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ କରାଯାଇଥିଲା। ମଞ୍ଚକୁ ଶିକ୍ଷକ ନବ କିଶୋର ଦୀପ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ସାମିଲ ଥିଲେ।

## ମନ୍ଦିର ରାସ୍ତା, ସଭାଗୃହ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି

### ଅର୍ଥାଭାବରୁ ମନ୍ଦିର ସଭାଗୃହ ନିର୍ମାଣ ଅଧାପନ୍ତରିଆ

**ପଲସାଗୋରା,୧୫।୧୦(ଅଶ୍ୱିନୀ କୁମାର ନନ୍ଦ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବିଲାସପୁର ଗ୍ରାମରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ବିଲାସପୁରସ୍ଥିତ ମାଁ ମାହେଶ୍ୱରୀ ମନ୍ଦିର ପରିଦର୍ଶନରେ ଆସି ପୂଜାର୍ଚ୍ଚନା କରିଛନ୍ତି। ଏହି ଅବସରରେ ମନ୍ଦିର କମିଟି ଅନୁରୋଧକ୍ରମେ ଅନୁଷ୍ଠିତ ବୈଠକରେ ବିଧାୟକ ଡାଙ୍ଗ ଯୋଗ ଦେଇଥିଲେ। ମୁଖ୍ୟ ରାସ୍ତାରୁ ମନ୍ଦିର ପର୍ଯ୍ୟନ୍ତ ଭଲ ରାସ୍ତା ନ ଥିବାରୁ ମନ୍ଦିରକୁ ଯାତାୟାତ ପାଇଁ ଶ୍ରଦ୍ଧାଳୁ ଅସୁବିଧାର ସମ୍ମୁଖୀନ ହେଉଥିବା, ଅର୍ଥାଭାବରୁ ମନ୍ଦିର ସଭାଗୃହ ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିରହିଥିବା କମିଟି ସଭାପତି ବିଦ୍ୟାଧର ମହାକୁଡ଼, ଉପସଭାପତି ବିକ୍ରମ କର୍ମୀ, ସମ୍ପାଦକ ସତ୍ୟନାରାୟଣ ବଘାର ପ୍ରମୁଖ ବିଧାୟକ ଡାଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ କାମ ପାଇଁ ଅର୍ଥ ବ୍ୟବସ୍ଥା କରିବେ ବୋଲି ବିଧାୟକ କମିଟିକୁ ପ୍ରତିଶ୍ରୁତି ଦେଇଥିଲେ। କମିଟି ଉପଦେଷ୍ଟା ସୁଦାମ ଖମାରୀ ଧନ୍ୟବାଦ ଦେଇଥିଲେ।

## ବିଡିଓଙ୍କୁ ଏସ୍‌ସି, ଏସ୍‌ଟି, ଓବିସି ମଞ୍ଚର ଦାବିପତ୍ର


ଅଭିଯୋଗକାରୀ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଡୁଙ୍ଗୁରିପାଲି, ୧୫।୧୦ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ଏସ୍‌ସି, ଏସଟି ଓ ଓବିସି ମଞ୍ଚ ତରଫରୁ ଅସାମ୍ବିଧାନିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଧବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଦିଲୀପ କୁମାର ବାଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ଅକ୍ଟୋବର ୧୦ରେ ସୁପ୍ରିମକୋର୍ଟରେ ଆଇନଜୀବୀ ରାକେଶ କିଶୋର ଭାରତର ପ୍ରଧାନ ବିଚାରପତି ବି.ଆର.ଗବଇଙ୍କ ଉପରକୁ ଜୋତା ଫୋପଡା ଦେଶ ବିରୋଧୀ କାର୍ଯ୍ୟ। ତେଣୁ ଏଭଳି ଅସମ୍ବିଧାନିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅଲ ଓଡିଶା ସିଡୁଲ କାଷ୍ଟ ଫେଡରେଶନର ରାଜ୍ୟ ସଭାପତି ଧନଞ୍ଜୟ ଦୀପଙ୍କ ନେତୃତ୍ୱରେ ବିଭିନ୍ନ ଥାନା, ବ୍ଲକ, ଜିଲା ପ୍ରଶାସନରେ ଅଭିଯୋଗ କରାଯାଇଥିବାବେଳେ ବରିଷ୍ଠ ଆଇନଜୀବୀ ତଥା ସୁବର୍ଣ୍ଣପୁର ଜିଲା ଲକ୍ଷେଘର ଗଣ୍ଡା ସମାଜର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ ଭରାସାଗର ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ବିଡ଼ିଓଙ୍କ ଅନୁପସ୍ଥିତରେ ଦାବିପତ୍ର ବ୍ଲକ ମୁଖ୍ୟ ହିସାବ ରକ୍ଷକ କରୁଣାକର ପାତ୍ର ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ଲକ୍ଷେଘର ଗଣ୍ଡା ସମାଜର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବାଗ, ଓବିସି ବ୍ଲକ ସଭାପତି ଗଙ୍ଗାଧର ଖମାରୀ, ବାଳକୃଷ୍ଣ ଦଣ୍ଡସେନା, ରାଜେନ୍ଦ୍ର ସା, ଯୁବରାଜ ସିଂ ବରିହା, କୈଳାସ ପଧାନ, ବୀରେନ୍ଦ୍ର ଯୁଆଡ଼ି, ଗରିବ ବାଗ, ଭାଗିରଥି ବାଗ, ଭୁବନେଶ୍ୱର ନାଗ,ଭରତ ନାଗ, ଗୋବିନ୍ଦ ବାଗ, ସତ୍ୟବାନ ବାଗ, କଳାକାନୁ ମହାନନ୍ଦ, ଅକ୍ଷୟ ଛାଞ୍ଚାଣ ଉପସ୍ଥିତ ଥିଲେ।

## ୪ ବାଲି ବୋଝେଇ ଟ୍ରାକ୍ଟର ଜବତ, ୨ ଲକ୍ଷ ଜରିମାନା

### ଖଣି ବିଭାଗର ଚଢ଼ାଉ

**ସୋନପୁର,୧୫।୧୦(ମୃତ୍ୟୁଞ୍ଜୟ ଶତପଥୀ)**



ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସଦରରେ ଖଣି ବିଭାଗ ପକ୍ଷରୁ ବୁଧବାର ଚଢାଉ କରାଯାଇଛି। ଅଙ୍ଗନଦୀର ପହଣ୍ଡି ଘାଟରୁ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ ହେଉଥିଲା। ଏହି ଉତ୍ସ ସରକାରଙ୍କ ପକ୍ଷରୁ ଲିଜ୍ ଦିଆ ଯାଇ ନ ଥିବା ବେଳେ ବେଧଡକ ଭାବେ ଦିନ ରାତି ବାଲି ଉତ୍ତୋଳନ ଚାଲିଥିଲା। ଅଭିଯୋଗ କ୍ରମେ ଖଣି ବିଭାଗ ପକ୍ଷରୁ ୪ଟି ବାଲି ବୋଝେଇ ଟ୍ରାକ୍ଟର ନଂ ଓଡି୧୭ଜି-୦୪୮୧, ଓଡି୧୭କେ-୨୬୬୯, ଓଡି୧୭ଏସ-୮୩୦୪ ଓ ଓଆର୧୭ଜେ-୪୮୩୬କୁ ଜବତ କରାଯାଇଛି। ପ୍ରତି ଟ୍ରାକ୍ଟରରୁ ୫୦ହଜାର ଲେଖାଏ ମୋଟ ୨ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି। ଏହି ଚଢାଉରେ କନିଷ୍ଠ ଖଣି ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ଓ ନରେଶ ମରେଇ ସାମିଲ ଥିଲେ।

## ଶାଳକାଠ ଜବତ, ୩ ଗିରଫ

### ବନ ବିଭାଗର ଚଢ଼ାଉ

**ଉଲୁଣ୍ଡା,୧୫।୧୦(ଗୌରଚନ୍ଦ୍ର ପରିଛା)**

ସମ୍ବଲପୁର ଜିଲା ଉଲୁଣ୍ଡା ବନାଞ୍ଚଳ ଅଧୀନ ଦିପପାଲି ଗାଁ ନିକଟ ଚନ୍ଦିଲି ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ଶାଳ କାଠ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁଢ଼ୀ ଝରନର ମାଟିଆସ ବାର୍ଲା, ମାର୍ସେଲ ବାରଲା, ମଉନ କଙ୍ଗାଡି। ବୁଧବାର ସକାଳେ ଜଙ୍ଗଲରେ କାଠ କଟାଯାଉଥିବା ବନବିଭାଗ ଖବର ପାଇଥିଲା। ଫରେଷ୍ଟର ଦୀନେଶ ମାଝିଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ଶକ୍ତିରାଜ ସିଂ ଧରୁଆ, ସତ୍ୟନାରାୟଣ ମେହେର, ଅଚ୍ୟୁତ ଦେହେରି, ପ୍ରକାଶ ମେଳି, ଶେଷଦେବ ବେହେରା ଚଢାଉ କରିଥିଲେ। ସେଠାରୁ ୫୦ ଖଣ୍ଡ ଶାଳକାଠ ଏବଂ ୭ଟି ଗଣ୍ଡି ଜବତ କରାଯାଇଥିଲା। ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା (ନଂ.୧୦୩/୨୫)ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

## ଫୁଟ୍‌ପାଥରୁ ହଟିବେ ଉଠା ଦୋକାନୀ

### ସୁବର୍ଣ୍ଣପୁରରେ ସଡକ ସୁରକ୍ଷା କମିଟି ବୈଠକ

### ବ୍ଲକରୁ ଆମ୍ବେଡକର ଛକ ପର୍ଯ୍ୟନ୍ତ ଡିଭାଇଡର ନିର୍ମାଣ ପାଇଁ ପ୍ରସ୍ତାବ

**ସୋନପୁର,୧୫।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସଡକ ସୁରକ୍ଷା କମିଟିର ବୈଠକ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ବୈଠକ ସମ୍ପର୍କରେ ସୂଚନା ଦେବା ସହ ଜୁଲାଇ ମାସରେ ଜିଲାରେ ଦୁର୍ଘଟଣା ଜନିତ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ସଚେତନତା ପରେ ଜିଲାରେ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା କିଛି ମାସ ହେଲା ହ୍ରାସ ପାଇଛି। ତେବେ ବାଇକ୍ ଆରୋହୀମାନେ ହେଲମେଟ ପରିଧାନ କରୁନାହାନ୍ତି। ଏଥିଯୋଗୁ ଦୁର୍ଘଟଣା ଜନିତ ମୃତ୍ୟୁ ହେଉଛି। ତେଣୁ ଦୁର୍ଘଟଣା ରୋକିବାକୁ ପୋଲିସ ଓ ପରିବହନ ବିଭାଗର ମିଳିତ ଯାଞ୍ଚକୁ ଆହୁରି କଡାକଡି କରିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ହେଲମେଟ ଚେକିଂ, ଟ୍ରିପୁଲ ରାଇଡିଂ, ମଦ୍ୟପାନ କରି ଗାଡି ଚାଳନା ଓ ଡ୍ରାଇଭିଂ ସମୟରେ ମୋବାଇଲ ଫୋନ୍ ବ୍ୟବହାର ହେଉଥିବା ଯାନ ଗୁଡିକୁ କଡାକଡି ଯାଞ୍ଚ କରିବା ପାଇଁ ନିଷ୍ପତ୍ତି ହୋଇଛି। ସୋନପୁର ବ୍ଲକ ଛକରୁ ଆମ୍ବେଡକର ଛକ ପର୍ଯ୍ୟନ୍ତ ରାସ୍ତା ଚଉଡା କରାଯିବା ସହ ମଝିରେ ଡିଭାଇଡର ନିର୍ମାଣ ପାଇଁ ବୈଠକରେ ପ୍ରସ୍ତାବ ଦିଆ ଯାଇଥିଲା। ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଏ ଦିଗରେ ପଦକ୍ଷେପ ନେବେ ବୋଲି ଜାତୀୟ ରାଜପଥ ବିଭାଗର କନିଷ୍ଠ ଯନ୍ତ୍ରୀ ବିଶ୍ୱଭୂଷଣ ଜେନା ପ୍ରତିଶୃତି ଦେଇଥିଲେ। ସେହିପରି ସୋନପୁର ବ୍ଲକ ଗୋଲେଇ ଛକରେ ସିସି କ୍ୟାମେରା ଲଗାଇବା ନେଇ ଆଲୋଚନା ହୋଇଥିଲା। ବ୍ଲକ ଛକରୁ ଆମ୍ବେଡକର ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଉଠାଦୋକାନୀ ମାନେ ଫଳ ଓ ପନିପରିବା ବିକ୍ରି କରୁଛନ୍ତି। ଫୁଟପାଥରେ ଉଠା ଦୋକାନୀ ବସୁଥିବାରୁ ରାସ୍ତାରେ ଯାତାୟତ ସମୟରେ ଅସୁବିଧା ହେଉଛି। ପୌର ପରିଷଦ ପକ୍ଷରୁ ପୋଲିସ ଫୋର୍ସ ସହାୟତାରେ ସେମାନଙ୍କୁ ହଟାଯାଇ ଭେଣ୍ଡିଂ ଜୋନରେ ଥଇଥାନ କରିବାକୁ ନିଷ୍ପତ୍ତି ହୋଇଛି। ସୁବର୍ଣ୍ଣପୁର ସହରରେ ରାସ୍ତା ଜବରଦଖଲ, ରାସ୍ତା ଉପରେ ଗାଇଗୋରୁ ଓ କୁକୁର ବୁଲୁଥିବା ଭଳି ସମସ୍ୟା ଏବଂ ସିସିଟିଭି କ୍ୟାମେରା ସ୍ଥାପନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ, ଡିଏସପି ପ୍ରତାପ କୁମାର ରଣା, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଶୈଳେଶ ଢେଲକି, ସହକାରୀ ଯନ୍ତ୍ରୀ ରଣଜିତ କୁମାର ବେହେରା, ଭାରପ୍ରାପ୍ତ ଡିଆଇପିଆରଓ ଅର୍ଜୁନ ମାଝୀ, ଏମଭିଆଇ ଅଜିତ କୁମାର ନାୟକ, କନିଷ୍ଠ ଏମ୍‌ଭିଆଇ ଦେବବ୍ରତ ପଙ୍ଗା, ଜିଲା ସଡକ ସୁରକ୍ଷା କମିଟିର ମୃତ୍ୟୁଞ୍ଜୟ ଶତପଥୀ, ସ୍ୱାଧୀନ କୁମାର ମେହେର, ଅଞ୍ଜଳି ନେଗୀ, ଟ୍ରକ ମାଲିକ ସଂଘର ଫଣୀନ୍ଦ୍ର ଦାଶ,ଚିତ୍ତ ପଟ୍ଟନାୟକ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ।

# ମୁଖ୍ୟମାର୍ଗରେ ଟ୍ରାଫିକ ଜାମ୍ ହେଉଛି ଅଣାୟତ୍ତ

ରାଉରକେଲା, ୧୫।୧୦(ବିପ୍ଲବ ରଞ୍ଜନ ଦାଶ)

ଦୀପାବଳି ପୂର୍ବରୁ ରାଉରକେଲା ସହର ମୁଖ୍ୟ ରାସ୍ତା ଟ୍ରାଫିକ ଜାମ ଯୋଗୁ ଅବରୋଧ ହୋଇଛି। ଫୁଟପାଥକୁ ବ୍ୟବସାୟୀମାନଙ୍କ ଦ୍ୱାରା ଜବରଦଖଲ ଯୋଗୁ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଛି। ରାଉରକେଲା ସହର ସ୍ମାର୍ଟ ସିଟିର ମାନ୍ୟତା ପାଇଥିଲେ ମଧ୍ୟ ସହର ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ମାର୍ଟ ସହର ହୋଇପାରି ନାହିଁ। ଧନତେରାସ୍ କିଛି ଦିନ ବାକି ଥିବାବେଳେ ଦୀପାବଳି ଏବଂ ଧନତେରାସ୍ ଅବସରରେ ଗୃହିଣୀ, ମହିଳା, ଝିଅ ଏବଂ ଲୋକମାନେ ସହରର ମୁଖ୍ୟ ରାସ୍ତା, ଡେଲି ମାର୍କେଟ, ଟ୍ରାଫିକ୍ ମାର୍କେଟ, ବାସନ୍ତୀ ମାର୍କେଟ, ଡେଲି ମାର୍କେଟ, ପ୍ଲାଣ୍ଟ ସାଇଟ୍ ମାର୍କେଟରେ କିଣାକିଣି କରିବାକୁ ଆସୁଛନ୍ତି। ବିଶେଷକରି ସହରର ମୁଖ୍ୟ ବଜାର, ଡେଲି ମାର୍କେଟରେ ସକାଳ ଠାରୁ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଛି। ବୁଧବାର କିଛି ସମୟ ପାଇଁ ଟ୍ରାଫିକ୍ ବ୍ୟବସ୍ଥାରେ ବିଫଳ ଦେଖାଯାଇଥିଲାବେଳେ



ରାଉରକେଲା ମୁଖ୍ୟ ମାର୍ଗରେ ଟ୍ରାଫିକ ଜାମ ହୋଇଛି।

ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଜାମ୍ ହୋଇଥିଲା। ଏହାର ମୁଖ୍ୟ କାରଣ ହେଲା ଦୋକାନୀମାନେ ଫୁଟପାଥକୁ ଜବରଦଖଲ କରି ସେମାନଙ୍କର ସାମଗ୍ରୀ ରଖିଥିଲେ। ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ପାର୍କିଂ, ବିକ୍ରେତାମାନେ ସେମାନଙ୍କ ସାମଗ୍ରୀ, ଗାଡ଼ି ରଖିବା ଯୋଗୁ ମୁଖ୍ୟ ରାସ୍ତା ଜାମ୍ ହୋଇଯାଇଥିଲା। ଫଳରେ ଲୋକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାମ୍‌ର ସାମ୍ନା କରିବାକୁ ପଡିଥିଲା। ଏହା ପରେ ସ୍ୱାଭାବିକ ଭାବରେ ନିୟୋଜିତ ଟ୍ରାଫିକ୍ ଅଧିକାରୀ ଏବଂ ଟ୍ରାଫିକ୍ ପୋଲିସଙ୍କ ଦ୍ୱାରା ରାସ୍ତା ସ୍ୱାଭାବିକ ହୋଇଥିଲା। ଏହି ପରିସ୍ଥିତି ପ୍ରତିଦିନ ଦେଖାଯାଉଛି। ଦୀପାବଳି ଏବଂ ଧନତେରାସକୁ ଆଖି ଆଗରେ ରଖି ଟ୍ରାଫିକ୍ ପୋଲିସର ଉଚ୍ଚ ପଦାଧିକାରୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ସହରର ମୁଖ୍ୟ ରାସ୍ତା, ଡେଲି ମାର୍କେଟ ଏବଂ ଅନ୍ୟାନ୍ୟ ବ୍ୟସ୍ତବହୁଳ ବଜାରରେ ଟ୍ରାଫିକ୍ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉଚିତ। ଫୁଟପାଥରୁ ଜବରଦଖଲ ହଟାଇବା ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯିବା ଉଚିତ। ଏହା ଫଳରେ ଟ୍ରାଫିକ୍ ସମସ୍ୟା ସ୍ୱାଭାବିକ ହୋଇପାରିବ। ଲୋକମାନେ ଏହା ମଧ୍ୟ କୁହନ୍ତି, ଦୀପାବଳି ସମୟରେ ଟ୍ରାଫିକ୍ ବ୍ୟବସ୍ଥା ଠିକ୍ ରହିବା ଉଚିତ। ଯାହା ଦ୍ୱାରା ପଦଯାତ୍ରୀ ଏବଂ ବୟସ୍କ ଲୋକମାନେ କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ଏନେଇ ରାଉରକେଲା ଅତିରିକ୍ତ ଜିଲାପାଳ ଦିନା ଦସ୍ତଗିରଙ୍କୁ ପଚାରିବାରୁ ସେ କହିଲେ, ଦୀପାବଳି ପୂର୍ବରୁ ଓ ପରେ ସହରର ମୁଖ୍ୟ ମାର୍ଗଗୁଡିକ ଯେଭଳି ସୁଗମ ହେବ, ଟ୍ରାଫିକ ଜାମ ସମସ୍ୟା ସମାଧାନ ହେବ ସେ ନେଇ ଟ୍ରାଫିକ ବିଭାଗୀୟ ଅଧିକାରୀଙ୍କ ସହିତ ବିଚାରବିମର୍ଶ କରାଯାଇ ଏହାର ସମାଧାନ କରାଯିବ ବୋଲି କହିଥିଲେ।

# ସୁପ୍ରିମକୋର୍ଟର ପୂର୍ବତନ ନ୍ୟାୟାଧୀଶ ଜଷ୍ଟିସ ଏ.କେ. ପଟ୍ଟନାୟକଙ୍କ ସୁନ୍ଦରଗଡ଼ ଗସ୍ତ



ଗସ୍ତ ଅବସରରେ ସୁପ୍ରିମକୋର୍ଟର ପୂର୍ବତନ ନ୍ୟାୟଧୀଶ ଜଷ୍ଟିସ ଏ.କେ ପଟ୍ଟନାୟକଙ୍କ ସହ ଅଧିକାରୀ।

ରାଉରକେଲା, ୧୫ ।୧୦(ବିପ୍ଲବ ରଞ୍ଜନ ଦାଶ)

ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି)ର ନୀରିକ୍ଷଣ କର୍ତ୍ତୃପକ୍ଷ ଭାବେ ସୁପ୍ରିମକୋର୍ଟର ପୂର୍ବତନ ନ୍ୟାୟଧୀଶ ଜଷ୍ଟିସ ଏ.କେ ପଟ୍ଟନାୟକ ସୁନ୍ଦରଗଡ଼ ଜିଲାକୁ ୫ ଦିନିଆ ଗସ୍ତରେ ଆସିଛନ୍ତି। ଏହି ଗସ୍ତରେ ସେ ଓମ୍ବାଡସି ପାଣ୍ଠି ବିନିଯୋଗରେ ଖଣି ଅଞ୍ଚଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ଜଳ ସଂରକ୍ଷଣ ଆଦିର ବିକାଶ ଦିଗରେ କରାଯାଉଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି। ଏହା ଦ୍ୱାରା ଉକ୍ତ ଅଞ୍ଚଳର ଲୋକମାନଙ୍କ ଜୀବନଜୀବିକା ଉପରେ କିପରି ପ୍ରଭାବ ପକାଉଛି ସେ ବିଷୟରେ ମଧ୍ୟ ସ୍ଥାନୀୟ ଲୋକମାନଙ୍କ ସହିତ ପଚାରି ବୁଝିଥିଲେ। ଗସ୍ତର ୨ୟ ଦିବସରେ କୁତ୍ରା ହାଇସ୍କୁଲରେ ନିର୍ମାଣାଧୀନ ଅତିରିକ୍ତ କ୍ଲାସରୁମ୍, ଶୌଚାଳୟ, ପାଚେରୀ ବିଦ୍ୟାଳୟ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ସେହିପରି କୁଆଁରମୁଣ୍ଡା ଅଞ୍ଚଳର ନିର୍ମାଣାଧୀନ ମେଗା ପାଇପ ପାନୀୟ ଜଳ ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିଥିଲେ। ଏହା ବ୍ୟତୀତ ଛେଣ୍ଡସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ମଧ୍ୟ ପରିଦର୍ଶନ କରି ଏହାର ଖେଳାଳିମାନଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ବିଷୟରେ ପଚାରି ବୁଝିଥିଲେ। ଏହି ଗସ୍ତରେ ଡିଏମ୍‌ଏଫ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ଓମ୍ବାଡସି ଜିଲା କାର୍ଯ୍ୟାଳୟ ମହାପ୍ରବନ୍ଧକ ଜୟନ୍ତ ଦାସ, ଅମ୍ବୁଜ ପ୍ରସାଦ, ଜଗନ୍ନାଥ ମିଶ୍ର, ଇଂ. ୱାସିମ ଏହମ୍ମଦ, ଡେପୁଟି ଡାଇରେକ୍ଟର ଉଦ୍ୟାନ ବିଭାଗ ସୁକାନ୍ତ ନାୟକ ଉପସ୍ଥିତ ଥିଲେ।

## ସିବିଆଇ ଚଢାଉ ପରେ ହସ୍ତକ୍ଷେପ କଲେ ଆର୍‌ପିଏଫ୍ ଡିଜି

ରାଉରକେଲା/ବନ୍ଧମୁଣ୍ଡା,୧୫।୧୦
(ସଙ୍ଗୀତା ଜେନା/ସୁବ୍ରତ ଦେ):

ଚକ୍ରଧରପୁର ରେଳ ଡିଭିଜନରେ ଦୁର୍ନୀତି ମାମଲା ବୃଦ୍ଧି ପାଇବା ପରେ ରେଳ ସୁରକ୍ଷା ବାହିନୀ ମୁଖ୍ୟାଳୟରେ ହଇଚଇ ସୃଷ୍ଟି ହୋଇଛି। ଗତ ୫ମାସ ମଧ୍ୟରେ ସିବିଆଇ ଦ୍ୱାରା ଚକ୍ରଧରପୁର ରେଳ ମଣ୍ଡଳରେ ୨ଟି ପୃଥକ ଆର୍‌ପିଏଫ୍ ଥାନାର ୨ଜଣ ଆର୍‌ପିଏଫ୍ ଯବାନ ଲାଞ୍ଚ ନେବା ବେଳେ ସିବିଆଇ ଗିରଫ କରିଛି। ଏହି ମାମଲାକୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ଆର୍‌ପିଏଫ୍ ଡିଜି ସୋନାଲି ମିଶ୍ର ସିଧାସଳଖ ଭାବରେ ଦକ୍ଷିଣ ପୂର୍ବ ରେଳବାଇର ଆଇଜି ସଞ୍ଜୟ କୁମାର ମିଶ୍ରଙ୍କୁ ଏହି ବାବଦରେ କଥା ହୋଇଥିଲେ। ଚକ୍ରଧରପୁର ରେଳ ମଣ୍ଡଳରେ ଆର୍‌ପିଏଫ୍ କର୍ମୀମାନେ କିପରି ଲଗାତାର ଦୁର୍ନୀତିରେ ଲିପ୍ତ ହେଉଛନ୍ତି ଏବଂ ତାଙ୍କ ଅଧୀନସ୍ଥ କର୍ମଚାରୀମାନେ କିପରି କାର୍ଯ୍ୟ କରନ୍ତି ବୋଲି ଡିଜି ପ୍ରଶ୍ନ ପଚାରିଥିଲେ। ଡିଜି ଏହା ମଧ୍ୟ ପଚାରିଥିଲେ, ବିଭାଗର କେଉଁ ଅଧିକାରୀମାନେ ଏହି ବେଆଇନ ରୋଜଗାରର ଭାଗ ପାଉଛନ୍ତି। ମାତ୍ର ଡ଼ିଜିଙ୍କ ଏସବୁ ପ୍ରଶ୍ନରେ ଆଇଜି ସଞ୍ଜୟ ମିଶ୍ରଙ୍କ ପାଖରେ କୌଣସି ସନ୍ତୋଷଜନକ ଉତ୍ତର ନ ଥିଲା। ପ୍ରକୃତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ଆରପିଏଫ୍ ଡିଜି ମିଶ୍ର କହିଥିଲେ। ସୂଚନାଯୋଗ୍ୟ, ନିକଟରେ ବନ୍ଧମୁଣ୍ଡା ଆରପିଏଫ ଥାନାର ଯବାନ ମହମ୍ମଦ ଅସରାରଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ସିବିଆଇ ଦ୍ୱାରା ଗିରଫ କରାଯାଇଥିଲା। ସେହିପରି ରାଉରକେଲା ଷ୍ଟେସନରୁ ମଧ୍ୟ ଜଣଙ୍କୁ ଲାଞ୍ଚ ନେବାବେଳେ ସିବିଆଇ ଟିମ୍ ଗିରଫ କରିଥିଲା।

# ସେଲ୍ ସାବାସ ପୁରସ୍କାର ଯୋଜନାରେ ୮ କାର୍ମିକ ପୁରସ୍କୃତ

ରାଉରକେଲା,୧୫।୧୦(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସମାଧାନ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଆୟୋଜିତ ଏକ ପୁରସ୍କାର ସମାରୋହରେ ସେଲ ସାବାସ ଯୋଜନା ଅଧିନରେ ମାନବ ସମ୍ବଳ ବିଭାଗ ଅଧିକାରୀଙ୍କ ସମେତ ୧୧ଜଣ କର୍ମଚାରୀଙ୍କୁ ସେମାନଙ୍କ ଅନୁକରଣୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗର ସିଜିଏମ ମାନସ ରଞ୍ଜନ ରଥ ଅଧକ୍ଷତା କରି କାର୍ମିକ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମାନବ ସମ୍ବଳର କାର୍ଯ୍ୟ ବିଭାଗର



କାର୍ମିକ ପୁରସ୍କୃତ ହେଉଛନ୍ତି।

ଜିଏମ୍ ଏସ.କେ ମେହରୋତ୍ରା, ପ୍ରକଳ୍ପ, ସିଏଲସି ଏବଂ ଟିଏଣ୍ଡଏମ ବିଭାଗର ଜିଏମ୍ ଏସ.ବଡପଣ୍ଡାଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଏ ପରିପ୍ରେକ୍ଷୀରେ ରଥ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରତ୍ୟେକ ଛୋଟ ଛୋଟ ଅଭିନବ ଅବଦାନ ସଂଗଠନର ସାମଗ୍ରିକ କାର୍ଯ୍ୟଦକ୍ଷତା ଏବଂ କୁଶଳତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ନିଜ ମତପୋଷଣ କରିଥିଲେ। ସେ ସମସ୍ତ କର୍ମଚାରୀମାନଙ୍କୁ ଉତ୍କର୍ଷତା ପାଇଁ ପ୍ରୟାସ ଜାରି ରଖିବାକୁ ଏବଂ କାରଖାନାର ଅଭିବୃଦ୍ଧି ପାଇଁ ସକ୍ରିୟ ଯୋଗଦେବାକୁ ଉତ୍ସାହିତ କରିଥିଲେ। ଉଲ୍ଲେଖନୀୟ ଯେ,ସାବାସ ପୁରସ୍କାର ଯୋଜନା ବର୍ଗ-୧ ଅନ୍ତର୍ଗତ ୮ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବର୍ଗ-୨ରେ ଏଚଆର ବିଭାଗର ଡେପୁଟି ମ୍ୟାନେଜର ବିଜ୍ଞାନ ପାତ୍ର, ଆଲୋକ କୁମାର ଓ ଏଜିଏମ ଦେବାଶିଷ ପଟ୍ଟନାୟକ ପୁରସ୍କାର ଲାଭ କରିଥିଲେ।

# ଛଟ୍ ପୂଜା ପ୍ରସ୍ତୁତିକୁ ନେଇ ମହାନଗର ନିଗମ ପକ୍ଷରୁ ବିଭିନ୍ନ ଘାଟ ସଫେଇ କାମ ଆରମ୍ଭ

ରାଉରକେଲା,୧୫।୧୦(ବିପ୍ଲବରଞ୍ଜନ ଦାଶ)

କେନ୍ଦ୍ରୀୟ ଛଟ ପୂଜା କମିଟିର ଅନୁରୋଧକୁ ଗ୍ରହଣ କରି ରାଉରକେଲା ମହାନଗର ନିଗମ ପକ୍ଷରୁ ରାଉରକେଲା ବିଧାୟକଙ୍କ ପରାମର୍ଶରେ ଛଟ ପୂଜା ପ୍ରସ୍ତୁତିକୁ ନେଇ ବିଭିନ୍ନ ନଦୀ ଘାଟ ଏବଂ ପୋଖରୀ ଘାଟ ସଫା କରିବା ଆରମ୍ଭ କରାଯାଇଛି। ବୁଧବାର ପାନପୋଷ ବ୍ରାହ୍ମଣୀ ନଦୀର ହନୁମାନ ମନ୍ଦିର ଘାଟ ସଫା କରିବା ଆରମ୍ଭ କରାଯାଇଛି। ସେଠାରେ ନଡ଼ିଆ ଭାଙ୍ଗି ଜେସିବି ସାହାଯ୍ୟରେ ସଫା କରିବା ଆରମ୍ଭ କରାଯାଇଛି। ଏଥିପାଇଁ କେନ୍ଦ୍ରୀୟ ଛଟ ପୂଜା କମିଟିର ସଂଯୋଜକ କୃଷ୍ଣ ସାହୁ ରାଉରକେଲା ପୌର ନିଗମକୁ ଧନ୍ୟବାଦ ଜଣାଇଛନ୍ତି। ଛଟପୂଜା ଅକ୍ଟୋବର ୨୫ରୁ ଆରମ୍ଭ ହୋଇ ଅକ୍ଟୋବର ୨୮ରେ ଶେଷ ହେବ। ଛଟପୂଜାର ପ୍ରଥମ ଅର୍ଘ୍ୟ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅକ୍ଟୋବର ୨୭ ସନ୍ଧ୍ୟାରେ ଅର୍ପଣ କରାଯିବାକୁ ଥିବାବେଳେ, ଦ୍ୱିତୀୟ ଅର୍ଘ୍ୟ ଉଦୟଗାମୀ ସୂର୍ଯ୍ୟଙ୍କୁ ଅକ୍ଟୋବର ୨୮ ତାରିଖ ସକାଳେ ପ୍ରଦାନ କରାଯିବ।



ପାନପୋଷ ବ୍ରାହ୍ମଣୀ ନଦୀର ହନୁମାନ ମନ୍ଦିର ଘାଟ ସଫା କରାଯାଉଛି।

# ବକେୟା ଦାବିରେ ମୃତଦେହ ରଖିଲେ ହସ୍‌ପିଟାଲ କର୍ତ୍ତୃପକ୍ଷ

ରାଉରକେଲା, ୧୫।୧୦(ସଙ୍ଗୀତା ଜେନା)

**ଗଣ୍ଡଗୋଳ ପରେ ମୃତଦେହ ହସ୍ତାନ୍ତର**

ରାଉରକେଲାରେ ଜଣେ ରୋଗୀଙ୍କ ମୃତ୍ୟୁ ପରେ ବକେୟା ଅର୍ଥ ଦାବିରେ ତାଙ୍କ ମୃତଦେହ ହସ୍‌ପିଟାଲ କର୍ତ୍ତୃପକ୍ଷ ଛାଡ଼ି ନ ଥିଲେ। ପରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେବାରୁ ମୃତଦେହ ଛାଡ଼ିଥିଲେ। ମଙ୍ଗଳବାର ଅପରାହ୍ନ ୪ଟାରେ ଝାଡ଼ଖଣ୍ଡର ଜଣେ ରୋଗୀ ରାଉରକେଲାର ଏକ ଘରୋଇ ହସ୍‌ପିଟାଲକୁ ଆସିଥିଲେ। ଉକ୍ତ ରୋଗୀଙ୍କ ପରିଜନ ପ୍ରଥମେ ଆୟୁଷ୍ମାନ କାର୍ଡରେ ଭର୍ତ୍ତି କରିବାକୁ କହିଥିଲେ। ହେଲେ ହସ୍ପିଟାଲ କର୍ତ୍ତୃପକ୍ଷ ଏଥିରେ ଉକ୍ତ କାର୍ଡ କାର୍ଯ୍ୟ କରୁ ନ ଥିବା କହିଥିଲେ। ସାଧାରଣ ପ୍ରକ୍ରିୟାରେ ରୋଗୀଙ୍କୁ ଭର୍ତ୍ତି କରିବାକୁ କହିଥିଲେ। ପରେ ପରିଜନମାନେ ଅନ୍ୟ ଉପାୟ ନ ପାଇ ୧୧ ହଜାର ଟଙ୍କା ଦେଇ ଉକ୍ତ ରୋଗୀଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ଏ ନେଇ କେତେଜଣ ସାମାଜିକ କର୍ମୀଙ୍କ ସହଯୋଗରେ ପୁନଃ ରୋଗୀଙ୍କୁ ଡିସ୍‌ଚାର୍ଜ କରାଇ ଆୟୁଷ୍ମାନ କାର୍ଡରେ ଭର୍ତ୍ତି କରାଯାଇଥିଲା। ରାତି ପ୍ରାୟ ୧ଟା ୩୦ରେ ରୋଗୀ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ହସ୍‌ପିଟାଲ ପକ୍ଷରୁ ବୁଧବାର ସକାଳେ ମୃତକ ପରିଜନମାନଙ୍କୁ ରୋଗୀଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦିଆଯିବା ସହ ମୃତଦେହ ଛାଡିବା ପାଇଁ ୨୦ ହଜାର ଟଙ୍କା ମଗାଯାଇଥିଲା। ହେଲେ ମୃତକଙ୍କ ପରିଜନମାନେ ଆୟୁଷ୍ମାନ କାର୍ଡରେ ଏତେ ଟଙ୍କା ଲାଗେ ନାହିଁ ବୋଲି କହିଥିଲେ ମଧ୍ୟ ହସ୍‌ପିଟାଲ କର୍ତ୍ତୃପକ୍ଷ ସେମାନଙ୍କ କଥାକୁ ଶୁଣି ନ ଥିଲେ। ଏଥିରେ ଅତିଷ୍ଠ ହୋଇ ରୋଗୀଙ୍କ ପରିଜନ ଉଭୟ ପୋଲିସ ଏବଂ ସ୍ଥାନୀୟ କେତେଜଣ ସାମାଜିକ କର୍ମୀଙ୍କ ସହଯୋଗ ଲୋଡିଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏନେଇ ହସ୍ପିଟାଲରେ ଗଣ୍ଡଗୋଳ ପରିସ୍ଥିତି ଦେଖାଯାଇଥିଲା। ତୀବ୍ର ଅସନ୍ତୋଷ ପରେ ହସ୍‌ପିଟାଲ କର୍ତ୍ତୃପକ୍ଷ ମୃତଦେହ ଦେବାକୁ ରାଜି ହୋଇଥିଲେ। ଅପରାହ୍ନ ୨ଟାରେ ମୃତଦେହ ଛଡାଯାଇଥିଲା।

ପ୍ରକାଶ ଯେ, ଝାଡଖଣ୍ଡ ସିମ୍‌ଡେଗା ଜିଲା ବାନୋ ଥାନା ଅନ୍ତର୍ଗତ ହୁର୍ଡା ଗ୍ରାମର ବିରସା କୁଜୁର(୬୦)ଅସୁସ୍ଥ ଥିବାରୁ ତାଙ୍କୁ ରାଉରକେଲାର ଏକ ଘରୋଇ ହସପିଟାଲକୁ ଅଣାଯାଇଥିଲା। ବିରସାଙ୍କ ପୁଅ ଜେସନ୍ କୁଜୁର ହସ୍‌ପିଟାଲରେ ଭର୍ତ୍ତି କରିବା ବାବଦରେ ୧୧ହଜାର ଟଙ୍କା ଦେଇଥିଲେ। ସେହିପରି ବୁଧବାର ମୃତଦେହ ପାଇଁ ୨୦ହଜାର ଟଙ୍କା ମଗାଯାଇଥିଲା। ଏଥିରେ ଜେସନ୍ ପୋଲିସଙ୍କ ସହ ସାମାଜିକ କର୍ମୀ ରାଜେଶ କାନନ ଏବଂ ନବୀନ ଗୁପ୍ତାଙ୍କ ସହଯୋଗ ଲୋଡିଥିଲେ। ଜେସନ୍ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏତାଦୃଶ ବ୍ୟବହାର ନେଇ ବେଶ ଅସନ୍ତୋଷ ପ୍ରକାଶ କରିଗଣମାଧ୍ୟମ ସମ୍ମୁଖରେ କହିଥିଲେ, ଆୟୁଷ୍ମାନ କାର୍ଡ ଯୋଗୁ ହଟହଟା ପରିସ୍ଥିତି ଭୋଗିବାକୁ ପଡ଼ିଥିଲା। ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ରାଉରକେଲାର ଜଣେ ଯୁବତୀଙ୍କ ମୃତ୍ୟୁପରେ ତାଙ୍କ ମୃତଦେହକୁ ବକେୟା ଟଙ୍କା ପାଇଁ ଅଟକ ରଖାଯାଇଥିଲା ଉକ୍ତ ହସ୍ପିଟାଲରେ। ଗଣ୍ଡଗୋଳ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଆର୍‌ଏସ୍‌ପିରେ ସର୍କଲ ପୁରସ୍କାର ସମାରୋହ ଆୟୋଜିତ

ରାଉରକେଲା,୧୫।୧୦(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କର କାର୍ଯ୍ୟାଳୟ ସ୍ଥିତ ସମାଗମ ସମ୍ମିଳନୀ କକ୍ଷରେ ଅକ୍ଟୋବର ୧୧ରେ ଏକ ପୁରସ୍କାର ବିତରଣୀ ସମାରୋହ କରାଯାଇଥିଲା। ସେଫ୍ଟି ସର୍କଲ ପ୍ରତିଯୋଗିତାରେ ଉତ୍କର୍ଷତା ନିମନ୍ତେ ସେଫ୍ଟି ସର୍କଲ ଦଳଗୁଡିକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଅଧକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ସୁଶ୍ରୀ ଏସ୍.କାର୍ଥା ମଞ୍ଚାସୀନ ଥିଲେ। ଉଲ୍ଲେଖନୀୟ ଯେ,ଏହି ପ୍ରତିଯୋଗିତା ଗତ ସେପ୍ଟେମ୍ବର ୩୦ରେ ସେଫ୍ଟି ଇଞ୍ଜିନିୟରିଂ ବିଭାଗ(ଏସ୍‌ଇଡି) ଦ୍ୱାରା ଆୟୋଜିତ ହୋଇଥିଲା। ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଉତ୍କର୍ଷ ସୁରକ୍ଷା ସର୍କଲ ଦଳ ବିଜେତା ପୁରସ୍କାର ଲାଭ କରିଥିଲେ। ବିଜେତା ଦଳକୁ ୨୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେଭଳି ନୂତନ ପ୍ଲେଟ ମିଲ ବିଭାଗର ସମ୍ପୂର୍ଣ୍ଣ ସୁରକ୍ଷା ସର୍କଲ ଦଳ ପ୍ରଥମ ରନର୍ସ ଅପ୍ ଭାବେ ୧୫ହଜାର ଟଙ୍କା ପୁରସ୍କାର ପାଇଥିଲେ। ଇନଷ୍ଟ୍ରୁମେଣ୍ଟେସନ ଏବଂ ଅଟୋମେସନ ବିଭାଗର ପ୍ରଗତି ସେଫ୍ଟି ସର୍କଲ ଦଳକୁ ଦ୍ୱିତୀୟ ରନର୍ସ ଅପ୍ ପୁରସ୍କାର ଭାବେ ୧୦ହଜାର ଟଙ୍କା ମିଳିଥିଲା। ଫାଇନାଲିଷ୍ଟ ବିଭାଗ ଶ୍ରେଷ୍ଠ



ପୁରସ୍କାର ପ୍ରଦାନ ସମାରୋହରେ ଅଧିକାରୀ ଓ କର୍ମଚାରୀ।

ର୍‍ୟାକିଂ ଥିବା ପ୍ରତ୍ୟେକ ଦଳକୁ ମଧ୍ୟ ୫ହଜାର ଟଙ୍କା ପୁରସ୍କାର ମିଳିଥିଲା। ଏହି ଅବସରରେ ନିଜର ଅଭିଭାଷଣରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ କର୍ମକ୍ଷେତ୍ରର ସୁରକ୍ଷା ବୃଦ୍ଧି କରିବା ନେଇ ପ୍ରତ୍ୟେକ ବ୍ୟକ୍ତିଙ୍କ ମହତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ନିରନ୍ତର ଉନ୍ନତି ପଦକ୍ଷେପ ମାଧ୍ୟମରେ ସୁରକ୍ଷା ସଂସ୍କୃତିକୁ ସୁଦୃଢ କରିବା ଦିଗରେ କାରଖାନାର ସୁରକ୍ଷା ପ୍ରତିବଦ୍ଧତାକୁ ସେ ଦୋହରାଇ ଥିଲେ। ସୁଶ୍ରୀ କାର୍ଥା ତାଙ୍କ ଅଭିଭାଷଣରେ ସେଫ୍ଟି ସର୍କଲ କାର୍ଯ୍ୟଧାରାରେ କର୍ମଚାରୀମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣକୁ ପ୍ରଶଂସା କରିବା ସହିତ କର୍ମଚାରୀଙ୍କୁ ସେମାନଙ୍କ ସକ୍ରିୟ ପ୍ରୟାସ ଜାରି ରଖିବାକୁ ଉତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ପ୍ରତିଯୋଗିତାରେ କାରଖାନାର ବିଭିନ୍ନ ବିଭାଗୀୟ ଦଳଗୁଡିକ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଆର୍‌ଏସ୍‌ପିରେ ସଫଳତାର ସହିତ କାର୍ଯ୍ୟକାରୀ ହୋଇଥିବା ସେଫ୍ଟି ସର୍କଲ ଧାରଣା, ଅସୁରକ୍ଷିତ ପରିସ୍ଥିତିକୁ ଠିକ ଭାବେ ଚିହ୍ନଟ କରିବା ସହ ବିପଦ ହ୍ରାସ କରିବା ପାଇଁ ବ୍ୟବହାରିକ ସମାଧାନ ପରାମର୍ଶ ସହିତ ସପ ବିଭାଗ କର୍ମଚାରୀମାନଙ୍କୁ ସଶକ୍ତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ନିୟମିତ ବୈଠକ, ମାନସ ମନ୍ଥନ ଅଧିବେଶନ ଏବଂ ସାଥି କର୍ମଚାରୀମାନଙ୍କ ମଧ୍ୟରେ ଶିକ୍ଷା ସହଭାଗିତା ମାଧ୍ୟମରେ ଏହି ସବୁ ଟିମଗୁଡିକ ତୃଣମୂଳ ସ୍ତରରେ ସୁରକ୍ଷା ଅଭ୍ୟାସକୁ ଆହୁରି ସୁଦୃଢ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। କାର୍ଯ୍ୟକ୍ରମ ଶେଷରେ ଏସଇଡି ବିଭାଗର ଜିଏମ୍ ଅବକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏସଇଡି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ପ୍ରଜ୍ଞା ନାଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଆଣ୍ଟିବାୟୋଟିକ୍ ପ୍ରତିରୋଧ ସହ ଲଢ଼ିବା ଫର୍ମୁଲା ବିକଶିତ

ରାଉରକେଲା,୧୫।୧୦(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାର ଗବେଷକମାନେ ଔଷଧୀୟ ବୃକ୍ଷର ନିର୍ଗମକୁ ବ୍ୟବହାର କରି ଶକ୍ତିଶାଳୀ ଆଣ୍ଟିବ୍ୟାକ୍ଟେରିଆଲ ଏଜେଣ୍ଟ ବା ଜାରକ ଉତ୍ପାଦନ କରିଛନ୍ତି। ଯାହା ପରିବେଶଗତ ଭାବରେ ସୁରକ୍ଷିତ ଓ ପ୍ରଭାବଶାଳୀ। ଉକ୍ତ ଗବେଷଣା ଆଣ୍ଟିମାଇକ୍ରୋବିଆଲ୍ ପ୍ରତିରୋଧର ସମସ୍ୟାକୁ ସମାଧାନ କରେ। ପାରମ୍ପରିକ ଆଣ୍ଟିବାୟୋଟିକ୍ସର ଅତ୍ୟଧିକ ବ୍ୟବହାର ଫଳରେ ସୁପରବଗ୍ସ ବୃଦ୍ଧି ପାଇଥାଏ। ଫଳରେ ତାହା ଚିକିତ୍ସା ପ୍ରତିରୋଧି ହୋଇଥାଏ। ସାରା ବିଶ୍ୱରେ ବୈଜ୍ଞାନିକମାନେ ଏହି ସୁପରବଗ୍ସ ସହିତ ଲଢ଼ିବା ପାଇଁ ବିକଳ୍ପ ପଦ୍ଧତି ଖୋଜୁଛନ୍ତି। ପ୍ରତିଷ୍ଠିତ ସରଫେସେସ୍ ଅଫ୍ ଇଣ୍ଟରଫେସେସ୍ ଜର୍ନାଲରେ ପ୍ରକାଶିତ ଏହି ଅଧ୍ୟୟନକୁ ଜୀବବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ସୁମନ ଝା ଏବଂ ତାଙ୍କ ଗବେଷଣା ଟିମ୍‌ର ବିଦ୍ୱାନ କୁମାରୀ ଶୁଭମ୍, ସୋନାଲୀ ଜେନା ଓ ମୋନାଲିସା ଓଝା ପ୍ରମୁଖ ଗବେଷଣାକୁ ଲିପିବଦ୍ଧ କରିଥିଲେ। ଉକ୍ତ ଗବେଷଣାରେ ଅଧ୍ୟୟନ କରାଯାଇଥିବା ଏକ ସାମଗ୍ରୀ ହେଉଛି ଜିଙ୍କ ଅକ୍ସାଇଡ୍ ସୂକ୍ଷ୍ମ କଣିକା। ଏହି କଣିକା ଗୁଡ଼ିକ ଏତେ ପରିମାଣରେ କ୍ଷୁଦ୍ର ଅଟନ୍ତି ଯେ, ଏହାକୁ ହଜାର ହଜାର ସଂଖ୍ୟାରେ କଣିକା ମନୁଷ୍ୟ କେଶର ପ୍ରସ୍ଥ ମଧ୍ୟରେ ତାହାକୁ ଫିଟ୍ କରାଯାଇପାରିବ।



ରାଉରକେଲା ଏନ୍‌ଆଇଟିର ଗବେଷକମାନେ।

ଏହି କ୍ଷୁଦ୍ର କଣିକା ଗୁଡ଼ିକ ଜୀବାଣୁ କୋଷ ଗୁଡ଼ିକ କ୍ଷତି ପହଞ୍ଚାଇଥାଏ। ସେମାନଙ୍କର ସାଧାରଣ କାର୍ଯ୍ୟକୁ ବାଧା ଦେଇଥାଏ। ଏହି ସୂକ୍ଷ୍ମକଣିକାର ପାରମ୍ପରିକ ସଂଶ୍ଳେଷଣ ସାଧାରଣତଃ କଠୋର ରାସାୟନିକ ପଦାର୍ଥ ବ୍ୟବହାର କରିଥାଏ। ଯାହା ମଣିଷ ଓ ପରିବେଶ ପାଇଁ ବିଷାକ୍ତ ହୋଇଥାଏ। ଏହି ସମସ୍ୟାର ସମାଧାନ ପାଇଁ ଏନ୍‌ଆଇଟି ରାଉରକେଲା ଗବେଷକମାନେ ଜିଙ୍କ୍ ଅକ୍ସାଇଡ୍ ସୂକ୍ଷ୍ମ କଣିକା ଉତ୍ପାଦନ ପାଇଁ ଏକ ପରିବେଶ ଅନୁକୂଳ ପଦ୍ଧତି ଗ୍ରହଣ କରିଛନ୍ତି। କଠୋର ରାସାୟନିକ ପଦାର୍ଥ ବଦଳରେ ଗବେଷକମାନେ ଗେଣ୍ଡୁ, ଆମ୍ବ ଓ ୟୁକାଲିପଟାସ ଭଳି ଗଛର ପତ୍ର ଓ ଫୁଲର ନିର୍ଗତ ଜିଙ୍କ ଲବଣକୁ ଜିଙ୍କ୍ ଅକ୍ସାଇଡ୍ ସୂକ୍ଷ୍ମ କଣିକାରେ ପରିଣତ କରିବା ପାଇଁ ଏକ ନିଷ୍କାସନ ଦ୍ୱାରା ଉତ୍ପାଦିତ ଫାଇଟୋକମ୍ପାଉଣ୍ଡ ଶୋଷଣ କରିଥାଏ।ଏହି ନିର୍ଗମଗୁଡ଼ିକ ସୂକ୍ଷ୍ମକଣିକାର ସଂଶ୍ଳେଷଣରେ ସହାୟକ ହେବା ସହିତ ଏକ ଔଷଧୀୟ ରକ୍ଷାକବଚ ବା ଫାଇଟୋକରୋନା ସୃଷ୍ଟି କରିବା ସୂକ୍ଷ୍ମ କଣିକା ଗୁଡ଼ିକ ସ୍ଥିର କରିବା, ଆଣ୍ଟିବାକ୍ଟେରିଆଲ୍ କାର୍ଯ୍ୟର ସ୍ଥିରତା ସୁନିଶ୍ଚିତ କରିବା, ଦ୍ୱୈତ ଆଣ୍ଟିବାକ୍ଟେରିଆଲ ପ୍ରଭାବ ପ୍ରଦାନ କରିଥାଏ। ଗବେଷଣା ସମ୍ପର୍କରେ ଆଲୋକପାତ କରି ଏନ୍‌ଆଇଟି ରାଉରକେଲା ଜୀବବିଜ୍ଞାନ ବିଭାଗର ସହଯୋଗୀ ପ୍ରାଧ୍ୟାପକ ପ୍ରଫେସର ସୁମନ ଝା କହିଛନ୍ତି, ଆମର ଦୃଷ୍ଟିକୋଣ ହେଉଛି ସ୍ୱାସ୍ଥ୍ୟସେବା ପରିଷ୍କାର ପରିଚ୍ଛନ୍ନତା ଏବଂ ଖାଦ୍ୟ ସଂରକ୍ଷଣ ପ୍ରୟୋଗରେ ସମନ୍ୱିତ ହୋଇପାରିବା। ପରିମାପଯୋଗ୍ୟ ସୁଲଭ ଓ ପରିବେଶଗତ ଭାବରେ ସୁରକ୍ଷିତ ଆଣ୍ଟିବାୟୋଟିକ୍ସ ସାମଗ୍ରୀ ବିକଶିତ କରିବା ଓ ବିଶ୍ୱର ସ୍ୱାସ୍ଥ୍ୟ ଓ ସ୍ଥାୟିତ୍ୱ ଲକ୍ଷ୍ୟରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ରହିଛି ବୋଲି ଝା କହିଥିଲେ। ସୂଚନାଯୋଗ୍ୟ, ନିର୍ଗମନ ସହିତ ଆବୃତ ସୂକ୍ଷ୍ମକଣିକା ଯଥା ଗେଣ୍ଡୁ ପାଖୁଡାରୁ ତିଆରି ସୂକ୍ଷ୍ମ କଣିକା ରାସାୟନିକ ଭାବେ ସଂଶ୍ଳେଷିତ ସୂକ୍ଷ୍ମ କଣିକା କିମ୍ବା କେବଳ ଉଦ୍ଭିଦ ନିର୍ଗମନ ଅପେକ୍ଷା ଜୀବାଣୁ ହତ୍ୟା କରିବାରେ ଦୁଇଗୁଣା ପ୍ରଭାବଶାଳୀ ବୋଲି ଜଣାପଡ଼ିଛି। ଉକ୍ତ ପଦ୍ଧତି ଏକ ଘରୋଇ, ସ୍ଥାୟୀ ସମାଧାନକୁ ପ୍ରୋତ୍ସାହିତ କରେ। ଆମଦାନୀ ହୋଇଥିବା ଔଷଧ ଓ ସିନ୍ଥେଟିକ୍ ଆଣ୍ଟିବାୟୋଟିକ୍ ଉପରେ ନିର୍ଭରଶୀଳତା ହ୍ରାସ କରିବ। ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ସହିତ ସମନ୍ୱିତ ଏବଂ ଆତ୍ମନିର୍ଭରଶୀଳତା, ନବସୃଜନ, ନେତୃତ୍ୱାଧୀନ ବିଜ୍ଞାନ ମାଧ୍ୟମରେ ଏକ ବିକଶିତ ଭାରତ ଗଢ଼ିବାରେ ଯୋଗଦାନ ଦେଇଥାଏ।

**ପୂର୍ବତନ ରାଷ୍ଟ୍ରପତି ଅବ୍ଦୁଲ କଲାମଙ୍କ ଜୟନ୍ତୀ, ବିଶ୍ୱ ହାତଧୁଆ ଦିବସ ପାଳିତ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲରେ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଡିଏଭି ସ୍କୁଲ ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଲାମଙ୍କ ଫଟୋରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରଯାଇଥିଲା। ଏଥିସହ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକାର ଶିକ୍ଷା ଓ ମନୋରଞ୍ଜନଧର୍ମୀ ଦଳଗତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସଂକ୍ଷେପରେ

### ଜାତୀୟ ବାଇଥେଲ: ଅମୀୟଙ୍କୁ ବ୍ରୋଞ୍ଜ



ଅମିୟ କୁମାର ପ୍ରଧାନ।

ନାକଟିଦେଉଳ,୧୫।୧୦(ବୈକୁଣ୍ଠନାଥ ସାହୁ)

ମଧ୍ୟପ୍ରଦେଶର ଇନ୍ଦୋରଠାରେ ଗତ ୭ ତାରିଖ ସମ୍ପନ୍ନ ହୋଇଥିବା ଜାତୀୟ ଦୌଡ଼ ଯୁକ୍ତ ସନ୍ତରଣ ବା ବାଇଥେଲ ଚାମ୍ପିୟନଶିପରେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବିଜାଗଡ଼ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପୁରାତନ ଛାତ୍ର ତଥା ଉପରମୁଣ୍ଡା ଗ୍ରାମ ନିବାସୀ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ କନିଷ୍ଠ ପୁତ୍ର ଅମିୟ କୁମାର ପ୍ରଧାନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ତାଙ୍କ ସହିତ ପ୍ରଣବ ଦାସ ଓ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ମଧ୍ୟ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହା ସହିତ ଅମିୟ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଅମିୟଙ୍କ ଏହି ସଫଳତା ପାଇଁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତି, ଖେଳ ଶିକ୍ଷକ ସୁଜିତ କୁମାର ସାହୁ, ବିଜାଗଡ଼ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ସାହୁ, ବଞ୍ଜା ଗୋଳା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରଜଚନ୍ଦ୍ର ସାହୁ, ହୁସେନ କୁମାର ସାହୁ ଓ କ୍ରୀଡ଼ା ପ୍ରଶିକ୍ଷକ ବିଭୂତି ଭୂଷଣ ପ୍ରଧାନ ଅଭିନନ୍ଦନ ଜଣାଇଛନ୍ତି। ଅମିୟ ସମ୍ବଲପୁର ଓ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲରୁ ପଶିକ୍ଷଣ ସମାପ୍ତ କରି ଅଧୁନା ଟିଟିଲାଗଡ଼ ଓମଭେଲି ଆବାସିକ ବିଦ୍ୟାଳୟରେ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି।

### କୁଟୁରାଚୁଆଁ କଲେଜରେ ଅବଦୁଲ କଲାମ ଜୟନ୍ତୀ

କୁଚିଣ୍ଡା,୧୫।୧୦(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତ୨ କଲେଜରେ ବୁଧବାର ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ତଥା ମିଶାଇଲ ମ୍ୟାନ ଡ.ଅବଦୁଲ କାଲାମଙ୍କ ଜନ୍ମଦିନ ଓ ବିଶ୍ୱ ଛାତ୍ର ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନୀଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଅତିଥିମାନେ କାଲାମଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ପଟେଲ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଝାରୀ, ଅଧ୍ୟାପିକା ଭାନା ପାଣ୍ଡେ, ଡେମୋଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ଯୋଗଦେଇ କାଲାମଙ୍କ ଭାରତର ମିଶାଇଲ କ୍ଷେତ୍ରରେ ଅବଦାନ ଓ ତାଙ୍କ ଛାତ୍ର ବତ୍ସଳସହ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭେଷଜ କୁମାର ଗରଡିଆ, ଜୟଦେବ ରାଉତ, ଅସିମ କୁମାର ପରୁଆଙ୍କ ସମେତ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ସୁଧିର କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଉଁରପୁର ଦେଇ ଘଣ୍ଟେଶ୍ୱରୀ ପୀଠକୁ ଆମବସ୍ ଚଳାଅ

## କମିବ ଅଧା ଦୂରତା, ବହୁ ଗ୍ରାମ ହେବ ଆମବସ ସହ ସଂଯୋଗ

ସମ୍ବଲପୁର,୧୫।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାରେ ରହିଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେବେ ଆବଶ୍ୟକ ଭିତ୍ତିଭୂମିର ଅଭାବ ଯୋଗୁ ପର୍ଯ୍ୟଟକମାନେ ସୁବିଧାରେ ପର୍ଯ୍ୟଟନସ୍ଥଳୀରେ ପହଞ୍ଚି ପାରୁନାହାନ୍ତି। ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଚିପଲିମାସ୍ଥିତ ଘଣ୍ଟେଶ୍ୱରୀ ପୀଠକୁ ପ୍ରତିଦିନ ଶହଶହ ପର୍ଯ୍ୟଟକ ଦର୍ଶନ କରିବାକୁ ପହଞ୍ଚିଥାନ୍ତି। ସମ୍ବଲପୁର ସହରରୁ ଘଣ୍ଟେଶ୍ୱରୀ ପୀଠକୁ ପହଞ୍ଚିବା ପାଇଁ ଭଡାରେ ଟାକ୍ସିର ସୁବିଧା ସହ ଆମ ବସ ଚଳାଚଳ କରୁଛି। ସମ୍ବଲପୁରଠାରୁ ଘଣ୍ଟେଶ୍ୱରୀ ପୀଠର ଦୂରତା ମହାନଦୀ ଦ୍ୱିତୀୟ ବ୍ରିଜ ଦେଇ ମାତ୍ର ୧୫ କିମି। ତେବେ ଆମବସ ଅଇଁଠାପାଲି ଗୋଶାଳା ଦେଇ ଚିପଲିମାକୁ ପହଞ୍ଚୁଥିବାରୁ ଯାତ୍ରୀଙ୍କୁ ୩୫ କିମି ଦୂରତା ପଡୁଛି। ଯଦ୍ୱାରା ପର୍ଯ୍ୟଟକମାନେ ଅଧିକ ୨୦କିମି ବୁଲି ଘଣ୍ଟେଶ୍ୱରୀକୁ ଯାଉଥିବା ବେଳେ ଅଧିକ ସମୟ ମଧ୍ୟ ଅପଚୟ ହେଉଛି। ଅନ୍ୟଥା ଚାଉଁରପୁର ବାଟରେ ଯିବାକୁ ଚାହିଁଲେ ଘରୋଇ ଗାଡି ଭଡାରେ ନେବାକୁ ପଡୁଛି। ବର୍ତ୍ତମାନ ଆମବସରେ ଯାଉଥିବା ପର୍ଯ୍ୟଟକ ଚିପଲିମା ପାୱାର ପ୍ଲାଣ୍ଟ ଦେଇ ରହିଥିବା ସଙ୍କୀର୍ଣ୍ଣ ରାସ୍ତାରେ ମନ୍ଦିର ନିକଟରେ ପହଞ୍ଚିଥାନ୍ତି। ତେଣୁ ସବୁଜ ବନାନୀରେ ଭରପୁର ଆକର୍ଷକ ପରିବେଶ ଦେଇରହିଥିବା ଘଣ୍ଟେଶ୍ୱରୀ ରାସ୍ତାରେ ଆମବସ ଚଳାଚଳ କଲେ ପର୍ଯ୍ୟଟକମାନଙ୍କ ପାଇଁ ନିଆରା ଅନୁଭୂତି ହେବା ସହ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ଅଧିକ ପର୍ଯ୍ୟଟକ ଘଣ୍ଟେଶ୍ୱରୀ ପୀଠକୁ ପହଞ୍ଚି ପାରନ୍ତେ ବୋଲି ଅନେକ ମତ ଦେଉଛନ୍ତି। ଏନେଇ ଅଧିକାର ଅନୁଷ୍ଠାନ ସଂଯୋଜକ ଗିରିଧାରୀ ଖୁରା କହିଛନ୍ତି, ଆମେ ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କୁ ଏନେଇ ଲିଖିତ ଦାବିପତ୍ର ପ୍ରଦାନ କରି ସାରିଛୁ। ସମ୍ବଲପୁରରୁ ଚାଉଁରପୁର ଦେଇ ଘଣ୍ଟେଶ୍ୱରୀଙ୍କୁ ସଂଯୋଗ କରୁଥିବା ରାସ୍ତା ସବୁଠାରୁ ଛୋଟ ରୁଟ। ତେବେ ଏହିରୁଟ ପାଇଁ କୌଣସି ସାଧାରଣ ପରିବହନ ଉପଲବ୍ଧ ନାହିଁ। ତେଣୁ ଏହି ରୁଟରେ ଆମବସ ସେବା ଆରମ୍ଭ ହେଲେ ସମ୍ବଲପୁରରୁ ବଗବୀରା ନିକଟରେ ରହିଥିବା ମନ୍ଦିର ପର୍ଯ୍ୟନ୍ତ ଜନସାଧାରଣ ଉପକୃତ ହୋଇ ପାରନ୍ତେ ବୋଲି ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ କହିଛନ୍ତି ଏହି ରୁଟର ବାଟରେ ପଡୁଥିବା ଚାଉଁରପୁର, ବରହମପୁରା, ଜାମପାଲି, ସିହ୍ନାପାଲି, ବଗବୀରା ଆଦି ଗ୍ରାମବାସୀମାନେ ମଧ୍ୟ ଉପକୃତ ହୋଇ ପାରନ୍ତେ। ଏନେଇ ଆରଟିଓ ରାମଦାସ ଟୁଡୁ କହିଛନ୍ତି, ଜିଲାରେ ପର୍ଯ୍ୟଟନର ବିକାଶ ନେଇ ପ୍ରଶାସନ ଏବଂ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ହାତକୁ ନିଆଯାଉଛି। କିଛିଦିନ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ବଲପୁରକୁ ନୂତନ ଇ-ବସ ପ୍ରଦାନ କରାଯାଇଛି। ଆଗକୁ ଆହୁରି କିଛି ବସ ସମ୍ବଲପୁରକୁ ଆସିବାର ଯୋଜନା ରହିଛି। ଆମ ବସଗୁଡିକ ପର୍ଯ୍ୟାୟକ୍ରମେ ଲୋକଙ୍କ ଆବଶ୍ୟକତା ଅନୁସାରେ ବିଭିନ୍ନ ନୂତନ ରୁଟରେ ଚଳାଚଳ ଆରମ୍ଭ କରିଛୁ। ଆଗକୁ ଆଉ କିଛି ବସ ଆସିବାର ରହିଛି। ସେହି ସମୟରେ ବସ ଆସିଲେ ଘଣ୍ଟେଶ୍ୱରୀ ପୀଠକୁ ରହିଥିବା ରାସ୍ତାରେ ମଧ୍ୟ ଆମବସ ଚଳାଚଳ ସୁବିଧା କରାଯାଇ ପାରିବ ବୋଲି ଆରଟିଓ ଟୁଡୁ ସୂଚନା ଦେଇଛନ୍ତି।



ଘଣ୍ଟେଶ୍ୱରୀ ପୀଠକୁ ରହିଥିବା ସଂକୀର୍ଣ୍ଣ ରାସ୍ତା।

# ଆଦିବାସୀଙ୍କ ପ୍ରତି ହେଉଥିବା ଅନ୍ୟାୟର ପ୍ରତିବାଦ କରାଯିବ



ବୈଠକରେ ଯୋଗଦେଇଥିବା ଆଦିବାସୀ ନେତା ଓ ମହିଳା ପୁରୁଷ।

କୁଚିଣ୍ଡା,୧୫।୧୦(ବିରଞ୍ଚି ଦର୍ଜୀ)

## ଏକତା ମଞ୍ଚ ବୈଠକରେ ନିଷ୍ପତ୍ତି

ସମ୍ବଲପୁର ଜିଲା କୁଚିଣ୍ଡା ଶ୍ରମିକ ଭବନଠାରେ ବୁଧବାର ଆଦିବାସୀ ଏକତା ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଗଜେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କୁଚିଣ୍ଡା ଓ ଜମନକିରା ବ୍ଲକର ବହୁସଂଖ୍ୟକ ଆଦିବାସୀ ମହିଳା ପୁରୁଷ ଯୋଗଦେଇ ଥିଲେ। ଏଥିରେ ଆଦିବାସୀଙ୍କ ଜଙ୍ଗଲ, ଜମି ଓ ଜଳ ଅଧିକାର ଉପରେ ଆଲୋଚନା କରି ଆଗାମୀ ଦିନରେ ହକ ହାସଲ ନିମନ୍ତେ ସମସ୍ତେ ସଙ୍ଗଠିତ ହୋଇ ଲଢେଇ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଜଙ୍ଗଲ ଜମି ପଟ୍ଟା ପାଇବାରୁ ବଞ୍ଚିତ ଆଦିବାସୀ ପରିବାରଙ୍କୁ ପୁନଶ୍ଚ ଆବେଦନର ସୁଯୋଗ ପ୍ରଦାନ କରିବା ସହ ଚାଷ ହୋଇଥିବା ଜଙ୍ଗଲ ଜମିର ପଞ୍ଜିକରଣ କରାଯାଇ ଧାନ ବିକ୍ରୀର ସୁବିଧା ନିମନ୍ତେ ସରକାର ଓ ପ୍ରଶାସନ ଉପରେ ଦାବି ଜଣାଇବାକୁ ଚୂଡ଼ାନ୍ତ ହୋଇଥିଲା। ତୃଣମୂଳ ସ୍ତରରୁ ସମସ୍ତେ ଏକଜୁଟ ହୋଇ ଆଦିବାସୀଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୋଧରେ ପ୍ରତିବାଦ କରିବାପାଇଁ ପ୍ରସ୍ତାବ ନିଆଯାଇଥିଲା। ବୈଠକରେ ସଙ୍ଗଠକ ଲମୱୋଧର କୁମୂରା, ରଘୁମଣୀ ମାଝି, ଲମ୍ବୋଦର ପ୍ରଧାନ, ପ୍ରସନ୍ନ ପ୍ରଧାନ, ଚନ୍ଦ୍ରମଣି ମାଝି, ହରେଷ ଭୋଇ, ସୀତାରାମ ଚାରଦିଆ, ପର୍ଶୁରାମ ମାଝି, ନରେଶ ବଲୁଆ ପ୍ରମୁଖ ଆଦିବାସୀ ନେତା ଯୋଗ ଦେଇ ଆଦିବାସୀଙ୍କ ହକ ଓ ଅଧିକାର ନିମନ୍ତେ ରଣ କୌଶଳ ଉପରେ ଆଲୋଚନା କରିଥିଲେ।

# ବକେୟା ଅର୍ଥ ଦାବିରେ ଏସ୍‌ଏଚ୍‌ଜି ମହିଳାଙ୍କ ଧାରଣା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ଏସ୍‌ଏଚ୍‌ଜି ସଦସ୍ୟାମାନେ।

ସମ୍ବଲପୁର,୧୫।୧୦(ପ୍ରମୋଦ ବହିଦାର)

ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଧନକଉଡ଼ା ମୌଜା ଅନ୍ତର୍ଗତ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ପୋଖରୀରୁ ପଙ୍କୋଦ୍ଧାର ପାଇଁ ଠିକାରେ ନିୟୋଜିତ କରାଯାଇଥିଲା। ତେବେ ଏବାବଦକୁ ବକେୟା ରାଶି ମିଳି ନ ଥିବାରୁ ୧୦ ଏସ୍‌ଏଚ୍‌ଜିର ସଦସ୍ୟାମାନେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ପରେ ଏସ୍‌ଏମ୍‌ସି ଉପାୟୁକ୍ତ ଶୁଭଦିପ୍ତା ମହାନ୍ତି ସେଠାରେ ପହଞ୍ଚି ଆସନ୍ତା ମଙ୍ଗଳବାର ସୁଦ୍ଧା ବକେୟା ରାଶି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଲା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ।

ଏସ୍‌ଏଚ୍‌ଜି ସଦସ୍ୟାଙ୍କ କହିବା ଅନୁସାରେ ମୁକ୍ତା ଯୋଜନାରେ ସତସଙ୍ଗ ବିହାରର ବାନିକଁଟା(ପୋଖରୀ) ପଙ୍କୋଦ୍ଧାର ପାଇଁ ଏସ୍‌ଏମ୍‌ସି ପକ୍ଷରୁ ଗତ ୨୦୨୩ ଡିସେମ୍ବର ୭ରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଏସ୍‌ଏଚ୍‌ଜିଙ୍କୁ ୧୧ ଲକ୍ଷ ୭୨ ହଜାର ୮୨୪ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହି ଅନୁସାରେ ସେମାନେ ଗୋଷ୍ଠୀରଣ ଆଦି ନେଇ କାମ ସମ୍ପୂର୍ଣ୍ଣ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଏବାବଦକୁ ବକେୟା ଟଙ୍କା ପ୍ରଦାନ କରାଯାଇ ନାହିଁ। ଗତ ବର୍ଷ ନୂଆଁଖାଇ ସମୟରେ ଏସ୍‌ଏଚ୍‌ଜି ପିଛା ମାତ୍ର ୪ ଲକ୍ଷ ୨୦ହଜାର ଟଙ୍କା ଲେଖାଏ ଆଂଶିକ ଦେୟ ପ୍ରଦାନ କରାଯାଇଥିଲା। ମାତ୍ର ଅବଶିଷ୍ଟ ୭ ଲକ୍ଷ ୫୨ ହଜାର ୮୨୪ ଟଙ୍କା ଲେଖାଏ ବକେୟା ରାଶି ପ୍ରଦାନ ପାଇଁ ଏସ୍‌ଏମ୍‌ସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନାହାନ୍ତି। ଯଦ୍ୱାରା ସେମାନଙ୍କ ଋଣର ସୁଧହାର ବୃଦ୍ଧି ପାଇବା ସହିତ ଏହାକୁ ନେଇ ପରିବାରରେ ମଧ୍ୟ କଳହ ସୃଷ୍ଟି ହେଉଛି। ତେଣୁ ଗତ ଏକ ବର୍ଷ ହେଲା ଏସ୍‌ଏମ୍‌ସି କର୍ତ୍ତୃପକ୍ଷ ଓ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ନୟାନ୍ତ ହୋଇ ସାରିଲେଣି ବୋଲି ସେମାନେ କହିଛନ୍ତି। ତେଣୁ ସମସ୍ତ ଏସ୍‌ଏଚ୍‌ଜି ୮ ତାରିଖରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଅକ୍ଟୋବର ୧୩ ତାରିଖ ସୁଦ୍ଧା ବକେୟା ଅର୍ଥ ପ୍ରଦାନ କରା ନ ଗଲେ ୧୫ ତାରିଖ ସେମାନେ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଥିଲେ। ମାତ୍ର ଆଜି ପ୍ରଥମେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏସ୍‌ଏଚ୍‌ଜି ମହିଳାମାନେ ଧାରଣା ଦେଇଥିଲେ। ଖବର ପାଇ ଏସ୍‌ଏମ୍‌ସି ଉପାୟୁକ୍ତ ସେଠାରେ ପହଞ୍ଚି ବକେୟା ରାଶି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରିଛନ୍ତି ବୋଲି ଏସ୍‌ଏଚ୍‌ଜି ସଦସ୍ୟା ଅନୀତା ଓରାମ କହିଛନ୍ତି।

# ଓଡ଼ିଶା ସାଂସ୍କୃତିକ ସମାଜର ପ୍ରତିଷ୍ଠା ଦିବସ

ସମ୍ବଲପୁର,୧୫।୧୦(ବି.ଶଙ୍କର)

ଓଡ଼ିଶା ସାଂସ୍କୃତିକ ସମାଜର ୫୫ତମ ପ୍ରତିଷ୍ଠା ଦିବସ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ମଙ୍ଗଳବାର ରାତି ୯ଟାରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ପରେଶ ଦାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନ ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ଅରୁଣ ସାହୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସମ୍ପାଦକ ଦୀନବନ୍ଧୁ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିସହ ଚଳିତବର୍ଷର ନୂଆଁଖାଇ ପର୍ବ ପାଳନ, ଗୁଣ୍ଡିଖାଇ ଭେଟ୍‌ଘାଟ ଆୟୋଜନ ଓ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଉପରେ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ପଟେଲ ଗତ ଆର୍ଥିକ ବର୍ଷର ଆୟ ବ୍ୟୟ ଉପସ୍ଥାପନ କରିଥିଲେ। ଏ ବର୍ଷ ଅନୁଷ୍ଠାନର ସାମିଲ ହୋଇଥିବା ସଭ୍ୟାସଭ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ବକ୍ତା ଅରବିନ୍ଦ ମହାପାତ୍ର, ଅର୍ଜ୍ଜୁନରଞ୍ଜନ ପଣ୍ଡା, ରତ୍ନଭୂଷଣ ପୃସେଠ୍, କବିତା ପୁରୋହିତ, ଡ.ସନ୍ତୋଷ ଦାଶ, ହୃଷୀକେଶ ପୁରୋହିତ, ସୂର୍ଯ୍ୟ ପାଣିଗ୍ରାହୀ, ଡ.ଗିରିଧାରୀ ହୋତା, ଶିବ ନାରାୟଣ ପାଣିଗ୍ରାହୀ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଉପସଭାପତି ପ୍ରଶାନ୍ତ କୁମାର ପାଟଯୋଷୀ, ଯୁଗ୍ମ ସମ୍ପାଦକ ସୁରେଖା ସାହୁ, କାର୍ଯ୍ୟାଳୟ ସମ୍ପାଦକ ଅଖିଳ ରଞ୍ଜନ ପଟ୍ଟନାୟକ, ପରିବେଶ ଉପ ସମିତି ଆବାହକ ଦିଲୀପ କୁମାର ବଘାର ଓ ପାଠାଗାର ଉପସମିତି ଆବାହକ ଡ. ସତ୍ୟନାରାୟଣ ଠାକୁର ମଞ୍ଚାସୀନ ଥିଲେ। ଶେଷରେ ଯୁଗ୍ମସମ୍ପାଦକ ଲଳିତ ବେବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ଅବଦୁଲ କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ



ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ସମ୍ବଲପୁର,୧୫।୧୦(ବି.ଶଙ୍କର)

ଭାରତରତ୍ନ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ୯୫ତମ ଜୟନ୍ତୀ ଓଡିଶା ସାଂସ୍କୃତିକ ସମାଜ ଆନୁକୂଲ୍ୟରେ ଧନୁପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାକକ୍ଷରେ ବୁଧବାର ପାଳିତ ହୋଇଯାଇଛି। ସଭାପତି ଡ.ପରେଶ ଦାନୀ ସଭାରେ ସଭାପତିତ୍ୱ କରି ଛାତ୍ରୀଛାତ୍ରଙ୍କୁ ଅବଦୁଲ କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଦେଇ ଏପରି କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ସାଂସ୍କୃତିକ ସମାଜକୁ କୃତଜ୍ଞତା ଜ୍ଞାପନ କରିଥିଲେ। ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ପାଢୀଙ୍କ ନିର୍ଦ୍ଦେଶନାରେ ସୋମ୍ୟା ସୋନାଲିକା କୁମ୍ଭାର, ଅନ୍ୱେଷା ପଣ୍ଡା ଓ ନମ୍ରତା ସାହୁ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ, ମହାପୁରୁଷଙ୍କ ଜୀବନୀରୁ ଛାତ୍ରୀଛାତ୍ରମାନେ ଉଦ୍‌ବୁଦ୍ଧ ହେବାକୁ ଏପରି କାର୍ଯ୍ୟକ୍ରମ ଆୟୋଜନ ହେଉଥିବା କହିଥିଲେ। ମୁଖ୍ୟବକ୍ତା ସୁଶ୍ରୀ ସନ୍ତୋଷିନୀ ବାବୁ ଭାରତରତ୍ନ କାଲାମଙ୍କ ଛାତ୍ରୀଛାତ୍ରଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ଉପଦେଶ ତାଙ୍କ ଚରିତ୍ର ଗଠନରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀକାନ୍ତ ଷଡଙ୍ଗୀ କଲାମଙ୍କର ଥ୍ରୀ ଡି ଉପରେ ଆଲୋକପାତ କରିଥିଲେ। ଶେଷରେ କାର୍ଯ୍ୟାଳୟ ସମ୍ପାଦକ ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହିକ୍ରମରେ ସକାଳ ୯ଟାରେ ସମ୍ବଲପୁର ସହର ଜିଲା ସ୍କୁଲ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ରାମାନୁଜ ପଣ୍ଡା, ପ୍ରଫୁଲ୍ଲ ହୋତା, ଶ୍ୟାମ ସୁନ୍ଦର ଅଗ୍ରୱାଲ, ଅଶୋକ କୁମାର ମିଶ୍ର, ସୂର୍ଯ୍ୟ ପାଣିଗ୍ରାହୀ, ଶିବ ନାରାୟଣ ପାଣିଗ୍ରାହୀ, କୈଳାଶ ମିସ୍ତ୍ରୀ ଓ ଶାନ୍ତନୁ ପାଢୀ ଯୋଗ ଦେଇଥିଲେ।

# ରେଳ ମଣ୍ଡଳରେ ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ

ସମ୍ବଲପୁର,୧୫।୧୦(ପ୍ରମୋଦ ବହିଦାର)




ସଫେଇ କାର୍ଯ୍ୟକ୍ରମରେ ସାମିଲ ରେଳ କର୍ମଚାରୀଙ୍କ ଗହଣରେ ରେଳ ମଣ୍ଡଳ ପ୍ରବନ୍ଧକ।

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ପାଳିତ ସ୍ୱଚ୍ଛତା ପକ୍ଷ ବୁଧବାର ଉଦ୍‌ଯାପିତ ହୋଇଛି। ଗତ ଅକ୍ଟୋବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ରେଳ ମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଶୀର୍ଷକ ସ୍ୱଚ୍ଛତା ପକ୍ଷ-୨୫ ଆୟୋଜିତ ହୋଇଥିଲା। ଅଭିଯାନର ଉଦ୍‌ଯାପନୀ ଦିବସରେ ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀଙ୍କ ନେତୃତ୍ୱରେ ସମ୍ବଲପୁର ରେଳ ଷ୍ଟେଶନ ପରିସର ଓ ରେଳ ନଗରସ୍ଥିତ ମଣ୍ଡଳ ରେଳ ଚିକିତ୍ସାଳୟରେ ଏକ ମେଗା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଳବାଇ ଅଧିକାରୀ ଏବଂ କର୍ମଚାରୀମାନେ ଶ୍ରମଦାନ କରିଥିଲେ। ଏହି ଅବସରରେ ସମ୍ବଲପୁରର ରେଳ ମଣ୍ଡଳ ପ୍ରବନ୍ଧକ ସ୍ୱଚ୍ଛ ସଚେତନତା ଉପରେ ରେଳ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ। ରେଳ ମଣ୍ଡଳ ପରିବେଶ ଓ ହାଉସ୍‌କିପିଂ ପରିଚାଳନା(ଇଏନ୍‌ଏଚ୍‌ଏମ୍) ଶାଖା ଆନୁକୂଲ୍ୟରେ ପାଳିତ ସ୍ୱଚ୍ଛତା ପକ୍ଷ ଅଭିଯାନରେ ବିଭିନ୍ନ ଦିନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେଥିମଧ୍ୟରେ ସ୍ୱଚ୍ଛ ସମ୍ବାଦ, ସ୍ୱଚ୍ଛ ଷ୍ଟେଶନ, ସ୍ୱଚ୍ଛ ରେଳଗାଡ଼ି, ସ୍ୱଚ୍ଛ ପଟ୍ରି, ସ୍ୱଚ୍ଛ ପରିସର, ସ୍ୱଚ୍ଛ ଆହାର, ସ୍ୱଚ୍ଛ ପ୍ରସାଦନ, ସ୍ୱଚ୍ଛ ନୀର ଆଦି ବିଭିନ୍ନ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ହାଉସକିପିଂ କର୍ମଚାରୀଙ୍କ ଆଲୋଚନାଚକ୍ର, ରେଳଷ୍ଟେଶନ ସଫେଇ, ସଫେଇ ଉପକରଣର ପ୍ରୟୋଗ ଓ ବ୍ୟବହାର, ରେଳଗାଡ଼ିରେ ଥିବା ଶୌଚାଳୟଠାରୁ ଆରମ୍ଭ କରି ୱାସ ବେସିନ, ବର୍ଥ, ରେଳ ଧାରଣା ଓ ଏଥିସଂଲଗ୍ନ ଅଞ୍ଚଳର ସଫେଇ, ରେଳ କଲୋନୀ ଓ ଚିକିତ୍ସାଳୟ ସହିତ ବିଶ୍ରାମଗୃହ, ପରୀକ୍ଷା କକ୍ଷ ଆଦିର ସଫେଇ କରାଯାଇଥିଲା। ସେହିପରି ଉକ୍ତ ଅଭିଯାନରେ ରେଳ କର୍ମଚାରୀଙ୍କ ସନ୍ତାନଙ୍କ ମଧ୍ୟରେ ସ୍ୱଚ୍ଛ ପ୍ରତିଯୋଗିତା ଶୀର୍ଷକ ଏକ ସ୍ୱଚ୍ଛତା ସଚେତନତା ଧର୍ମୀ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ବିଭିନ୍ନ ରେଳ ଷ୍ଟେଶନରେ ପ୍ଲାଷ୍ଟିକର ଏକକ ବ୍ୟବହାର ନିଷେଧାଦେଶର ଉଲ୍ଲଂଘନକାରୀ ଦୋକାନୀମାନଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିଲା।

# ସମ୍ବଲପୁରୀ ଭାଷାରେ ହେବ ଶ୍ରୀରାମଙ୍କ ଅଯୋଧ୍ୟା ଫିରୁଛନ ନାଟକ

ସମ୍ବଲପୁର,୧୫।୧୦(ଭବାନୀ ଶଙ୍କର ଭୋଇ)

ନବରତ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୧୯ତାରିଖରେ ଦୀପାବଳି ଅବସରରେ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନକୁ ସ୍ମରଣ କରି ଶ୍ରୀରାମ ଅଯୋଧ୍ୟା ଫିରୁଛନ ନାଟକ ପ୍ରଦର୍ଶନ କରାଯିବ। ଗଙ୍ଗାଧର ମୁକ୍ତମଞ୍ଚରେ ସମ୍ବଲପୁରୀ ଭାଷାରେ ନାଟକ ପରିବେଷିତ ହେବ ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ଆୟୋଜନ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ରାମ ଭୂମିକାରେ ଏଲ.ଏନ.ପୂଜାରୀ, ଲକ୍ଷ୍ମଣ ଭୂମିକାରେ ରାହୁଲ ଗୁପ୍ତା, ସୀତା ଭୂମିକାରେ ଶ୍ୱେତା ପଣ୍ଡା, ଅଭିନୟ କରିବେ। ସମ୍ବଲପୁରୀ ଭାଷାରେ ନାଟକ ପରିବେଷଣ କରି ଭାଷା ସଂସ୍କୃତିର ମାନ୍ୟତା ପାଇଁ ଦାବି ଉପସ୍ଥାପନା କରାଯିବ ବୋଲି ଖବରଦାତା ସମ୍ମିଳନୀରେ ନବରତ୍ନ ସାଂସ୍କୃତିକ ଅନୁଷ୍ଠାନ ସଭାପତି ବାବଲୁ ବାଗ, କାର୍ଯ୍ୟକାରୀ ସଭାପତି ରାହୁଲ ଗୁପ୍ତା, ଉପସଭାପତି ଲଳିତ ମୋହନ ବେବର୍ତ୍ତା, ସାଧାରଣ ସମ୍ପାଦକ ସ୍ୱାଧୀନ ପଣ୍ଡା କହିଛନ୍ତି।

# ଜୟନ୍ତୀରେ କଲାମଙ୍କ ପ୍ରତିମୂର୍ତ୍ତିକୁ ଅଣଦେଖା

ସମ୍ବଲପୁର,୧୫।୧୦(ବି.ଶଙ୍କର)



ସମ୍ବଲପୁର ଜିଲା ସ୍କୁଲ ଛକ ସ୍ଥିତ ଡ. କଲାମଙ୍କ ପ୍ରତିମୂର୍ତ୍ତିରେ ରଙ୍ଗ ଛାଡିଛି।

ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ତଥା ମିସାଇଲ ମ୍ୟାନ ଡ. ଏପିଜେ ଅବଦୁଲ କଲାମ ଭାରତବର୍ଷର ଜଣେ ଯୁଗପୁରୁଷ ଅଟନ୍ତି। ୧୯୩୧ ଅକ୍ଟୋବର ୧୫ରେ ତାମିଲନାଡୁ ରାଜ୍ୟର ରାମେଶ୍ୱରମଠାରେ ତାଙ୍କର ଜନ୍ମ। ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ତାଙ୍କର ଉଚ୍ଚାଭିଳାଷି ମନୋଭାବ ହିଁ ତାଙ୍କୁ ଶିଖରରେ ପହଞ୍ଚାଇଥିଲା। ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଡ. କଲାମ ସମ୍ବଲପୁର ଆସିଥିଲେ। ଏହି ମହାନ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ସ୍ମୃତିରେ ୨୦୧୭ରେ ଜିଲା ସ୍କୁଲ ଛକରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଏହାକୁ ଅଣଦେଖା କରାଯାଉଛି। ପ୍ରତିମୂର୍ତ୍ତିରେ ଫାଟ ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ରଙ୍ଗ ଛାଡିଯାଇଛି। ଏପରି କି କୌଣସି ସମୟରେ ପ୍ରତିମୂର୍ତ୍ତି ଭାଙ୍ଗି ତଳେ ପଡିବା ସମ୍ଭାବନା ରହିଛି। ବୁଧବାର ସକାଳେ ସମ୍ବଲପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଡ. କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହା ପ୍ରକୃତରେ ଜିଲା ପ୍ରଶାସନ ପକ୍ଷରୁ ପୂର୍ବତନ ରାଷ୍ଟ୍ରପତିଙ୍କ ପ୍ରତି ଅପମାନ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତି, ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଅର୍ଥର ବ୍ୟବସ୍ଥା ହେଉଛି। ଅଥଚ କାର୍ଯ୍ୟ ଠିକ ଭାବରେ ହୋଇପାରୁ ନାହିଁ। ଏହି ପରିପ୍ରେକ୍ଷୀରେ ଅବହେଳିତ ପ୍ରତିମୂର୍ତ୍ତି ଓ ସମ୍ବଲପୁରରେ ଥିବା ବିଭିନ୍ନ ଉଦ୍ୟାନ ସମସ୍ୟା ବିଷୟରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମହାନଗର ନିଗମ ଆୟୁକ୍ତ ରେହାନ ଖେତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖୁବଶୀଘ୍ର ଉଚିତ ପଦକ୍ଷେପ ନିଆଯିବ ବୋଲି ଆୟୁକ୍ତ ଖେତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।




## 'ଧରିତ୍ରୀ' ପ୍ରଭାବ

# ୭ ଅଧିକାରୀଙ୍କ ବଦଳି ସ୍ଥଗିତ

### ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଆଦର୍ଶ ଆଚରଣବିଧି ଉଲ୍ଲଂଘନ ପ୍ରସଙ୍ଗ

### 'ଏମ୍‌ସିସି' ଉଲ୍ଲଂଘନ ନେଇ ମଗାଯାଇଛି ରିପୋର୍ଟ

ଭୁବନେଶ୍ୱର,୧୫।୧୦
(ରବିନାରାୟଣ ଜେନା)

ଭାରତ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ନିର୍ଦ୍ଦେଶକୁ ଅବମାନନା କରି ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଏବେ ଅଳକରେ। ବିଭାଗ ପକ୍ଷରୁ ସୋମବାର ଏବଂ ମଙ୍ଗଳବାର ଯେଉଁ ଅଧିକାରୀଙ୍କୁ ନୂଆପଡ଼ାରେ ନିଯୁକ୍ତି ଓ ବଦଳି କରାଯାଇଥିଲା, ସେଥିମଧ୍ୟରୁ ୭ ଜଣଙ୍କ ଆଦେଶକୁ ବୁଧବାର ସ୍ଥଗିତ ରଖାଯାଇଛି। ହେଲେ ୧୩ ତାରିଖରେ ଜାରି ବିଜ୍ଞପ୍ତିରେ ବିଜୟ କୁମାର ମାଝୀଙ୍କୁ ନବରଙ୍ଗପୁରରୁ ନୂଆପଡ଼ା ଖରିଆର ଫିଶ୍ ଫାର୍ମକୁ ଓ ଖରିଆର ଫିଶ୍ ଫାର୍ମରେ ଥିବା ଭବାନୀ ଶଙ୍କର ପଣ୍ଡାଙ୍କୁ କଳାହାଣ୍ଡି ଜିଲା ମତ୍ସ୍ୟ ଅଧିକାରୀ କାର୍ଯ୍ୟାଳୟକୁ ଯେଉଁ ବଦଳି କରାଯାଇଥିଲା, ସେନେଇ ବିଭାଗ ପକ୍ଷରୁ କୌଣସି ସ୍ଥଗିତାଦେଶ ବୁଧବାର ଅପରାହ୍ଣ ସୁଦ୍ଧା ଜାରି ହୋଇ ନ ଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ରିପୋର୍ଟ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗକୁ ମଗାଯାଇଛି। ବିଭାଗ ଏନେଇ କ'ଣ ଉତ୍ତର ଦେଉଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ସୂଚନାଯୋଗ୍ୟ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ଚଳିତମାସ ୧୩ ଏବଂ ୧୪ ତାରିଖରେ ୩୬୩ ଜଣ ଓଭିଏସ୍ ଏବଂ ମତ୍ସ୍ୟ ଅଧିକାରୀଙ୍କୁ ନୂଆପଡ଼ା ସମେତ ବିଭିନ୍ନ ଜିଲାକୁ ବଦଳି ଓ ପୋଷ୍ଟିଂ କରାଯାଇଥିଲା। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଗତ ସୋମବାରଠାରୁ ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ଏହା ପୂର୍ବରୁ ଚଳିତମାସ ୬ ତାରିଖରୁ ସମ୍ପୂର୍ଣ୍ଣ ନୂଆପଡ଼ା ଜିଲାରେ ଆଦର୍ଶ ଆଚରଣବିଧି(କୋଡ୍ ଅଫ୍ କଣ୍ଡକ୍ଟ) ଲାଗୁ ହୋଇସାରିଛି। ନୂଆପଡ଼ା ଜିଲାରେ ଉପନିର୍ବାଚନ ଲାଗି ଆଦର୍ଶ ଆଚରଣବିଧି ବଳବତ୍ତର ରହିଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ କିଭଳି ଉକ୍ତ ଜିଲାରେ ସଂଖ୍ୟାଧିକ ଭେଟେରିନାରି ଓ ଫିଶେରୀ ସେବା ବର୍ଗର ଅଧିକାରୀଙ୍କୁ ବଦଳି ଓ ପୋଷ୍ଟିଂ କରାଗଲା, ସେନେଇ ବିଭାଗୀୟ ଅଧିକାରୀଙ୍କ ଅଭିଯୋଗକୁ ଆଧାରକରି 'ଧରିତ୍ରୀ' ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ୧୫ତାରିଖରେ ପ୍ରକାଶ ପାଇଥିଲା। ଏହାକୁ ନେଇ ବୁଧବାର ୭ ଜଣ ଅଧିକାରୀଙ୍କ ବଦଳି ଓ ପୋଷ୍ଟିଂ ଉପରେ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି ହୋଇଥିଲେ ହେଁ ଆଉ କେତେଜଣ ଅଧିକାରୀଙ୍କ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହୋଇନାହିଁ।

ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ବଦଳି ସ୍ଥଗିତାଦେଶ ମଧ୍ୟରେ ନୂଆପଡ଼ା ଜିଲା ଖରିଆର ବ୍ଲକ୍‌ରେ କାର୍ଯ୍ୟରତ ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ ଡା. ଶିବାନୀ ସୋନିଙ୍କୁ କଟକ-ବକ୍ସିବଜାର ଭିଏଏସ୍ ରେଫରାଲ ହସ୍ପିଟାଲକୁ ବଦଳି କରାଯାଇଥିବାବେଳେ ବଲାଙ୍ଗୀର ବଙ୍ଗମୁଣ୍ଡାରୁ ଭିଏଏସ୍ ଡା. ସତ୍ୟବ୍ରତ ପରିଡ଼ାଙ୍କୁ ନୂଆପଡ଼ା ଭିଏଏସ୍(ଏମ୍‌ଭିୟୁ), ପୁରୀ ଗୋପର ଭିଏଏସ୍ ଡା. ସାଗର ସାହୁଙ୍କୁ କୋମନା ବ୍ଲକର ଏଭିଏଏସ୍ ଭାବେ ଏବଂ ନୂଆପଡ଼ା କୋମନା ବ୍ଲକରେ ଥିବା ଡା. ପ୍ରତିଭା ମାଝୀଙ୍କୁ କଳାହାଣ୍ଡି ଏମ୍. ରାମପୁରକୁ ଏଭିଏଏସ୍ ଭାବେ ବଦଳି ନିର୍ଦ୍ଦେଶ ରହିଛି।

ସେହିପରି ବରିଷ୍ଠ ଓଭିଏସ୍ ଡା. ଶମ୍ଭୁପ୍ରସାଦ ସାହୁଙ୍କୁ ବଲାଙ୍ଗୀର ଦେଓଗାଁରୁ ନୂଆପଡ଼ା ଏଡିଭିଓ(ଡିସି) ଭାବେ, ବାଲେଶ୍ୱର ଏସ୍‌ଡିଭିଓ ଡା. ସୁଖେନ୍ଦୁ ରାୟଙ୍କୁ ନୂଆପଡ଼ା ସିଡିଭିଓ ଏବଂ ନୂଆପଡ଼ା ଏଡିଭିଓ ଡା. ବାଳକୃଷ୍ଣ ଦ୍ୱିବେଦୀଙ୍କୁ ଭୁବନେଶ୍ୱର ଏସ୍‌ଡିଭିଓ ଭାବେ ବଦଳି ଆଦେଶକୁ ମଧ୍ୟ ସ୍ଥଗିତ ରଖାଯାଇଛି।

# କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତିର ସଭାପତି, ସବୁ ସଦସ୍ୟ ନିଲମ୍ବିତ

ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)

ବ୍ୟାଙ୍କ ଅନିୟମିତତା ବିରୋଧରେ ସମବାୟ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନିଯୁକ୍ତି ପ୍ରଦାନରେ ଅନିୟମିତତା, ନିୟମ ବିରୁଦ୍ଧ ଅବୈଧ କାର୍ଯ୍ୟ, ବ୍ୟାଙ୍କର ନିୟମ, ଅଧିନିୟମ ଓ ମାର୍ଗଦର୍ଶିକାକୁ ଅତିକ୍ରମ କରି କାର୍ଯ୍ୟକରିବା, ଋଣ ପ୍ରଦାନରେ ନିୟମକୁ ପାଳନ ନ କରିବା ଆଦି ବିଭିନ୍ନ ଅଭିଯୋଗରେ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତିର ସଭାପତି ଓ ସମସ୍ତ ସଦସ୍ୟଙ୍କୁ ତତ୍କାଳ ନିଲମ୍ବନ ଆଦେଶ ଜାରି କରାଯାଇଛି। ଓଡ଼ିଶା ସମବାୟ ସମିତି ଆଇନ-୧୯୬୨(ସେକ୍ସନ-୩୨, ସବ୍-ସେକ୍ସନ-୭) ଅନୁସାରେ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ ଏହି ନିଲମ୍ବନ ଆଦେଶ ଜାରି କରିଛନ୍ତି। ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ କେନ୍ଦୁଝର ଜିଲାପାଳ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନାର ପ୍ରଶାସକ ଭାବେ କାର୍ଯ୍ୟ କରିବେ। ଅନିୟମିତତାଠାରୁ ଦୂରରେ ରହି ନୀତିନିଷ୍ଠ କର୍ତ୍ତବ୍ୟ ସମ୍ପାଦନ ପାଇଁ ସମବାୟ ବିଭାଗ ପକ୍ଷରୁ ସମସ୍ତ ବ୍ୟାଙ୍କ ଅଧିକାରୀ ଓ ବ୍ୟାଙ୍କ ପରିଚାଳନା ସମିତିକୁ ନିର୍ଦ୍ଦେଶ ଦିଆଯାଇଛି।

राष्ट्रीय परीक्षा एजेंसी
National Testing Agency
Excellence in Assessment
Department of Social Justice & Empowerment
Ministry of Social Justice & Empowerment
Government of India
ଉଚ୍ଚଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ

**ଲକ୍ଷିତ ଅଞ୍ଚଳଗୁଡ଼ିକରେ ଉଚ୍ଚତର ଶ୍ରେଣୀର ବିଦ୍ୟାର୍ଥୀଙ୍କ ପାଇଁ ଆବାସିକ ଶିକ୍ଷା ଯୋଜନା [ଶ୍ରେଷ୍ଠା (ଏନ୍‌ଇଟିଏସ୍) - ୨୦୨୬] ନିମନ୍ତେ ଅନ୍‌ଲାଇନ୍ ଆବେଦନ ଆହ୍ୱାନ ସମ୍ବନ୍ଧୀୟ ଘୋଷଣା**

ଜାତୀୟ ପରୀକ୍ଷା ଏଜେନ୍ସି ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ତରଫରୁ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଅନୁସୂଚିତ ଜାତି (ଏସ୍‌ସି)ର ବିଦ୍ୟାର୍ଥୀଙ୍କ ପାଇଁ ୯ମ ଓ ୧୧ଶ ଶ୍ରେଣୀରେ ନାମଲେଖା ନିମନ୍ତେ ଶ୍ରେଷ୍ଠା (ଏନ୍‌ଇଟିଏସ୍)-୨୦୨୬ ସଞ୍ଚାଳନ କରିବାକୁ ଯାଉଛି । ଶ୍ରେଷ୍ଠା କେବଳ ଅନୁସୂଚିତ ଜାତି (ଏସ୍‌ସି)ର ମେଧାବୀ ବିଦ୍ୟାର୍ଥୀଙ୍କ ଉଚ୍ଚମାନର ଶିକ୍ଷା ପାଇଁ ଉଦ୍ଦିଷ୍ଟ ଏକ ଯୋଜନା ଅଟେ ।

| | |
|---|---|
| ଅନ୍‌ଲାଇନରେ ଆବେଦନ ପତ୍ର ଦାଖଲ | ତା୧୦।୧୦।୨୦୨୫ରୁ ୩୦।୧୦।୨୦୨୫ରିଖ |
| ପରୀକ୍ଷା ତାରିଖ | ଡିସେମ୍ବର, ୨୦୨୫ ମାସରେ |
| ପରୀକ୍ଷା ପଦ୍ଧତି | କଲମ ଓ କାଗଜ ପଦ୍ଧତି (ଓଏମ୍‌ଆର୍) |
| ପ୍ରଶ୍ନପତ୍ର ଢାଞ୍ଚା | ବସ୍ତୁନିଷ୍ଠ ପ୍ରକାର ପ୍ରଶ୍ନାବଳୀ (ଏମ୍‌ସିକ୍ୟୁ) |

ସୂଚନା ବୁଲେଟିନ୍ ସମେତ ପରୀକ୍ଷା ଲାଗି ପଞ୍ଜୀକରଣ ସମ୍ବନ୍ଧୀୟ ସମସ୍ତ ଅନ୍ୟାନ୍ୟ ବିବରଣୀ ଜାତୀୟ ପରୀକ୍ଷା ଏଜେନ୍ସିର ଆନୁଷ୍ଠାନିକ ୱେବ୍‌ସାଇଟ୍(ଗୁଡ଼ିକ) www.nta.ac.in ଏବଂ https://exams.nta.nic.in/shreshta/ରେ ଉପଲବ୍ଧ ।

ଆଗ୍ରହୀ ପ୍ରାର୍ଥୀମାନଙ୍କୁ ଶେଷ ତାରିଖ କିମ୍ବା ତାହା ପୂର୍ବରୁ ଆବେଦନ କରିବା ଏବଂ ସଦ୍ୟତମ ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆନୁଷ୍ଠାନିକ ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପରାମର୍ଶ ଦିଆଯାଉଛି ।

ଶ୍ରେଷ୍ଠା-୨୦୨୬ ନିମନ୍ତେ ଆବେଦନ କରିବା ସମୟରେ ଯଦି କୌଣସି ପ୍ରାର୍ଥୀ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ସେ ୦୧୧-୪୦୭୫୯୦୦୦/୦୧୧-୬୯୨୨୭୭୦୦ ସହ ଯୋଗାଯୋଗ କରିପାରନ୍ତି କିମ୍ବା shreshta@nta.ac.in ରେ ଇମେଲ୍ କରିପାରନ୍ତି ।

ସ୍ୱା./-
(ନିର୍ଦ୍ଦେଶକ)
cbc 21354/12/0003/2526

# ମନ୍ଦିରରୁ ଝୁଲନ୍ତା ଅବସ୍ଥାରେ ମିଳିଲା ୨ ମୃତଦେହ

- କିନ୍ନର ପୂଜକ, ମିସ୍ତ୍ରି ଆତ୍ମହତ୍ୟା କରିଥିବା ଅଭିଯୋଗ
- ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ପ୍ରାଥମିକ ତଦନ୍ତ ପରେ ପୋଲିସର ସୂଚନା

ଜୟପୁର, ୧୫।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଗୋପବନ୍ଧୁ ନଗରସ୍ଥିତ କନକଦୁର୍ଗା ମନ୍ଦିର ପରିସରରେ ବୁଧବାର ଝୁଲନ୍ତା ଅବସ୍ଥାରେ ୨ ଜଣଙ୍କ ମୃତଦେହ ମିଳିଛି। ମୃତକ ହେଲେ ମନ୍ଦିର ପୂଜକ ତୃତୀୟ ଲିଙ୍ଗୀ ରାଜୁ ମାଛ ଓ ପାଇକ ସାହି ସମରା ଜାନୀ। ତେବେ ୨ ମୃତକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଟାଉନ ଥାନା ପୋଲିସ ପ୍ରକାଶ କରିଛି।

ସୂଚନାନୁଯାୟୀ, ଗୋପବନ୍ଧୁନଗରରେ ଥିବା କନକଦୁର୍ଗା ମନ୍ଦିର ପୂଜକ ଭାବେ ରାଜୁ ମାଛ କାର୍ଯ୍ୟ କରୁଥିଲେ। ସମରା ଜାନୀ ସ୍ଥାନୀୟ ଅଞ୍ଚଳରେ ମିସ୍ତ୍ରିଭାବେ କାମ କରନ୍ତି। ତେବେ ବୁଧବାର ସକାଳେ ଏକ ଲାଲରଙ୍ଗର ଶାଢ଼ିରେ ୨ ଜଣଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ଜୟପୁର ଟାଉନ ପୋଲିସକୁ ଖବର ଦେଇଥିଲେ। ଜୟପୁର ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ମୃତଦେହକୁ ତଳକୁ ଓହ୍ଲାଇ ପଞ୍ଚନାମାକରି ବ୍ୟବଚ୍ଛେଦ ପାଇଁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ଜୟପୁର ଟାଉନ ପୋଲିସ ୨୫/୨୫ ଓ ୨୬ /୨୫ ରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରାଥମିକ ତଦନ୍ତରୁ ୨ ଜଣ ଆତ୍ମହତ୍ୟ କରିଥିବା ଜଣାପଡ଼ିଥିବା କୋରାପୁଟ ଏସ୍‌ପି ରୋହିତ ବର୍ମା ସୂଚନା ଦେଇଛନ୍ତି। ସାଇଣ୍ଟିଫିକ୍ ଟିମ୍ ଏବେ ଘଟଣାର ତଦନ୍ତ କରୁଥିବା ସେ କହିଛନ୍ତି।



#*ଅଫର୍ ନିର୍ଦ୍ଦିଷ୍ଟ ମଡେଲ୍ ପାଇଁ ଉପଲବ୍ଧ, ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ବୈଧ। ଏହି ଅଫର୍ ୨୨ ସେପ୍ଟେମ୍ବର୍'୨୦୨୫ ରୁ ୨୨ ଅକ୍ଟୋବର୍'୨୦୨୫ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ସର୍ତ୍ତ ଓ ନିୟମାବଳୀ ପ୍ରଯୁଜ୍ୟ। ବିସ୍ତୃତ ସର୍ତ୍ତ ଓ ନିୟମାବଳୀ www.domesticappliances.philips.co.in/pages/sone-pe-suhaga-tnc ରେ ଉପଲବ୍ଧ।
ସମସ୍ତ ଛବି ଗୁଡିକ କେବଳ ପ୍ରତିନିଧିତ୍ୱ ଉଦ୍ଦେଶ୍ୟରେ ଦିଆଯାଇଛି। ଏଠାରେ ଘଣ୍ଟା ସମୟର ଗଣନା ଦିନକୁ ୮ ଘଣ୍ଟା ହିସାବରେ କରାଯାଇଛି।
ଅଫର ସମସ୍ତ ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଷ୍ଟୋରରେ ଉପଲବ୍ଧ ଅଛି।
croma Reliance digital
@philipshomelivingindia @philipshomelivingindia @smartcookingbyphilips www.domesticappliances.philips.co.in

## 'ଧରିତ୍ରୀ' ପ୍ରଭାବ

# ୭ ଅଧିକାରୀଙ୍କ ବଦଳି ସ୍ଥଗିତ

**ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଆଦର୍ଶ ଆଚରଣବିଧି ଉଲ୍ଲଂଘନ ପ୍ରସଙ୍ଗ**

**'ଏମ୍‌ସିସି' ଉଲ୍ଲଂଘନ ନେଇ ମଗାଯାଇଛି ରିପୋର୍ଟ**

ଭୁବନେଶ୍ୱର,୧୫।୧୦
(ରବିନାରାୟଣ ଜେନା)

ଭାରତ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ନିର୍ଦ୍ଦେଶକୁ ଅବମାନନା କରି ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଏବେ ଅକଳରେ। ବିଭାଗ ପକ୍ଷରୁ ସୋମବାର ଏବଂ ମଙ୍ଗଳବାର ଯେଉଁ ଅଧିକାରୀଙ୍କୁ ନୂଆପଡ଼ାରେ ନିଯୁକ୍ତି ଓ ବଦଳି କରାଯାଇଥିଲା, ସେଥିମଧ୍ୟରୁ ୭ ଜଣଙ୍କ ଆଦେଶକୁ ବୁଧବାର ସ୍ଥଗିତ ରଖାଯାଇଛି। ହେଲେ ୧୩ ତାରିଖରେ ଜାରି ବିଜ୍ଞପ୍ତିରେ ବିଜୟ କୁମାର ମାଝୀଙ୍କୁ ନବରଙ୍ଗପୁରରୁ ନୂଆପଡ଼ା ଖରିଆର ଫିଶ୍ ଫାର୍ମକୁ ଓ ଖରିଆର ଫିଶ୍ ଫାର୍ମରେ ଥିବା ଭବାନୀ ଶଙ୍କର ପଣ୍ଡାଙ୍କୁ କଳାହାଣ୍ଡି ଜିଲା ମତ୍ସ୍ୟ ଅଧିକାରୀ କାର୍ଯ୍ୟାଳୟକୁ ଯେଉଁ ବଦଳି କରାଯାଇଥିଲା, ସେନେଇ ବିଭାଗ ପକ୍ଷରୁ କୌଣସି ସ୍ଥଗିତାଦେଶ ବୁଧବାର ଅପରାହ୍ନ ସୁଦ୍ଧା ଜାରି ହୋଇ ନ ଥିଲା। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ରିପୋର୍ଟ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗକୁ ମଗାଯାଇଛି। ବିଭାଗ ଏନେଇ କ'ଣ ଉତ୍ତର ଦେଉଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ସୂଚନାଯୋଗ୍ୟ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ ଚଳିତମାସ ୧୩ ଏବଂ ୧୪ ତାରିଖରେ ୩୬୩ ଜଣ ଓଭିଏସ୍ ଏବଂ ମତ୍ସ୍ୟ ଅଧିକାରୀଙ୍କୁ ନୂଆପଡ଼ା ସମେତ ବିଭିନ୍ନ ଜିଲାକୁ ବଦଳି ଓ ପୋଷ୍ଟିଂ କରାଯାଇଥିଲା। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଗତ ସୋମବାରଠାରୁ ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ଏହା ପୂର୍ବରୁ ଚଳିତମାସ ୬ ତାରିଖରୁ ସମ୍ପୂର୍ଣ୍ଣ ନୂଆପଡ଼ା ଜିଲାରେ ଆଦର୍ଶ ଆଚରଣବିଧି(କୋଡ୍ ଅଫ୍ କଣ୍ଡକ୍ଟ) ଲାଗୁ ହୋଇସାରିଛି। ନୂଆପଡ଼ା ଜିଲାରେ ଉପନିର୍ବାଚନ ଲାଗି ଆଦର୍ଶ ଆଚରଣବିଧି ବଳବତ୍ତର ରହିଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ କିଭଳି ଉକ୍ତ ଜିଲାରେ ସଂଖ୍ୟାଧିକ ଭେଟେରିନାରି ଓ ଫିଶେରୀ ସେବା ବର୍ଗର ଅଧିକାରୀଙ୍କୁ ବଦଳି ଓ ପୋଷ୍ଟିଂ କରାଗଲା, ସେନେଇ ବିଭାଗୀୟ ଅଧିକାରୀଙ୍କ ଅଭିଯୋଗକୁ ଆଧାରକରି 'ଧରିତ୍ରୀ' ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ୧୫ତାରିଖରେ ପ୍ରକାଶ ପାଇଥିଲା। ଏହାକୁ ନେଇ ବୁଧବାର ୭ ଜଣ ଅଧିକାରୀଙ୍କ ବଦଳି ଓ ପୋଷ୍ଟିଂ ଉପରେ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି ହୋଇଥିଲେ ହେଁ ଆଉ କେତେଜଣ ଅଧିକାରୀଙ୍କ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହୋଇନାହିଁ।

ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ବଦଳି ସ୍ଥଗିତାଦେଶ ମଧ୍ୟରେ ନୂଆପଡ଼ା ଜିଲା ଖରିଆର ବ୍ଲକ୍‌ରେ କାର୍ଯ୍ୟରତ ଭେଟେରିନାରି ଆସିଷ୍ଟାଣ୍ଟ ସର୍ଜନ ଡା. ଶିବାନୀ ସୋନିଙ୍କୁ କଟକ-ବକ୍ସିବଜାର ଭିଏଏସ୍ ରେଫରାଲ ହସ୍ପିଟାଲକୁ ବଦଳି କରାଯାଇଥିବାବେଳେ ବଲାଙ୍ଗୀର ବଙ୍ଗମୁଣ୍ଡାରୁ ଭିଏଏସ୍ ଡା. ସତ୍ୟବ୍ରତ ପରିଡ଼ାଙ୍କୁ ନୂଆପଡ଼ା ଭିଏଏସ୍(ଏମ୍‌ଭିୟୁ), ପୁରୀ ଗୋପର ଭିଏଏସ୍ ଡା. ସାଗର ସାହୁଙ୍କୁ କୋମନା ବ୍ଲକର ଏଭିଏଏସ୍ ଭାବେ ଏବଂ ନୂଆପଡ଼ା କୋମନା ବ୍ଲକରେ ଥିବା ଡା. ପ୍ରତିଭା ମାଝୀଙ୍କୁ କଳାହାଣ୍ଡି ଏମ୍. ରାମପୁରକୁ ଏଭିଏଏସ୍ ଭାବେ ବଦଳି ନିର୍ଦ୍ଦେଶ ରହିଛି।

ସେହିପରି ବରିଷ୍ଠ ଓଭିଏସ୍ ଡା. ଶମ୍ଭୁପ୍ରସାଦ ସାହୁଙ୍କୁ ବଲାଙ୍ଗୀର ଦେଓଗାଁରୁ ନୂଆପଡ଼ା ଏଡିଭିଓ(ଡିସି) ଭାବେ, ବାଲେଶ୍ୱର ଏସ୍‌ଡିଭିଓ ଡା. ସୁଖେନ୍ଦୁ ରାୟଙ୍କୁ ନୂଆପଡ଼ା ସିଡିଭିଓ ଏବଂ ନୂଆପଡ଼ା ଏଡିଭିଓ ଡା. ବାଳକୃଷ୍ଣ ଦ୍ୱିବେଦୀଙ୍କୁ ଭୁବନେଶ୍ୱର ଏସ୍‌ଡିଭିଓ ଭାବେ ବଦଳି ଆଦେଶକୁ ମଧ୍ୟ ସ୍ଥଗିତ ରଖାଯାଇଛି।

# ସୁସ୍ଥ ଶରୀର ପାଇଁ ସନ୍ତୁଳିତ ଆହାର, ଜୀବନଶୈଳୀ ଆବଶ୍ୟକ

**ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଅଷ୍ଟମ ପୋଷଣ ମାସ**

ଭୁବନେଶ୍ୱର,୧୫।୧୦(ସୁଚିସ୍ମିତା ସାହୁ)

ପ୍ରତିଟି ସୁସ୍ଥ ଶରୀର ପାଇଁ ସନ୍ତୁଳିତ ଆହାର ସହ ଉନ୍ନତ ଜୀବନଶୈଳୀର ଆବଶ୍ୟକତା ରହିଛି। ମହିଳା ହୁଅନ୍ତୁ କି ଶିଶୁ, ଠିକ୍ ପୋଷଣଯୁକ୍ତ ଖାଦ୍ୟ ଖାଇଲେ ହିଁ ସେମାନେ ସୁସ୍ଥ ଶରୀର ଗଢ଼ିପାରିବେ। ଆମର ଉତ୍ତମ ଅଭ୍ୟାସ ହିଁ ଆମ ଉତ୍ତରପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଅଷ୍ଟମ ପୋଷଣ ମାସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଅଷ୍ଟମ ପୋଷଣ ମାସ ବୁଧବାର ଲୋକସେବା ଭବନ ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇ କହିଲେ, ଚଳିତ ବର୍ଷ ପୋଷଣ ମାସରେ ସମୂହ ସଚେତନତାକୁ ଏକ ଜନ ଆନ୍ଦୋଳନରେ ପରିଣତକରିବା ନିମନ୍ତେ କ୍ଷେତ୍ର ଅଧିକାରୀମାନେ ଚେଷ୍ଟାକରିଥିଲେ। ଏଥିରେ ମହିଳା ଓ ଶିଶୁଙ୍କ ଖାଦ୍ୟରେ ଚିନି ଓ ତେଲ ପରିମାଣ କମ୍ କରିବା ସହ ଶୈଶବ ଅବସ୍ଥାରେ ଶିଶୁଙ୍କ ଯତ୍ନ ଓ ଖାଦ୍ୟ ଏବଂ କ୍ଷେତ୍ରରେ ପୁରୁଷଙ୍କ ସହଭାଗିତା ନେଇ ସଚେତନ କରାଯାଇଥିଲା। ପୋଷଣ ଅଭିଯାନ ମାଧ୍ୟମରେ ରାଜ୍ୟରେ ୫୪,୮୧,୯୫୨ଟି ବିଷୟଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ହୋଇଥିବାବେଳେ ଏହାର ସଫଳତା ପାଇଁ ବିଭାଗୀୟ ସଚିବ ତୃଣମୂଳସ୍ତରରେ କାର୍ଯ୍ୟରତ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଦୈନିକ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱ ଦେଇଥିଲେ। ଦୈନିକ ବ୍ୟାୟାମ, ଯୋଗ, ପୁଷ୍ଟିକର ଖାଦ୍ୟ ମାଧ୍ୟମରେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିପାରିବା ବୋଲି ସେ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ମଧୁମିତା ରଥ ଯୋଗଦେଇ ପୋଷଣ ସହ ଜଡ଼ିତ ବିଭାଗୀୟ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସଚେତନତା ଅଭିଯାନରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପୁରୀ, ଭଦ୍ରକ ଓ କେନ୍ଦ୍ରାପଡ଼ାକୁ ପୁରସ୍କୃତ କରାଯାଇଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ସଚିବ ଜ୍ୟୋତି ଏମ୍. ପ୍ରଧାନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଗୀତାଞ୍ଜଳି ନାଏକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସ୍ମିତିଜିତ ପଟ୍ଟନାୟକ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଦାରିଦ୍ର୍ୟଭଞ୍ଜନ ମହାପାତ୍ର, ଉଚ୍ଚ ଶିକ୍ଷା ବିଭାଗର ଡେପୁଟି ସଚିବ ରଜତ କୁମାର ମାନସିଂ,ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଡେପୁଟି ସଚିବ ସଂଘମିତ୍ରା ବେହେରା ପ୍ରମୁଖ ଯୋଗଦେଇଥିଲେ। ମହିଳା ଓ ଶିଶୁବିଭାଗର ଅତିରିକ୍ତ ସଚିବ ଏନ୍.ସି. ଜ୍ୟୋତିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

# କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତିର ସଭାପତି, ସବୁ ସଦସ୍ୟ ନିଲମ୍ବିତ

ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)

ବ୍ୟାଙ୍କ ଅନିୟମିତତା ବିରୋଧରେ ସମବାୟ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନିଯୁକ୍ତି ପ୍ରଦାନରେ ଅନିୟମିତତା, ନିୟମ ବିରୁଦ୍ଧ ଅବୈଧ କାର୍ଯ୍ୟ, ବ୍ୟାଙ୍କର ନିୟମ, ଅଧିନିୟମ ଓ ମାର୍ଗଦର୍ଶିକାକୁ ଅତିକ୍ରମ କରି କାର୍ଯ୍ୟକରିବା, ଋଣ ପ୍ରଦାନରେ ନିୟମକୁ ପାଳନ ନ କରିବା ଆଦି ବିଭିନ୍ନ ଅଭିଯୋଗରେ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତିର ସଭାପତି ଓ ସମସ୍ତ ସଦସ୍ୟଙ୍କୁ ତତ୍କାଳ ନିଲମ୍ବନ ଆଦେଶ ଜାରି କରାଯାଇଛି। ଓଡ଼ିଶା ସମବାୟ ସମିତି ଆଇନ-୧୯୬୨(ସେକ୍ସନ-୩୨, ସବ୍-ସେକ୍ସନ-୭) ଅନୁସାରେ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ ଏହି ନିଲମ୍ବନ ଆଦେଶ ଜାରି କରିଛନ୍ତି। ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ କେନ୍ଦୁଝର ଜିଲାପାଳ କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନାର ପ୍ରଶାସକ ଭାବେ କାର୍ଯ୍ୟ କରିବେ। ଅନିୟମିତତାଠାରୁ ଦୂରରେ ରହି ନୀତିନିଷ୍ଠ କର୍ତ୍ତବ୍ୟ ସମ୍ପାଦନ ପାଇଁ ସମବାୟ ବିଭାଗ ପକ୍ଷରୁ ସମସ୍ତ ବ୍ୟାଙ୍କ ଅଧିକାରୀ ଓ ବ୍ୟାଙ୍କ ପରିଚାଳନା ସମିତିକୁ ନିର୍ଦ୍ଦେଶ ଦିଆଯାଇଛି।

# ମନ୍ଦିରରୁ ଝୁଲନ୍ତା ଅବସ୍ଥାରେ ମିଳିଲା ୨ ମୃତଦେହ

- **କିନ୍ନର ପୂଜକ, ମିସ୍ତ୍ରି ଆତ୍ମହତ୍ୟା କରିଥିବା ଅଭିଯୋଗ**
- **ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ପ୍ରାଥମିକ ତଦନ୍ତ ପରେ ପୋଲିସର ସୂଚନା**

ଜୟପୁର, ୧୫।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଗୋପବନ୍ଧୁ ନଗରସ୍ଥିତ କନକଦୁର୍ଗା ମନ୍ଦିର ପରିସରରେ ବୁଧବାର ଝୁଲନ୍ତା ଅବସ୍ଥାରେ ୨ ଜଣଙ୍କ ମୃତଦେହ ମିଳିଛି। ମୃତକ ହେଲେ ମନ୍ଦିର ପୂଜକ ତୃତୀୟ ଲିଙ୍ଗୀ ରାଜୁ ମାଛ ଓ ପାଇକ ସାହି ସମରା ଜାନୀ। ତେବେ ୨ ମୃତକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଟାଉନ ଥାନା ପୋଲିସ ପ୍ରକାଶ କରିଛି।

ସୂଚନାନୁଯାୟୀ, ଗୋପବନ୍ଧୁନଗରରେ ଥିବା କନକଦୁର୍ଗା ମନ୍ଦିର ପୂଜକ ଭାବେ ରାଜୁ ମାଛ କାର୍ଯ୍ୟ କରୁଥିଲେ। ସମରା ଜାନୀ ସ୍ଥାନୀୟ ଅଞ୍ଚଳରେ ମିସ୍ତ୍ରିଭାବେ କାମ କରନ୍ତି। ତେବେ ବୁଧବାର ସକାଳେ ଏକ ଲାଲରଙ୍ଗର ଶାଢ଼ିରେ ୨ ଜଣଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖି ଜୟପୁର ଟାଉନ ପୋଲିସକୁ ଖବର ଦେଇଥିଲେ। ଜୟପୁର ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ମୃତଦେହକୁ ତଳକୁ ଓହ୍ଲାଇ ପଞ୍ଚନାମାକରି ବ୍ୟବଚ୍ଛେଦ ପାଇଁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ଜୟପୁର ଟାଉନ ପୋଲିସ ୨୫/୨୫ ଓ ୨୬ /୨୫ ରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରାଥମିକ ତଦନ୍ତରୁ ୨ ଜଣ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିବା କୋରାପୁଟ ଏସ୍‌ପି ରୋହିତ ବର୍ମା ସୂଚନା ଦେଇଛନ୍ତି। ସାଇଣ୍ଟିଫିକ୍ ଟିମ୍ ଏବେ ଘଟଣାର ତଦନ୍ତ କରୁଥିବା ସେ କହିଛନ୍ତି।


राष्ट्रीय परीक्षा एजेंसी
National Testing Agency
Excellence in Assessment
Department of Social Justice & Empowerment
Ministry of Social Justice & Empowerment
Government of India

ଉଚ୍ଚଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ

**ଲକ୍ଷ୍ୟିତ ଅଞ୍ଚଳଗୁଡ଼ିକରେ ଉଚ୍ଚତର ଶ୍ରେଣୀର ବିଦ୍ୟାର୍ଥୀଙ୍କ ପାଇଁ ଆବାସିକ ଶିକ୍ଷା ଯୋଜନା**

**[ଶ୍ରେଷ୍ଠା (ଏନ୍‌ଇଟିଏସ୍) - ୨୦୨୬] ନିମନ୍ତେ ଅନ୍‌ଲାଇନ୍ ଆବେଦନ ଆହ୍ୱାନ ସମ୍ବନ୍ଧୀୟ ଘୋଷଣା**

ଜାତୀୟ ପରୀକ୍ଷା ଏଜେନ୍ସି ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ତରଫରୁ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଅନୁସୂଚିତ ଜାତି (ଏସ୍‌ସି)ର ବିଦ୍ୟାର୍ଥୀଙ୍କ ପାଇଁ ୯ମ ଓ ୧୧ଶ ଶ୍ରେଣୀରେ ନାମଲେଖା ନିମନ୍ତେ ଶ୍ରେଷ୍ଠା (ଏନ୍‌ଇଟିଏସ୍)-୨୦୨୬ ସଞ୍ଚାଳନ କରିବାକୁ ଯାଉଛି । ଶ୍ରେଷ୍ଠା କେବଳ ଅନୁସୂଚିତ ଜାତି (ଏସ୍‌ସି)ର ମେଧାବୀ ବିଦ୍ୟାର୍ଥୀଙ୍କ ଉଚ୍ଚମାନର ଶିକ୍ଷା ପାଇଁ ଉଦ୍ଦିଷ୍ଟ ଏକ ଯୋଜନା ଅଟେ ।

| | |
|---|---|
| ଅନ୍‌ଲାଇନରେ ଆବେଦନ ପତ୍ର ଦାଖଲ | ତା୧୦।୧୦।୨୦୨୫ରୁ ୩୦।୧୦।୨୦୨୫ରିଖ |
| ପରୀକ୍ଷା ତାରିଖ | ଡିସେମ୍ବର, ୨୦୨୫ ମାସରେ |
| ପରୀକ୍ଷା ପଦ୍ଧତି | କଲମ ଓ କାଗଜ ପଦ୍ଧତି (ଓଏମ୍‌ଆର୍) |
| ପ୍ରଶ୍ନପତ୍ର ଢାଞ୍ଚା | ବସ୍ତୁନିଷ୍ଠ ପ୍ରକାର ପ୍ରଶ୍ନାବଳୀ (ଏମ୍‌ସିକ୍ୟୁ) |

ସୂଚନା ବୁଲେଟିନ୍ ସମେତ ପରୀକ୍ଷା ଲାଗି ପଞ୍ଜୀକରଣ ସମ୍ବନ୍ଧୀୟ ସମସ୍ତ ଅନ୍ୟାନ୍ୟ ବିବରଣୀ ଜାତୀୟ ପରୀକ୍ଷା ଏଜେନ୍ସିର ଆନୁଷ୍ଠାନିକ ୱେବ୍‌ସାଇଟ୍(ଗୁଡ଼ିକ) www.nta.ac.in ଏବଂ https://exams.nta.nic.in/shreshta/ରେ ଉପଲବ୍ଧ ।

ଆଗ୍ରହୀ ପ୍ରାର୍ଥୀମାନଙ୍କୁ ଶେଷ ତାରିଖ କିମ୍ବା ତାହା ପୂର୍ବରୁ ଆବେଦନ କରିବା ଏବଂ ସଦ୍ୟତମ ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆନୁଷ୍ଠାନିକ ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପରାମର୍ଶ ଦିଆଯାଉଛି ।

ଶ୍ରେଷ୍ଠା-୨୦୨୬ ନିମନ୍ତେ ଆବେଦନ କରିବା ସମୟରେ ଯଦି କୌଣସି ପ୍ରାର୍ଥୀ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ସେ ୦୧୧-୪୦୭୫୯୦୦୦/୦୧୧-୬୯୨୨୭୭୦୦ ସହ ଯୋଗାଯୋଗ କରିପାରନ୍ତି କିମ୍ବା shreshta@nta.ac.in ରେ ଇମେଲ୍ କରିପାରନ୍ତି ।

ସ୍ୱା./-
(ନିର୍ଦ୍ଦେଶକ)

cbc 21354/12/0003/2526





# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ –୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକର ଭାଇଚାରା ପାଇଁ ଦିବସବ୍ୟାପୀ ପ୍ରାୟଶ୍ଚିତ ଓ ସଂକଳ୍ପ ସତ୍ୟାଗ୍ରହ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ କଟକ ନାଟ୍ୟୋତ୍ସବର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସେଭେନ୍ ପିଲର୍ସ ଅଫ୍ ୱିଜଡମ ପ୍ରେକ୍ଷାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ପୁରୀ
- ବ୍ଲକ ସ୍ତରୀୟ କବାଡ଼ି ପ୍ରତିଯୋଗିତା, ସ୍ଥାନ: ସତ୍ୟବାଦୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଜିଲା ରକ୍ତଭଣ୍ଡାର, ବାଲେଶ୍ୱର, ସମୟ: ସକାଳ ୯ଟା।
- ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ ବିକାଶ କମିଟି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ ଗୃହ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ନନ୍ଦୁର ପଞ୍ଚାୟତ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ବୈଠକ, ସ୍ଥାନ: ବାଘାଯତୀନ ମାର୍କେଟ୍ କମ୍ପ୍ଲେକ୍ସ, ଶିଳ୍ପାଞ୍ଚଳ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ମା କାଳିନ୍ଦ୍ରୀ ଟ୍ରକ୍ ମାଲିକ ସଂଘର ୨ୟ ଦିନ ଧାରଣା, ସ୍ଥାନ: ଭାଗଡ଼ା ନାରାୟଣପୁର ଟୋଲ ଗେଟ୍, ଭଣ୍ଡାରିପୋଖରୀ, ସମୟ: ସକାଳ ୭ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶା ନିବାରଣ ସଚେତନତା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କେନ୍ଦୁଝର
- ବିଶ୍ୱ ଖାଦ୍ୟ ଦିବସ ପାଳନ, ସ୍ଥାନ: ପଞ୍ଚାୟତ ସମିତି, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଦିବସ, ସ୍ଥାନ: ପଥରଚାଟିଆ, ରାସଗୋବିନ୍ଦପୁର, ସମୟ:ରାତି ୮ଟା।

## ବ୍ରହ୍ମପୁର
- ଜିଲା ବିଜେଡି ପକ୍ଷରୁ ଦୀପଦାନ, ସ୍ଥାନ: ବୁଢ଼ୀ ଠାକୁରାଣୀ ପୀଠ, ସମୟ: ସକାଳ ୭ଟା।
- ବିକ୍ଷିତ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ମେଡିକାଲ କ୍ୟାମ୍ପସ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଭୁ ମଞ୍ଜୁଳ ମିଳନ ସ୍ତମ୍ଭ ଉଦ୍‌ଘାଟନ, ସ୍ଥାନ: ରାମଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୧ଟା।।

## ଗଞ୍ଜାମ
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଆସିକା ତାଲୁକା ଛକ ଏନଏସି କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।
- ୬୯ ତମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଖୋ ଖୋ ଚାମ୍ପିୟାନଶିପ, ସ୍ଥାନ: ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମ, ସମୟ: ଅପରାହ୍ନ ୩ ଟା।

## କନ୍ଧମାଳ
- ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଉପରେ ସମୀକ୍ଷା, ସ୍ଥାନ: ଫୁଲବାଣୀ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ
- ଓଡିଶା କୃଷକ ସଭାର ଜିଲା ସମ୍ମିଳନୀ, ସ୍ଥାନ: ଲେଖକ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଓରତ, ମହାକାଳପଡା, ସମୟ:ପୂର୍ବାହ୍ନ ୧୦ଟା ।

## ଯାଜପୁର
- ବାକି ପଡିଥିବା ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ପ୍ରକଳ୍ପ ସଂକ୍ରାନ୍ତରେ ଆଲୋଚନା, ସ୍ଥାନ : ପ୍ଲାନିଂ ଡେପୁଟି ଡାଇରେକ୍ଟଙ୍କ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୬ଟା୩୦।

## ନୟାଗଡ଼
- ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ:କଦଳୀବସ୍ତ, ସାଲୁଣି, ଚୁଡାଖିଆ, ଖେଡବାରଣା, ଚଣ୍ଡୀପ୍ରସାଦ,ଡାଳିଆପଡା ଓ ଗୁଣ୍ଡୁଣି, ସମୟ: ସକାଳ ୮ଟାରୁ ରାତି ୯ଟା ୩୦ ।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞରେ ପୂର୍ଣ୍ଣାହୂତି, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ଅପରାହ୍ନ ୪ଟା ।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ସପ୍ତମ ଦିବସରେ ରାମ ଭରତ ମିଳନ,ଦଣ୍ଡକାରଣ୍ୟ ଲୀଳା, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା।

## ରାୟଗଡ଼ା
- ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ ପାଳନ ଓ ରୋଗୀଙ୍କୁ ଫଳ ବଣ୍ଟନ, ସ୍ଥାନ: ଗାନ୍ଧୀ ପାର୍କ ଓ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା।

## ନବରଙ୍ଗପୁର
- ୬୯ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପାକ୍ ଟାକ୍ରୋ ପ୍ରତିଯୋଗିତା, ସ୍ଥାନ: ଉମରକୋଟ, ସମୟ: ସକାଳ ୯ଟା।
- ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ 'ସୁରଭି', ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ଗ୍ରାମ ପଞ୍ଚାୟତର ଭୂମିକା ଉପରେ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଡିଏଭିଭିଏସ୍ ପକ୍ଷରୁ ପୁସ୍ତକ ମେଳା, ସ୍ଥାନ: ହାଲ କଲ୍ୟାଣ ମଣ୍ଡପ, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଆଇସିଏଆର୍ ପକ୍ଷରୁ କୃଷି ସମ୍ବନ୍ଧରେ ସଚେତନତା ସହ କୃଷି ଉପକରଣ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପଦ୍ମପୁର ପଞ୍ଚାୟତ, ଚୌଗାଁ,ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ଓଡ଼ିଶା ରାଜ୍ୟ ସହକାର ନୀତି–୨୫ ଶୀର୍ଷକ ଆଞ୍ଚଳିକ କର୍ମଶାଳା, ସ୍ଥାନ : ରିଭର ଇନ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ୧୦ଟା।
- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ–୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ମାତା ଭଗବତୀ ଦେବୀ ଏବଂ ଅଖଣ୍ଡ ଦୀପ ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ଗାୟତ୍ରୀ ପୀଠ, ସମୟ : ପୂର୍ବାହ୍ନ ୧୧ଟା।
- ନବରତ୍ନ ସାଂସ୍କୃତିକ ଅନୁଷ୍ଠାନ ପ୍ରସ୍ତୁତ ଶ୍ରୀରମ ଅଯୋଦ୍ଧା ଫିରୁଛନ ସମ୍ବଲପୁରୀ ନାଟକର ଅନ୍ତିମ ପ୍ରସ୍ତୁତି, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଲନ୍ ବଲ ପ୍ରଶିକ୍ଷଣ ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ।

## ରାଉରକେଲା
- ଛଟ୍ ପୂଜା ଲାଗି ଘାଟ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି, ସମୟ: ପୂର୍ବାହ୍ନ ୧୦ଟା।
- ତାନିଷ୍କର ନୂତନ ଶୋ'ରୁମ ଉଦ୍‌ଘାଟନ, ସ୍ଥାନ: ଉଦିତନଗର, ସମୟ: ଅପରାହ୍ନ ୧ଟା।
- ପୋଷ୍ଟାଲ ସଂଘ ପକ୍ଷରୁ ସାମୂହିକ ବିକ୍ଷୋଭ, ସ୍ଥାନ: ସେକ୍ଟର––୨୧, ରାଉରକେଲା ଡିଭିଜନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା ୩୦।

## ବରଗଡ଼
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଉପରେ ଆଲୋଚନାଚକ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ଯୋଜନା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚିଗୁଡା, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ରକ୍ତ ଦାନ ଶିବିର, ସ୍ଥାନ: ଦେବଗଡ଼ ଲାଲୁ ସାହିସ୍ଥିତ ବିଜେଡି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ପ୍ରଧାନପାଟ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ପିଏମ୍ ବିଶ୍ୱକର୍ମା ଯୋଜନା ସମ୍ପର୍କରେ କର୍ମଶାଳା, ସ୍ଥାନ: ସୁବର୍ଣ୍ଣପୁର ମୁନ୍ ହୋଟେଲ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ପଣ୍ଡିଆପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଅଭିନନ୍ଦନ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ଦିନିକିଆ କର୍ମଶାଳା, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ, ସ୍ଥାନ: ଖରିଆର ରୋଡ୍ ଏଫ୍‌ସିଆଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ସବ୍‌ସିଡି ପାଇଥିବା ...
ୟୁନିଟ୍‌ର ଯାଞ୍ଚ କରାଯାଇଥିଲା। ହେଲେ ଏଥିମଧ୍ୟରୁ ୨୯୦୯ଟି ବୃହତ୍ ୟୁନିଟ୍‌ର କୌଣସି ପତ୍ତା ମିଳୁନାହିଁ। ବୈଠକର ସୂଚନା ଅନୁଯାୟୀ, ମାଲକାନଗିରି ଓ ବରଗଡ଼ ଜିଲାରେ ପିଏମ୍‌ଇଜିପି ଠିକଣା ଭାବେ କାର୍ଯ୍ୟକାରୀ ହେଉଛି। ଏହି ଦୁଇ ଜିଲାରେ ପ୍ରାୟ ୯୦ପ୍ରତିଶତ ୟୁନିଟ୍ ଭଲ ପ୍ରଦର୍ଶନ କରୁଛନ୍ତି। ସରକାରୀ ରିହାତି ପାଇ ଉଦ୍ୟୋଗକୁ ଠିକଣା ଭାବେ କାର୍ଯ୍ୟକାରୀ କରୁଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଯୋଗାଇ ଦେଉଛନ୍ତି। ମାତ୍ର ଯାଜପୁର, ମୟୂରଭଞ୍ଜ, ଝାରସୁଗୁଡ଼ା ଭଳି ଜିଲାରେ ପିଏମ୍‌ଇଜିପି କାର୍ଯ୍ୟକାରିତାରେ ପଛରେ ରହିଛି। ଏହି ଜିଲାଗୁଡ଼ିକରେ ୫୦ପ୍ରତିଶତ ୟୁନିଟ୍ ମଧ୍ୟ ଠିକଣା ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ବୈଠକରେ କେଭିଆଇସି ପକ୍ଷରୁ ଅବଗତ କରାଯାଇଥିଲା ଯେ, ଇତିମଧ୍ୟରେ ସରକାରୀ ରିହାତି ବାବଦ ୫୩.୧୪ କୋଟି ଟଙ୍କା ୧୯୮୧ଟି ୟୁନିଟ୍‌କୁ ଯୋଗାଇ ଦିଆଯାଇଛି। ଚଳିତବର୍ଷ ରାଜ୍ୟରେ ପିଏମ୍‌ଇଜିପିରେ ୫ ହଜାର ପ୍ରକଳ୍ପ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ୧୮୬ କୋଟି ଟଙ୍କାର ରିହାତି ଦେବାକୁ ବୈଠକରେ ସ୍ଥିର ହୋଇଛି।

## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇଟିମିଟି କଣା ନ ଥାଏ ଠିକଣା**
**ଟେରା କଣା ବଡ଼ ମନ୍ଦରେ**
**ଯହିଁ ଥାଏ ଏକ–ଆଖିଆ କଣା**
**ନିଇତି ଲଗାଏ ଦ୍ୱନ୍ଦରେ ।**

ଟେରା ଏବଂ କଣା ବ୍ୟକ୍ତି ଅତି ଖରାପ ବୋଲି ସମାଜରେ ସୂଚିତ ହୋଇଥାନ୍ତି। ଏକ ଆଖିଆ କଣା ବ୍ୟକ୍ତି ମଧ୍ୟ ଅତ୍ୟନ୍ତ ଦ୍ୱନ୍ଦ୍ୱମୁଖର ହୋଇଥିବା ନେଇ ଲୋକବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଇଏ କି ବିଧିର ଲୀଳା–ଖେଳା**
**କୁଆ ବେକରେ ତୁଳସୀ ମାଳା !**

କୁଅଭ୍ୟାସରେ ପରିପୂର୍ଣ୍ଣ ଥିବା ବ୍ୟକ୍ତି ନିଜକୁ ସଚ୍ଚୋଟ ବୋଲି ଦେଖେଇ ହେବା ସହ ଅନ୍ୟ ଆଗରେ ନିଜର ଗୁଣଗାନ କରିବାରେ ସିଦ୍ଧହସ୍ତ ହୋଇଥାନ୍ତି। ଏଭଳି ବ୍ୟକ୍ତିଙ୍କ ଉପରେ ଟିକ୍କଣ ରୂପ ପ୍ରତି ଏଠାରେ ବ୍ୟଙ୍ଗୋକ୍ତି ଭାବ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଅହମଦାବାଦ୍‌ରେ ...
ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସାଧାରଣ ପରିଷଦ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଆୟୋଜନ ଅଧିକାର ଲାଗି ଚାଲିଥିବା ଦୌଡ଼ରେ ଭାରତ ସହିତ ନାଇଜେରିଆ ପ୍ରତିଦ୍ୱନ୍ଦ୍ୱିତା କରୁଛି। କିନ୍ତୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆଫ୍ରିକୀୟ ଦେଶର ଆୟୋଜନ ଅଭିଳାଷକୁ ପୂରଣ କରିବା ପାଇଁ ଏକ ଷ୍ଟ୍ରାଟେଜି ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛି। ଉଲ୍ଲେଖଯୋଗ୍ୟ, ଭାରତ ଅନ୍ତିମ ତଥା ପ୍ରଥମଥର ୨୦୧୦ ସଂସ୍କରଣ ନୂଆଦିଲ୍ଲୀରେ ଆୟୋଜନ କରିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଇଭାଲୁଏଶନ କମିଟି ଦ୍ୱାରା ଏକ ମୂଲ୍ୟାଙ୍କନ ପ୍ରକ୍ରିୟା ପରେ ଏହି ସୁପାରିସ୍ କରାଯାଇଛି। ଏହି କମିଟି ପ୍ରସ୍ତାବିତ ସହରର ଟେକ୍‌ନିକାଲ, ଆଥ୍‌ଲେଟ୍‌ଙ୍କ ଅଭିଜ୍ଞତା, ଭିତ୍ତିଭୂମି, ପ୍ରଶାସନ ଆଦିର ମୂଲ୍ୟାଙ୍କନ କରିଥାଏ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଅନ୍ତରୀଣ ସଭାପତି ଡ. ଡୋନାଲ୍ଡ ରୁକାରେ କହିଛନ୍ତି, ଏଭାଲୁଏଶନ କମିଟି ପକ୍ଷରୁ ଦାଖଲ କରାଯାଇଥିବା ତଥ୍ୟକୁ ଦୃଷ୍ଟିରେ ରଖି ଆମର ସଦସ୍ୟଙ୍କୁ ଅହମଦାବାଦ୍ ସହର ସୁପାରିସ୍ କରୁଛୁ। ଆମେ ଏବେ ଗ୍ଲାସ୍‌ଗୋରେ ବସିବାକୁ ଥିବା ବୈଠକକୁ ଅପେକ୍ଷା କରିଛୁ, ସେଠାରେ ଆମ ସଦସ୍ୟମାନେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଏ ସମ୍ପର୍କରେ ଭାରତୀୟ ଅଲିମ୍ପିକ୍ ମହାସଂଘ(ଆଇଓଏ) ସଭାପତି ପି ଟି ଉଷା କହିଛନ୍ତି ଯେ, ଏହି କ୍ରୀଡ଼ା ମହାକୁମ୍ଭ ଭାରତର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଓ ଏହାର ଦକ୍ଷତା ସହିତ ବିକଶିତ ଭାରତ ୨୦୪୭ ଅଭିମୁଖେ ଭାରତର ଯାତ୍ରାକୁ ପ୍ରଦର୍ଶିତ କରିବ। ଆମେ ୨୦୩୦ ଇଭେଣ୍ଟକୁ ଏକ ଶ୍ରେଷ୍ଠ ସୁଯୋଗ ଭାବେ ଦେଖୁଛୁ, ଯଦ୍ୱାରା ଆମେ ଆମ ଯୁବପିଢ଼ିଙ୍କୁ ପ୍ରେରଣା ଦେବା ସହିତ ଆମର ଅନ୍ତର୍ଜାତୀୟ ଭାଗୀଦାରିତାକୁ ସୁଦୃଢ଼ କରିପାରିବୁ।

### ୮୫ତମ ସ୍ଥାନକୁ ...
ବିଶ୍ୱର ସବୁଠୁ ଶକ୍ତିଶାଳୀ ପାସ୍‌ପୋର୍ଟ ଭାବେ ଗ୍ରହଣୟ ହୋଇଥିବା ଆମେରିକା ପାସ୍‌ପୋର୍ଟ ଚଳିତବର୍ଷ ଦ୍ୱାଦଶ ସ୍ଥାନକୁ ଖସିଆସିଛି। ୧୯୩ ଦେଶକୁ ନେଇ କରାଯାଇଥିବା ଏହି ସର୍ବେକ୍ଷଣରେ ସିଙ୍ଗାପୁର, ଦକ୍ଷିଣ କୋରିଆ ଓ ଜାପାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ବୈଶ୍ୱିକ ଯାତ୍ରା କ୍ଷେତ୍ରରେ ଏସିଆର କ୍ରମବର୍ଦ୍ଧିଷ୍ଣୁ ଆଧିପତ୍ୟକୁ ଏହା ଦର୍ଶାଉଛି। ଜର୍ମାନୀ, ଇଟାଲୀ, ସ୍ପେନ୍ ଓ ସୁଇଜରଲାଣ୍ଡ କ୍ରମାଗତ ଭାବେ ଶୀର୍ଷ ୧୦ ପାସ୍‌ପୋର୍ଟ ମଧ୍ୟରେ ସ୍ଥାନ ପାଇଛନ୍ତି।

ଭାରତୀୟ ପାସ୍‌ପୋର୍ଟର ର‍୍ୟାଙ୍କ ୨୦୦୬ରେ ୭୧ତମ ସ୍ଥାନରେ ଥିବାବେଳେ ୨୦୨୧ରେ ୯୦ତମ ସ୍ଥାନକୁ ଖସିଆସିଥିଲା। ୨୦୨୪ରେ ଏହା ୮୦ତମ ସ୍ଥାନରେ ରହିଥିଲା। ବର୍ତ୍ତମାନ ଭାରତୀୟମାନେ ଭୁଟାନ୍, ଇଣ୍ଡୋନେସିଆ, ମରିସସ୍, ନେପାଳ, ତ୍ରିନିଦାଦ ଓ ଟୋବାଗୋ ସମେତ ୧୨ ଦେଶକୁ ଭିଜାମୁକ୍ତ ପ୍ରବେଶ କରିପାରୁଛନ୍ତି। ଏହାବାଦ୍ ୨୭ଟି ଦେଶରେ ପହଞ୍ଚିବା ମାତ୍ରେ ସେମାନଙ୍କୁ ସେଠାକାର ଭିଜା ମିଳିପାରୁଛି। ଭାରତୀୟଙ୍କ ଅନ୍ୟ ଲୋକପ୍ରିୟ ଗନ୍ତବ୍ୟ ଦେଶ ମଧ୍ୟରେ ଶ୍ରୀଲଙ୍କା, ମାଳଦ୍ୱୀପ, ଜୋର୍ଡାନ୍ ଓ କାତାର ରହିଛି। ବଲିଭିଆ, କାମ୍ବୋଡିଆ, ଇଥିଓପିଆ, ମାଡାଗାସ୍କାର, ମଙ୍ଗୋଲିଆ, ମୋଜାମ୍ବିକ୍, ମ୍ୟାନ୍‌ମାର, ସାମୋଆ, ତାଞ୍ଜାନିଆ ଓ ତିମୋର–ଲେଷ୍ଟେକୁ ମଧ୍ୟ ଭାରତୀୟ ପାସ୍‌ପୋର୍ଟ ବଳରେ ସୁଗମ ଯାତ୍ରା ସମ୍ଭବ। ତେଣୁ ପାସ୍‌ପୋର୍ଟ ମୋବିଲିଟି (ଗତିଶୀଳତା)କୁ ହେନ୍‌ଲେ ମଧ୍ୟମ ବର୍ଗରେ ସ୍ଥାନିତ କରିଛି। ଏହି କ୍ଷେତ୍ରରେ ପାକିସ୍ତାନ ୧୦୩ତମ ସ୍ଥାନରେ ରହିଛି। ପାକିସ୍ତାନୀ ପାସ୍‌ପୋର୍ଟଧାରୀ ବର୍ତ୍ତମାନ ୩୧ ରାଷ୍ଟ୍ରକୁ ଭିଜାମୁକ୍ତ ଯାତ୍ରା କରିପାରୁଛନ୍ତି। ବାଂଲାଦେଶୀ ପାସ୍‌ପୋର୍ଟ ବଳରେ ୩୮ ଦେଶକୁ ଭିଜାମୁକ୍ତ ଯାତ୍ରା ସହ ଏହା ୧୦୦ତମ ସ୍ଥାନରେ ରହିଛି। ନେପାଳୀ ପାସ୍‌ପୋର୍ଟ ବଳରେ ୩୬ ଦେଶକୁ ଭିଜାମୁକ୍ତ ଯାତ୍ରା ସମ୍ଭବ ଥିବାରୁ ଏହାକୁ ୧୦୧ତମ ସ୍ଥାନ ମିଳିଛି। ସେହିପରି ଭୁଟାନ୍ ନାଗରିକ ୫୦ ଦେଶକୁ ଭିଜାମୁକ୍ତ ଯାତ୍ରା କରିପାରୁଛନ୍ତି। ତେଣୁ ଏହାର ପାସ୍‌ପୋର୍ଟକୁ ୯୨ତମ ସ୍ଥାନରେ ରଖାଯାଇଛି।

ଆମେରିକା ପାସ୍‌ପୋର୍ଟକୁ ଗୋଟିଏ ସମୟରେ ସବୁଠୁ ଶକ୍ତିଶାଳୀ ମନେକରାଯାଉଥିଲା। କିନ୍ତୁ ଭିଜାମୁକ୍ତ ଯାତ୍ରାରେ ଅସନ୍ତୁଳନ ହେତୁ ବର୍ତ୍ତମାନ ୧୮୦ ଦେଶକୁ ପ୍ରବେଶ ସମ୍ଭବ। ତେବେ କେବଳ ୪୬ ଦେଶର ଲୋକେ ଆମେରିକାକୁ ଭିଜାମୁକ୍ତ ଯାତ୍ରା କରିପାରିବେ। ଏହି ଅସନ୍ତୁଳିତ ସ୍ଥିତି ଯୋଗୁ ଆମେରିକା ଦ୍ୱାଦଶ ସ୍ଥାନକୁ ଖସିଆସିଛି। ଅନ୍ୟପକ୍ଷେ ମାତ୍ର ୨୪ ଦେଶକୁ ଭିଜାମୁକ୍ତ ଯାତ୍ରା ଅନୁମତି ଥିବା ଆଫଗାନିସ୍ତାନ ଉକ୍ତ ତାଲିକାର ସବୁଠୁ ତଳେ ରହିଛି। ଆଫଗାନ ପାସ୍‌ପୋର୍ଟର ସାମାନ୍ୟ ଉପରେ ସିରିଆ(୨୬ ଦେଶ) ଓ ଇରାକ୍(୨୯ ଦେଶ) ରହିଛନ୍ତି।

### ଭାଜପାରୁ ଜୟ,...
ବିଜେଡି ଢୋଲକିଆଙ୍କ ପରିବାରରୁ ପ୍ରାର୍ଥୀ ଦେବ ବୋଲି ପ୍ରଥମେ ଭାବିଥିଲା। ହେଲେ ପରବର୍ତ୍ତୀ ସମୟରେ ଜୟ ଭାଜପାରେ ଯୋଗଦେଇଥିଲେ। ଏହାପରେ ବିଜେଡି କାହାକୁ ପ୍ରାର୍ଥୀ କରିବ ତାହାକୁ ନେଇ ନାନା ଆଲୋଚନା ଲାଗି ରହିଥିଲା। କେତେଜଣ ସ୍ଥାନୀୟ ନେତାଙ୍କ ନାଁକୁ ନେଇ ଦଳ ପ୍ରାର୍ଥୀ କରିବା କଥା ଚିନ୍ତା କରୁଥିବା ଶୁଣାଯାଉଥିଲା। ହେଲେ ସବୁ କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପକାଇ ନବୀନ ଦଳର ରାଜ୍ୟ ମହିଳା ସଭାପତିଙ୍କ ଉପରେ ଭରସା କରିଛନ୍ତି। ବରଗଡ଼ ଜିଲାର ଅତାବିରା ବିଧାନସଭା ଆସନରୁ ୨୦୨୪ରେ ନିର୍ବାଚନ ଲଢ଼ି ସ୍ନେହାଙ୍ଗିନୀ ପରାଜିତ ହୋଇଥିଲେ। ସ୍ନେହାଙ୍ଗିନୀଙ୍କ ପ୍ରାର୍ଥୀତ୍ୱ ଘୋଷଣା ସମୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି, ସ୍ନେହାଙ୍ଗିନୀ ଛୁରିଆ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ, ଯିଏ ବିଗତ ଦିନରେ ବିଜେଡି ସରକାରରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଦଳର ବହୁ ପଦପଦବୀରେ ରହି ଅନେକ ଗୁରୁତ୍ୱ ପ୍ରସଙ୍ଗ ଉଠାଇଛନ୍ତି। ସେ ଦଳର ସମ୍ପତ୍ତି। ଜଣେ ମହିଳା ନେତ୍ରୀ। ସେ ରାଜ୍ୟର ଲୋକମାନଙ୍କ ପାଇଁ ବହୁ କାମ କରିଛନ୍ତି। ବିଶେଷକରି ଗରିବ ଏବଂ ମହିଳାମାନଙ୍କ ପାଇଁ ସେ ବହୁ ଭଲ କାର୍ଯ୍ୟ କରିଛନ୍ତି। ଉପନିର୍ବାଚନ ସମୟରେ ନୂଆପଡ଼ାକୁ ପ୍ରଚାରରେ ଯିବେ ବୋଲି ନବୀନ କହିଛନ୍ତି। ସୂଚନାଯୋଗ୍ୟ, ଜୟ ଭାଜପାରେ ଯୋଗଦେବା ପରେ ବିଜେଡିର ବହୁ ବରିଷ୍ଠ ନେତା ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଗସ୍ତ କରିଥିଲେ। ସେଠାରେ ଦଳର ନେତା ଓ କର୍ମୀମାନଙ୍କ ସହ ଏକାଧିକ ବୈଠକ କରିବା ପରେ ସମସ୍ତେ ମଙ୍ଗଳବାର ରାତି ସୁଦ୍ଧା ଫେରି ଆସିଥିଲେ। ଏହାପରେ ବୁଧବାର ନବୀନ ନିବାସରେ ୨ଥରରୁ ଅଧିକ ବୈଠକ ବସିଥିଲା। ଶେଷରେ ସ୍ନେହାଙ୍ଗିନୀଙ୍କ ନାଁ ଘୋଷଣା କରାଯାଇଥିଲା। ମହିଳା ଏବଂ ଆଦିବାସୀ କାର୍ଡ ବିଜେଡି ଖେଳିଥିବା କୁହାଯାଉଛି। ଆସନ୍ତା ୧୯ରେ ବିଜେଡି ପ୍ରାର୍ଥୀ ତାଙ୍କ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି।

ଅନ୍ୟପଟେ ଜୟ ଢୋଲକିଆ ଗୁରୁବାର ତାଙ୍କ ନାମାଙ୍କନପତ୍ର ଦାଖଲ କରିବେ। ସକାଳ ୧୦.୩୦ରେ ନୂଆପଡ଼ାସ୍ଥିତ 'ଗୋତମା' ଏୟାରଷ୍ଟ୍ରିପ୍‌ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ। ଏଥିରେ ବିଜେଡି ଓ କଂଗ୍ରେସର ଶତାଧିକ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବରଙ୍କ ସମେତ ପୂର୍ବତନ ଜନପ୍ରତିନିଧି ଏବଂ ସମର୍ଥକମାନେ ସାମିଲହେବେ। ଏହାପରେ ଏକ ବିଶାଳ ଶୋଭାଯାତ୍ରାରେ ଢୋଲକିଆ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲକରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ, ସାଂସଦ ଓ ବିଧାୟକ ଏବଂ ଦଳୀୟ ପଦାଧିକାରୀ ଓ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ମୁଖପାତ୍ର ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି।

### ଭାରତର ବାଣିଜ୍ୟିକ ...
ଆଲୋଚନା ଚାଲିଛି। ଆଲୋଚନା ଆଗକୁ ବଢ଼ାଇବା ପାଇଁ ଭାରତର ଏକ ପ୍ରତିନିଧି ଦଳ ୱାଶିଂଟନ୍ ଗସ୍ତରେ ରହିଛି। ରପ୍ତାନିକାରୀମାନେ ଟାରିଫ୍ ଚ୍ୟାଲେଞ୍ଜକୁ ସାମ୍ନା କରି ଯୋଗାଣ ଶୃଙ୍ଖଳ ବଜାୟ ରଖିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଆମେରିକାକୁ କରାଯାଉଥିବା ପ୍ରାୟ ୫୫% ଭାରତୀୟ ରପ୍ତାନି ଆମେରିକୀୟ ଟାରିଫ୍ ଯୋଗୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରଭାବିତ ହୋଇଛି। ସେପ୍ଟେମ୍ବର ପରଠାରୁ ଏହି ଶୁଳ୍କର ପ୍ରଭାବ ଅନୁଭୂତ ହେବ। ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଭାରତର ସାମଗ୍ରୀ ରପ୍ତାନି ପୂର୍ବବର୍ଷର ୨୧୩.୬୮ ବିଲିୟନ୍ ଡଲାରରୁ ୨୨୦.୧୨ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଛି। କିନ୍ତୁ ଏହି ଅବଧିରେ ଆମଦାନୀ ୩୫୮.୮୫ ବିଲିୟନ୍ ଡଲାରରୁ ୩୭୫.୧୧ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିବାରୁ ବାଣିଜ୍ୟିକ ନିଅଣ୍ଟର ବ୍ୟବଧାନ ବଢ଼ିଥିବା କୁହାଯାଉଛି। ଗତ ମାସରେ ସୁନା ଆମଦାନୀ ୯.୬ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିଲା, ଯାହାକି ଅଗଷ୍ଟରେ ୫.୪ ବିଲିୟନ୍ ଡଲାର ରହିଥିଲା। ସେହିପରି ତୈଳ ଆମଦାନୀ ପୂର୍ବମାସରେ ୧୩.୨ ବିଲିୟନ୍ ଡଲାର ଥିବାବେଳେ ସେପ୍ଟେମ୍ବରରେ ୧୪ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିଲା। ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ପାଇବାରେ ଲାଗିଥିବାରୁ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୮୯ ଟଙ୍କାର ନିକଟତର ହୋଇଛି।

# ଆଜିର ରାଶିଫଳ
ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଦ୍ୱିଜା ନକ୍ଷତ୍ରର ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତା, ପିଲାଙ୍କୁ ନେଇ ଚିନ୍ତିତ ରହିବେ। ଭାଇ, ପଡ଼ୋଶୀ କିମ୍ବା ସମ୍ପର୍କୀୟ ବିରୋଧାତ୍ମକ କଥା କହିପାରନ୍ତି। ଠିକ୍ ସମୟରେ ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ ପ୍ରଯତ୍ନ କରିବେ। ପରିବହନ, ବ୍ୟବସାୟିକ ସ୍ଥିତି, କର୍ମକ୍ଷେତ୍ର ପ୍ରାୟତଃ ହାଲୁକା ରହିବ ଓ ଲାଭବାନ୍ ମଧ୍ୟ ହେବେ।

**ବୃଷ** – ଦୀର୍ଘଦିନ ହେଲା ଯେମିତି, ଯାହା ଚାହୁଁଛନ୍ତି ତାହା ନିଶ୍ଚିତ ପାଇବେ। ଆଲୋଚନାରେ ତର୍କ ଓ ବିବାଦୀୟ କଥା, ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ। ପରିବହନ କ୍ଷେତ୍ରରେ ସମସ୍ୟା, କର୍ମପରିସର ମଧ୍ୟରେ କଚ୍ଛପଗତି ହେତୁ ଚିନ୍ତା କରିପାରନ୍ତି। ରୋହିଣୀ ନକ୍ଷତ୍ରର ପାରିବାରିକ ସମସ୍ୟା ସମାଧାନରେ ସଫଳ ହେବେ।

**ମିଥୁନ** – ଘରେ, ବାହାରେ ସବୁଠି ଆଦର, ସ୍ନେହ ପାଇବେ। ଫେରି ଯାଇଥିବା ବନ୍ଧୁଟି ପୁଣି ଲେଉଟି ଆସିବେ ଏଣୁ ମନରେ ସରସତା ରହିବ ନାହିଁ। ବାକି ଥିବା ଲୋକଟିଙ୍କୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନା ମୂଳକ ହୋଇପାରେ। ପୁନର୍ବସୁର ଛାତି କିମ୍ବା ବେକରେ, ଆଣ୍ଠୁ କିମ୍ବା ଗଣ୍ଠିରେ ଯନ୍ତ୍ରଣା ଅନୁଭବ କରିପାରନ୍ତି।

**କର୍କଟ** – ବନ୍ଧୁମାନଙ୍କର ବେଖାତିର ମନୋଭାବ ହେତୁ ଟିକିଏ ଟିକିଏ କଥାରେ ରାଗିବେ। ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଅଶ୍ଳେଷା ନକ୍ଷତ୍ରର ପୁରୁଣା ଘର, ଗାଡ଼ି, ମୋଟର ମରାମତି କରିବା ପାଇଁ ମନସ୍ଥ କରିବେ।

**ସିଂହ** – ସକାଳୁ ବନ୍ଧୁଙ୍କ ସାକ୍ଷାତ୍ ଓ ସହଯୋଗରୁ ଉପକୃତ ହୋଇପାରନ୍ତି। ମଘା ନକ୍ଷତ୍ରର ବିବାହ ପ୍ରସ୍ତାବ ନେଇ ଜଣେ ବ୍ୟକ୍ତି ହଠାତ୍ ଆସିବେ। ହଜି ଯାଇଥିବା ଟଙ୍କା କୌଣସି ଅଲଗା ସ୍ଥାନରେ ରଖି ଚିନ୍ତିତ ଓ ବିରକ୍ତ ହୋଇ ପାରନ୍ତି। ପାରିବାରିକ କ୍ଷେତ୍ର କ୍ରମଶଃ ସୁଧୁରିଯିବ ଯାହା ଫଳରେ ଛୋଟ କଥାରେ କଳହ ଭିତରକୁ ଟାଣି ହୋଇପାରନ୍ତି।

**କନ୍ୟା** – ଆକସ୍ମିକ ଭାବରେ ନିଜ ଲୋକମାନେ ଶତ୍ରୁତା ଆଚରଣ କରିପାରନ୍ତି। ଚିତ୍ରା ନକ୍ଷତ୍ର କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ସ୍ପର୍ଶକାତର କଥାରେ ଜିହ୍ୱା ପଡ଼ନ୍ତୁ ନାହିଁ, ଯାହାକି ସମସ୍ୟାକୁ ଦ୍ୱିଗୁଣିତ କରିବାରେ ସହାୟକ ହେବ। ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ଅଶାନ୍ତି ଲାଗି ରହିବ।

**ତୁଳା** – କାମଗୁଡ଼ିକ ସୁବିଧାରେ ନ ହେବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଗାଡ଼ିକିଣିବା ପାଇଁ ମନ ବଳାଇଛନ୍ତି କିନ୍ତୁ ଆଉ କେତେଦିନ ଅପେକ୍ଷା କରନ୍ତୁ। ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଟି କ୍ରମଶଃ ଦୂରେଇ ଯିବ। ବିଶାଖା ନକ୍ଷତ୍ର ବ୍ୟକ୍ତିମାନଙ୍କ ସକାଶେ ଆଜିର ଦିନଟି ବହୁତ ଶୁଭ ହେବ।

**ବିଛା** – ଗୁରୁତ୍ୱପୂର୍ଣ୍ଣ କାମଟିକୁ ହେଳା କରି ମରୀଚିକା ପଛରେ ଦୌଡ଼ି ପାରନ୍ତି। କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଅନୁରାଧା ନକ୍ଷତ୍ର ସକାଶେ ଅଡୁଆ ପରିସ୍ଥିତି ସୃଷ୍ଟି ହେବ।

**ଧନୁ** – ବନ୍ଧୁମାନଙ୍କ ସହ ଆଲୋଚନା କିମ୍ବା ସଭାସମିତିରେ ଶେଷ ସମୟରେ ଅର୍ଥ ସମ୍ପର୍କିତ ଟଣା ଓଟରା ଲାଗିପାରେ। ଉତ୍ତରାଷାଢ଼ା ନକ୍ଷତ୍ର ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆବେଗକୁ ସହକର୍ମୀଟି ବୁଝିପାରିବ ନାହିଁ। ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ ମାତ୍ର ମଧ୍ୟାହ୍ନରେ ଟେନ୍‌ସନ ଦୂର ହେବ।

**ମକର** – ଆଜି ଅର୍ଥ ଲାଭ ଓ ବନ୍ଧୁମିଳନରୁ ମନ ଖୁସି ରହିବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ। ଶ୍ରବଣା ନକ୍ଷତ୍ର ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଅନିଶ୍ଚିତତା ମଧ୍ୟରେ ଗତି କରି ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କୁମ୍ଭ** – ନିଜର ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ପାରିବାରିକ ଅବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ଧନିଷ୍ଠା ନକ୍ଷତ୍ର ସକାଶେ ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଉତ୍ତରଭାଦ୍ରପଦ ନକ୍ଷତ୍ର କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଭଲ ସମ୍ପର୍କ ନ ଥିବା ଗୁପ୍ତ ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି।

ଆଜି ଅକ୍ଟୋବର ୧୬ ତାରିଖ, ବିଶ୍ୱ ଖାଦ୍ୟ ଦିବସ, କାର୍ତ୍ତିକ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ଗୁରୁବାର। ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର ଦିବା ଘ.୧୨.୪୩ ଗତେ ମଘା/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୫ ଗତେ ଘ.୦୭.୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୨.୫୮ ଗତେ ଘ.୦୨.୨୫ ମଧ୍ୟେ ରାହୁ କାଳ।

**ରାଶନକାର୍ଡ ହିତାଧିକାରୀଙ୍କୁ ମିଳିପାରେ ଅଧିକ ୫ କେଜି ଚାଉଳ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର(ସୁନିତ୍ ମିଶ୍ର): ରାଶନକାର୍ଡ ହିତାଧିକାରୀଙ୍କ ପାଇଁ ଖୁସି ଖବର। ହିତାଧିକାରୀଙ୍କୁ ମୁଣ୍ଡ ପିଛା ବଢ଼ିପାରେ ଚାଉଳ ପରିମାଣ। ୫ କେଜୋ ଜାଗାରେ ଅଧିକ ଆଉ ୫ କିଲୋ ଚାଉଳ ଦେବାକୁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ରାଶନକାର୍ଡରେ ଥିବା ପ୍ରାୟ ୩ କୋଟି ୨୫ ଲକ୍ଷ ହିତାଧିକାରୀଙ୍କୁ ଏହି ଅଧିକ ଚାଉଳ ମିଳିବ। ଏନେଇ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେବେ। ଅନେକ ଗରିବ ହିତାଧିକାରୀଙ୍କୁ ୫ କିଲୋ ଚାଉଳ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଏନେଇ ସରକାର ଚିନ୍ତା କରୁଥିବା ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଏବେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଫାଇଲ ପଠାଯିବ। ମୁଖ୍ୟମନ୍ତ୍ରୀ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ସେ ସୂଚନା ଦେଇଛନ୍ତି।

**ବହୁଚର୍ଚ୍ଚିତ ଏସ୍ଆଇ ପରୀକ୍ଷା ଜାଲିଆତି**

# ୩୦୦ ପଦବୀ ପାଇଁ ଡିଲ୍ ଚର୍ଚ୍ଚା

## ୧୮୬ଜଣ ଆଶାୟୀ ଟ୍ରେନ୍‌ରେ ଯାଇଥିଲେ

ଭୁବନେଶ୍ୱର,୧୫।୧୦ (ସତ୍ୟଜିତ ରାଉତ)

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିବାବେଳେ ଦିନକୁଦିନ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଏହି ଜାଲିଆତିରେ ୩୦୦ ଏସ୍ଆଇ ପଦବୀ ଡିଲ୍ ହୋଇଥିଲା ବୋଲି ବିଶ୍ୱସ୍ତସୂତ୍ରରୁ ସୂଚନା ମିଳିଛି। ଦୁଇ ଜଣ ମଧ୍ୟସ୍ଥ ଓ ୧୧୪ ପରୀକ୍ଷାର୍ଥୀ ବସ୍‌ରେ ଯାଉଥିବାବେଳେ ବ୍ରହ୍ମପୁର ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ତେବେ ପ୍ରଶ୍ନପତ୍ର ପାଇବାକୁ ଟ୍ରେନ୍‌ରେ ମଧ୍ୟ ଅନ୍ୟ ୧୮୬ଜଣ ଆଶାୟୀ ସମାନ ସ୍ଥାନକୁ ମଧ୍ୟସ୍ଥଙ୍କ ଜରିଆରେ ଯାଉଥିଲେ ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଏପରିକି ପରୀକ୍ଷାର୍ଥୀମାନଙ୍କ ଅସଲ ସାର୍ଟିଫିକେଟ ମଧ୍ୟସ୍ଥଙ୍କ ପାଖରେ ରହିଯାଇଥିବା ଜଣାପଡ଼ିଛି। ଏପଟେ ୧୧୪ ଜଣ ଗିରଫ ହେବା ଖବର ପଦାକୁ ଆସିବା ପରେ ଅନ୍ୟ ୧୮୬ ଜଣ ଆଶାୟୀ ଫେରାର ହୋଇଯାଇଥିଲେ। ସେମାନେ କିଏ କିଏ ଥିଲେ ସେନେଇ କ୍ରାଇମବ୍ରାଞ୍ଚ ତଥ୍ୟ ହାସଲ କରିବାରେ ଲାଗିପଡ଼ିଛି ବୋଲି ଜଣେ କର୍ମଚାରୀ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି।

## ହାଇକୋର୍ଟରେ ଫେରାର ଶଙ୍କରଙ୍କ ସମେତ ୫ଜଣଙ୍କ ଆଗୁଆ ଜାମିନ ଆବେଦନ

କଟକ,୧୫।୧୦(କାର୍ତ୍ତିକ ସାହୁ)

ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ ଫେରାର ଶଙ୍କର ପୃଷ୍ଟିଙ୍କ ସମେତ ୫ଜଣ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଶଙ୍କରଙ୍କ ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ମାମଲାରେ ଶଙ୍କରଙ୍କ ଆବେଦନ ଗତ ୮ ତାରିଖରେ ଦାଏର ହୋଇଥିଲା। ତେବେ ୨ ଦିନ ପରେ ଅର୍ଥାତ୍ ୧୦ ତାରିଖରେ ଆବେଦନ ଆଧାରରେ ମାମଲା ରୁଜୁ ହୋଇଛି। ହେଲେ ହାଇକୋର୍ଟରେ ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇ ନ ଥିବା ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ ପ୍ରଥମେ ୧୧୭ଜଣଙ୍କୁ ଗୋଳନ୍ଥରା ଥାନା ପୋଲିସ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ୧୧୪ ନିଯୁକ୍ତି ଆଶାୟୀ ଥିବା ବେଳେ ୩ଜଣ ଦଲାଲ ରହିଥିଲେ। ପରେ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ଆଉ ୨ଜଣ ଦଲାଲଙ୍କୁ ଗିରଫ କରିବା ପରେ ଗିରଫଦାରି ସଂଖ୍ୟା ୧୧୯ରେ ପହଞ୍ଚିଛି। ହେଲେ ମଧ୍ୟସ୍ଥ ସାଜିଥିବା ଆଉ ୨ ଅଭିଯୁକ୍ତ ମୁନା ମହାନ୍ତି ଓ ଶଙ୍କର ପୃଷ୍ଟି ଅଦ୍ୟାବଧି ଫେରାର ଅଛନ୍ତି। କ୍ରାଇମବ୍ରାଞ୍ଚ ସମସ୍ତ ପ୍ରକାର ଚେଷ୍ଟା କରିବା ସତ୍ତ୍ୱେ ବି ୨ ଅଭିଯୁକ୍ତଙ୍କୁ ଖୋଜି ପାଇବାରେ ବିଫଳ ହୋଇଛି। ଏପରି କି ପ୍ରାୟ ୭ ରାଜ୍ୟରେ ତନାଘନା କରିବା ପରେ ବି ରାଜ୍ୟ ବାହାରେ ଦୁହିଁଙ୍କୁ ପାଇପାରିନାହିଁ କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚ ବିଶେଷ ସୂତ୍ରରୁ ଜାଣିବାକୁ ପାଇଛି, ଅଭିଯୁକ୍ତ ଦ୍ୱୟ ଦେଶ ଛାଡ଼ି ପଳାଇ ଯାଇପାରନ୍ତି। ଫଳରେ ଅଭିଯୁକ୍ତ ଦୁହିଁଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଲୁକ୍ ଆଉଟ୍ ସର୍କୁଲାର ସୋମବାର ଜାରି କରିଛି। ଏହାଦ୍ୱାରା ସେମାନଙ୍କ ଗତିବିଧି ଉପରେ ନଜର ରଖାଯିବ। ସେମାନେ ଦେଶ ଛାଡ଼ି ବାହାରକୁ ଯାଇପାରିବେ ନାହିଁ। ସେଭଳି କୌଣସି ପରିସ୍ଥିତି ଉପୁଜିଲେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ଅଦ୍ୟାବଧି ମଧ୍ୟସ୍ଥ ସାଜିଥିବା ୨ ଫେରାର ଅଭିଯୁକ୍ତଙ୍କ ସମେତ ମୋଟ ୮ଜଣ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ କରିଛି। ସେଥିରେ ଥିବା ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାକୁ ମଧ୍ୟ ଜବତ କରାଯାଇଛି। ମାତ୍ର ଏଯାବତ୍ ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ମିଳିପାରିନାହିଁ।

ଅପରପକ୍ଷରେ ଏହି ଘଟଣାରେ ମାଷ୍ଟରମାଇଣ୍ଡ (ମୁଖ୍ୟ ଅଭିଯୁକ୍ତ) କୁହାଯାଉଥିବା ପଞ୍ଚସଫ୍ଟ ସଂସ୍ଥା ମାଲିକ ଶଙ୍କର ପୃଷ୍ଟି ଫେରାର ହୋଇଯାଇଥିବାବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକାଧିକ ଟିମ୍ ତାଙ୍କୁ ଧରିବାକୁ ଖୋଜାଖୋଜି ଚଳାଇଛନ୍ତି। ତେବେ ଶଙ୍କର ତାଙ୍କ ପତ୍ନୀ ଦିପ୍ତୀମୟୀ ସାହୁଙ୍କୁ ଧରି ଦୁବାଇ ଫେରାର ହୋଇଯାଇଥିବା ଶୁଣିବାକୁ ମିଳୁଛି। ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଇଥିଲା। ସିଲିକନ୍ ଏହି କାମକୁ ପଞ୍ଚସଫ୍ଟକୁ ଦେଇଥିଲା। ଏନେଇ ଓପିଆର୍‌ବି ଅବଗତ ଥିଲା ବୋଲି ଜଣାପଡିଛି। ତେଣୁ ଏଥିରେ ଓପିଆର୍‌ବିର କେଉଁ ଅଧିକାରୀଙ୍କ ସମ୍ପୃକ୍ତି ରହିଛି, ତାକୁ ନେଇ ଏବେ ସନ୍ଦେହ ବଢ଼ିବାରେ ଲାଗିଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବ କି ନାହିଁ ଚର୍ଚ୍ଚା ହେଉଛି।

# ଦୃଷ୍ଟିବାଧିତଙ୍କ ପାଇଁ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୧୫।୧୦(ସୁଚିସ୍ମିତା ସାହୁ)

ଧଳା ବାଡି ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସମାଜରେ ଆତ୍ମନିର୍ଭରଶୀଳ କରିପାରିଛି। ଜଣେ ଦୃଷ୍ଟିବାଧିତ ଯେପରି ସମାନତାର ଅଧିକାର ପାଇପାରିବ ଓ ସାଧାରଣ ଲୋକଙ୍କ ପରି କାମ କରିପାରିବ, ସେଥିପାଇଁ ଧଳାବାଡି ସେମାନଙ୍କ ଆତ୍ମବିଶ୍ୱାସକୁ ଜାଗ୍ରତ କରିଥାଏ। ତେବେ ରାଜ୍ୟ ସରକାର ଦୃଷ୍ଟିବାଧିତଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରୟାସ କରୁଛନ୍ତି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ପାରୁଲ ପଟୱାରୀ କହିଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବୁଧବାର ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏସ୍ଆଇଏସ୍ଇଆର୍)ଠାରେ ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଟୱାରୀ ଏକ ଅନ୍ତର୍ନିବେଶୀ ସମାଜ ଗଠନରେ ଧଳାବାଡି ଦିବସର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଯୁଗଳ କିଶୋର ପ୍ରଧାନ ଏବଂ ଭୀମ ଭୋଇ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତାପସ କୁମାର ମହାନ୍ତି ଯୋଗଦେଇ ଧଳାବାଡି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ନିର୍ଦ୍ଦେଶିକା ପଟୱାରୀ ଧଳାବାଡି ଦିବସ ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିସହ ସେ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଧଳାବାଡି ବିତରଣ କରିବା ସହ ସେମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତ, ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ଲାନୋ, ଉନ୍ନୟନ ଅଧିକାରୀ ସେଖ ଇକ୍ବାଲ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଲୁଇ ବ୍ରେଲ୍ ଦୃଷ୍ଟିବାଧିତ ବିଦ୍ୟାଳୟର ଦୃଷ୍ଟିବାଧିତ ଶିକ୍ଷାର୍ଥୀମାନେ ଡ୍ରମ, ତୁରୀ, ଝାଞ୍ଜ ଓ ଝୁମୁକା ଆଦି ବାଦ୍ୟଯନ୍ତ୍ର ପରିବେଷଣ କରିଥିଲେ।

# ୧୮ରୁ ଖୋଲିବ ଶିମିଳିପାଳ

ବାରିପଦା,୧୫।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଶ୍ୱ ପରିଚିତ ମୟୂରଭଞ୍ଜ ଜିଲାର ଶିମିଳିପାଳ ଜାତୀୟ ଉଦ୍ୟାନ ଅକ୍ଟୋବର ୧୮ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନିଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି।




ସବୁଜ ବନାନୀରେ ଭରପୂର ଶିମିଳିପାଳ ଜାତୀୟ ଉଦ୍ୟାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନନ୍ୟ। ମହାବଳ ବାଘ, କଳାବାଘ, ଏସୀୟ ହାତୀ ଓ ଗୟଳ ପରି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କୁ ଅତି ନିକଟରୁ ଦେଖିବା ପାଇଁ ଏଠାରେ ସୁଯୋଗ ମିଳିଥାଏ। ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳରେ ବିଗତ ବର୍ଷ ପରି ଚଳିତବର୍ଷ ମଧ୍ୟ ସଫାରି ବ୍ୟବସ୍ଥା ପ୍ରଚଳନ କରାଯାଇଛି। କାଳିଆଣି ତନଖି ଫାଟକ (ଯଶୀପୁର) ପଟୁ ୩୫ ଚାରି ଚକିଆ ଯାନ ଓ ପିଠାବଟା (ବାରିପଦା) ତନଖି ଫାଟକ ଦେଇ ୨୫ ଗାଡ଼ିକୁ ମିଶାଇ ମୋଟ ୬୦ଟି ଗାଡ଼ି ଦୈନିକ ଜଙ୍ଗଲ ଭିତରକୁ ପ୍ରବେଶ କରିବ ବୋଲି ସ୍ଥିରୀକୃତ ହୋଇଛି। ସେହିପରି ଏଥର ତାଳବନ୍ଧ, ଜାମୁଆଣି ଓ ଗୁଡୁଗୁଡ଼ିଆଠାରୁ ସକାଳ ୫ଟା୩୦ ଓ ଅପରାହ୍ନ ୩ଟାରେ ୩୫ଟି ଖୋଲା ଜିପ୍ ବା ସଫାରି ଗାଡ଼ିରେ ୫ଘଣ୍ଟା ଲେଖାଏ ବୁଲିବାର ପର୍ଯ୍ୟଟକମାନେ ମଜା ନେଇପାରିବେ। ଉକ୍ତ ୨ ତନଖି ଫାଟକରେ ପ୍ରବେଶ ଅନୁମତି ପତ୍ର ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ବୁକିଂ କାଉଣ୍ଟରରେ ଉପଲବ୍ଧ ରହିବ। ପ୍ରତି ପର୍ଯ୍ୟଟକଙ୍କ ପିଛା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥିରେ ପ୍ଲାଷ୍ଟିକ୍ ସାମଗ୍ରୀ, ମାଦକଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ନେବା ଉପରେ କଟକଣା ଜାରି କରାଯାଇଛି। ଶିମିଳିପାଳରେ ଥିବା ଯାତ୍ରୀନିବାସଗୁଡ଼ିକରେ ରାତ୍ରିଯାପନ ପାଇଁ ପର୍ଯ୍ୟଟକମାନେ (www.ecotourism.com) ୱେବ୍‌ସାଇଟ୍‌ରେ ଅଗ୍ରିମ ବୁକିଂ କରିପାରିବେ ବୋଲି କୁହାଯାଇଛି।

# ଜଳିଗଲା ୪ ମହଲା ଷ୍ଟେଶନେରି ମଲ୍

## କୋଟି କୋଟି ଟଙ୍କାର ସାମଗ୍ରୀ ନଷ୍ଟ

ବାଲେଶ୍ୱର,୧୫।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଟାଉନ ଥାନା ଅଧୀନ ସିନେମା ଛକ ନିକଟରେ ଥିବା ଏକ ୪ ମହଲା ବିଶିଷ୍ଟ ବନଜା ଷ୍ଟେଶନେରି ମଲ୍‌ରେ ବୁଧବାର ଭୋର୍ ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ କୋଟି କୋଟି ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଏପରି ଭୟାବହ ଥିଲା ଯେ, ଅଗ୍ନିଶମ ବିଭାଗ ୮ ଘଣ୍ଟା ଧରି ଉଦ୍ୟମ କରିବା ପରେ ପରିସ୍ଥିତି ଆୟତ୍ତ ହୋଇଥିଲା। ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।



ବାଲେଶ୍ୱର ସହରର ପଦ୍ମାବତୀ ସେନାପତି ଓ ଧନଞ୍ଜୟ ସେନାପତିଙ୍କ ନାମରେ ରହିଛି ଏହି ଷ୍ଟେଶନେରି ମଲ୍। ରାତି ପ୍ରାୟ ୩ଟା ୩୦ମିନିଟ୍‌ରେ କୋଠାରେ ନିଆଁ ଲାଗିଥିଲା। ପଡ଼ୋଶୀ ଲୋକେ ନିଆଁ ଲାଗିଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାଲେଶ୍ୱର ଦମକଳ କେନ୍ଦ୍ରରୁ ୪ଟି ଓ ରେମୁଣାରୁ ଗୋଟିଏ ଦମକଳ ଗାଡ଼ି ପହଞ୍ଚିଥିଲା। ନିଆଁ ଲିଭାଇବା ପାଇଁ ୩ଜଣ ଅଫିସର ଓ ୨୨ଜଣ କର୍ମଚାରୀ ନିୟୋଜିତ ଥିଲେ। ସ୍ଥାନୀୟ ପୋଖରୀରୁ ମଧ୍ୟ ୨ଟି ପମ୍ପସେଟ୍‌ରୁ ପାଣି ଅଣାଯାଇଥିଲା। ନିଆଁର ପ୍ରକୋପ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ତେବେ ଅଗ୍ନିଶମ ବିଭାଗ ପକ୍ଷରୁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଜ୍ଞାନକୌଶଳ ବ୍ୟବହାର କରି ୮ଘଣ୍ଟା ପରେ ନିଆଁ ଲିଭାଇବାକୁ ସମର୍ଥ ହୋଇଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।







**ବହୁଚର୍ଚ୍ଚିତ ଏସ୍ଆଇ ପରୀକ୍ଷା ଜାଲିଆତି**

# ୩୦୦ ପଦବୀ ପାଇଁ ଡିଲ୍ ଚର୍ଚ୍ଚା

## ୧୮୬ଜଣ ଆଶାୟୀ ଟ୍ରେନ୍‌ରେ ଯାଇଥିଲେ

ଭୁବନେଶ୍ୱର,୧୫।୧୦
(ସତ୍ୟଜିତ ରାଉତ)

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିବାବେଳେ ଦିନକୁଦିନ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଏହି ଜାଲିଆତିରେ ୩୦୦ ଏସ୍ଆଇ ପଦବୀ ଡିଲ୍ ହୋଇଥିଲା ବୋଲି ବିଶ୍ୱସ୍ତସୂତ୍ରରୁ ସୂଚନା ମିଳିଛି। ଦୁଇ ଜଣ ମଧ୍ୟସ୍ଥ ଓ ୧୧୪ ପରୀକ୍ଷାର୍ଥୀ ବସ୍‌ରେ ଯାଉଥିବାବେଳେ ବ୍ରହ୍ମପୁର ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ତେବେ ପ୍ରଶ୍ନପତ୍ର ପାଇବାକୁ ଟ୍ରେନ୍‌ରେ ମଧ୍ୟ ଅନ୍ୟ ୧୮୬ଜଣ ଆଶାୟୀ ସମାନ ସ୍ଥାନକୁ ମଧ୍ୟସ୍ଥଙ୍କ ଜରିଆରେ ଯାଉଥିଲେ ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଏପରିକି ପରୀକ୍ଷାର୍ଥୀମାନଙ୍କ ଅସଲ ସାର୍ଟିଫିକେଟ ମଧ୍ୟସ୍ଥଙ୍କ ପାଖରେ ରହିଯାଇଥିବା ଜଣାପଡ଼ିଛି। ଏପଟେ ୧୧୪ ଜଣ ଗିରଫ ହେବା ଖବର ପଦାକୁ ଆସିବା ପରେ ଅନ୍ୟ ୧୮୬ ଜଣ ଆଶାୟୀ ଫେରାର ହୋଇଯାଇଥିଲେ। ସେମାନେ କିଏ କିଏ ଥିଲେ ସେନେଇ କ୍ରାଇମବ୍ରାଞ୍ଚ ତଥ୍ୟ ହାସଲ କରିବାରେ ଲାଗିପଡ଼ିଛି ବୋଲି ଜଣେ କର୍ମଚାରୀ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି।

## ହାଇକୋର୍ଟରେ ଫେରାର ଶଙ୍କରଙ୍କ ସମେତ ୫ଜଣଙ୍କ ଆଗୁଆ ଜାମିନ ଆବେଦନ

କଟକ,୧୫।୧୦(କାର୍ତ୍ତିକ ସାହୁ)

ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ ଫେରାର ଶଙ୍କର ପୃଷ୍ଟିଙ୍କ ସମେତ ୫ଜଣ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଶଙ୍କରଙ୍କ ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ମାମଲାରେ ଶଙ୍କରଙ୍କ ଆବେଦନ ଗତ ୮ ତାରିଖରେ ଦାଏର ହୋଇଥିଲା। ତେବେ ୨ ଦିନ ପରେ ଅର୍ଥାତ୍ ୧୦ ତାରିଖରେ ଆବେଦନ ଆଧାରରେ ମାମଲା ରୁଜୁ ହୋଇଛି। ହେଲେ ହାଇକୋର୍ଟରେ ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇ ନ ଥିବା ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ ପ୍ରଥମେ ୧୧୭ଜଣଙ୍କୁ ଗୋଳନ୍ଥରା ଥାନା ପୋଲିସ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ୧୧୪ ନିଯୁକ୍ତି ଆଶାୟୀ ଥିବା ବେଳେ ୩ଜଣ ଦଲାଲ ରହିଥିଲେ। ପରେ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ଆଉ ୨ଜଣ ଦଲାଲଙ୍କୁ ଗିରଫ କରିବା ପରେ ଗିରଫଦାରି ସଂଖ୍ୟା ୧୧୯ରେ ପହଞ୍ଚିଛି। ହେଲେ ମଧ୍ୟସ୍ଥ ସାଜିଥିବା ଆଉ ୨ ଅଭିଯୁକ୍ତ ମୁନା ମହାନ୍ତି ଓ ଶଙ୍କର ପୃଷ୍ଟି ଅଦ୍ୟାବଧି ଫେରାର ଅଛନ୍ତି। କ୍ରାଇମବ୍ରାଞ୍ଚ ସମସ୍ତ ପ୍ରକାର ଚେଷ୍ଟା କରିବା ସତ୍ତ୍ୱେ ବି ୨ ଅଭିଯୁକ୍ତଙ୍କୁ ଖୋଜି ପାଇବାରେ ବିଫଳ ହୋଇଛି। ଏପରି କି ପ୍ରାୟ ୭ ରାଜ୍ୟରେ ତନାଘନା କରିବା ପରେ ବି ରାଜ୍ୟ ବାହାରେ ଦୁହିଁଙ୍କୁ ପାଇପାରିନାହିଁ କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚ ବିଶେଷ ସୂତ୍ରରୁ ଜାଣିବାକୁ ପାଇଛି, ଅଭିଯୁକ୍ତ ଦ୍ୱୟ ଦେଶ ଛାଡ଼ି ପଳାଇ ଯାଇପାରନ୍ତି। ଫଳରେ ଅଭିଯୁକ୍ତ ଦୁହିଁଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଲୁକ୍ ଆଉଟ୍ ସର୍କୁଲାର ସୋମବାର ଜାରି କରିଛି। ଏହାଦ୍ୱାରା ସେମାନଙ୍କ ଗତିବିଧି ଉପରେ ନଜର ରଖାଯିବ। ସେମାନେ ଦେଶ ଛାଡ଼ି ବାହାରକୁ ଯାଇପାରିବେ ନାହିଁ। ସେଭଳି କୌଣସି ପରିସ୍ଥିତି ଉପୁଜିଲେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ଅଦ୍ୟାବଧି ମଧ୍ୟସ୍ଥ ସାଜିଥିବା ୨ ଫେରାର ଅଭିଯୁକ୍ତଙ୍କ ସମେତ ମୋଟ ୮ଜଣ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଅଚଳ କରିଛି। ସେଥିରେ ଥିବା ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାକୁ ମଧ୍ୟ ଜବତ କରାଯାଇଛି। ମାତ୍ର ଏଯାବତ୍ ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ମିଳିପାରିନାହିଁ।

ଅପରପକ୍ଷରେ ଏହି ଘଟଣାରେ ମାଷ୍ଟରମାଇଣ୍ଡ (ମୁଖ୍ୟ ଅଭିଯୁକ୍ତ) କୁହାଯାଉଥିବା ପଞ୍ଚସଫ୍ଟ ସଂସ୍ଥା ମାଲିକ ଶଙ୍କର ପୃଷ୍ଟି ଫେରାର ହୋଇଯାଇଥିବାବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକାଧିକ ଟିମ୍ ତାଙ୍କୁ ଧରିବାକୁ ଖୋଜାଖୋଜି ଚଳାଇଛନ୍ତି। ତେବେ ଶଙ୍କର ତାଙ୍କ ପତ୍ନୀ ଦିପ୍ତୀମୟୀ ସାହୁଙ୍କୁ ଧରି ଦୁବାଇ ଫେରାର ହୋଇଯାଇଥିବା ଶୁଣିବାକୁ ମିଳୁଛି। ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ(ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷାକୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂସ୍ଥା ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦେଇଥିଲା। ସିଲିକନ୍ ଏହି କାମକୁ ପଞ୍ଚସଫ୍ଟକୁ ଦେଇଥିଲା। ଏନେଇ ଓପିଆର୍‌ବି ଅବଗତ ଥିଲା ବୋଲି ଜଣାପଡିଛି। ତେଣୁ ଏଥିରେ ଓପିଆର୍‌ବିର କେଉଁ ଅଧିକାରୀଙ୍କ ସମ୍ପୃକ୍ତି ରହିଛି, ତାକୁ ନେଇ ଏବେ ସନ୍ଦେହ ବଢ଼ିବାରେ ଲାଗିଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବ କି ନାହିଁ ଚର୍ଚ୍ଚା ହେଉଛି।

# ୧୮ରୁ ଖୋଲିବ ଶିମିଳିପାଳ

ବାରିପଦା,୧୫।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)




ବିଶ୍ୱ ପରିଚିତ ମୟୂରଭଞ୍ଜ ଜିଲାର ଶିମିଳିପାଳ ଜାତୀୟ ଉଦ୍ୟାନ ଅକ୍ଟୋବର ୧୮ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନିଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ସବୁଜ ବନାନୀରେ ଭରପୂର ଶିମିଳିପାଳ ଜାତୀୟ ଉଦ୍ୟାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନନ୍ୟ। ମହାବଳ ବାଘ, କଳାବାଘ, ଏସୀୟ ହାତୀ ଓ ଗୟଳ ପରି ବିଭିନ୍ନ ପ୍ରଜାତିର ପ୍ରାଣୀଙ୍କୁ ଅତି ନିକଟରୁ ଦେଖିବା ପାଇଁ ଏଠାରେ ସୁଯୋଗ ମିଳିଥାଏ। ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳରେ ବିଗତ ବର୍ଷ ପରି ଚଳିତବର୍ଷ ମଧ୍ୟ ସଫାରି ବ୍ୟବସ୍ଥା ପ୍ରଚଳନ କରାଯାଇଛି। କାଳିଆଣି ତନଖି ଫାଟକ (ଯଶୀପୁର) ପଟୁ ୩୫ ଚାରି ଚକିଆ ଯାନ ଓ ପିଠାବଟା (ବାରିପଦା) ତନଖି ଫାଟକ ଦେଇ ୨୫ ଗାଡ଼ିକୁ ମିଶାଇ ମୋଟ ୬୦ଟି ଗାଡ଼ି ଦୈନିକ ଜଙ୍ଗଲ ଭିତରକୁ ପ୍ରବେଶ କରିବ ବୋଲି ସ୍ଥିରୀକୃତ ହୋଇଛି। ସେହିପରି ଏଥର ତାଳବନ୍ଧ, ଜାମୁଆଣି ଓ ଗୁଡୁଗୁଡ଼ିଆଠାରୁ ସକାଳ ୫ଟା୩୦ ଓ ଅପରାହ୍ନ ୩ଟାରେ ୩୫ଟି ଖୋଲା ଜିପ୍ ବା ସଫାରି ଗାଡ଼ିରେ ୫ଘଣ୍ଟା ଲେଖାଏ ବୁଲିବାର ପର୍ଯ୍ୟଟକମାନେ ମଜା ନେଇପାରିବେ। ଉକ୍ତ ୨ ତନଖି ଫାଟକରେ ପ୍ରବେଶ ଅନୁମତି ପତ୍ର ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ବୁକିଂ କାଉଣ୍ଟରରେ ଉପଲବ୍ଧ ରହିବ। ପ୍ରତି ପର୍ଯ୍ୟଟକଙ୍କ ପିଛା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଛି। ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥିରେ ପ୍ଲାଷ୍ଟିକ୍ ସାମଗ୍ରୀ, ମାଦକଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ନେବା ଉପରେ କଟକଣା ଜାରି କରାଯାଇଛି। ଶିମିଳିପାଳରେ ଥିବା ଯାତ୍ରୀନିବାସଗୁଡ଼ିକରେ ରାତ୍ରିଯାପନ ପାଇଁ ପର୍ଯ୍ୟଟକମାନେ (www.ecotourism.com) ୱେବ୍‌ସାଇଟ୍‌ରେ ଅଗ୍ରିମ ବୁକିଂ କରିପାରିବେ ବୋଲି କୁହାଯାଇଛି।

# ଜଳିଗଲା ୪ ମହଲା ଷ୍ଟେଶନେରି ମଲ୍

**କୋଟି କୋଟି ଟଙ୍କାର ସାମଗ୍ରୀ ନଷ୍ଟ**

ବାଲେଶ୍ୱର,୧୫।୧୦(ବାଞ୍ଛାନିଧି ଦେ)



ବାଲେଶ୍ୱର ଟାଉନ ଥାନା ଅଧୀନ ସିନେମା ଛକ ନିକଟରେ ଥିବା ଏକ ୪ ମହଲା ବିଶିଷ୍ଟ ବନଜା ଷ୍ଟେଶନେରି ମଲ୍‌ରେ ବୁଧବାର ଭୋର୍ ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ କୋଟି କୋଟି ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଏପରି ଭୟାବହ ଥିଲା ଯେ, ଅଗ୍ନିଶମ ବିଭାଗ ୮ ଘଣ୍ଟା ଧରି ଉଦ୍ୟମ କରିବା ପରେ ପରିସ୍ଥିତି ଆୟତ୍ତ ହୋଇଥିଲା। ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

ବାଲେଶ୍ୱର ସହରର ପଦ୍ମାବତୀ ସେନାପତି ଓ ଧନଞ୍ଜୟ ସେନାପତିଙ୍କ ନାମରେ ରହିଛି ଏହି ଷ୍ଟେଶନେରି ମଲ୍। ରାତି ପ୍ରାୟ ୩ଟା ୩୦ମିନିଟ୍‌ରେ କୋଠାରେ ନିଆଁ ଲାଗିଥିଲା। ପଡ଼ୋଶୀ ଲୋକେ ନିଆଁ ଲାଗିଥିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାଲେଶ୍ୱର ଦମକଳ କେନ୍ଦ୍ରରୁ ୪ଟି ଓ ରେମୁଣାରୁ ଗୋଟିଏ ଦମକଳ ଗାଡ଼ି ପହଞ୍ଚିଥିଲା। ନିଆଁ ଲିଭାଇବା ପାଇଁ ୩ଜଣ ଅଫିସର ଓ ୨୨ଜଣ କର୍ମଚାରୀ ନିୟୋଜିତ ଥିଲେ। ସ୍ଥାନୀୟ ପୋଖରୀରୁ ମଧ୍ୟ ୨ଟି ପମ୍ପସେଟ୍‌ରୁ ପାଣି ଅଣାଯାଇଥିଲା। ନିଆଁର ପ୍ରକୋପ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ତେବେ ଅଗ୍ନିଶମ ବିଭାଗ ପକ୍ଷରୁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଜ୍ଞାନକୌଶଳ ବ୍ୟବହାର କରି ୮ଘଣ୍ଟା ପରେ ନିଆଁ ଲିଭାଇବାକୁ ସମର୍ଥ ହୋଇଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ଦୃଷ୍ଟିବାଧିତଙ୍କ ପାଇଁ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୧୫।୧୦(ସୁଚିସ୍ମିତା ସାହୁ)

ଧଳା ବାଡି ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସମାଜରେ ଆତ୍ମନିର୍ଭରଶୀଳ କରିପାରିଛି। ଜଣେ ଦୃଷ୍ଟିବାଧିତ ଯେପରି ସମାନତାର ଅଧିକାର ପାଇପାରିବ ଓ ସାଧାରଣ ଲୋକଙ୍କ ପରି କାମ କରିପାରିବ, ସେଥିପାଇଁ ଧଳାବାଡି ସେମାନଙ୍କ ଆତ୍ମବିଶ୍ୱାସକୁ ଜାଗ୍ରତ କରିଥାଏ। ତେବେ ରାଜ୍ୟ ସରକାର ଦୃଷ୍ଟିବାଧିତଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରୟାସ କରୁଛନ୍ତି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ପାରୁଲ ପଟାୱରୀ କହିଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବୁଧବାର ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏସ୍ଆଇଏସ୍ଇଆର୍)ଠାରେ ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଟାୱରୀ ଏକ ଅନ୍ତର୍ନିବେଶୀ ସମାଜ ଗଠନରେ ଧଳାବାଡି ଦିବସର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଯୁଗଳ କିଶୋର ପ୍ରଧାନ ଏବଂ ଭୀମ ଭୋଇ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତାପସ କୁମାର ମହାନ୍ତି ଯୋଗଦେଇ ଧଳାବାଡି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ନିର୍ଦ୍ଦେଶିକା ପଟାୱରୀ ଧଳାବାଡି ଦିବସ ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିସହ ସେ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଧଳାବାଡି ବିତରଣ କରିବା ସହ ସେମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତ, ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ଲାନୋ, ଉନ୍ନୟନ ଅଧିକାରୀ ସେଖ ଇକ୍ବାଲ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଲୁଇ ବ୍ରେଲ୍ ଦୃଷ୍ଟିବାଧିତ ବିଦ୍ୟାଳୟର ଦୃଷ୍ଟିବାଧିତ ଶିକ୍ଷାର୍ଥୀମାନେ ଡ୍ରମ, ତୁରୀ, ଝାଞ୍ଜ ଓ ଝୁମୁକା ଆଦି ବାଦ୍ୟଯନ୍ତ୍ର ପରିବେଷଣ କରିଥିଲେ।

# ପରଲୋକରେ ପୂର୍ବତନ ବିଧାୟକ ହେମେନ୍ଦ୍ର

ଲହୁଣୀପଡା,୧୫।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଖୁଣ୍ଟଗାଁ ପଞ୍ଚାୟତ ନୂଆଡ଼ିହି ଗ୍ରାମ ସ୍ଥିତ ବାସଭବନରେ ବୁଧବାର ସକାଳେ ପୂର୍ବତନ ବଣେଇ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ର(୯୨)ଙ୍କ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ଏହି ଖବର ପ୍ରଚାରିତ ହେବାପରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସୂଚନା ଅନୁସାରେ, ସୁନ୍ଦରଗଡ଼ ଜିଲା ବଣେଇ ନିର୍ବାଚନ ମଣ୍ଡଳୀରେ ହେମେନ୍ଦ୍ର ପ୍ରସାଦ ମହାପାତ୍ର ତିନିଥର ବିଧାୟକ ଥିଲେ। ସେ ୧୯୬୧ରୁ ୧୯୭୩ ମସିହା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଓ ଗଣପରିଷଦରୁ ତିନିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଆଖପାଖ ଅଞ୍ଚଳର ଲୋକେ ତାଙ୍କ ଆମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।



ହେମେନ୍ଦ୍ର ପ୍ରସାଦ ମହାପାତ୍ର

## ରାଶନକାର୍ଡଧାରୀଙ୍କୁ ମିଳିପାରେ ଅଧିକ ୫କିଲୋ ଚାଉଳ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)

ରାଶନକାର୍ଡ ହିତାଧିକାରୀଙ୍କ ପାଇଁ ଖୁସି ଖବର। ହିତାଧିକାରୀଙ୍କ ମୁଣ୍ଡ ପିଛା ବଢ଼ିପାରେ ଚାଉଳ ପରିମାଣ। ୫ କିଲୋ ଜାଗାରେ ଅଧିକ ଆଉ ୫ କିଲୋ ଚାଉଳ ଦେବାକୁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ରାଶନକାର୍ଡରେ ଥିବା ପ୍ରାୟ ୩ କୋଟି ୨୫ ଲକ୍ଷ ହିତାଧିକାରୀଙ୍କୁ ଏହି ଅଧିକ ଚାଉଳ ମିଳିବ। ଏନେଇ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେବେ। ଅନେକ ଗରିବ ହିତାଧିକାରୀଙ୍କୁ ୫ କିଲୋ ଚାଉଳ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଏନେଇ ସରକାର ଚିନ୍ତା କରୁଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏବେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଫାଇଲ ପଠାଯିବ। ମୁଖ୍ୟମନ୍ତ୍ରୀ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ସେ ସୂଚନା ଦେଇଛନ୍ତି।

# ସାଇବର ସୁରକ୍ଷା ସଚେତନତା ବ୍ୟାପକ ହେବ: ମୁଖ୍ୟ ସଚିବ




ଭୁବନେଶ୍ୱର,୧୫।୧୦(ରବିନାରାୟଣ ଜେନା)

**୧ ମାସ ଧରି ବୁଲିବ ସାଇବର ରଥ**

ରାଜ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନକୁ ବ୍ୟାପକ କରାଯିବ। ଆସନ୍ତା ଅକ୍ଟୋବର ୧୮ରୁ ନଭେମ୍ବର ୧୭ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ମୋଡ୍‌ରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆବଶ୍ୟକସ୍ଥଳେ ବର୍ଷସାରା ବିଭିନ୍ନ ସମୟରେ ବିଭିନ୍ନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖାଯିବ। ବୁଧବାର ଲୋକସେବା ଭବନରେ ଏନେଇ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ସାଇବର ଅପରାଧରୁ ଶିଶୁମାନଙ୍କୁ ସୁରକ୍ଷିତ ରଖିବା, ନିବେଶ କ୍ଷେତ୍ରରେ ଜାଲିଆତିରୁ ସୁରକ୍ଷିତ ରହିବା, ଅପରାଧୀ କେହି ବ୍ୟକ୍ତିଙ୍କର ନିଜସ୍ୱ କିମ୍ବା ଗୋପନ ଫଟୋ, ଭିଡିଓ କିମ୍ବା ଚାଟ୍ ଦେଖାଇ କିମ୍ବା ଧମକ ଦେଇ ଟଙ୍କା ବା ଅନ୍ୟ କିଛି ସୁବିଧା ଚାହିଁବା, ବେଆଇନ ବ୍ୟାଙ୍କ ଆକାଉଣ୍ଟ ଏବଂ ସିମ୍ ବିକ୍ରି କରିବା, ହୋଟେଲ ବୁକିଂରେ ସ୍କାମ୍, ଡିଜିଟାଲ ଆରେଷ୍ଟ, ସୁରକ୍ଷିତ ସାମାଜିକ ଗଣମାଧ୍ୟମର ବ୍ୟବହାର ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବାକୁ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ଓ ହଷ୍ଟେଲରେ ସଚେତନତା ସହ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ରାଜ୍ୟ ଓ ଜିଲାସ୍ତରରେ ପ୍ରଚାର ପ୍ରସାର କରାଯିବା ସହିତ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଜନପ୍ରତିନିଧିମାନଙ୍କ ସହଯୋଗରେ ସଚେତନତା କାର୍ଯ୍ୟକ୍ରମ ହେବ। ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଏହି ଅଭିଯାନରେ ସାମିଲ ହେବେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଥପ୍ରାନ୍ତ ନାଟକ ଓ ଲୋକନୃତ୍ୟ ମାଧ୍ୟମରେ ସଚେତନ କରାଯିବ। ଅଭିଯାନରେ କୁଇଜ୍ ପ୍ରତିଯୋଗିତା, ଗଣଦୌଡ଼, ପଦଯାତ୍ରା, ସଚେତନତା ସମ୍ମିଳନୀ, ଟିଭି, ରେଡିଓ, ସିନେମା ହଲ୍ ସମେତ ବିଭିନ୍ନ ଗଣମାଧ୍ୟମରେ ସଚେତନତା ବ୍ୟାପକ କରାଯିବ। ଅଭିଯାନରେ ସାଇବର ସୁରକ୍ଷା ରଥ ରାଜ୍ୟସାରା ବୁଲିବ। ସାଇବର-ଅପରାଧ ସମ୍ପର୍କିତ ହେଲ୍ପଲାଇନ୍-ନମ୍ବର ୭୦୩୦ କାର୍ଯ୍ୟକାରୀ ହେଉଛି ଏବଂ ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ ରହିଛି। ଏହାର ସୁବିଧା ନେବାକୁ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଯିବା ନେଇ ବୈଠକରେ ଆଲୋଚନା ହୋଇଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରସ୍ତୁତକରି ସଚେତନତା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଓ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ- ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ - ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। -ଶ୍ରୀଅରବିନ୍ଦ



# କାଞ୍ଚର ଅଶ୍ୱାରୋହୀ



ଦେବଦତ୍ତ ପଟ୍ଟନାୟକ

କାଞ୍ଚିର ବରଦରାଜ ପେରୁମଲ ମନ୍ଦିର (ଜିଲ୍ଲା କାଞ୍ଚିପୁରମ୍)ରେ ଗୋଟିଏ ଅଜବ ଅଶ୍ୱାରୋହୀଙ୍କ ମୂର୍ତ୍ତି ରହିଛି। ଗୋଟିଏପଟୁ ଏହା ଦକ୍ଷିଣ ଭାରତର ନାୟକ ରାଜା ଭଳି ଦେଖାଯାଏ ଏବଂ ଅନ୍ୟପାଖରୁ ଟ୍ରାଉଜର ଓ ଟ୍ୟୁନିକ ପରିଧାନ କରିଥିବା ଜଣେ ବିଦେଶୀଙ୍କ ଭଳି ଲାଗେ। ସେ ଜଣେ ବିଦେଶୀ ମନ୍ଦିରରକ୍ଷକ ନା ଜଣେ ପର୍ତ୍ତୁଗୀଜ୍ କିମ୍ବା ତୁର୍କୀର ସୈନିକ। ଅଶ୍ୱାରୋହୀମାନେ ତାମିଲନାଡୁରେ ରବୁତାନ ଭାବେ ଜଣାଶୁଣା, ଯାହା ରାଜପୁତଙ୍କ ଶବ୍ଦ ଯଥା ରାଉତ ଓ ରାଉତରୁ ଆସିଛି। ପଥର ଉପରେ ଖୋଦେଇ ହୋଇଥିବା ଏଭଳି ରକ୍ଷକ ମୂର୍ତ୍ତିଗୁଡ଼ିକ ବିଶେଷକରି ଆର୍କୋଟ ଓ ମହୀଶୂର ଅଞ୍ଚଳର ମନ୍ଦିରଗୁଡ଼ିକରେ ଦେଖିବାକୁ ମିଳେ। ଏଥିରୁ ସମ୍ଭବତଃ 'ହର୍ସ ଡ୍ୟାନ୍ସ ବା ଘୋଡ଼ାନାଚ' ସାମ୍ନାକୁ ଆସିଛି, ଯାହା 'ପୋଇକ୍କାଲ କୁଥିରାଇ ଆଟ୍ଟମ' ଭାବେ ଜଣାଶୁଣା। ଏହା ସହ ଟେରାକୋଟା ଘୋଡ଼ା ମୂର୍ତ୍ତିଗୁଡ଼ିକ ସ୍ଥାନୀୟ ଅଞ୍ଚଳର ଦେବୀ ଆୟାନାରଙ୍କୁ ସନ୍ତୁଷ୍ଟ କରିବାକୁ କରାଯାଉଛି।

ସପ୍ତଦଶ ଶତାବ୍ଦୀରେ ନାୟକ ବଂଶର ରାଜାମାନେ କରିଥିବା ପଥର ଖୋଦେଇ କଳାକୃତି ଆମକୁ ସ୍ମରଣ କରାଇଦିଏ ଯେ, ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ କେନ୍ଦ୍ର ଏସିଆ, ପର୍ସିଆ ଏବଂ ଆରବ ଦେଶଗୁଡ଼ିକରୁ ଅତ୍ୟଧିକ ସଂଖ୍ୟକ ଘୋଡ଼ା ଭାରତ ଆମଦାନୀ କରୁଥିଲା। ତୁର୍କୀର ବିଲାୟତି (ବିଦେଶୀ) ଘୋଡ଼ା ଉତ୍ତରାଞ୍ଚଳରେ ଥିବା ମାର୍କେଟଗୁଡ଼ିକରୁ ସ୍ଥଳ ପଥ ଦେଇ ଭାରତକୁ ଆସିଥିଲା। ଉତ୍ତର ଭାରତର ରାଜାମାନେ ଦକ୍ଷିଣର ବିନ୍ଧ୍ୟ ପର୍ବତମାଳା ପାଦଦେଶରେ ଥିବା ଶତ୍ରୁ ରାଜାମାନଙ୍କୁ ଘୋଡ଼ା ଦେବାକୁ ମନା କରୁଥିଲେ। ଏଣୁ ଦକ୍ଷିଣର ରାଜାମାନେ 'ବାହାରି' ଆରବୀୟ ଘୋଡ଼ା ସମୁଦ୍ର ପଥରେ (ଆରବିକ ଶବ୍ଦ 'ବାହାର' ର ଅର୍ଥ ସମୁଦ୍ର) ଆମଦାନୀ କରୁଥିଲେ। ୩,୦୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାରତକୁ ଘୋଡ଼ା ଆମଦାନୀ ହେଉଥିଲା। ରାଜ୍ୟ ଶାସନ ପାଇଁ ଏହାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ ସେମାନଙ୍କର ଚାହିଦା ମଧ୍ୟ ରହିଥିଲା। ଏହା ଜଣାଶୁଣା ଯେ, ଆମ ଦେଶରେ ଘୋଡ଼ା ପ୍ରଜନନ କଷ୍ଟକର ଏବଂ ଏଥିରୁ ବୁଝାପଡୁଛି ଯେ, ପ୍ରତିବର୍ଷ ଘୋଡ଼ା ଆମଦାନୀ କରିବା ଆବଶ୍ୟକ ହେଉଥିଲା। ତେବେ ୮୦୦ ବର୍ଷ ପୂର୍ବେ ଗୁଜରାଟ ଓ ରାଜସ୍ଥାନର କେତେକ ଅଞ୍ଚଳରେ ଘୋଡ଼ା ପ୍ରଜନନ ଆରମ୍ଭ ହୋଇଥିଲା। ମଙ୍ଗୋଲିୟଙ୍କ ଆକ୍ରମଣ ପରେ କେନ୍ଦ୍ର ଏସିଆରୁ ଘୋଡ଼ା ଆମଦାନୀ ବନ୍ଦ ହେବା ପରେ ଦିଲ୍ଲୀର ସୁଲତାନମାନଙ୍କ ଚାହିଦା ପୂରଣ କରିବା ସକାଶେ ଏହା କରାଯାଇଥିଲା। ତେବେ ତୁର୍କୀ ଓ ତାଜିକିସ୍ତାନର ବିଦେଶୀ ଘୋଡ଼ା ତୁଳନାରେ ସ୍ଥାନୀୟ ପ୍ରଜାତିର ଘୋଡ଼ା (ଯଥା ଟାଟୁ) ନିସ୍ତେଜ ଥିଲା। ଘୋଡ଼ା ପ୍ରଜନନ କରାଯାଉଥିବା ଅନେକ ଅଞ୍ଚଳ ମଧ୍ୟରେ କାଠିଆୱାଡ଼ ଥିଲା ଗୋଟିଏ, ଯେଉଁଠି ବିଦେଶୀ ପ୍ରଜାତିର ଘୋଡ଼ା ପ୍ରଜନନ ସଫଳ ହୋଇପାରିଥିଲା।



ଋକ୍‌ବେଦରେ ଘୋଡ଼ା ସମ୍ପର୍କରେ କିଛି ପଂକ୍ତି ରହିଛି, ଯାହା ବିଶ୍ୱରେ ସର୍ବପୁରାତନ। ୨୦୦ ଥର ଘୋଡ଼ା ବିଷୟରେ ସ୍ତୁତି କରାଯାଇଛି। ଏହା ଦର୍ଶାଉଛି ଯେ, କବିମାନେ ଦୂରଦୂରାନ୍ତ ଦେଶଗୁଡ଼ିକରୁ ଭାରତୀୟ ଉପମହାଦେଶକୁ ଆମଦାନୀ କରାଯାଉଥିବା ଏହି ବିଦେଶୀ ପ୍ରାଣୀଙ୍କ ସମ୍ପର୍କରେ ଭଲ ଭାବେ ଅବଗତ ଥିଲେ। ହରପ୍ପା ସହରଗୁଡ଼ିକରେ ଘୋଡ଼ା ନ ଥିଲେ, କାରଣ ଏହିସବୁ ସହର ଯେତେବେଳେ ଗଢ଼ି ଉଠିଥିଲା, ସେତେବେଳେ ସେଠାରେ ଘୋଡ଼ା ପାଳନ କରାଯାଉ ନ ଥିଲା। ତାମ୍ରଯୁଗରେ ଇଜିପ୍ଟ, ମେସୋପୋଟାମିଆ, ଚାଇନା କିମ୍ବା ଭାରତର ହରପ୍ପା ସଭ୍ୟତାରେ ଆମେ ଘୋଡ଼ା ଦେଖିବାକୁ ପାଉନାହୁଁ। ତେବେ ଲୌହଯୁଗରେ ଘୋଡ଼ାଟଣା ରଥଗୁଡ଼ିକ ସବୁଠି ଦେଖିବାକୁ ମିଳିଥିଲା, ଯାହା ପୁରାତନ ଇଜିପ୍ଟ, ପୁରାତନ ଗ୍ରୀସ୍ ଏବଂ ଚାଇନାର ସମାଧି ସ୍ଥଳଗୁଡ଼ିକରେ ଥିବା କଳାକୃତିଗୁଡ଼ିକରୁ ସୂଚନା ମିଳେ। ଘୋଡ଼ା ଯେତେବେଳେ ଭାରତକୁ ଆସିଲା, ସେତେବେଳେ ସେମାନଙ୍କ ସମ୍ପର୍କରେ ବୈଦିକ ସ୍ତୋତ୍ରଗୁଡ଼ିକରେ ଉଲ୍ଲେଖ କରାଯାଇଥିଲା।

ଏବେ ଜେନେଟିକ୍ ବା ଆନୁବଂଶିକ ପ୍ରମାଣରୁ ଜଣାପଡ଼େ ଯେ, ଖ୍ରୀଷ୍ଟପୂର୍ବ ୨୦୦୦ରେ କୃଷ୍ଣ ସାଗରର ଉତ୍ତର ଭାଗରେ ଘୋଡ଼ା ପାଳନ ଆରମ୍ଭ ହୋଇଥିଲା। ଏମାନଙ୍କ ଆକାର ଅତି ଛୋଟ ଥିଲା ଏବଂ ତା' ଉପରେ ବସି ଯାତାୟାତ କରିବା ସମ୍ଭବ ନ ଥିଲା। ସେମାନେ ମଧ୍ୟ ଓଜନିଆ ଗାଡ଼ି ଟାଣି ପାରୁ ନ ଥିଲେ। ଏଣୁ ଏହା ହାଲୁକା ରଥ ଆବିଷ୍କାର କରିବା ପାଇଁ ବାଟ ଦେଖାଇଲା। ଏହି କ୍ରମରେ ରଥୀ ଓ ସାରଥି ଦୁଇ ଜଣ ବସି ପାରୁଥିବା ହାଲୁକା ସ୍ପୋକ୍‌ଲଗା ଚକଯୁକ୍ତ ରଥ ତିଆରି ହୋଇପାରିଲା। ଏହା ଥିଲା ସେ ସମୟର ସବୁଠୁ ବଡ଼ ମିଲିଟାରୀ ଉଦ୍ଭାବନ। ମହାଭାରତରେ ଏଭଳି ରଥ ସ୍ମରଣୀୟ ହୋଇ ରହିଛି। କୁରୁକ୍ଷେତ୍ରରେ ୪ଟି ଘୋଡ଼ା ଟାଣୁଥିବା ରଥରେ କୃଷ୍ଣ ଓ ଗାଣ୍ଡିବ ଧନୁର୍ଦ୍ଧାରୀ ଅର୍ଜୁନ ବସିଥିବା ଦେଖିବାକୁ ପାଉଛୁ।

ଖ୍ରୀଷ୍ଟପୂର୍ବ ୭୦୦ ପାଖାପାଖି ଘୋଡ଼ା ଟାଣୁଥିବା ରଥାରୋହୀ ଧାରାରେ ପରିବର୍ତ୍ତନ ଆସି ଅଶ୍ୱାରୋହୀ ଶ୍ରେଷ୍ଠ ପ୍ରବେଶ କରିଥିଲା। ପ୍ରାୟ ଖ୍ରୀଷ୍ଟପୂର୍ବ ୩୩୧ରେ ରଥ ଉପରେ ବସି ଯୁଦ୍ଧ କରୁଥିବା ପାରସ୍ୟର ସମ୍ରାଟଙ୍କୁ ଅଶ୍ୱାରୋହୀ ଆଲେକ୍‌ଜାଣ୍ଡର ପରାସ୍ତ କରିବା ପରେ ଅଶ୍ୱାରୋହଣ ସାଧାରଣ ଭାବେ ଗ୍ରହଣୀୟ ହୋଇଗଲା। ଖ୍ରୀଷ୍ଟପୂର୍ବ ୨୦୦ରୁ ଖ୍ରୀଷ୍ଟାବ୍ଦ ୨୦୦ ମଧ୍ୟରେ ଇଣ୍ଡୋ-ଗ୍ରୀକ୍ (ଯବନ), ସାକ-ପଲ୍ଲଭ (ସିଥିଆନ୍- ପାର୍ଥିଆନ୍) ଏବଂ କୁଶାଣ (ୟୁଜେହି)ମାନେ ଘୋଡ଼ା ବ୍ୟବସାୟକୁ ନିୟନ୍ତ୍ରଣ କରୁଥିଲେ। ମୌର୍ଯ୍ୟ ବଂଶର ରାଜାମାନେ ଘୋଡ଼ା ଆମଦାନୀ କରିବା ସହ ହାତୀ ରପ୍ତାନି କରୁଥିଲେ। ରାଜକୁମାର ସିଦ୍ଧାର୍ଥ ଘୋଡ଼ା ଚଢ଼ି ରାଜପ୍ରାସାଦ ଛାଡ଼ି ଚାଲିଯାଇଥିଲେ। କିନ୍ତୁ ମହାଭାରତ ଓ ରାମାୟଣରେ କୌଣସି ଅଶ୍ୱାରୋହୀ ନାହାନ୍ତି, ଯାହା ସୂଚିତ କରେ ଯେ ଏହି କାବ୍ୟ ହେଉଛି ଅତି ପୁରୁଣା କାହାଣୀଗୁଡ଼ିକର ସମାହାର, ଯଦିଓ ଏହାର ବହୁ ପୂର୍ବରୁ ପ୍ରାଚୀନ ପାଣ୍ଡୁଲିପିଗୁଡ଼ିକ ଲେଖାଯାଇଥିଲା।

ଯଦି କେହି ସାଞ୍ଚି ଓ ଭାରହୁତ ଯାତ୍ରା କରନ୍ତି, ତେବେ ସେଠାକାର ବୌଦ୍ଧ ସ୍ଥଳଗୁଡ଼ିକରେ ପ୍ରସ୍ତରମାନେ ଘୋଡ଼ା ଚଢ଼ୁଥିବାର ମୂର୍ତ୍ତିଗୁଡ଼ିକ ଦେଖିବାକୁ ପାଇବେ। ସେମାନେ ସାଡଲ ଏବଂ ଉଦ୍ଦିଷ୍ଟ ଫୁଟ୍ ଷ୍ଟିରପ (ପାଦ ରଖିବା ପାଇଁ ଲୌହ ଫନ୍ଦା) ନ ଥାଇ ଘୋଡ଼ା ଉପରେ ବସି ଯାଉଥିଲେ, ଯାହା ଆମେ ବରଦରାଜ ପେରୁମଲ ମନ୍ଦିରରେ ଥିବା ଅଶ୍ୱାରୋହୀଙ୍କ ମୂର୍ତ୍ତିରେ ଦେଖିବାକୁ ପାଉ। କିନ୍ତୁ ଏହି ଅଶ୍ୱାରୋହୀମାନେ ଟୋ-ଷ୍ଟିରପ ବା ଅଙ୍ଗୁଳି ରଖିବା ପାଇଁ ଫନ୍ଦା ବ୍ୟବହାର କରୁଥିଲେ। ଏହା ପରବର୍ତ୍ତୀ ସମୟରେ ଲୌହ ନିର୍ମିତ ଷ୍ଟିରପ ଏବଂ କାଠ ତିଆରି ସାଡଲ ଉଦ୍ଭାବନ କରାଯାଇଥିଲା, ଯାହାକୁ ଖ୍ରୀଷ୍ଟାବ୍ଦ ୧୦୦୦ ପରେ ତୁର୍କୀମାନେ ଭାରତକୁ ଆଣିଥିଲେ।

ବୋଧଗୟା ଭଳି ବୌଦ୍ଧସ୍ଥଳୀରେ ସୂର୍ଯ୍ୟ ଦେବତା ୪ଟି ଘୋଡ଼ା ଟାଣୁଥିବା ରଥରେ ବସିଥିବା ପ୍ରଥମେ ଦେଖିବାକୁ ମିଳିଥିଲା। ଏହା ଗ୍ରୀକ୍‌ର ସୂର୍ଯ୍ୟ ଦେବତାଙ୍କୁ ଅନୁସରଣ କରାଯାଇ ତିଆରି କରାଯାଇଥିଲା। ପୁରୁଣା ବୈଦିକ ଲେଖା (ଖ୍ରୀଷ୍ଟପୂର୍ବ ୧୦୦୦)ରେ ବର୍ଣ୍ଣିତ ୭ଟି ଘୋଡ଼ାଟଣା ରଥରେ ସୂର୍ଯ୍ୟ ଦେବତା ବସିଥିବାର ଛବିଗୁଡ଼ିକ ଥିବାବେଳେ ସେଥିରେ ସେ ବୁଟ୍ ପିନ୍ଧିଥିବା ଦେଖାଯାଏ, ଯାହା କୁଶାଣଙ୍କ ପ୍ରଭାବ (ଖ୍ରୀଷ୍ଟାବ୍ଦ ୨୦୦)କୁ ସୂଚିତ କରେ। ସୂର୍ଯ୍ୟଙ୍କ ପୁତ୍ର ରେବନ୍ତଙ୍କୁ ସବୁବେଳେ ଜଣେ ଅଶ୍ୱାରୋହୀ ରୂପରେ ଦେଖିବାକୁ ମିଳେ, ଯାହାଙ୍କ ସହିତ ଗୋଟିଏ କୁକୁର ଓ ଶିକାରୀ ବାଦ୍ୟମାନେ ରହିଥାଆନ୍ତି। ତାଙ୍କ ମୂର୍ତ୍ତି ଛବିଗୁଡ଼ିକରେ ଲୌହ ଷ୍ଟିରପ ନାହିଁ। ଏଥିରୁ ବୁଝାପଡୁଛି ଯେ, ଏହିସବୁ ମୂର୍ତ୍ତିଗୁଡ଼ିକୁ ଖ୍ରୀଷ୍ଟାବ୍ଦ ୧୦୦୦ ପୂର୍ବେ ନିର୍ମାଣ କରାଯାଇଥିଲା। ବରଦରାଜ ପେରୁମଲ ମନ୍ଦିରରେ ମଧ୍ୟ ଲୌହ ଷ୍ଟିରପ ଦେଖିବାକୁ ପାଉ। ଏହିଭଳି ଆମେ ଘୋଡ଼ା କଳାର ଭାରତୀୟ ଇତିହାସ ଉପରେ ବିଦେଶୀ ପ୍ରଭାବ ସ୍ପଷ୍ଟ ପ୍ରକାଶ କରେ, ଯାହାକୁ ପାଠ୍ୟ ପୁସ୍ତକରେ ସ୍ଥାନିତ କରାଯିବା ଦରକାର।

-devduttofficial@gmail.com

# ପୋଷଣ ନିରାପତ୍ତା



ପ୍ର. ଦେବବ୍ରତ ପାଣିଗ୍ରାହୀ

ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖକୁ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରାଯାଏ। ଏହି ଦିବସ ସମଗ୍ର ବିଶ୍ୱ ଏବଂ ସର୍ବୋପରି ଭାରତ ପାଇଁ ଏକ ଆହ୍ୱାନର ଦିନ। ଖାଦ୍ୟ ଉତ୍ପାଦନ ଓ ତା'ର ନିରାପତ୍ତା ଆଜିର ସମସ୍ୟା ନୁହେଁ। କେଉଁ କାଳରୁ ଏ ସମସ୍ୟା ଉଭୟ ପରିମାଣ, ଗୁଣବତ୍ତା ରୂପରେ ରହିଆସିଛି। କିନ୍ତୁ ଏ ଦୁଇଟି ସମସ୍ୟା ବିଷୟରେ ବିଶ୍ୱବାସୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅର୍ଥାତ୍ ୧୯୪୫ରେ ଅନୁଭବ କରିଥିଲେ। ସେହି ବର୍ଷ ବିଶ୍ୱ ନେତୃବୃନ୍ଦ କାନାଡ଼ାରେ ଏକତ୍ର ହୋଇଥିଲେ ଏବଂ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ 'ଖାଦ୍ୟ ଓ କୃଷି ସଂଗଠନ' (ଏଫ୍‌ଏଓ) ପ୍ରତିଷ୍ଠା ହେଲା। ସମୟ କ୍ରମେ ଖାଦ୍ୟ ନିରାପତ୍ତା ବିଶ୍ୱବାସୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ରୂପେ ସ୍ଥାନ ପାଇଲା। ୧୯୭୩ରେ ଏହି ସଂଗଠନ ଦ୍ୱାରା ଆହୂତ ସମ୍ମିଳନୀରେ ସାରା ବିଶ୍ୱରୁ କ୍ଷୁଧା ମୁକ୍ତି ପାଇଁ ବିଶ୍ୱସ୍ତରୀୟ ଘୋଷଣାନାମା ସ୍ୱାକ୍ଷର ହେଲା। ଏହି ପ୍ରତିଶ୍ରୁତିବଦ୍ଧତାକୁ ଅଧିକ ସୁଦୃଢ଼ କରିବା ପାଇଁ ଏହି ସଂଗଠନର ୧୯୭୯ ସମ୍ମିଳନୀରେ ଅକ୍ଟୋବର ୧୬କୁ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରିବାକୁ ସ୍ଥିର କରାଗଲା। ତେବେ ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଉତ୍ତମ ଖାଦ୍ୟ, ଉନ୍ନତ ଭବିଷ୍ୟତ ପାଇଁ ପରସ୍ପର ମଧ୍ୟରେ ହାତ

## ବିଶ୍ୱ ଖାଦ୍ୟ ଦିବସ ଉପଲକ୍ଷେ

ମିଳାଇବା'। ଏହି ପ୍ରସଙ୍ଗକୁ ବିଶ୍ଳେଷଣ କଲେ ଜଣାଯାଏ ବିଶ୍ୱସ୍ତରରେ ଅନାହାରରେ ଥିବା ୬୭.୩ କୋଟି ଜନତାଙ୍କୁ କ୍ଷୁଧାମୁକ୍ତ କରିବା ପାଇଁ ଉଭୟ ବ୍ୟକ୍ତି, ବିଭିନ୍ନ ସଂସ୍ଥା, ଗୋଷ୍ଠୀ ମଧ୍ୟରେ ସୁସମ୍ପର୍କ ଏବଂ ସହଯୋଗ ସ୍ଥାପନ କରି ଭବିଷ୍ୟତ ପାଇଁ ଏକ ଶାନ୍ତିପୂର୍ଣ୍ଣ, ଚିରନ୍ତନ, ସମୃଦ୍ଧ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ସୃଷ୍ଟି କରିବା।

ଚିରନ୍ତନ ଓ ପୋଷଣ ନିରାପତ୍ତା ପାଇଁ ଖାଦ୍ୟ ନିରାପତ୍ତାର ତିନୋଟି ଦିଗ ଯଥା ଖାଦ୍ୟ ଉତ୍ପାଦନ, ବିତରଣ ଏବଂ ଗ୍ରହଣକୁ ଠିକ୍ ରୂପେ ନିର୍ବାହ କରିବାକୁ ପଡ଼ିବ। କୃଷିର ବ୍ୟବସାୟୀକରଣ,ଏହାକୁ ଶିଳ୍ପର ମାନ୍ୟତା ପ୍ରଦାନ, କୃଷିରେ ଆବଶ୍ୟକ ପୁଞ୍ଜି ବିନିଯୋଗ କରି ଆୟ ଦ୍ୱିଗୁଣିତ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବା ଆବଶ୍ୟକ। ଏଥିପାଇଁ ଜନତା-ଘରୋଇ-ଭାଗିଦାରି ଶୈଳୀରେ କାର୍ଯ୍ୟ କରିବା, କ୍ଷୁଦ୍ରକୃଷି ଚାଷୀଙ୍କୁ ପ୍ରାଧାନ୍ୟ, ସମବାୟର ସୁଦୃଢ଼ୀକରଣ, କୃଷିକୁ ଅଧିକ ଅର୍ଥ ବିନିଯୋଗ, ଗ୍ରାମାଞ୍ଚଳରେ ଜଳସମ୍ପଦ, ଶକ୍ତି, ଗମନାଗମନ, ସୂଚନା ଓ ଯୋଗାଯୋଗ ଆଦି କୃଷି ଭିତ୍ତିଭୂମିର ଉନ୍ନତି, ଚିରନ୍ତନ କୃଷିକୁ ଆଦରିବା ପାଇଁ ସଚେତନତା ସୃଷ୍ଟି, କେମିକ ସ୍ୱତନ୍ତ୍ର ଓ ଅବିହିତ ପନିପରିବାକୁ ଜୈବିକ ଉପାୟରେ ଚାଷ କରିବା ଏବଂ ଖାଦ୍ୟଶସ୍ୟର ମାନ ନିର୍ଦ୍ଧାରଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦେବା ଜରୁରୀ। ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ନୂତନ ଫସଲ ଖସଡ଼ା ପ୍ରସ୍ତୁତି, ବିଲ, ଫଳ ଓ ପନିପରିବା ଫସଲରେ ଉପଯୁକ୍ତ କିସମର ବ୍ୟବହାର, ମୃତ୍ତିକାର ଉର୍ବରତା ରକ୍ଷା ପାଇଁ ମାଟିକୁ ସମସ୍ତ ଖାଦ୍ୟ ଉପାଦାନ ଯୋଗାଣ, ପରିବେଶ ପ୍ରଦୂଷଣକୁ ରୋକିବା ଏବଂ ଉପଯୁକ୍ତ ଅଣିଷ୍ଟ ନାଶକର ଠିକ୍ ପରିମାଣ, ସମୟ ଏବଂ ପ୍ରଣାଳୀରେ ପ୍ରୟୋଗ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଆମ କୃଷି ଉତ୍ପାଦରେ ବିଷାକ୍ତ ନକଲି ରଙ୍ଗ, ଫଳ ପଚାଇବା ପାଇଁ ବିଷାକ୍ତ ପଦାର୍ଥ ଓ ଅତ୍ୟଧିକ ହରମୋନ୍ ବ୍ୟବହାର ବର୍ଜନ କରିବା ଦରକାର। ଫଳ ଓ ପନିପରିବା ସମେତ ସମସ୍ତ କୃଷି ଉତ୍ପାଦକୁ ଉପଯୁକ୍ତ ଉପାୟରେ ସଂରକ୍ଷଣ କରିବା, ଏଥିରୁ ମୂଲ୍ୟଯୁକ୍ତ ପଦାର୍ଥ ସୃଷ୍ଟି ଓ ଉପୃନ୍ନିଯୁକ୍ତ କୃଷି ଉତ୍ପାଦର ପରିମାଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ଉଚିତ୍। ଗୋପାଳନର ବ୍ୟବସାୟୀକରଣ, ଦେଶୀ ଗାଈ କିସମଙ୍କର ସଂରକ୍ଷଣ, ଅଣ୍ଡା ଉତ୍ପାଦନ ପାଇଁ ଅଣ୍ଡାଦେବା କୁକୁଡ଼ା ପାଳନ ଉପରେ ଗୁରୁତ୍ୱ, ଛେଳି ମେଣ୍ଢା ଓ ଘୁଷୁରି ପାଳନ, ଉପଯୁକ୍ତ ପରିବେଶ ଓ ଖାଦ୍ୟ ଯୋଗାଇବା ଉପରେ ଗୁରୁତ୍ୱାରୋପ, ପକ୍ଷୀ ପାଳନ ସମ୍ବନ୍ଧୀୟ ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଏହାର ଉପଯୋଗ କରିବା ବାଞ୍ଛନୀୟ। ମାଛ ଉତ୍ପାଦନ ବଢ଼ାଇବାକୁ ବିଭିନ୍ନ ଉପାୟ ଅବଲମ୍ବନ ସହ ଉପଯୁକ୍ତ ପୋଷଣ ପାଇଁ ମାଛ ଖାଇବାକୁ ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ। ଘରେ, ବାହାଘର ଭୋଜି, ହୋଟେଲ ଓ ରେଷ୍ଟୁରାଣ୍ଟରେ କୌଣସି ପରିସ୍ଥିତିରେ ଖାଦ୍ୟ ନଷ୍ଟ କରିବା ଉଚିତ ନୁହେଁ। ଉପଯୁକ୍ତ ପରିମାଣର ଗୁଣ ଏବଂ ଉପଯୁକ୍ତ ଖାଦ୍ୟଗ୍ରହଣ ପ୍ରତ୍ୟେକ ନାଗରିକଙ୍କ ଅଧିକାର ହୋଇଥିବାରୁ ଏହାକୁ ପାଇବା ପାଇଁ ଜନସାଧାରଣ, ବ୍ୟକ୍ତିଗତ, ଗୋଷ୍ଠୀଗତ ଏବଂ ପ୍ରତ୍ୟେକ ଦେଶର ସରକାର ଶପଥନେବା ଆଜିର ଦିବସର ବଡ଼ ଆହ୍ୱାନ।

ମୋ:୯୪୩୭୬୨୨୦୦୯

## ଏଇ ଭାରତରେ

ଜୈବିକ ପଦ୍ଧତିରେ ହଳଦୀ ଏବଂ ଧାନ ଚାଷ କରିବା ସହ ବିହନ ସଂରକ୍ଷଣ କରୁଛନ୍ତି ଜଣେ ପୂର୍ବତନ ସୀମା ସଶସ୍ତ୍ରବଳ(ଏସ୍‌ଏସ୍‌ବି) ଅଧିକାରୀ ଉତ୍କୃଷ ପାଣ୍ଡେ। ସେ ଉତ୍ତରପ୍ରଦେଶ ପ୍ରତାପଗଡ଼ ଜିଲ୍ଲାର ଗାଁରେ ରହି ସେଠାରେ ଜୈବିକ ପଦ୍ଧତିରେ ସ୍ଥାନୀୟ ଅଞ୍ଚଳର ପୁରୁଣା ତଥା କଳାନାମକ ବାସ୍ନାଧାନ ଚାଷ କରୁଛନ୍ତି। ସେ ଏସ୍‌ଏସ୍‌ବିରୁ ଅବସର ନେବାପରେ ଗାଁକୁ ଫେରି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ସେ ଜୈବିକ ଚାଷକୁ ପସନ୍ଦ କରିଥିଲେ। ପାଣ୍ଡେ ଏବେ ୭ ଏକର ପରିମିତ ଫାର୍ମରେ ଚାଷ କରୁଛନ୍ତି। ଏହାର ନାମ ଦେଇଛନ୍ତି 'ରଶ୍ମିଗ୍ରାମ ଅର୍ଗାନିକ୍'। ତାଙ୍କ ଫାର୍ମରେ ବିଶେଷକରି କଳା ହଳଦୀ ଓ କସ୍ତୁରୀ ହଳଦୀ ଚାଷ ହେଉଛି। ଗୋପାଳନ ସହ ଗୋବରରୁ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି। ଏହାବ୍ୟତୀତ ସେ ୩୦୦୦ରୁ ଊର୍ଦ୍ଧ୍ୱ ଚନ୍ଦନ ଗଛ ରୋପଣ କରିଛନ୍ତି ଏବଂ 'ହର୍ ଘର୍ ଚନ୍ଦନ' ଅଭିଯାନ ଚଳାଉଛନ୍ତି। ନର୍ସରୀରେ ୫୦,୦୦୦ ଚାରା ଉଗାରି ସେ ଲୋକମାନଙ୍କୁ ଚନ୍ଦନ ଚାରା ଯୋଗାଇ ଦେଉଛନ୍ତି। ଏହା ବ୍ୟତୀତ ହଳଦୀ ଚାଷ ପାଇଁ ୧୩ଟି ରାଜ୍ୟରେ ୫୦୦ରୁ ଅଧିକ କୃଷକଙ୍କୁ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୬ ଅକ୍ଟୋବର ୧୯୭୬

- ରାଜ୍ୟର ମରୁଡ଼ି ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ପଠାଇବା ଲାଗି ରାଜ୍ୟ ସରକାରଙ୍କ ଅନୁରୋଧ।
- ଜିମ୍ବାୱେ-ବନତାର ମୁକ୍ତି ସଂଗ୍ରାମରେ ଯଥାସମ୍ଭବ ସବୁପ୍ରକାର ସହାୟତା ଦେବା ନିମନ୍ତେ ଭାରତ ଓ ତାଞ୍ଜାନିଆ ପକ୍ଷରୁ ଦୃଢ଼ ପ୍ରତିଶ୍ରୁତି ଘୋଷଣା।
- ଦକ୍ଷିଣ ଆଫ୍ରିକା ଗଣସଙ୍ଗଠନର ନାମିଆ ଜାତୀୟତାବାଦୀମାନଙ୍କୁ ଆଫ୍ରିକାର ଦେଶଗୁଡ଼ିକ ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି ଜାତିସଂଘର ନିରାପତ୍ତା ପରିଷଦରେ ଜଣାଇ ଦିଆଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | 7 | |
| 7 | 4 | | | | 9 | | | |
| | | 8 | | | 1 | | | 5 |
| | | | | 5 | 2 | | | |
| 9 | | 5 | | | 3 | | | |
| | 8 | | | | | 1 | | |
| | | | 4 | | | | | |
| | | | | 8 | | 2 | 4 | 3 |
| 5 | | | | 2 | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 7 | 5 | 3 | 8 | 2 | 4 | 6 |
| 8 | 3 | 6 | 1 | 2 | 4 | 7 | 9 | 5 |
| 2 | 5 | 4 | 9 | 6 | 7 | 3 | 1 | 8 |
| 4 | 8 | 1 | 3 | 5 | 9 | 6 | 2 | 7 |
| 5 | 2 | 3 | 7 | 1 | 6 | 9 | 8 | 4 |
| 7 | 6 | 9 | 4 | 8 | 2 | 5 | 3 | 1 |
| 3 | 7 | 5 | 8 | 9 | 1 | 4 | 6 | 2 |
| 1 | 4 | 2 | 6 | 7 | 3 | 8 | 5 | 9 |
| 6 | 9 | 8 | 2 | 4 | 5 | 1 | 7 | 3 |

ଗତକାଲିର ଉତ୍ତର

# ଶାସନ ବ୍ୟବସ୍ଥାରେ ଅନାସ୍ଥା



ହରେକୃଷ୍ଣ ପଣ୍ଡା

ଭାରତୀୟ ମୂଳ ସମ୍ବିଧାନରେ ଅନାସ୍ଥା ବ୍ୟବସ୍ଥା ଭଳି ଏକ ବ୍ୟବସ୍ଥା ନ ଥିବା ବେଳେ ପରବର୍ତ୍ତୀ ସମୟରେ ତାହାକୁ ଲୋକ ସଭାରେ ପାସ୍ କରାଯାଇ ଆଇନରେ ପରିଣତ କରାଯାଇଛି। ସେତେବେଳେ ଏହାର ଆଭିମୁଖ୍ୟ ଯାହା ଥିଲା ପରବର୍ତ୍ତୀ ସମୟରେ ଏହାର ମୂଲ୍ୟବୋଧ ସମ୍ପର୍କରେ ଅଦ୍ୟାବଧି ସମୀକ୍ଷା ହୋଇ ନ ଥିବା ଦେଖାଯାଏ। ସେଥିପାଇଁ ଯଦି ଏହାର ପୁନଃ ମୂଲ୍ୟାୟନ କରାଯାଇପାରନ୍ତା ତେବେ ଅଶାନ୍ତ ରାଜନୈତିକ ବାତାବରଣ ପ୍ରଶମିତ ହୋଇପାରନ୍ତା। ଆମେ ଯଦି ଅନାସ୍ଥା ପ୍ରସଙ୍ଗ ଏବଂ ଦେଶ ବା ଜନତାଙ୍କ ସ୍ୱାର୍ଥକୁ ମିଶ୍ରିତ ଭାବେ ଦେଖିବା ତେବେ ଅତୀତରେ ଯାହା ନ ଥିଲା ତାହା ଏବେ ଦୃଶ୍ୟମାନ। ତାହା ହେଉଛି ମୁନାଫା,କଳାବଜାରି ଓ ବିରୋଧୀ ଶକ୍ତି ମିଶିଯାଇ ଏକ ମହାଶକ୍ତିରେ ପରିଣତ ହୋଇପାରୁଛନ୍ତି। ବିରୋଧୀ ଦଳ ମଧ୍ୟରୁ କିଛିବିକଳ୍ପ ନୂଆକଥା ନୁହେଁ। ଅନାସ୍ଥା ପାଇଁ ଏକ ସ୍ୱତନ୍ତ୍ର ବିଚାର ରହିଛି। ଯେତେବେଳେ ଦାୟିତ୍ୱରେ ଥିବା ସରକାର ବା ପ୍ରତିନିଧିମାନ ବ୍ୟକ୍ତି ତା'ର ସାମର୍ଥ୍ୟ ହରାଇ ଥାଏ କିମ୍ବା ତା'ର ଦକ୍ଷତା ନ ଥିବା ଜଣାପଡ଼େ ଏବଂ ଉପୁଜୁଥିବା କୌଣସି ସମସ୍ୟାର ନିଷ୍ପତ୍ତି ନେଇ ନ ପାରେ ସେତେବେଳେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ଆବଶ୍ୟକତା ଦେଖାଯାଏ। ଏହି ପ୍ରସ୍ତାବ ଜାତୀୟ ସ୍ୱାର୍ଥ ଓ ଲୋକଙ୍କ ମତକୁ ପାଥେୟ କରି ପ୍ରସଙ୍ଗଟିକୁ ଉପସ୍ଥାପନ କରାଯାଇଥାଏ। ଏଥିରେ ନିଜ ଦଳୀୟ ସ୍ଥିତି ବା ପ୍ରତିପତ୍ତି ପ୍ରଦର୍ଶନ ପାଇଁ ଆଦୌ ନୁହେଁ। ସରକାରଙ୍କର ବିଲ୍ ଯେତେବେଳେ ଲୋକ ସଭାରେ ପାସ୍ ନ ହୋଇ ପାରେ ସେତେବେଳେ ଅନାସ୍ଥା ଆସିବାର ନିୟମ ରହିଛି। ସଂଖ୍ୟା ଗରିଷ୍ଠତାକୁ ଭିତ୍ତି କରି ବିରୋଧୀ ଦଳର ଏକ ପ୍ରଚେଷ୍ଟା ବୋଲି କୁହାଯାଏ। ନିୟମ ୧୮୪/୫ ଅନୁସାରେ ସରକାର ନିଜର ସଂଖ୍ୟା ଗରିଷ୍ଠତା ପ୍ରମାଣିତ କରି ନ ପାରିଲେ ବାଚସ୍ପତି ପଦକ୍ଷେପ ନିଅନ୍ତି। ସରକାରଙ୍କୁ ଏ କ୍ଷେତ୍ରରେ ଇସ୍ତଫା ଦେବାକୁ ପଡ଼େ ନଚେତ ଗୃହ ଭଙ୍ଗ କରିଦିଅନ୍ତି। ଜନସାଧାରଣ ଏଠି ପ୍ରଶ୍ନ ଉଠାନ୍ତି ଆମେ ତ ମତଦାନ କରି ସରକାର ଗଠନ କଲୁ, କିନ୍ତୁ ଆମମାନଙ୍କ ମତ ନ ନେଇ ସରକାର ଭାଙ୍ଗିଲା କେମିତି? ଗଣତନ୍ତ୍ର କୁହେ ଲୋକମାନଙ୍କ ଦ୍ୱାରା, ଲୋକଙ୍କ ପାଇଁ, ଲୋକମାନଙ୍କର, କିନ୍ତୁ ଏଠି ବ୍ୟତିକ୍ରମ ହେଲା କିପରି? ନିର୍ବାଚିତ ପ୍ରତିନିଧିଙ୍କୁ ତାଙ୍କର ଅକାର୍ଯ୍ୟ ପାଇଁ ଫେରାଇ ଆଣିବା ଅଧିକାର ଯଦି ସମ୍ବିଧାନ ଲୋକଙ୍କୁ ଦେଇଥାଆନ୍ତା ତେବେ ଅନାସ୍ଥାର ଆବଶ୍ୟକତା ବୋଧହୁଏ ପଡ଼ି ନ ଥାଆନ୍ତା। କିନ୍ତୁ ଅନାସ୍ଥା ଯେତେବେଳେ ଆଇନରେ ପରିଣତ ହୋଇଯାଇଛି ତାହାକୁ ମାନିବାକୁ ପଡ଼ିବ ଓ ଏହାଦ୍ୱାରା ଅଧିକାଂଶ ଲୋକମାନେ ଏହା ବି ଜାଣି ନାହାନ୍ତି।

ତେବେ ଆସନ୍ତୁ ଜାଣିବା ଦେଶରେ ଅନାସ୍ଥାର ଇତିହାସ। ଭାରତରେ ପ୍ରଥମେ ପ୍ରଜା ସୋସାଲିଷ୍ଟ ପାର୍ଟିର ଲୋକ ସଭା ସଦସ୍ୟା ଆଚାର୍ଯ୍ୟ କୃପାଳିନୀ ୧୯୬୩ରେ ଭାରତ ଚାଇନା ଯୁଦ୍ଧ ପରେ ନେହେରୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ୧୯୮୧-୮୨ରେ ପ୍ରଧାନମନ୍ତ୍ରୀ



ଇନ୍ଦିରା ଗାନ୍ଧୀ ବହୁଥର ଅନାସ୍ଥାର ସମ୍ମୁଖୀନ ହୋଇଥିଲେ। ୧୯୪୫ରେ ସ୍ୱାଧୀନ ସଦସ୍ୟ ଏନ୍‌ସି ଚାଟାର୍ଜି ଓ ଅନ୍ୟମାନେ ଲାଲବାହାଦୁର ଶାସ୍ତ୍ରୀଙ୍କ ବିରୋଧରେ ୩ ଥର ଏବଂ ୧୯୯୩ରେ ଯଶୋବନ୍ତ ସିଂହ ଓ ଅନ୍ୟମାନେ ନରସିଂହ ରାଓଙ୍କ ବିରୋଧରେ ୩ ଥର, ୧୯୭୯ରେ ୱାଇ.ବି. ଚୌହାନ ମୋରାରଜୀ ଦେଶାଇଙ୍କ ବିରୋଧରେ ୨ ଥର, ୧୯୮୭ରେ ରାଜୀବ ଗାନ୍ଧୀ, ୨୦୦୩ରେ ସୋନିଆ ଗାନ୍ଧୀ ଅଟଳବିହାରୀ ବାଜପେୟୀଙ୍କ ବିରୋଧରେ ଏବଂ ନରେନ୍ଦ୍ର ମୋଦି ଥରେ ଲେଖାଏ ଅନାସ୍ଥାର ସମ୍ମୁଖୀନ ହୋଇଛନ୍ତି। ସେଗୁଡ଼ିକ ଅସଫଳ ହୋଇଥିବା ବେଳେ ୧୨ ଜୁଲାଇ ୧୯୭୯ରେ ମୋରାରଜୀ ଦେଶାଇ ଇସ୍ତଫା ଦେଇଥିଲେ। ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ମିଳିତ ମନ୍ତ୍ରିମଣ୍ଡଳରେ ଥିବା ଯୋଗୁ ଆସ୍ଥା ଭୋଟରେ ଜିତି ନ ପାରି ଗୃହକୁ ଭଙ୍ଗ କରିଥିଲେ। ତେବେ ଏହି ଅନାସ୍ଥା ପ୍ରସଙ୍ଗଟି ଭାରତର ନୁହେଁ, ଏହା ପ୍ରଥମେ ସୃଷ୍ଟି ହୋଇଥିବା ଜର୍ମାନୀ ଦେଶରୁ ଆସିଛି। ଏହା ଏବେ ସ୍ପେନ, ହଙ୍ଗେରୀ, ଇସ୍ରାଏଲ, ପୋଲାଣ୍ଡ, ବେଲଜିୟମରେ ପ୍ରବର୍ତ୍ତିତ ହେବା ପରେ ଭାରତକୁ ଆସିଥିଲା। ଆମ ଭାରତୀୟ ସମ୍ବିଧାନରେ ପ୍ରଥମେ ଅନାସ୍ଥା ନିୟମ ନ ଥିଲା। ସମ୍ବିଧାନର ଧାରା ୭୫ରେ କେବଳ ସ୍ପଷ୍ଟୀକରଣ ଦିଆଯାଇଥିଲା ମନ୍ତ୍ରୀମାନେ ଲୋକ ସଭାରେ ପରସ୍ପର ଦାୟୀ ରହିବେ। ଏଭଳି ଆଇନକୁ ଆଖି ଆଗରେ ରଖି ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଦୂରଦୃଷ୍ଟି ସହ ୨୦୦୩ରେ ଏକ ମନ୍ତବ୍ୟ ଦେଇ କହିଥିଲେ, ରାଜନୈତିକ ଅସ୍ଥିରତା ଦୂର କରିବା ପାଇଁ ଭାରତରେ ସବୁବେଳେ ମିଳିତ ମନ୍ତ୍ରିମଣ୍ଡଳ ହେବା ଦରକାର। ସଂଖ୍ୟା ଗରିଷ୍ଠ ଦଳର ନେତା ପ୍ରଧାନମନ୍ତ୍ରୀ ହେବେ, ସେ ମନ୍ତ୍ରୀମାନଙ୍କୁ ବିଭିନ୍ନ ଦଳରୁ ବାଛିବେ। ତାଙ୍କର ଏଭଳି ପ୍ରସ୍ତାବକୁ କେହି ଆଲୋଚନା କଲେ ନାହିଁ। ଏବେ ଓଡ଼ିଶା ବିଧାନସଭାରେ ସେହି ଅନାସ୍ଥାକୁ ନେଇ ଯେଉଁ ଯେଉଁ ଦୁର୍ନିରୋଧୀମାନ ଦେଖାଗଲା ତାହା ଆପେଆପେ ଅଗ୍ରାହ୍ୟ ହୋଇଗଲା। ଓଡ଼ିଶା ବିଧାନସଭାରେ ମଧ୍ୟ ଦେଖାଯାଇଛି ପ୍ରଥମ ବିଧାନସଭାରେ ନବକୃଷ୍ଣ ଚୌଧୁରୀଙ୍କ ବିରୋଧରେ ୨ଟି, ୩ୟ ବିଧାନସଭାରେ ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ୩ଟି, ଚତୁର୍ଥ ବିଧାନସଭାରେ ୧୯୬୪ରେ ବୀରେନ ମିତ୍ରଙ୍କ ବିରୋଧରେ ୩ ଟି, ୧୯୭୦ରେ ଆର୍.ଏନ୍. ସିଂଦେଓଙ୍କ ବିରୋଧରେ ଗୋଟିଏ, ୧୯୭୨ରେ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ବିରୋଧରେ ଗୋଟିଏ, ୧୯୮୩ରେ ଜାନକୀ ପଟ୍ଟନାୟକଙ୍କ ବିରୋଧରେ ଦୁଇଟି, ୨୦୦୧ରେ ନବୀନ ପଟ୍ଟନାୟକଙ୍କ ବିରୋଧରେ ଦୁଇଥର ଅନାସ୍ଥାର ସମ୍ମୁଖୀନ ହୋଇଛନ୍ତି। ଓଡ଼ିଶା ବିଧାନସଭାରେ ସବୁବେଳେ ଅନାସ୍ଥା କାଟ ଖାଇଛି ତେବେ ଦେଶ ତଥା ରାଜ୍ୟରେ ଯେତେଗୁଡ଼ିଏ ଅନାସ୍ଥା ପ୍ରସ୍ତାବ ଆସିଛି ତାହାଦ୍ୱାରା ଦେଶ ବା ରାଜ୍ୟର କି ଉନ୍ନତି ଘଟିଛି? ଦେଖାଯାଉଛି ଦଳୀୟ ଆସ୍ଥା ପ୍ରକଟ ପାଇଁ, କେତେବେଳେ ଦୁଇଦଳ ମିଶି ନିଜର ଏକତା ଦୃଷ୍ଟି, ଦୁର୍ନୀତି, ଅନୀତି ବିରୋଧରେ କଠୋର ଆଇନର ମନମୀୟତା, ସରକାରୀ ଦଳକୁ ଶ୍ରେୟ ନ ଦେବା, କ୍ଷମତାର ଲାଳସା ପାଇଁ ବିରୋଧୀ ଦଳ ପଞ୍ଜିପତି, ଶିଳ୍ପପତି ଓ କଳାବଜାରକାରୀଙ୍କ ଆବେଦନକ୍ରମେ ଏହିସବୁ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଗୃହର ଅଯଥା ସମୟ, ଅର୍ଥ, ଶକ୍ତି ବ୍ୟୟ ହେଉଥିବା ଦେଖିବାକୁ ମିଳୁଛି। ତେବେ ଆଇନ ବିଶାରଦ, ରାଜନୀତିଜ୍ଞ, ସମ୍ବିଧାନ ସମୀକ୍ଷକମାନେ ଏହି ଆଇନର ପୁନର୍ମୂଲ୍ୟାୟନ କରିବାର ଯଥାର୍ଥତା ସମ୍ପର୍କରେ ଚିନ୍ତା କରିବା ଆବଶ୍ୟକ।

ସୟେଦପୁର, ଯାଜପୁର
ମୋ: ୯୪୩୭୩୧୫୬୭୩

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ଜାମ୍ ହେଉଛି

ମହାଶୟ,

ରାସ୍ତାଜାମ୍ ବ୍ରହ୍ମପୁରର ଏକ ନିତିଦିନିଆ ସମସ୍ୟା। ସାଧାରଣତଃ ଜନସଚେତନତା ଅଭାବରୁ ହିଁ ଏପରି ଅବସ୍ଥା ଦେଖାଯାଉଥାଏ। ପୂର୍ବରୁ ଯେତେବେଳେ ସହରରେ ଦଶଟି ସିନେମା ହଲ୍ ଥିଲା, ମ୍ୟାଟିନ୍ ଓ ଫାଷ୍ଟ ଶୋ' ଶେଷ ହେବା ପରେ ଉତ୍କଳ ଏସ୍‌ଏସ୍‌ବିଟି, ଲିଙ୍ଗରାଜ, ଶିବା ଓ ଶକ୍ତି ଅଞ୍ଚଳ ଜନଗହଳି ହେଉଥିଲା, ସମ୍ପ୍ରତି ଏସବୁ ଆଉ ନାହିଁ। ଆଜିକାଲି ଗେଟ୍‌ବଜାର ଛକ, ସିଟି ହସ୍ପିଟାଲ ଛକ, ଥ୍ରୀ-ଏଣ୍ଡ ଟ୍ରାଫିକ୍ ରୋଡ୍, କମାପଲ୍ଲୀ ଛକ, ଟାଟା ବେଞ୍ଜ ରୋଡ୍, ଫରେଷ୍ଟ ଗେଟ୍, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍, ଯାନ୍ତ୍ରିକ ମାର୍ଗ ଛକ ପ୍ରଭୃତିରେ ଅବଶ୍ୟ ଟ୍ରାଫିକ୍ ପୋଲିସ ରହୁଛନ୍ତି। ମାତ୍ର କେତେକ ସ୍କୁଲ କଲେଜ ଛୁଟିବା ବେଳେ ଏକାଧିକ ଯାନବାହନ ଚଳାଚଳ ଯୋଗୁ ସାମୟିକ ଭାବେ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ହେଉଛି। କେହି ଆପତ୍ତି ବା ଅଭିଯୋଗ କରନ୍ତି ନାହିଁ। ବ୍ରହ୍ମପୁର ଏକଦା ମହୁରୀ ଜମିଦାରଙ୍କ ଅଧୀନରେ ଥିଲା। ସେତେବେଳେ ସମ୍ଭ୍ରାନ୍ତ ଲୋକେ ଘୋଡ଼ା ବ୍ୟବହାର କରୁଥିଲେ। ସେଥିପାଇଁ ସହରରେ ଅନେକ ଗଳି ରାସ୍ତା ରହିଛି। ଏ ପତ୍ର ପ୍ରେରକ ଗତମାସରେ ଆଙ୍କୋଲୀ ଓ କାଞ୍ଜିପଲ୍ଲୀ ମଧ୍ୟରେ ଏପରି ରାସ୍ତା ଜାମକୁ ଅଙ୍ଗେ ଅଙ୍ଗେ ଅନୁଭବ କରିଛି। ମନୁଷ୍ୟକୃତ ରାସ୍ତା ଅବରୋଧ ଯୋଗୁ ରୋଗୀଙ୍କୁ ନେଇ ଡାକ୍ତରଖାନା ଯାଉଥିବା ଆମ୍ବୁଲାନ୍ସ ପ୍ରତି ବିପଦ ରହିଛି।

-ପ୍ରତାପ ଚନ୍ଦ୍ର ପାତ୍ରୀ, କିଶନ୍ ନଗର, ଆଙ୍କୋଲୀ, ବ୍ରହ୍ମପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନାହିଁ ମୋ ବାସନା ଡାକିବାକୁ ତିଳେ
ଆସ ପାଖେ ବୋଲି ପ୍ରିୟେ ଚାରୁଶୀଳେ !
ଲଭିବାକୁ ତବ ଦେହ ମନ ଭାଷା
ନାହିଁ ମୁଁ ଭାବନା କରି
ଚମ୍ପକହାସ ହସିଯାଅ ଖାଲି
ଆଗୋ ଗୋରଚନା-ଗୋରୀ !
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଝାରପଡ଼ା ଜେଲରେ ମାଓବାଦୀ ନେତା ଆଜାଦ୍‌ଙ୍କ ଆମରଣ ଅନଶନ

## ଶୀଘ୍ର ଶୁଣାଣି ପ୍ରକ୍ରିୟା ଶେଷ କରିବାକୁ ଦାବି

- ୧୫ବର୍ଷ ହେବ ଜେଲରେ ଅଛନ୍ତି ଆଜାଦ୍
- ରାଜ୍ୟ ସରକାରଙ୍କୁ ଓଏଚ୍ଆର୍‌ସିଙ୍କ ରିପୋର୍ଟ ତଲବ


ଆଜାଦ୍

ଭୁବନେଶ୍ୱର,୧୫।୧୦
(ସତ୍ୟଜିତ ରାଉତ)

୧୫ ବର୍ଷ ଧରି ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଥିବା ମାଓବାଦୀ ନେତା ଦୁନ୍ନା କେଶବ ରାଓ ଓରଫ ଆଜାଦ୍ ବୁଧବାର ଆମରଣ ଅନଶନରେ ବସିଛନ୍ତି। ତାଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ଶୀଘ୍ର ବିଚାର ପ୍ରକ୍ରିୟା ଶେଷ କରିବାକୁ ସେ ଦାବି କରିଛନ୍ତି। ଏନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଥିବାବେଳେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି କର୍ଣ୍ଣପାତ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି ଘଟଣାକୁ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି) ମଧ ଗୁରୁତ୍ୱର ସହ ନେଇଛନ୍ତି। ଏନେଇ ହୋଇଥିବା ଏକ ପିଟିଶନ୍‌ର ଶୁଣାଣି କରି ଓଏଚ୍‌ଆର୍‌ସି ଅଧକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ରାଜ୍ୟ ସରକାରଙ୍କୁ ମଙ୍ଗଳବାର ରିପୋର୍ଟ ତଲବ କରିଛନ୍ତି। ଅକ୍ଟୋବର ୩୧ ସୁଦ୍ଧା ଏ ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ଗୃହ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ଆଜାଦ୍‌ଙ୍କ ବିରୋଧରେ ଓଡ଼ିଶାରେ ୪୩ଟି ମାମଲା ଏବଂ ଆନ୍ଧ୍ରପ୍ରଦେଶରେ ୧୬ଟି ମାମଲା ରହିଥିବା ଜଣାପଡ଼ିଛି। ୨୦୧୧ ମେ ୧୮ରେ ଆନ୍ଧ୍ରପ୍ରଦେଶ ପୋଲିସ ନିକଟରେ ଆଜାଦ୍ ଆତ୍ମସମର୍ପଣ କରିଥିଲେ। ସେହି ସମୟରେ ସେ ସିପିଆଇ ଦଳର ଓଡ଼ିଶା ରାଜ୍ୟ ପରିଚାଳନା କମିଟି (ଓଆର୍‌ସିଓସି)ର ସଦସ୍ୟ ଥିଲେ। ଏଥିସହ ଦକ୍ଷିଣାଞ୍ଚଳ ଜୋନ୍‌ର ମାଓବାଦୀ କମାଣ୍ଡାଣ୍ଟ ମଧ ଥିଲେ। ଆତ୍ମସମର୍ପଣବେଳେ ତାଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଅଣାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଆତ୍ମସମର୍ପଣର ୧୦ଦିନ ପରେ ମେ ୨୯ରେ ଓଡ଼ିଶା ପୋଲିସ ତାଙ୍କୁ ନିଜ ହେପାଜତକୁ ଆଣି ଜୁନ ୨ରେ ଗିରଫ ଦର୍ଶାଇଥିଲା। ତାଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ଦ୍ରୁତ ଶୁଣାଣି ଓ ତାଙ୍କୁ ରାଜନୈତିକ କଏଦୀ ଦର୍ଶାଇବାକୁ ଦାବି କରି ପୂର୍ବରୁ ଏକାଧିକ ଥର ସେ ଅନଶନରେ ବସିଥିଲେ। ଓଡ଼ିଶାରେ ଥିବା ତାଙ୍କ ବିରୋଧରେ କିଛି ମାମଲାରେ ଶୁଣାଣି ସରିଥିବାବେଳେ ଆଉ କେତେକ ମାମଲାର ଶୁଣାଣି ମଧ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ତେବେ ଏନେଇ ଆଜାଦ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁଲାଇ ଚତୁର୍ଥ ସପ୍ତାହରେ ସୁପ୍ରିମକୋର୍ଟ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଥିଲେ। ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସ୍ୱତନ୍ତ୍ର କୋର୍ଟରେ ଆଜାଦ୍‌ଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ସେପ୍ଟେମ୍ବରରୁ ଶୁଣାଣି ଆରମ୍ଭ କରି ଏକ ବର୍ଷ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଥିଲା। ହେଲେ ଏଯାଏ ଶୁଣାଣି ପ୍ରକ୍ରିୟାର ଅଗ୍ରଗତି ହୋଇ ନ ଥିବାରୁ ଆଜାଦ୍ ଜେଲରେ ଧାରଣା ଦେଇଥିବା ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ

ପୋଲସରା,୧୫।୧୦(ସୁବ୍ରତ ବେହେରା)


ସୁରେଶ କୁମାର ବେହେରା

ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୁରେଶ କୁମାର ବେହେରା ବୁଧବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମାଛ ଯାଁଚ ବିଲ୍ କରିବା ପାଇଁ ଜଣେ ହିତାଧିକାରୀଙ୍କଠାରୁ ୮ ହଜାର ଟଙ୍କା ଫୋନ୍ ପେ' ମାଧ୍ୟମରେ ନେଉଥିବା ବେଳେ ଧରା ପଡ଼ିଛନ୍ତି। ତାଙ୍କ କାର୍ଯ୍ୟାଳୟ, ଭଞ୍ଜନଗର ଓ ବାଲୁଗାଁ ବସ୍ତୁଗୁଳରେ ଥିବା ପୈତୃକ ଘରେ ଚଢ଼ାଉ ଚାଲିଛି। ମାଛ ଚାଷ କରିଥିବା ହିତାଧିକାରୀ ଜଣଙ୍କ ଯାଁଚ ବିଲ୍ କରିବେବା ପାଇଁ ସହକାରୀ ମତ୍ସ୍ୟ ଅଧିକାରୀ ବେହେରାଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ବେହେରା ଲାଞ୍ଚ ମାଗିଥିଲେ। ତାଙ୍କ କଥିବା ପ୍ରସ୍ତାବକ ହିତାଧିକାରୀ ଜଣଙ୍କ ଫୋନ୍ ପେ' ମାଧ୍ୟମରେ ୮ ହଜାର ଟଙ୍କା ଲାଞ୍ଚ ଦେଇ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଜଣାଇଥିଲେ। ବୁଧବାର ଭିଜିଲାନ୍ସ ଡିଏସ୍ପି ସିଦ୍ଧେଶ୍ୱର ବେହେରାଙ୍କ ନେତୃତ୍ୱରେ ପୋଲସରା ବ୍ଲକ ପରିସରରେ ଥିବା ସହକାରୀ ମତ୍ସ୍ୟ ଅଧିକାରୀ ବେହେରାଙ୍କ କାର୍ଯ୍ୟାଳୟ ଓ ଘରେ ଚଢ଼ାଉ କରାଯାଇଥିଲା। ବ୍ଲକ ପରିସରରେ ଥିବା କାର୍ଯ୍ୟାଳୟରୁ ୫୦ହଜାର ଟଙ୍କା ଓ ପୋଲସରା ସହର ବାଘୁଲୀ ନଗରସ୍ଥିତ ଭଡ଼ାଘର ୧ ଲକ୍ଷ ଟଙ୍କା ସହ କାଗଜପତ୍ର ଭିଜିଲାନ୍ସ ଟିମ୍ ଜବତ କରିଛି।

# ଚାଲାଣ ବେଳେ ଗଞ୍ଜେଇ ଜବତ, ୨ ଗିରଫ

ସମ୍ବଲପୁର,୧୫।୧୦(ପ୍ରମୋଦ ବହିଦାର)

ରାଜ୍ୟ ରାଜପଥ-୧୦(ବିଜୁ ଏକ୍ସପ୍ରେସ୍)ରେ ଚୋରା ଚାଲାଣ ବେଳେ ବୁଧବାର ସମ୍ବଲପୁର ଅବକାରୀ ବିଭାଗ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମଧ୍ୟପ୍ରଦେଶ ଦତିଆ ଜିଲ୍ଲା ସିଭିଲଲାଇନ୍ସ ଥାନା ଅନ୍ତର୍ଗତ ଏକ୍ତାନଗରର ସଞ୍ଜୀବ ପୁରୋହିତ(୪୪) ଓ ଧଉରୁଆ ଥାନା ଚରଉଲି ଗ୍ରାମର କମଳ କିଶୋର(୩୪)। ସେମାନଙ୍କ ଠାରୁ ୪ଟି ଧଳା ଜରିବସ୍ତାରେ ପ୍ରାୟ ୫୩ କିଲୋଗ୍ରାମ ଗଞ୍ଜେଇ, ଗୋଟିଏ ଟାଟା ସଫାରୀ(ଷ୍ଟର୍ମ) ଚାରି ଚକିଆ ଯାନ(ୟୁଡି-୧୬-ଏଆର୍-୭୦୦୪) ଓ ଗୋଟିଏ ମୋବାଇଲ୍ ଫୋନକୁ ଅବକାରୀ ବିଭାଗ କର୍ମଚାରୀ ଜବତ କରିଛନ୍ତି। ଏହାକୁ ନେଇ ଏକ ମାମଲା(ନଂ.୩୩୮/୨୫) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସମ୍ବଲପୁର ଦେଇ ଚୋରାରେ ଗଞ୍ଜେଇ ଚାଲାଣ ହେଉଥିବା ସମ୍ପର୍କରେ ସମ୍ବଲପୁର ଅବକାରୀ ବିଭାଗକୁ ଖବର ମିଳିଥିଲା। ଖବର ପାଇ ଅବକାରୀ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଏକ ଦଳ ବୁଧବାର ସକାଳେ ଅଇଁଠାପାଲି ଥାନା ଅନ୍ତର୍ଗତ ସମ୍ବଲପୁର ଉପକଣ ଭାଲୁପାଲି ନିକଟରେ ବିଜୁ ଏକ୍ସପ୍ରେସ୍ ୱେରେ ଛକି ରହିଥିଲେ। ପୂର୍ବାହ୍ନ ପ୍ରାୟ ୯ଟା ବେଳେ ଟାଟା ସଫାରୀ ଗାଡ଼ି ଆସିବା ଦେଖି ଅବକାରୀ କର୍ମଚାରୀମାନେ ଗାଡ଼ିକୁ ଅଟକ ରଖି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରେ ଲୁକ୍କାୟିତ ଅବସ୍ଥାରେ ଥିବା ୪ଟି ଜରି ବସ୍ତାରେ ଗଞ୍ଜେଇକୁ ଜବତ କରିଥିଲେ। ଗାଡ଼ି ସହିତ ଉଭୟ ଅଭିଯୁକ୍ତଙ୍କୁ ଅବକାରୀ କାର୍ଯ୍ୟାଳୟକୁ ନେଇ ପଚରାଉଚରା ପରେ ଉକ୍ତ ଗଞ୍ଜେଇକୁ ସେମାନେ ବୌଦ୍ଧରୁ ମଧ୍ୟପ୍ରଦେଶ ଚାଲାଣ କରୁଥିଲେ ବୋଲି କହିଥିଲେ। ଜବତ ସାମଗ୍ରୀର ଅନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।



ଜବତ ଗଞ୍ଜେଇ ସହିତ ଗିରଫ ୨ ଅଭିଯୁକ୍ତ।

## ବୌଦ୍ଧରୁ ମଧ୍ୟପ୍ରଦେଶକୁ ହେଉଥିଲା ଚାଲାଣ

# ଅସ୍ତ୍ରଶସ୍ତ୍ର ସହ ୧୩୮ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୫।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀ ସଙ୍ଗଠନ ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି। ଛତିଶଗଡ଼ରେ ମାଓବାଦୀ ଦମନ ଅଭିଯାନ ଜୋର୍‌ଦାର ହେବା ପରେ ଏନ୍‌କାଉଣ୍ଟରରେ ବହୁ ଟପ୍ କ୍ୟାଡର ମାଓବାଦୀ ନିହତ ହୋଇଛନ୍ତି। ମୁଖ୍ୟ ନେତାଙ୍କ ମୃତ୍ୟୁ ପରେ ମାଓବାଦୀ ସଙ୍ଗଠନକୁ ସକ୍ରିୟ ଭାବେ ଚଲାଇବା ନିମନ୍ତେ ଟପ୍ କ୍ୟାଡରଙ୍କ ଅଭାବ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଗତ ୬ ମାସ ମଧ୍ୟରେ ବହୁ ସଂଖ୍ୟକ ମାଓବାଦୀ ଆତ୍ମସମର୍ପଣ କରୁଥିବା ଦେଖିବାକୁ ମିଳିଛି । ଗତ ୨୪ ଘଣ୍ଟା ମଧ୍ୟରେ ଛତିଶଗଡ଼ର ସୁକ୍‌ମା, କାଙ୍କେର ଓ ଗଡଚିରୋଲି ଜିଲାରେ ମୋଟ ୧୩୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଗଡଚିରୋଲିରେ ୬୧ଜଣ, ସୁକ୍‌ମାରେ ୨୭ ଜଣ ଓ କାଙ୍କେରରେ ୫୦ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ବହୁ ଦୁର୍ଦ୍ଧାନ୍ତ ମାଓବାଦୀଙ୍କ ନାମରେ ପୁରସ୍କାର ରାଶି ଘୋଷଣା ହୋଇଥିବାବେଳେ ସେମାନେ ଅସ୍ତ୍ରଶସ୍ତ୍ର ସହ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ନିକଟରେ ଏଲଏମ୍ ଜି, ଏକେ ୪୭, ଇନ୍‌ସାସ ରାଇଫଲକୁ ସମର୍ପିତ କରିଥିଲେ । ସୁକ୍‌ମାରେ ଆତ୍ମସମର୍ପଣ କରିଥିବା ୨୭ ମାଓବାଦୀଙ୍କ ମଧ୍ୟରୁ ୫୦ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ଥିବା ପୋଲିସ ସୂତ୍ରରୁ ପ୍ରକାଶ । ବର୍ତ୍ତମାନ ମାଓବାଦୀ ସଂଗଠନ ସମ୍ପୂର୍ଣ୍ଣ ଭାବେ ଭୁଶୁଡିଯାଇଥିବାବେଳେ ସଂଗଠନର ଟପ୍ କ୍ୟାଡର ମାଓବାଦୀମାନେ ଇତିମଧ୍ୟରେ ପୋଲିସ ଗୁଳିରେ ମୃତ୍ୟୁବରଣ କରିଛନ୍ତି। ଅନ୍ୟପକ୍ଷରେ ସଂଗଠନରେ ପୂର୍ବ ଆଦର୍ଶ ନ ଥିବା, ଛତିଶଗଡ ସରକାରଙ୍କ ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଓ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ନିମନ୍ତେ ଏହି ନିଷ୍ପତ୍ତି ନେଉଥିବା ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ପ୍ରକାଶ କରିଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହ ସମସ୍ତଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।


ସୁକ୍‌ମା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

# ଭଡ଼ାଘରେ ବ୍ଲକ୍ କୃଷି ଅଧିକାରିଣୀଙ୍କ ଝୁଲନ୍ତା ମୃତଦେହ

ବାସୁଦେବପୁର,୧୫।୧୦
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ କାର୍ଯ୍ୟରତ କୃଷି ଅଧିକାରିଣୀ ନିହାରିକା ଦଳେଇ(୩୭)ଙ୍କ ଝୁଲନ୍ତା ମୃତଦେହ ବୁଧବାର ମଧ୍ୟାହ୍ନରେ ସେ ରହୁଥିବା ଭଡ଼ାଘରୁ ଜବତ କରାଯାଇଛି। ଗତ କିଛି ମାସ ହେବ ନୀହାରିକା ବାଲିନଗର ଗ୍ରାମର ଭଡ଼ାଘରେ ରହି ଆସୁଥିଲେ। ଗତ ୨ ଦିନ ଧରି ସେ ଅଫିସକୁ ଆସୁ ନ ଥିଲେ। ବୁଧବାର ସକାଳେ ସେ ନିଜ ଶିଶୁକନ୍ୟାକୁ ବ୍ଲକ୍‌ରୋଡ୍‌ରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ଛାଡ଼ିବାକୁ ଆସିଥିଲେ। କିନ୍ତୁ ମଧ୍ୟାହ୍ନ ପରେ ସେ ଶିଶୁକନ୍ୟାଙ୍କୁ ସ୍କୁଲରୁ ନେବାକୁ ଆସି ନ ଥିଲେ। ବ୍ଲକ୍ କୃଷି କାର୍ଯ୍ୟାଳୟର କେତେଜଣ କର୍ମଚାରୀ ତାଙ୍କ ଭଡ଼ାଘରକୁ ଯାଇ ନିହାରିକାଙ୍କୁ ଖୋଜିଥିବା ବେଳେ ଘରର କବାଟ ଭିତର ପଟୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ, କୃଷି ବିଭାଗ କର୍ମଚାରୀମାନେ ବାସୁଦେବପୁର ପୋଲିସକୁ ସୂଚନା ଦେଇଥିଲେ। ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ମୃତା ନୀହାରିକାଙ୍କର ୮ ବର୍ଷୀୟା ଶିଶୁକନ୍ୟାକୁ ବ୍ଲକ୍ କୃଷି କାର୍ଯ୍ୟାଳୟରେ ରଖାଯାଇଥିବା ବେଳେ ଆଇଆଇସି ସେଠାରେ ପହଞ୍ଚି ଶିଶୁର ଦେଖାଶୁଣା କରିଛନ୍ତି। ନିହାରିକାଙ୍କ ଘର ଭଦ୍ରକ ବଙ୍କସାହିରେ ବୋଲି ଜଣାପଡ଼ିଥିବା ବେଳେ ତାଙ୍କ ସ୍ୱାମୀ ସତ୍ୟସମ୍ବିତ ପାଢ଼ୀ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ତାଙ୍କ ସ୍ୱାମୀଙ୍କ ଘର କଟକ ଜିଲା ଚୌଦ୍ୱାରରେ। ତେବେ ଏହା ଏକ ଆତ୍ମହତ୍ୟାଜନିତ ଘଟଣା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅପରାହ୍ନ ୪ଟା ବେଳେ ମୃତ ନୀହାରିକାଙ୍କ ସ୍ୱାମୀ ସତ୍ୟସମ୍ବିତ ଓ ତାଙ୍କ ବାପା ଅନିରୁଦ୍ଧ ଦଳେଇ ବାସୁଦେବପୁରରେ ପହଞ୍ଚିବା ପରେ ତାଙ୍କ ଉପସ୍ଥିତିରେ ମୃତଦେହ ଝୁଲନ୍ତା ଅବସ୍ଥାରେ ବାହାର କରାଯାଇ ବ୍ୟବଚ୍ଛେଦ ପାଇଁ ବାସୁଦେବପୁର ଡାକ୍ତରଖାନା ପଠାଯାଇଛି। ମୃତ ନୀହାରିକାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହେଲେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ଆଇଆଇସି କହିଛନ୍ତି।


JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking)
JUIDCO BHAWAN, KUTCHERY ROAD, RANCHI-834001, JHARKHAND.
Ph No.: +91-651-2225878,
CIN: U45200JH2013SGC001752,
e-mail Id-pdt.juidco@gmail.com,juidcolimited@gmail.com

**Tender Cancellation Notice**

**NIT No** – JUIDCO Ltd/NIT/DPR-PMC/SWM/HC/25/657
**Tender ID** – 2025_UDD_102016_1
**PR No.** – 354878

**Project Title** - "Request for Proposal (RFP) for selection of Consultant for providing Consultancy service for Preparation of DPR of Solid Waste Management (SWM) Project and Project Monitoring Consultancy (PMC) at Chattarpur and Hariharhganj"
The tender having details as mentioned above is cancelled due to unavoidable reasons. All bidders are therefore requested to wait for future correspondence regarding fresh tender.

Sd/-
Project Director (Tech)
JUIDCO Ltd.

PR 364183 (Urban Development and Housing) 25-26 (D)



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ବୈଦ୍ୟୁତିକ ସେବା ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ତା୦୭।୧୧।୨୦୨୫ରିଖ ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: ଟେଣ୍ଡର ସଂଖ୍ୟା: ଏଡିଇଇ-ସୋଲାର-୨୦୨୫-୫ଆର୍-୪, ତାରିଖ: ୧୪।୧୦।୨୦୨୫ । କାର୍ଯ୍ୟର ବର୍ଣ୍ଣନା: ଗାର୍ଡେନ୍ ରିଚ୍‌ଠାରେ ୫୫ ଗୋଟି ୧୦ କେଡବ୍ଲ୍ୟୁପି, ୨୧ ଗୋଟି ୫ କେଡବ୍ଲ୍ୟୁପି ଏବଂ ୪୬ ଗୋଟି ୨ କେଡବ୍ଲ୍ୟୁପିର ଗ୍ରୀଡ୍ ସଂଯୁକ୍ତ ରୁଫ୍ ଟପ୍ ସୋଲାର ପ୍ଲାଣ୍ଟର ବ୍ୟବସ୍ଥା କରିବା । ଟେଣ୍ଡର ମୂଲ୍ୟ: ₹୩,୬୬,୫୦,୨୨୧.୮୦ (ପ୍ରଯୁଜ୍ୟ ଜିଏସଟି ସମେତ) । ଅମାନତ ରାଶି: ₹୩,୩୩,୩୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ (ଜିସିସି-୨୦୨୨ ଅନୁଯାୟୀ ଇ-ଟେଣ୍ଡର କାରଣରୁ) । ବନ୍ଦ ହେବା ତାରିଖ: ତା୦୭।୧୧।୨୦୨୫ରିଖ ୧୫.୦୦ ଘଟିକାରେ । କାର୍ଯ୍ୟର ସମାପ୍ତି ଅବଧି: ଏଲ୍‌ଓଏ ଜାରି ହେବା ତାରିଖରୁ ୦୬ (ଛଅ) ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-727)


# ଲଜ୍‌ରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ସମ୍ବଲପୁର,୧୫।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଫାର୍ମରୋଡ଼ସ୍ଥିତ ଏକ ଲଜ୍‌ରୁ ଜଣେ ନାବାଳକ ଛାତ୍ରଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ କଳାହାଣ୍ଡି ଜିଲା କଲମପୁର ଥାନା କସାବାହି ଗ୍ରାମର ହିତେଶ କୁମାର ନାଗ(୧୭) ବୋଲି ପରିଚୟ ମିଳିଛି। ସନ୍ଧ୍ୟାରେ ସେ ରହୁଥିବା ଲଜ୍‌ର ଏକ ପ୍ରକୋଷ୍ଠରେ ଥିବା ପଙ୍ଖାରେ ଝୁଲୁଥିବା ଦେଖି ଲଜ୍ କର୍ମଚାରୀ ପୋଲିସ ଓ ମୃତକଙ୍କ ପରିବାରଙ୍କୁ ଖବର ଦେଇଥିଲେ। ଖବର ପାଇଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାତି ୯ଟାରେ ମୃତଦେହ ଜବତ କରିଛି। ଏହାକୁ ନେଇ କ୍ଷେତରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣା ପଡ଼ିଛି। ମିଳିଥିବା ସୂଚନା ଅନୁସାରେ ମୃତକ କଳାହାଣ୍ଡି ଜିଲା ଜୟପାଟଣା ପଲିଟେକ୍ନିକ କଲେଜ୍ ହଷ୍ଟେଲ୍‌ରେ ରହି ପାଠ ପଢୁଥିଲେ। ମଙ୍ଗଳବାର ରାତିରେ ଅନ୍ୟଜଣେ ଯୁବକଙ୍କ ସହିତ ଆସି ଲଜର ଡର୍ମଟେରୀରେ ରହିଥିଲେ। ସେ ପରୀକ୍ଷା ଦେବାକୁ ସମ୍ବଲପୁର ଆସିଛନ୍ତି ବୋଲି ଲଜ୍ କର୍ମଚାରୀଙ୍କୁ କହିଥିଲେ। ଲଜ୍ କର୍ମଚାରୀଙ୍କ କହିବା ଅନୁସାରେ ବୁଧବାର ସକାଳେ ସେ ନିତକର୍ମ ସାରି ଚା, ଜଳଖିଆ ଖାଇଥିଲେ। ମାତ୍ର ସକାଳେ ତାଙ୍କ ସାଙ୍ଗରେ ଥିବା ଯୁବକ ଜଣକ ପରୀକ୍ଷା ଦେବାକୁ ଯାଇଥିବା ବେଳେ ହିତେଶ ଲଜ୍‌ରେ ରହିଥିଲେ। ସମ୍ଭବତଃ ସାଙ୍ଗରେ ଥିବା ଯୁବକଙ୍କ ଯିବା ପରେ ସେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପରିବାର ଲୋକ ଏଠାରେ ପହଞ୍ଚି ହିତେଶ ସମ୍ବଲପୁର ଆସିଥିବା କଥା ଜାଣି ନ ଥିବା କହିଥିଲେ। ତେବେ ହିତେଶ ଭୁବନେଶ୍ୱର ଯାଉଥିବା କହି ଏଠାରୁ ବାହାରିଥିଲେ ବୋଲି ହଷ୍ଟେଲ କର୍ତ୍ତୃପକ୍ଷ କହିଥିବା ପୋଲିସ କହିଛି।

# ଆକ୍ରମଣରେ ଗୁରୁତର ଭିଣୋଇଙ୍କ ମୃତ୍ୟୁ, ୨ ଗିରଫ

ଛେଣ୍ଡିପଦା,୧୫।୧୦ (ଅଜିତ ଧଳ)

ସମ୍ପର୍କୀୟ ଶାଳକଙ୍କ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଭିଣୋଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅନୁଗୋଳ ଜିଲା ଜରପଡ଼ା ଥାନା ନାଉପଦା ଗାଁର ଅଜୟ ନାଏକ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ବୁଧବାର ଅଭିଯୁକ୍ତ ବାଲିପଟା ଗାଁର ସମ୍ପର୍କୀୟ ଶାଳକ ବନି ନାଏକ ଏବଂ ସହଯୋଗୀ ଦାଶରଥୀ ନାଏକଙ୍କୁ ଗିରଫ କରିଛି।

ଅଭିଯୋଗରୁ ପ୍ରକାଶ, ଗତ ସୋମବାର ବାଲିପଟା ଗ୍ରାମର ବନି ଓ ଦାଶରଥି ଯାତ୍ରା ଦେଖିଯିବାକୁ କହି ଭିଣୋଇ ଅଜୟଙ୍କୁ ସାଙ୍ଗରେ ନେଇଥିଲେ। ହେଲେ ଅଜୟ ମଙ୍ଗଳବାର ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଘରଠାରୁ ୨ କିଲୋମିଟର ଦୂର ଶିବ ମନ୍ଦିର କେନାଲରୁ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଅଜୟଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଅଜୟଙ୍କ ପରିବାର ଲୋକେ ଛେଣ୍ଡିପଦା ଥାନାରେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ବାଲିପଟା ଗାଁକୁ ଯାଇ ତଦନ୍ତ କରିବା ସହ ଅଭିଯୁକ୍ତ ବନି ଏବଂ ସହଯୋଗୀ ଦଶରଥୀଙ୍କୁ ଗିରଫ କରିଛି।

## ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ

# ପ୍ଲେ ସ୍କୁଲ ମାଲିକ ଗିରଫ

ଅନୁଗୋଳ,୧୫।୧୦
(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହରରେ ଥିବା ଏକ ପ୍ଲେ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ବିବାହ ପାଇଁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଲେ। କିଛିଦିନ ଧରି ଏପରି ସମ୍ପର୍କ ପରେ ଆଉ ଧରାଛୁଆଁ ଦେଲେନି ପ୍ଲେ ସ୍କୁଲ ମାଲିକ। ଶେଷରେ ପ୍ରତାରଣାର ଶିକାର ଶିକ୍ଷୟିତ୍ରୀ ଜଣକ ଏ ନେଇ ଅନୁଗୋଳ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ଲେ ସ୍କୁଲ ମାଲିକଙ୍କୁ ଗିରଫ କରିଛି।

ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳ ସହରରେ ଅଭିଯୁକ୍ତଙ୍କ ଏକ ପ୍ଲେ ସ୍କୁଲ ରହିଛି। ଉକ୍ତ ସ୍କୁଲରେ ଜଣେ ଯୁବତୀ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଅଭିଯୁକ୍ତ ସ୍କୁଲ ମାଲିକ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କୁ ବାରମ୍ବାର ପ୍ରେମ ନିବେଦନ କରିଥିଲେ। ଶିକ୍ଷୟିତ୍ରୀ ଜଣକ ତାହାକୁ ପ୍ରତ୍ୟାଖ୍ୟାନ କରିଦେବାରୁ ସେ ବିବାହ ପ୍ରତିଶ୍ରୁତି ଦେଇ ସମ୍ପର୍କ ବଢ଼ାଇଥିଲେ। ଏପରି କି ଘରେ କଥା ହେଇ ବିବାହ କରିବେ ବୋଲି କହି ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ପରେ ସେ ବିବାହ ପାଇଁ ସିଧାସଳଖ ମନା କରିଥିଲେ। ଏ ନେଇ ଶିକ୍ଷୟିତ୍ରୀ ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ମଙ୍ଗଳବାର ଅଭିଯୁକ୍ତ ପ୍ଲେ ସ୍କୁଲ ମାଲିକଙ୍କୁ ଗିରଫ କରିଛି।


JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking)
JUIDCO BHAWAN, KUTCHERY ROAD, RANCHI, JHARKHAND
Ph. No.: +91-651-2225878, Mob. No.: +91 9471006062
E-mail Id-juidcolimited@gmail.com
CIN: U45200JH2013SGC001752

**Notice Inviting Tender**
**3rd Tender Call**
**NIT No.: JUIDCO/ NIT/DPR-PMC/SWM/HC/25/ 668**
**Dated:15.10.2025**

| | | |
|---|---|---|
| 1. | Name of the work | "Request for Proposal (RFP) for selection of Consultant for providing Consultancy services for Preparation of DPR of Solid Waste Management (SWM) Project and Project Monitoring Consultancy (PMC) at Chattarpur and Hariharganj." |
| 2. | Mode of Bid Submission | e-tendering (http://jharkhandtenders.gov.in) |
| 3. | Tender Fee and Earnest Money to be submitted online | Tender document fee: Rs 10,000/- (Rupees Ten Thousand)only – Non-Refundable. Bid Security : Rs. 2,00,000/- (Rupees Two lakh only), to be paid online. |
| 4. | Date / Time of Publication of Tender on Website | 15.10.2025; 17.00hrs |
| 6. | Last Date / Time of Bid Submission | 29.10.2025; 17.00hrs |
| 7. | Date/Time of Bid Opening | 30.10.2025; 17.00hrs |
| 8. | Name and Address of office inviting Tender. | Jharkhand Urban Infrastructure Development Company Ltd, JUIDCO Bhawan, Kutchery Chowk, Ranchi-834001 |
| 9. | Helpline No. of e-Procurement Cell | +91 651 2225878 |

*Note: Only e-tenders will be accepted.*
Further details are available on Jharkhand Government e-procurement website http://jharkhandtenders.gov.in

Sd/-
Project Director (Tech.)
JUIDCO Ltd., Ranchi

PR 364215 Urban Development and Housing(25-26).D



यूनियन बैंक ऑफ़ इंडिया Union Bank of India
भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା /** **୧) ଋଣଗ୍ରହୀତା: ଶ୍ରୀ ଅମିତାଭ ଘଡେଇ / ୨) କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମହେଶ୍ୱେତା ମହାପାତ୍ର,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୯୭୫/୫୩୨୪, ଆକାରପୁରୀ କଲୋନୀ, ରଥ ରୋଡ, ଓଲ୍ଡ ଟାଉନ୍, ଗୌତମ ନଗର, ଭୁବନେଶ୍ୱର, ଓଡ଼ିଶା | ଟ.୧୯,୯୮,୨୫୯.୯୬ + ସେବାବଦ ସୁଧ | ୧୮.୦୭.୨୦୨୫ / ୧୪.୧୦.୨୦୨୫ | ଶ୍ରୀମତୀ ମହେଶ୍ୱେତା ମହାପାତ୍ର (ବିକ୍ରୟ ଦଲିଲ୍ ନଂ.: ୧୧୧୨୨୨୦୧୪୪୦, ତାରିଖ: ୧୪.୦୩.୨୦୨୨)ଙ୍କ ନାମରେ ଥିବା ବାସୋପଯୋଗୀ ଫ୍ଲାଟ୍ ଯାହାର ଫ୍ଲାଟ୍ ନଂ.: ୪୦୪, ୪ର୍ଥ ମହଲା, "ଶିବଶକ୍ତି ଏନ୍‌କ୍ଲେଭ୍" ୨ ବିଏଚ୍‌କେ, କ୍ଷେତ୍ର: ୧୩୮୨ ବର୍ଗଫୁଟ, ଖାତା ନଂ.: ୧୫୯, ଅନୁରୂପ ଖାତା ନଂ.: ୩୧୧/୪୩୨, ପ୍ଲଟ୍ ନଂ.: ୩୩୧ (ସ୍ଥିତିବାନ), କିସମ: ଘରବାରୀ, ମୌଜା: କଣ୍ଟିଲୋ, ଏସ୍‌ଆରଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| **ଓଏମ୍‌ସି କ୍ୟାମ୍ପସ୍ ଶାଖା /** **୧) ଋଣଗ୍ରହୀତା: ମେସର୍ସ ଜୟଦୁର୍ଗା ଟ୍ରାନ୍ସପୋର୍ଟ, ଅଂଶୀଦାରମାନେ: (କ) ଶ୍ରୀ ଶୁଭେନ୍ଦୁ କୁମାର ଦାସ, (ଖ) ଶ୍ରୀ ଚିତ୍ତରଞ୍ଜନ ଓଝା,** ଉଭୟଙ୍କ **ଠିକଣା-୧:** ବ୍ଲକ୍-ସି, ପ୍ଲଟ୍ ନଂ.: ୨୨୯, ଜଗନ୍ନାଥ ବିହାର, ରୋଡ ନଂ.: ୬, ଝାରପଡା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, **ଠିକଣା-୨:** ରୁମ୍ ନଂ.: ଏ-୧, ପ୍ଲଟ୍ ନଂ.: ୨୩୩୫/୪୦୬୧/୫୧୫୪, ସା: ଜଗତ୍‌ପୁର, ଗୋଲେଇ ଛକ, ଦୁର୍ଗା ମଣ୍ଡପ ନିକଟ, ଜଗତ୍‌ପୁର, କଟକ - ୭୫୪୦୨୧ / **୨) ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତରଞ୍ଜନ ଓଝା (ଅଂଶୀଦାର),** ପିତା: ଶ୍ରୀ ନିତ୍ୟାନନ୍ଦ ଓଝା, ସା: ବ୍ରାହ୍ମଣ ମଣିଯୋରି, କଟକ, ଓଡ଼ିଶା - ୭୫୪୨୦୬ / **୩) ବନ୍ଧକଦାତା: ଶ୍ରୀ ଶୁଭେନ୍ଦୁ କୁମାର ଦାସ (ପରିଚାଳନା ଅଂଶୀଦାର),** ପିତା: କୃଷ୍ଣ ଚନ୍ଦ୍ର ଦାସ, ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା - ୭୫୪୨୦୦ | ଟ.୫୫,୦୫,୧୯୯.୫୧ + ସେବାବଦ ସୁଧ | ୨୧.୦୭.୨୦୨୫ / ୧୪.୧୦.୨୦୨୫ | **ଶ୍ରୀ ଶୁଭେନ୍ଦୁ କୁମାର ଦାସଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୬୬/୧୮୦୨, ପ୍ଲଟ୍ ନଂ.: ୯୦୩/୨୩୮୭, ମୌଜା: ଅନନ୍ତପୁର, ଥାନା: ବାଲିଅନ୍ତା ନଂ.: ୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, କ୍ଷେତ୍ର: ଏକର ୦.୦୪୦ ଡିସିମିଲି କିମ୍ବା ୧୭୪୨ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୯୦୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୦୪, ପଶ୍ଚିମ: ପ୍ଲଟ୍ ନଂ.: ୯୦୩ର ଅବଶିଷ୍ଟ |
| **ରସୁଲଗଡ ଶାଖା /** **୧) ଋଣଗ୍ରହୀତା/ବନ୍ଧକଦାତା: ୧(କ) ଶ୍ରୀ ବିରଞ୍ଚି ନାରାୟଣ ବେହେରା / ୧(ଖ) କୋ-ଆପ୍ଲିକାଣ୍ଟ / ବନ୍ଧକଦାତା: ଶ୍ରୀ ରବିନ୍ଦ୍ର କୁମାର ବେହେରା,** ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୭୧, ସା: ନହରକଣ୍ଟା, ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୨୧୦୧ | ଟ.୧୯,୫୫,୭୩୭.୧୨ + ସେବାବଦ ସୁଧ | ୦୧.୦୮.୨୦୨୫ / ୧୩.୧୦.୨୦୨୫ | **ଶ୍ରୀ ବିରଞ୍ଚି ନାରାୟଣ ବେହେରା ଏବଂ ଶ୍ରୀ ରବିନ୍ଦ୍ର କୁମାର ବେହେରାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୧/୨୧୮୧/୨୭୬୫, ଖାତା ନଂ: ୬୦୯/୮୪୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୭୧, ଖାତା ନଂ: ୭୨୦/୧୧୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୪୫ ଡିସିମିଲି,** ଉପରୋକ୍ତ ୨ଟି ପ୍ଲଟ୍‌ର ମୌଜା: ନହରକଣ୍ଟା, ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର (କାଗଜାତ୍ ଅନୁଯାୟୀ)ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ, ପୂର୍ବ: ସବ୍ ପ୍ଲଟ୍ ନଂ.: ½, ପଶ୍ଚିମ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ |
| **ପୁବାଶାସନ ଶାଖା /** **୧) ଋଣଗ୍ରହୀତା: ଶ୍ରୀ ତଥାଗତ ଭରଦ୍ୱାଜ,** ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା / **୨) ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନେ: ୨(କ) ଶ୍ରୀ ଆର୍ତ୍ତତ୍ରାଣ ଜେନା,** ପିତା: ୯ କୁଞ୍ଜ ବିହାରୀ ଜେନା, **୨(ଖ) ଶ୍ରୀ ମନ ଆନନ୍ଦ ସାଗର,** ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା, ସମସ୍ତଙ୍କ ଠିକଣା- ସା/ଗ୍ରାମ: କାକରୁଦ୍ରପୁର, ପୋ: ବାଲିଅନ୍ତା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୨ | ଟ.୧୭,୬୨,୦୮୮.୩୫ + ସେବାବଦ ସୁଧ | ୨୮.୦୭.୨୦୨୫ / ୧୪.୧୦.୨୦୨୫ | ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୦, ବର୍ତ୍ତମାନର ଖାତା ନଂ.: ୨୩, କ୍ଷେତ୍ର: ଏକର ୦.୧୩୦ ଡିସିମିଲି, ମୌଜା: କାକରୁଦ୍ରପୁର, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାରି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପଶ୍ଚିମ: ରାଜ କିଶୋର ଜେନା, ପୂର୍ବ: ବିମଳ ଚନ୍ଦ୍ର ଜେନା |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୫.୧୦.୨୦୨୫** | **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ଝାରପଡ଼ା ଜେଲରେ ମାଓବାଦୀ ନେତା ଆଜାଦ୍‌ଙ୍କ ଆମରଣ ଅନଶନ

## ଶୀଘ୍ର ଶୁଣାଣି ପ୍ରକ୍ରିୟା ଶେଷ କରିବାକୁ ଦାବି

- ୧୫ବର୍ଷ ହେବ ଜେଲରେ ଅଛନ୍ତି ଆଜାଦ୍
- ରାଜ୍ୟ ସରକାରଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ


ଆଜାଦ୍

ଭୁବନେଶ୍ୱର,୧୫।୧୦
(ସତ୍ୟଜିତ ରାଉତ)

୧୫ ବର୍ଷ ଧରି ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଥିବା ମାଓବାଦୀ ନେତା ଦୁନ୍ନା କେଶବ ରାଓ ଓରଫ ଆଜାଦ୍ ବୁଧବାର ଆମରଣ ଅନଶନରେ ବସିଛନ୍ତି। ତାଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ଶୀଘ୍ର ବିଚାର ପ୍ରକ୍ରିୟା ଶେଷ କରିବାକୁ ସେ ଦାବି କରିଛନ୍ତି। ଏନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଥିବାବେଳେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି କର୍ଣ୍ଣପାତ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି ଘଟଣାକୁ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି) ମଧ ଗୁରୁତ୍ୱର ସହ ନେଇଛନ୍ତି। ଏନେଇ ହୋଇଥିବା ଏକ ପିଟିଶନ୍‌ର ଶୁଣାଣି କରି ଓଏଚ୍‌ଆର୍‌ସି ଅଧକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ରାଜ୍ୟ ସରକାରଙ୍କୁ ମଙ୍ଗଳବାର ରିପୋର୍ଟ ତଲବ କରିଛନ୍ତି। ଅକ୍ଟୋବର ୩୧ ସୁଦ୍ଧା ଏ ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ଗୃହ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ଆଜାଦ୍‌ଙ୍କ ବିରୋଧରେ ଓଡ଼ିଶାରେ ୪୩ଟି ମାମଲା ଏବଂ ଆନ୍ଧ୍ରପ୍ରଦେଶରେ ୧୬ଟି ମାମଲା ରହିଥିବା ଜଣାପଡ଼ିଛି। ୨୦୧୧ ମେ ୧୮ରେ ଆନ୍ଧ୍ରପ୍ରଦେଶ ପୋଲିସ ନିକଟରେ ଆଜାଦ୍ ଆତ୍ମସମର୍ପଣ କରିଥିଲେ। ସେହି ସମୟରେ ସେ ସିପିଆଇ ଦଳର ଓଡ଼ିଶା ରାଜ୍ୟ ପରିଚାଳନା କମିଟି (ଓଆର୍‌ସିଓସି)ର ସଦସ୍ୟ ଥିଲେ। ଏଥିସହ ଦକ୍ଷିଣାଞ୍ଚଳ ଜୋନ୍‌ର ମାଓବାଦୀ କମାଣ୍ଡାଣ୍ଟ ମଧ ଥିଲେ। ଆତ୍ମସମର୍ପଣବେଳେ ତାଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଅଣାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଆତ୍ମସମର୍ପଣର ୧୦ଦିନ ପରେ ମେ ୨୯ରେ ଓଡ଼ିଶା ପୋଲିସ ତାଙ୍କୁ ନିଜ ହେପାଜତକୁ ଆଣି ଜୁନ ୨ରେ ଗିରଫ ଦର୍ଶାଇଥିଲା। ତାଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ଦ୍ରୁତ ଶୁଣାଣି ଓ ତାଙ୍କୁ ରାଜନୈତିକ କଏଦୀ ଦର୍ଶାଇବାକୁ ଦାବି କରି ପୂର୍ବରୁ ଏକାଧିକ ଥର ସେ ଅନଶନରେ ବସିଥିଲେ। ଓଡ଼ିଶାରେ ଥିବା ତାଙ୍କ ବିରୋଧରେ କିଛି ମାମଲାରେ ଶୁଣାଣି ସରିଥିବାବେଳେ ଆଉ କେତେକ ମାମଲାର ଶୁଣାଣି ମଧ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ତେବେ ଏନେଇ ଆଜାଦ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁଲାଇ ଚତୁର୍ଥ ସପ୍ତାହରେ ସୁପ୍ରିମକୋର୍ଟ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଥିଲେ। ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସ୍ୱତନ୍ତ୍ର କୋର୍ଟରେ ଆଜାଦ୍‌ଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ସେପ୍ଟେମ୍ବରରୁ ଶୁଣାଣି ଆରମ୍ଭ କରି ଏକ ବର୍ଷ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଥିଲା। ହେଲେ ଏଯାଏ ଶୁଣାଣି ପ୍ରକ୍ରିୟାର ଅଗ୍ରଗତି ହୋଇ ନ ଥିବାରୁ ଆଜାଦ୍ ଜେଲରେ ଧାରଣା ଦେଇଥିବା ଜଣାପଡ଼ିଛି।

## ଭିଜିଲାନ୍ସ ଜାଲରେ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ

ପୋଲସରା,୧୫।୧୦(ସୁବ୍ରତ ବେହେରା)


ସୁରେଶ କୁମାର ବେହେରା

ଗଞ୍ଜାମ ଜିଲା ପୋଲସରା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସୁରେଶ କୁମାର ବେହେରା ବୁଧବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମାଛ ଯାଁଚ ବିଲ୍ କରିଦେବା ପାଇଁ ଜଣେ ହିତାଧିକାରୀଙ୍କଠାରୁ ସେ ୮ ହଜାର ଟଙ୍କା ଫୋନ୍ ପେ' ମାଧ୍ୟମରେ ନେଇଥିବା ବେଳେ ଧରା ପଡିଛନ୍ତି। ତାଙ୍କ କାର୍ଯ୍ୟାଳୟ, ଭଡ଼ାଘର ଓ ବାଲୁଗାଁ ବରକୁଲରେ ଥିବା ପୈତୃକ ଘରେ ଚଢ଼ାଉ ଚାଲିଛି।

ମାଛ ଚାଷ କରିଥିବା ହିତାଧିକାରୀ ଜଣଙ୍କ ଯାଁଚ ବିଲ୍ କରିଦେବା ପାଇଁ ସହକାରୀ ମତ୍ସ୍ୟ ଅଧିକାରୀ ବେହେରାଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ବେହେରା ଲାଞ୍ଚ ମାଗିଥିଲେ। ତାଙ୍କ କହିବା ମୁତାବକ ହିତାଧିକାରୀ ଜଣଙ୍କ ଫୋନ୍ ପେ' ମାଧ୍ୟମରେ ୮ ହଜାର ଟଙ୍କା ଲାଞ୍ଚ ଦେଇ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଜଣାଇଥିଲେ। ବୁଧବାର ଭିଜିଲାନ୍ସ ଡିଏସ୍‌ପି ବୈଦେହୀ ବେହେରାଙ୍କ ନେତୃତ୍ୱରେ ପୋଲସରା ବ୍ଲକ ପରିସରରେ ଥିବା ସହକାରୀ ମତ୍ସ୍ୟ ଅଧିକାରୀ ବେହେରାଙ୍କ କାର୍ଯ୍ୟାଳୟ ଓ ଘରେ ଚଢ଼ାଉ କରାଯାଇଥିଲା। ବ୍ଲକ ପରିସରରେ ଥିବା କାର୍ଯ୍ୟାଳୟରୁ ୫୦ହଜାର ଟଙ୍କା ଓ ପୋଲସରା ସହର ବାପୁଜୀ ନଗରସ୍ଥିତ ଭଡ଼ାଘରୁ ୧ ଲକ୍ଷ ଟଙ୍କା ସହ କାଗଜପତ୍ର ଭିଜିଲାନ୍ସ ଟିମ୍ ଜବତ କରିଛି।

# ୫ ଅଭିଯୁକ୍ତ ଗିରଫ, ୨ ପିସ୍ତଲ ଜବତ

## ଚାଲାଣବେଳେ ୩୫୦ କେଜି ଗଞ୍ଜେଇ ଜବତକଲା ପୋଲିସ


ଖବରଦାତା ସମ୍ମିଳନୀରେ ଏସ୍‌ପି ଅଭିଯୁକ୍ତମାନଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

ଜୟପୁର/ ନନ୍ଦପୁର/ପାଡୁଆ, ୧୫।୧୦, (ପବନ ପାଣିଗ୍ରାହୀ/ ତୁଷାର କାନ୍ତ ମହାନ୍ତି/ ଶଙ୍କର ପୂଜାରୀ)

କୋରାପୁଟ ଜିଲାରେ ଆଣ୍ଟି କ୍ରାଇମ ଡ୍ରାଇଭ ଜାରି ରହିଛି। ଗଞ୍ଜେଇ ଚାଲାଣବେଳେ କୋରାପୁଟ ଜିଲା ପାଡୁଆ ଥାନା ପୋଲିସ ଏକ ଗାଡ଼ିରୁ ୩୫୦ କେଜି ଗଞ୍ଜେଇ ସହ କାର୍ ଜବତକରି ୫ ଅଭିଯୁକ୍ତଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଜୟପୁର ସଦର ଥାନା କୁସୁମପୁଟର ଲାଲ ବାହାଦୁର ଦର୍ଜି(୩୪), ମାଛକୁଣ୍ଡ ବାଲେଲ୍ ଗ୍ରାମର ତ୍ରିନାଥ ଖରା (୩୦), ସୁରେଶ ବେଷାୟୀ(୨୨), ସଞ୍ଜୟ ଖରା (୧୯) ଓ ଗାଡ଼ି ଡ୍ରାଇଭର ଯୋଗେଶ ଖରା (୨୦)। ସେମାନଙ୍କଠାରୁ ୨ଟି ପିସ୍ତଲ ଜବତ କରାଯାଇଥିବା ବୁଧବାର କୋରାପୁଟ ଏସ୍‌ପି ରୋହିତ ବର୍ମା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଲାଲ ବାହାଦୁର ଜଣେ ଦୁର୍ଦ୍ଧାନ୍ତ ଅପରାଧୀ। ତାଙ୍କ ନାମରେ ୨୦ଟି ଆପରାଧିକ ମାମଲା ରହିଛି। ବହୁ ମାମଲାରେ ସେ ପଳାତକ ଥିଲେ। ତାଙ୍କ ବିରୋଧରେ କୋର୍ଟ ଜାମିନ ବିହୀନ ଓାରେଣ୍ଟି ଜାରି କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।

ମଙ୍ଗଳବାର ଏକ କାର୍ (ଓଆର୍‌-୧୦ଏଚ୍‌-୦୮୩୭)ରେ ଦୋକାନପୁଟ ଅଞ୍ଚଳରୁ ପଟାଙ୍ଗିକୁ ଗଞ୍ଜେଇ ଚାଲାଣ ହେଉଥିବା ପାଡୁଆ ପୋଲିସ ଖବର ପାଇଥିଲା। ପାଡୁଆ ଏସ୍‌ଆଇ ସୁରେନ୍ଦ୍ର କୁମାର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ମଲି ସୁବଲର ଛକରେ ଜଗି ରହିଥିଲା। ଗାଡ଼ିଟିକୁ ଅଟକାଇବାରୁ ଡ୍ରାଇଭର ଦ୍ରୁତଗତିରେ ଅର୍ଲାଭପୁଟ ପଟେ ନେଇଥିଲେ। ପିଛା କରିବାରୁ ଚାଲାଣକାରୀମାନେ ପୋଲିସକୁ ପିସ୍ତଲ ଦେଖାଇ ଗାଡ଼ି ଛାଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ତଥାପି ମଧ ପୋଲିସ ୫ ଜଣକୁ କାବୁକରିବାରେ ସଫଳ ହୋଇଥିଲା। ଅଭିଯୁକ୍ତମାନଙ୍କଠାରୁ ଜବତ ବନ୍ଧୁକ ମଧ୍ୟରୁ ଗୋଟିଏରେ ଅଟୋ ଡିଷ୍ଟାଲ ମେଡ୍ ଇନ୍ ୟୁଏସ୍ ଲେଖାଯାଇଛି। ଏହା ବ୍ୟତୀତ ୨ଟି ମାଗ୍‌ଜିନ, ୪ଟି ଜୀବନ୍ତ ଗୁଳି ଜବତ ହୋଇଛି। ଚାଲାଣକାରୀଙ୍କର ବିହାର ମାଫିଆଙ୍କ ସହ ଗଞ୍ଜେଇ କରାବାର ରହିଥିବା ଜାଣିବା ପରେ ଏକ ଟିମ୍ ବିହାର ଗସ୍ତ କରିଛି। ୧୬ ପ୍ୟାକେଟ ଗଞ୍ଜେଇକୁ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ପାଡୁଆ ଥାନା କେସ୍ ନଂ ୧୧୪/୨୫ରେ ମାମଲା ରୁଜୁକରାଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପାର୍ଥ କଶ୍ୟପ, ଜୟପୁର ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ପାଡୁଆ ଥାନାଧିକାରୀ ଅଶୋକ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅସ୍ତ୍ରଶସ୍ତ୍ର ସହ ୧୩୮ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୫।୧୦ (ଦୁର୍ଯ୍ୟୋଧନ ପାତ୍ର)


ସୁକ୍‌ମା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀ ସଙ୍ଗଠନ ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଛି। ଛତିଶଗଡ଼ରେ ମାଓବାଦୀ ଦମନ ଅଭିଯାନ ଜୋର୍‌ଦାର ହେବା ପରେ ଏନ୍‌କାଉଣ୍ଟରରେ ବହୁ ଟପ୍ କ୍ୟାଡର ମାଓବାଦୀ ନିହତ ହୋଇଛନ୍ତି। ମୁଖ୍ୟ ନେତାଙ୍କ ମୃତ୍ୟୁ ପରେ ମାଓବାଦୀ ସଙ୍ଗଠନକୁ ସକ୍ରିୟ ଭାବେ ଚଳାଇବା ନିମନ୍ତେ ଟପ୍ କ୍ୟାଡରଙ୍କ ଅଭାବ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଗତ ୬ ମାସ ମଧ୍ୟରେ ବହୁ ସଂଖ୍ୟକ ମାଓବାଦୀ ଆତ୍ମସମର୍ପଣ କରୁଥିବା ଦେଖିବାକୁ ମିଳିଛି। ଗତ ୨୪ ଘଣ୍ଟା ମଧ୍ୟରେ ଛତିଶଗଡ଼ର ସୁକ୍‌ମା, କାଙ୍କେର ଓ ଗଡଚିରୋଲି ଜିଲାରେ ମୋଟ ୧୩୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଗଡଚିରୋଲିରେ ୬୧ଜଣ, ସୁକ୍‌ମାରେ ୨୭ ଜଣ ଓ କାଙ୍କେରରେ ୫୦ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ବହୁ ଦୁର୍ଦ୍ଧାନ୍ତ ମାଓବାଦୀଙ୍କ ନାମରେ ପୁରସ୍କାର ରାଶି ଘୋଷଣା ହୋଇଥିବାବେଳେ ସେମାନେ ଅସ୍ତ୍ରଶସ୍ତ୍ର ସହ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ନିକଟରେ ଏଲଏମ୍ ଜି, ଏକେ ୪୭, ଇନ୍‌ସାସ ରାଇଫଲକୁ ସମର୍ପିତ କରିଥିଲେ। ସୁକ୍‌ମାରେ ଆତ୍ମସମର୍ପଣ କରିଥିବା ୨୭ ମାଓବାଦୀଙ୍କ ମଧ୍ୟରୁ ୫୦ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ଥିବା ପୋଲିସ ସୂତ୍ରରୁ ପ୍ରକାଶ।

ବର୍ତ୍ତମାନ ମାଓବାଦୀ ସଂଗଠନ ସମ୍ପୂର୍ଣ୍ଣ ଭାବେ ଭୁଶୁଡିଯାଇଥିବାବେଳେ ସଂଗଠନର ଟପ୍ କ୍ୟାଡର ମାଓବାଦୀମାନେ ଇତିମଧ୍ୟରେ ପୋଲିସ ଗୁଳିରେ ମୃତ୍ୟୁବରଣ କରିଛନ୍ତି। ଅନ୍ୟପକ୍ଷରେ ସଂଗଠନରେ ପୂର୍ବ ଆଦର୍ଶ ନ ଥିବା, ଛତିଶଗଡ ସରକାରଙ୍କ ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଓ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ନିମନ୍ତେ ଏହି ନିଷ୍ପତ୍ତି ନେଇଥିବା ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ପ୍ରକାଶ କରିଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହ ସମସ୍ତଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ବାଇକ୍ ସହ ମାରଣାସ୍ତ୍ର ଜବତ: ୫ କୋର୍ଟ ଚାଲାଣ

## ଦେଓଗାଁରେ ଆତଙ୍କରାଜ ଘଟଣା

ଦେଓଗାଁ,୧୫।୧୦
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ଦେଓଗାଁ ଥାନାରେ ଜବତ ବାଇକ୍, ମାରଣାସ୍ତ୍ର ସହ ଗିରଫ ଅଭିଯୁକ୍ତମାନେ।

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ କଛାରପାଲିରେ ସୋମବାର ସନ୍ଧ୍ୟାରେ ଦୁର୍ବୃତ୍ତଙ୍କ ଦ୍ୱାରା ଘଟିଥିବା ଆତଙ୍କରାଜ ଘଟଣାରେ ବୁଧବାର ସ୍ଥାନୀୟ ପୋଲିସ ଗୋଟିଏ ବାଇକ୍, ୨ଟି ମୋବାଇଲ ଫୋନ ସହ ମାରଣାସ୍ତ୍ର ଜବତ କରିଛି । ଏହି ଘଟଣାରେ ୫ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଦେଓଗାଁ ଥାନା ଅନ୍ତର୍ଗତ ଅର୍ଡା ଗାଁର କାଳିଆ ବେହେରା (୨୮), ପଶ୍ଚିମବଙ୍ଗ ର ମୁରଶିଦାବାଦ ଜିଲା ବେଲଡଙ୍ଗା ଥାନା ହରେକନଗରର ମହମ୍ମଦ ସାନାଉଲ୍ଲା ଖାଁ (୩୮), ବଲାଙ୍ଗୀର ସାଗରପଡାର ସାଗର ମାହାକୁର (୨୫), ଶାସ୍ତ୍ରୀନଗରର ମୁକେଶ ବଗର୍ତ୍ତି(୩୦) ଓ ସଇଁତଲା ଥାନା କମଲଡଗା ଗାଁର କିଷାନ ମାଝି (୨୫) । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି । ପ୍ରକାଶ ଯେ, ସୋମବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ହଠାତ୍ ୧୨ଜଣ ଯୁବକ ୪ଟି ବାଇକ୍‌ରେ ଆସି ସ୍ଥାନୀୟ ସାହୁପଡାରେ ବନ୍ଧୁକ ଓ ଖଣ୍ଡା ବାହାର କରି ଏହାକୁ ବୁଲାଇ କିଛି ସମୟ ପାଇଁ ଆତଙ୍କ ଖେଳାଇଥିଲେ । ସାଧାରଣ ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜଣେ ଯୁବକଙ୍କୁ ଖୋଜିଥିଲେ । ତେବେ ସେହି ଯୁବକଙ୍କୁ ନ ପାଇ ସେମାନେ ଆତଙ୍କରାଜ ଖେଳାଇ ଶେଷରେ ଫେରାର ହୋଇ ଯାଇଥିଲେ । ଏନେଇ ସାହୁପଡା ପ୍ରଗତି ଯୁବକ ସଂଘର କର୍ମକର୍ତ୍ତା ତଥା ପଡାବାସୀ ଦେଓଗାଁ ଥାନାକୁ ଯାଇ ଲିଖିତଭାବେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ୨ଟି ଟିମ୍ ଗଠନ କରି ରାତିରେ ତନାଘନା ଚଳାଇଥିଲା । ଦୁର୍ବୃତ୍ତମାନେ ଜୁର୍ଲାକାନୀ ଛକ ନିକଟରେ ଗୋଟିଏ ବାଇକ୍ ଛାଡିଦେଇ ଫେରାର ମାରିଥିଲେ । ଉକ୍ତ ବାଇକ୍‌କୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଥିଲା । ଅନ୍ୟ ଅଭିଯୁକ୍ତମାନଙ୍କୁ ଅତିଶୀଘ୍ର ଗିରଫ କରାଯିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି ।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ବୈଦ୍ୟୁତିକ ସେବା ଯନ୍ତ୍ରୀ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ତା୦୭।୧୧।୨୦୨୫ରିଖ ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଟେଣ୍ଡର ସଂଖ୍ୟା: ଏଡିଇଇ-ସୋଲାର-୨୦୨୫-୫ଆର-୪, ତାରିଖ: ୧୪।୧୦।୨୦୨୫ ।** **କାର୍ଯ୍ୟର ବର୍ଣ୍ଣନା:** ଗାର୍ଡେନ୍ ରିଚ୍‌ଠାରେ ୫୫ ଗୋଟି ୧୦ କେଡବ୍ଲ୍ୟୁପି, ୨୧ ଗୋଟି ୫ କେଡବ୍ଲ୍ୟୁପି ଏବଂ ୪୬ ଗୋଟି ୨ କେଡବ୍ଲ୍ୟୁପିର ଗ୍ରୀଡ୍ ସଂଯୁକ୍ତ ରୁଫ୍ ଟପ୍ ସୋଲାର ପ୍ଲାଣ୍ଟର ବ୍ୟବସ୍ଥା କରିବା । **ଟେଣ୍ଡର ମୂଲ୍ୟ:** ₹୩,୬୬,୫୦,୨୨୧.୮୦ (ପ୍ରଯୁଜ୍ୟ ଜିଏସ୍‌ଟି ସମେତ) । **ଅମାନତ ରାଶି:** ₹୩,୩୩,୩୦୦। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ (ଜିସିସି-୨୦୨୨ ଅନୁଯାୟୀ ଇ-ଟେଣ୍ଡର କାରଣରୁ) । **ବନ୍ଦ ହେବା ତାରିଖ:** ତା୦୭।୧୧।୨୦୨୫ରିଖ ୧୫.୦୦ ଘଟିକାରେ । **କାର୍ଯ୍ୟର ସମାପ୍ତି ଅବଧି:** ଏଲ୍‌ଓଏ ଜାରି ହେବା ତାରିଖରୁ ୦୬ (ଛଅ) ମାସ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-727)


# ଟଙ୍କା ପାଇଁ ପୁଅ ସାଜିଲେ ମାଓବାଦୀ

## ବାପାଙ୍କଠାରୁ ୩୫ ଲକ୍ଷ ଦାବିକରି ଗିରଫ

ଭବାନୀପାଟଣା,୧୫।୧୦
(ଉତ୍ତମ କୁମାର ଦାଶ)


ଗିରଫ ଅଙ୍କୁଶ ଅଗ୍ରୱାଲ।

ଅଜବ ଦୁନିଆ। ଟଙ୍କା ପାଇଁ ପୁଅ ବି ମାଓବାଦୀ ସାଜିପାରେ। ଏହାର ଏକ ବାସ୍ତବ ଚିତ୍ର କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ରୂପ୍ରାରୋଡରେ ଦେଖିବାକୁ ମିଳିଛି। ନର୍ଲା ଥାନା ଆଇଆଇସି ତଥା ଘଟଣାର ତଦନ୍ତକାରୀ ଅଫିସର ବିଜୟ ମାଝୀଙ୍କ ସୂଚନାନୁଯାୟୀ, ରୂପ୍ରାରୋଡ ବାସିନ୍ଦା ଦିନେଶ କୁମାର ଅଗ୍ରୱାଲଙ୍କ ଏକମାତ୍ର ପୁଅ ଅଙ୍କୁଶ ଅଗ୍ରୱାଲ (୨୪) ଗତ ୫ତାରିଖରେ ମାଓବାଦୀ ନାଁରେ ଏକ ଚିଠି ଲେଖି ନିଜ ଇନୋଭା ଗାଡିରେ ରଖିଥିଲେ। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ୩୫ ଲକ୍ଷ ଟଙ୍କା ଦିଅ ନଚେତ ତୁମ ପରିବାରର ସମସ୍ତଙ୍କୁ ଜୀବନରେ ମାରିଦେବି। ଚିଠିକୁ ପରିବାର ଲୋକେ ପାଇବା ପରେ ଭୟଭୀତ ହୋଇପଡିଥିଲେ। ଶେଷରେ ଦିନେଶ ଏ ନେଇ ନର୍ଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, ଏସବୁ କାମ ଦିନେଶଙ୍କ ପୁଅ ଅଙ୍କୁଶ କରିଛନ୍ତି। ଏହାପରେ ପୋଲିସ ମଙ୍ଗଳବାର ଅଙ୍କୁଶଙ୍କୁ ଗିରଫ କରି ଏମ୍. ରାମପୁର କୋର୍ଟ ଚାଲାଣ କରିଛି। ଏଠାରେ ସୂଚନାଯୋଗ୍ୟ ଯେ, ଦିନେଶ ଅଗ୍ରୱାଲ ହେଉଛନ୍ତି ଜଣେ ପ୍ରତିଷ୍ଠିତ ଠିକାଦାର। କଳାହାଣ୍ଡି ଜିଲାରେ ବସୁଧା ଓଭରହେଡ ପାଣିଟାଙ୍କି ଓ ନଳକୂପ ଖୋଳିବାରେ ଦିନେଶ ହେଉଛନ୍ତି ଅଗ୍ରଣୀ ଠିକାଦାର। ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ପୁଅ ଅଙ୍କୁଶ ପ୍ରତି ବାପା ଦିନେଶଙ୍କ ଅଙ୍କୁଶ ନାହିଁ। ଏହା ବଡଘର ବଡ ଗୁମର କଥା ବୋଲି ଲୋକେ କୁହାକୁହି ହେଉଛନ୍ତି।


यूनियन बैंक ऑफ़ इंडिया Union Bank of India
भारत सरकार का उपक्रम · A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା /** ୧) ଋଣଗ୍ରହୀତା: ଶ୍ରୀ ଅମିତାଭ ଘଡେଇ / ୨) କୋ-ଓବ୍ଲିଗାଣ୍ଟ: ଶ୍ରୀମତୀ ମହେଶ୍ୱେତା ମହାପାତ୍ର, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୧୯୭୫/୫୩୨୪, ଆକାରପୁରୀ କଲୋନୀ, ରଥ ରୋଡ, ଓଲ୍ଡ ଟାଉନ୍, ଗୌତମ ନଗର, ଭୁବନେଶ୍ୱର, ଓଡ଼ିଶା | ଟ.୧୯,୯୮,୨୫୯.୯୬ + ସେବାବଦ ସୁଧ | ୧୮.୦୭.୨୦୨୫ / ୧୪.୧୦.୨୦୨୫ | ଶ୍ରୀମତୀ ମହେଶ୍ୱେତା ମହାପାତ୍ର (ବିକ୍ରୟ ଦଲିଲ୍ ନଂ.: ୧୧୧୨୨୨୦୧୪୪୦, ତାରିଖ: ୧୪.୦୩.୨୦୨୨)ଙ୍କ ନାମରେ ଥିବା ବାସୋପଯୋଗୀ ଫ୍ଲାଟ୍ ଯାହାର ଫ୍ଲାଟ୍ ନଂ.: ୪୦୪, ୪ର୍ଥ ମହଲା, "ଶିବଶକ୍ତି ଏନ୍‌କ୍ଲେଭ୍" ୨ ବିଏଚ୍‌କେ, କ୍ଷେତ୍ର: ୧୩୮୨ ବର୍ଗଫୁଟ, ଖାତା ନଂ.: ୧୫୯, ଅନୁରୂପ ଖାତା ନଂ.: ୩୧୧/୪୩୨, ପ୍ଲଟ୍ ନଂ.: ୩୩୧ (ସ୍ଥିତିବାନ), କିସମ: ଘରବାରୀ, ମୌଜା: କଣ୍ଟିଲୋ, ଏସ୍‌ଆର୍‌ଓ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| **ଓଏମ୍‌ସି କ୍ୟାମ୍ପସ୍ ଶାଖା /** ୧) ଋଣଗ୍ରହୀତା: ମେସର୍ସ ଜୟଦୁର୍ଗା ଟ୍ରାନ୍ସପୋର୍ଟ, ଅଂଶୀଦାରମାନେ: (କ) ଶ୍ରୀ ଶୁଭେନ୍ଦୁ କୁମାର ଦାସ, (ଖ) ଶ୍ରୀ ଚିତ୍ତରଞ୍ଜନ ଓଝା, ଉଭୟଙ୍କ ଠିକଣା-୧: ବ୍ଲକ୍-ସି, ପ୍ଲଟ୍ ନଂ.: ୨୨୯, ଜଗନ୍ନାଥ ବିହାର, ରୋଡ ନଂ.: ୬, ଝାରପଡା, ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଠିକଣା-୨: ରୁମ୍ ନଂ.: ଏ-୧, ପ୍ଲଟ୍ ନଂ.: ୨୩୩୫/୪୦୬୧/୫୧୫୪, ସା: ଜଗତ୍‌ପୁର, ଗୋଲେଇ ଛକ, ଦୁର୍ଗା ମଣ୍ଡପ ନିକଟ, ଜଗତ୍‌ପୁର, କଟକ - ୭୫୪୦୨୧ / ୨) ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତରଞ୍ଜନ ଓଝା (ଅଂଶୀଦାର), ପିତା: ଶ୍ରୀ ନିତ୍ୟାନନ୍ଦ ଓଝା, ସା: ବ୍ରାହ୍ମଣ ମଣିଯୋରି, କଟକ, ଓଡ଼ିଶା - ୭୫୪୨୦୬ / ୩) ବନ୍ଧକଦାତା: ଶ୍ରୀ ଶୁଭେନ୍ଦୁ କୁମାର ଦାସ (ପରିଚାଳନା ଅଂଶୀଦାର), ପିତା: କୃଷ୍ଣ ଚନ୍ଦ୍ର ଦାସ, ଗୋପିନାଥପୁର, ପଧାନପଡା, କଟକ, ଓଡ଼ିଶା - ୭୫୪୨୦୦ | ଟ.୫୫,୦୫,୧୯୯.୫୧ + ସେବାବଦ ସୁଧ | ୨୧.୦୭.୨୦୨୫ / ୧୪.୧୦.୨୦୨୫ | ଶ୍ରୀ ଶୁଭେନ୍ଦୁ କୁମାର ଦାସଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ଖାତା ନଂ.: ୨୬୬/୧୮୦୨, ପ୍ଲଟ୍ ନଂ.: ୯୦୩/୨୩୮୭, ମୌଜା: ଅନନ୍ତପୁର, ଥାନା: ବାଲିଅନ୍ତା ନଂ.: ୮, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, କ୍ଷେତ୍ର: ଏକର ୦.୦୪୦ ଡିସିମିଲି କିମ୍ବା ୧୭୪୨ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୯୦୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୯୦୪, ପଶ୍ଚିମ: ପ୍ଲଟ୍ ନଂ.: ୯୦୩ର ଅବଶିଷ୍ଟ |
| **ରସୁଲଗଡ ଶାଖା /** ୧) ଋଣଗ୍ରହୀତା/ବନ୍ଧକଦାତା: ୧(କ) ଶ୍ରୀ ବିରଞ୍ଚି ନାରାୟଣ ବେହେରା / ୧(ଖ) କୋ-ଆପ୍ଲିକାଣ୍ଟ / ବନ୍ଧକଦାତା: ଶ୍ରୀ ରବିନ୍ଦ୍ର କୁମାର ବେହେରା, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୨୭୧, ସା: ନହରକଣ୍ଟା, ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା - ୭୫୨୧୦୧ | ଟ.୧୯,୫୫,୭୩୭.୧୨ + ସେବାବଦ ସୁଧ | ୦୧.୦୮.୨୦୨୫ / ୧୩.୧୦.୨୦୨୫ | ଶ୍ରୀ ବିରଞ୍ଚି ନାରାୟଣ ବେହେରା ଏବଂ ଶ୍ରୀ ରବିନ୍ଦ୍ର କୁମାର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୧/୨୧୮୧/ ୨୭୬୫, ଖାତା ନଂ: ୬୦୯/୮୪୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୭୧, ଖାତା ନଂ: ୭୨୦/୧୧୦, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୪୫ ଡିସିମିଲି,** ଉପରୋକ୍ତ ୨ଟି ପ୍ଲଟ୍‌ର ମୌଜା: ନହରକଣ୍ଟା, ମଞ୍ଚେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର (କାଗଜାତ୍ ଅନୁଯାୟୀ)ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ, ପୂର୍ବ: ସବ୍ ପ୍ଲଟ୍ ନଂ.: ୧/୨, ପଶ୍ଚିମ: କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ |
| **ପୁବାଶାସନ ଶାଖା /** ୧) ଋଣଗ୍ରହୀତା: ଶ୍ରୀ ତଥାଗତ ଭରଦ୍ୱାଜ, ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା / ୨) ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନେ: ୨(କ) ଶ୍ରୀ ଆର୍ତ୍ତତ୍ରାଣ ଜେନା, ପିତା: ୰ କୁଞ୍ଜ ବିହାରୀ ଜେନା, ୨(ଖ) ଶ୍ରୀ ମନ ଆନନ୍ଦ ସାଗର, ପିତା: ଶ୍ରୀ ଆର୍ତ୍ତତ୍ରାଣ ଜେନା, ସମସ୍ତଙ୍କ ଠିକଣା- ସା/ଗ୍ରାମ: କାକରୁଦ୍ରପୁର, ପୋ: ବାଲିଅନ୍ତା, ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୨ | ଟ.୧୭,୬୨,୦୮୮.୩୫ + ସେବାବଦ ସୁଧ | ୨୮.୦୭.୨୦୨୫ / ୧୪.୧୦.୨୦୨୫ | ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୯୦, ବର୍ତ୍ତମାନର ଖାତା ନଂ.: ୨୩, କ୍ଷେତ୍ର: ଏକର ୦.୧୩୦ ଡିସିମିଲି, ମୌଜା: କାକରୁଦ୍ରପୁର, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାରି, ଦକ୍ଷିଣ: ସର୍ବସାଧାରଣ ରାସ୍ତା, ପଶ୍ଚିମ: ରାଜ କିଶୋର ଜେନା, ପୂର୍ବ: ବିମଳ ଚନ୍ଦ୍ର ଜେନା |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୫.୧୦.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ଭଡ଼ାଘରେ ବ୍ଲକ୍ କୃଷି ଅଧିକାରିଣୀଙ୍କ ଝୁଲନ୍ତା ମୃତଦେହ

ବାସୁଦେବପୁର,୧୫।୧୦
(ନାରାୟଣ ପ୍ରସାଦ ବାରିକ୍)


ମୃତ ନୀହାରିକାଙ୍କ ଭଡ଼ାଘର ସମ୍ମୁଖରେ ବ୍ଲକ୍ କୃଷି କର୍ମଚାରୀମାନେ।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ କାର୍ଯ୍ୟରତ କୃଷି ଅଧିକାରିଣୀ ନିହାରିକା ଦଳେଇ(୩୭)ଙ୍କ ଝୁଲନ୍ତା ମୃତଦେହ ବୁଧବାର ମଧ୍ୟାହ୍ନରେ ସେ ରହୁଥିବା ଭଡ଼ାଘରୁ ଜବତ କରାଯାଇଛି। ଗତ କିଛି ମାସ ହେବ ନୀହାରିକା ବାଲିନଗର ଗ୍ରାମର ଭଡ଼ାଘରେ ରହି ଆସୁଥିଲେ। ଗତ ୨ ଦିନ ଧରି ସେ ଅଫିସକୁ ଆସୁ ନ ଥିଲେ। ବୁଧବାର ସକାଳେ ସେ ନିଜ ଶିଶୁକନ୍ୟାକୁ ବ୍ଲକ୍‌ରୋଡ୍‌ରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ଛାଡ଼ିବାକୁ ଆସିଥିଲେ। କିନ୍ତୁ ମଧ୍ୟାହ୍ନ ପରେ ସେ ଶିଶୁକନ୍ୟାଙ୍କୁ ସ୍କୁଲରୁ ନେବାକୁ ଆସି ନ ଥିଲେ। ବ୍ଲକ୍ କୃଷି କାର୍ଯ୍ୟାଳୟର କେତେଜଣ କର୍ମଚାରୀ ତାଙ୍କ ଭଡ଼ାଘରକୁ ଯାଇ ନିହାରିକାଙ୍କୁ ଖୋଜିଥିବା ବେଳେ ଘରର କବାଟ ଭିତର ପଟୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ, କୃଷି ବିଭାଗ କର୍ମଚାରୀମାନେ ବାସୁଦେବପୁର ପୋଲିସକୁ ସୂଚନା ଦେଇଥିଲେ। ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ମୃତା ନୀହାରିକାଙ୍କର ୮ ବର୍ଷୀୟା ଶିଶୁକନ୍ୟାକୁ ବ୍ଲକ୍ କୃଷି କାର୍ଯ୍ୟାଳୟରେ ରଖାଯାଇଥିବା ବେଳେ ଆଇଆଇସି ସେଠାରେ ପହଞ୍ଚି ଶିଶୁର ଦେଖାଶୁଣା କରିଛନ୍ତି। ନିହାରିକାଙ୍କ ଘର ଭଦ୍ରକ ବଙ୍କସାହିରେ ବୋଲି ଜଣାପଡ଼ିଥିବା ବେଳେ ତାଙ୍କ ସ୍ୱାମୀ ସତ୍ୟସମ୍ବିତ ପାଢ଼ୀ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ତାଙ୍କ ସ୍ୱାମୀଙ୍କ ଘର କଟକ ଜିଲା ଚୌଦ୍ୱାରରେ। ତେବେ ଏହା ଏକ ଆତ୍ମହତ୍ୟାଜନିତ ଘଟଣା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅପରାହ୍ନ ୪ଟା ବେଳେ ମୃତ ନୀହାରିକାଙ୍କ ସ୍ୱାମୀ ସତ୍ୟସମ୍ବିତ ଓ ତାଙ୍କ ବାପା ଅନିରୁଦ୍ଧ ଦଳେଇ ବାସୁଦେବପୁରରେ ପହଞ୍ଚିବା ପରେ ତାଙ୍କ ଉପସ୍ଥିତିରେ ମୃତଦେହ ଝୁଲନ୍ତା ଅବସ୍ଥାରେ ବାହାର କରାଯାଇ ବ୍ୟବଚ୍ଛେଦ ପାଇଁ ବାସୁଦେବପୁର ଡାକ୍ତରଖାନା ପଠାଯାଇଛି। ମୃତ ନୀହାରିକାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହେଲେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ଆଇଆଇସି କହିଛନ୍ତି।

## ସଂକ୍ଷେପରେ

### ପୂର୍ବତନ ସୈନିକଙ୍କ ପାଇଁ ଆର୍ଥିକ ସହାୟତାରେ ୧୦୦% ବୃଦ୍ଧିକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ, ୧୫।୧୦ (ପି.ଟି.)

ପୂର୍ବତନ ସୈନିକ ଏବଂ ସେମାନଙ୍କ ଉପରେ ନିର୍ଭର ଥିବା ପରିବାର ସଦସ୍ୟଙ୍କ ପାଇଁ ଆର୍ଥିକ ସହାୟତା ଯୋଜନାରେ ୧୦୦% ବୃଦ୍ଧିକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏନେଇ ବୁଧବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରୀୟ ସୈନିକ ବୋର୍ଡ ମାଧ୍ୟମରେ ପୂର୍ବତନ ସୈନିକ କଲ୍ୟାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରେ ହିତାଧିକାରୀଙ୍କୁ ଦିଆଯାଉଥିବା ଅନୁଦାନକୁ ମାସିକ ୪ ହଜାର ଟଙ୍କାରୁ ୮ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ଯୋଜନାରେ ପେନସନଧାରୀ ନ ଥିବା କିମ୍ବା କୌଣସି ନିୟମିତ ଆୟ ନ ଥିବା ୬୫ ବର୍ଷ ବୟସରୁ ଅଧିକ ପୂର୍ବତନ ସୈନିକ ଏବଂ ସେମାନଙ୍କ ଆଶ୍ରିତଙ୍କୁ ଜୀବନବ୍ୟାପୀ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ।

### ୨୦୪୦ ସୁଦ୍ଧା ଚନ୍ଦ୍ରରେ ପହଞ୍ଚିବେ ଭାରତୀୟ: ଭି. ନାରାୟଣନ୍

ରାଞ୍ଚି, ୧୫।୧୦ (ପି.ଟି.)

୨୦୪୦ ସୁଦ୍ଧା ଭାରତୀୟଙ୍କୁ ଚନ୍ଦ୍ରରେ ପହଞ୍ଚାଇବାକୁ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଲକ୍ଷ୍ୟ ରଖିଥିବା ନେଇ ବୁଧବାର ଏକ ସାକ୍ଷାତ୍କାର ଦେଇ ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି। ଇସ୍ରୋ ଏହାର ପ୍ରଥମ ମାନବ ମହାକାଶଯାନ ମିଶନ ଗଗନୟାନକୁ ୨୦୨୭ରେ ଲଞ୍ଚ୍ କରିବାର ଯୋଜନା ରଖିଛି। ନାରାୟଣନ କହିଛନ୍ତି, ସମ୍ପ୍ରତି ଇସ୍ରୋ ନିକଟରେ ଅନେକ ମହତ୍ତ୍ୱାକାଂକ୍ଷୀ ମହାକାଶ ପ୍ରକଳ୍ପ ରହିଛି। ଏଥିରେ ୨୦୩୫ ସୁଦ୍ଧା ଏକ ଜାତୀୟ ମହାକାଶ ଷ୍ଟେଶନ ଏବଂ ୨୦୨୬ ସୁଦ୍ଧା ୩ଟି ମାନବବିହୀନ ଗଗନୟାନ ମିଶନ



ଅନ୍ତର୍ଭୁକ୍ତ ରହିଛି। ସେଥିମଧ୍ୟରୁ ପ୍ରଥମ ମାନବବିହୀନ ଗଗନୟାନ ମିଶନ ଭାବେ ଅର୍ଦ୍ଧ ମାନବୀୟ ରୋବୋ ବ୍ୟୋମମିତ୍ରକୁ ଆସନ୍ତା ଡିସେମ୍ବରରେ ଲଞ୍ଚ୍ କରିବାକୁ ଇସ୍ରୋ ଲକ୍ଷ୍ୟ ରଖିଥିବା ନେଇ ସେ କହିଛନ୍ତି। ୨୦୪୦ ସୁଦ୍ଧା ଏକ ସ୍ୱଦେଶୀ ମାନବଯୁକ୍ତ ଚନ୍ଦ୍ର ମିଶନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ଦ୍ଦେଶ ଦେଇଛନ୍ତି, ଯାହା ଅଧୀନରେ ଜଣେ ଭାରତୀୟ ନାଗରିକଙ୍କୁ ଚନ୍ଦ୍ରରେ ଅବତରଣ କରାଇ ସୁରକ୍ଷିତ ଫେରାଇ ଆଣିବା ଦିଗରେ ଇସ୍ରୋ କାର୍ଯ୍ୟ କରୁଥିବା ସେ କହିଛନ୍ତି।



ଉତ୍ତରାଖଣ୍ଡର ଋଷିକେଶସ୍ଥିତ ଗଙ୍ଗାନଦୀରେ ପର୍ଯ୍ୟଟକମାନେ ଜଳଯାତ୍ରା କରୁଛନ୍ତି।

## ମହାଭାରତର କର୍ଣ୍ଣଙ୍କ ପରଲୋକ

ମୁମ୍ବାଇ, ୧୫।୧୦



ପଙ୍କଜ ଧୀର

ବିଶିଷ୍ଟ ଅଭିନେତା ପଙ୍କଜ ଧୀରଙ୍କ ବୁଧବାର ପରଲୋକ ହୋଇଯାଇଛି। ୧୯୮୮ରେ ବି.ଆର୍. ଚୋପ୍ରାଙ୍କ ଲୋକପ୍ରିୟ ଟିଭି ଧାରାବାହିକ 'ମହାଭାରତ'ରେ କର୍ଣ୍ଣ ଭୂମିକାରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିବା ପଙ୍କଜଙ୍କୁ ୬୮ ବର୍ଷ ହୋଇଥିଲା। ସେ କର୍କଟ ରୋଗରେ ପୀଡ଼ିତ ହୋଇ ଗତ କିଛିମାସ ଧରି ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ପଙ୍କଜଙ୍କ ଅଭିନୀତ ଲୋକପ୍ରିୟ ଧାରାବାହିକଗୁଡ଼ିକ ମଧ୍ୟରେ ଚନ୍ଦ୍ରକାନ୍ତା, ବଢ଼ୋ ବହୁ, ଜି ହରର୍ ଶୋ', କାନୁନ, ଶଶୁରାଲ ସିମର କା ଆଦି ରହିଥିଲା। ସୋଞ୍ଚାରଲ ଆନନ୍ଦ, ବାଦ୍‌ଶାହ, ତୁମ୍‌କୋ ନା ଭୁଲ୍ ପାୟେଙ୍ଗେ ଭଳି ହିନ୍ଦୀ ଫିଲ୍ମରେ ମଧ୍ୟ ପଙ୍କଜ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କ ମନ ମୋହିଥିଲେ। ପଙ୍କଜଙ୍କ ସ୍ତ୍ରୀ ଜଣେ କଷ୍ଟ୍ୟୁମ୍ ଡିଜାଇନର ହୋଇଥିବାବେଳେ ପୁଅ ନିକିତିନ୍ ଧୀର ମଧ୍ୟ ଜଣେ ଅଭିନେତା। ପଙ୍କଜ ପଞ୍ଜାବ ବାସିନ୍ଦା ଥିଲେ। ତାଙ୍କ ବାପା ଏଲ୍‌ସି ଧୀର ଜଣେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଥିଲେ। ୨୦୧୦ରେ ପଙ୍କଜ ଅଭିନୟ ଆକ୍ଟିଂ ଏକାଡେମୀ ପ୍ରତିଷ୍ଠା କରିଥିଲେ, ଯାହାକି ଅନେକ ଆକାଂକ୍ଷୀ ଅଭିନେତାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଥିଲା। ପଙ୍କଜ ୧୯୮୦ ଦଶକରେ ଅନେକ ଫିଲ୍ମରେ ଛୋଟ ରୋଲ୍‌ରେ ନଜରକୁ ଆସିଥିଲେ। କିନ୍ତୁ ମେଗାସିରିଏଲ୍ 'ମହାଭାରତ' ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। କର୍ଣ୍ଣ ଚରିତ୍ରରେ ଅଭିନୟ ପଙ୍କଜଙ୍କୁ କୁରୁକ୍ଷେତ୍ରର ସର୍ବୋତ୍ତମ ଯୋଦ୍ଧାର ଆଖ୍ୟା ଦେଇଥିଲା। ସେହିପରି ଚନ୍ଦ୍ରକାନ୍ତାର ଶିବଦତ୍ତ (ବିଷପୁରୁଷ) ମଧ୍ୟ ତାଙ୍କ ଆଣ୍ଟି-ହିରୋ ଭାବମୂର୍ତ୍ତିକୁ ଆହୁରି ମଜଭୁତ କରିଥିଲା। ୨୦୧୯ରେ ସେ ୱେବ୍‌ସିରିଜ ପୋଇଜନରେ ନଜରକୁ ଆସିଥିବାବେଳେ ୨୦୨୪ର ଧ୍ରୁବ ତାରା: ସମୟ ସଦିରେ ପରେ ତାଙ୍କ ଅଭିନୀତ ଶେଷ ଟିଭି ସିରିଏଲ୍। ମୁମ୍ବାଇର ସାଣ୍ଟାକ୍ରୁଜ୍‌ସ୍ଥିତ ପବନ ହଂସ ଶ୍ମଶାନରେ ବୁଧବାର ଅପରାହ୍ନ ୪ଟାରେ ପଙ୍କଜଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ପାକ୍-ଆଫଗାନ୍ ପୁଣି ମୁହାଁମୁହିଁ
# ସଂଘର୍ଷ ପରେ ଅସ୍ତ୍ରବିରତି

ଇସ୍‌ଲାମାବାଦ, ୧୫।୧୦(ପି.ଟି.)

ପାକିସ୍ତାନ-ଆଫ୍‌ଗାନିସ୍ତାନ ସୀମାରେ ବୁଧବାର ପୁଣି ମୁହାଁମୁହିଁ ହୋଇଛନ୍ତି ଦୁଇଦେଶର ସେନା। ସପ୍ତାହେ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ସୀମା ସଂଘର୍ଷ, ଯହିଁରେ ପାକିସ୍ତାନୀ ସେନା ୪୦ରୁ ଊର୍ଦ୍ଧ୍ୱ ଆଫ୍‌ଗାନ ତାଲିବାନ୍‌ଙ୍କୁ ହତ୍ୟା କରିଥିବା ଦାବି କରିଛି। ତେବେ ଉଭୟ ଦେଶର ଆଲୋଚନା ପରେ ୪୮ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିବା ପାକିସ୍ତାନ ପକ୍ଷରୁ କୁହାଯାଇଛି।

ପାକିସ୍ତାନୀ ସୈନ୍ୟ ଓ ଆଫ୍‌ଗାନିସ୍ତାନର ଫାଇଟର୍ସଙ୍କ ମଧ୍ୟରେ ଶନିବାର ସୀମାରେ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ବୁଧବାର ତାଲିବାନ୍ ପକ୍ଷରୁ ପାକ୍-ଅଧିକୃତ



ତାଲିବାନ୍ ଆକ୍ରମଣରେ ଆହତ ଜଣେ ବ୍ୟକ୍ତିଙ୍କୁ ଚମନସ୍ଥିତ ହସ୍ପିଟାଲକୁ ନିଆଯାଉଛି।

କଶ୍ମୀର (ପିଓକେ)ର ବେଲୁଚିସ୍ତାନ ପ୍ରଦେଶସ୍ଥିତ ସ୍ପିନ୍ ବୋଲ୍‌ଡକ୍‌ରେ ଆକ୍ରମଣ କରାଯାଇଥିଲା। ପାକିସ୍ତାନୀ ସେନା ଏହାର ମୁହଁତୋଡ଼ ଜବାବ ଦେଇଥିଲା। ଏଥିରେ ଆଫ୍‌ଗାନିସ୍ତାନର ୪୦ ନିହତ ଓ ଶତାଧିକ ଆହତ ହୋଇଥିବା ପାକିସ୍ତାନ ଦାବି କରିଥିବାବେଳେ ତାଲିବାନ୍ ମୃତକଙ୍କ ସଂଖ୍ୟା ୧୨ ବୋଲି 'X'ରେ କହିଛି। ଇତିମଧ୍ୟରେ ପାକିସ୍ତାନ ସରକାର ଓ ତାଲିବାନ୍ ଶାସକଙ୍କ ମଧ୍ୟରେ ଆଲୋଚନା ପରେ ଅସ୍ଥାୟୀ ଯୁଦ୍ଧବିରତି ଘୋଷଣା କରାଯାଇଛି। ତାଲିବାନ୍‌ର ଅନୁରୋଧ କ୍ରମେ ବୁଧବାର ସନ୍ଧ୍ୟା ୬ଟାରୁ ପରବର୍ତ୍ତୀ ୪୮ ଘଣ୍ଟା ପର୍ଯ୍ୟନ୍ତ ଅସ୍ତ୍ରବିରତି ବଳବତ୍ତର ରହିବ ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଛି। ଅନ୍ୟପକ୍ଷେ ତାଲିବାନ୍ ନେତୃତ୍ୱାଧୀନ ଆଫ୍‌ଗାନ ସରକାର ମୁଖ୍ୟ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି, ପାକିସ୍ତାନୀ ପକ୍ଷରୁ ଅନୁରୋଧ କ୍ରମେ ଦୁଇଦେଶ ମଧ୍ୟରେ ଅସ୍ତ୍ରବିରତି ନେଇ ସହମତି ପ୍ରକାଶ ପାଇଛି, ଯାହାକି ବୁଧବାର ଅପରାହ୍ନ ୫ଟା ୩୦ରୁ ଲାଗୁ ହୋଇଛି। ପାକିସ୍ତାନ ପଟୁ କୌଣସି ଅତିକ୍ରମଣ ନ ହେବା ପର୍ଯ୍ୟନ୍ତ ଅସ୍ତ୍ରବିରତିକୁ ସମ୍ମାନ ଦେବା ପାଇଁ ନିଜ ସୁରକ୍ଷା ବଳକୁ ସରକାର ନିର୍ଦ୍ଦେଶ ଦେଇଥିବା ମୁଜାହିଦ୍ କହିଛନ୍ତି। ପାକିସ୍ତାନ ମଧ୍ୟ ସିଜ୍‌ଫାୟାରକୁ ଉଭୟ ପକ୍ଷ ଅନୁପାଳନ କରିବେ ଏବଂ ଆଲୋଚନା ଜରିଆରେ ସଂଘର୍ଷର ସମାଧାନ ବାଟ ବାହାର କରିବେ ବୋଲି କହିଛି। ଉଲ୍ଲେଖଯୋଗ୍ୟ, ତାଲିବାନ୍ ୨୦୨୧ରେ କ୍ଷମତାକୁ ଆସିବା ପରଠୁ ଉଭୟ ଦେଶ ମଧ୍ୟରେ ଏହା ସବୁଠୁ ବଡ଼ ସଂଘର୍ଷ। ଶନିବାର ସଂଘର୍ଷ ପରେ ପାକିସ୍ତାନ ପକ୍ଷରୁ ରବିବାର ଆଫ୍‌ଗାନିସ୍ତାନ ସଂଲଗ୍ନ ୨,୬୦୦ କି.ମି. ବିସ୍ତୃତ ସୀମାକୁ ବନ୍ଦ କରିଦିଆଯାଇଥିଲା। ୧୮୯୩ରେ ବ୍ରିଟିଶ୍‌ମାନେ ଡୁରଣ୍ଡ ଲାଇନ୍ ନିର୍ଦ୍ଧାରଣ କରିବା ପରଠାରୁ ଏହି ସୀମା ଏକ ବିବାଦୀୟ ଅଞ୍ଚଳ ହୋଇ ରହିଆସିଛି।

### କେନିଆର ପୂର୍ବତନ ପ୍ରଧାନମନ୍ତ୍ରୀ ରୈଲା ଓଡିଙ୍ଗାଙ୍କ ପରଲୋକ

ଥିରୁଭାନନ୍ତପୁରମ, ୧୫।୧୦

କେନିଆର ପୂର୍ବତନ ପ୍ରଧାନମନ୍ତ୍ରୀ ରୈଲା ଓଡିଙ୍ଗାଙ୍କର ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ବୁଧବାର ସକାଳେ କେରଳର କୁଥଟ୍ଟୁକୁଲମଠାରେ ପ୍ରାତଃ ଭ୍ରମଣ କରୁଥିବାବେଳେ ତାଙ୍କର



ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଓଡିଙ୍ଗା ନିଜ ଆୟୁର୍ବେଦିକ ଚିକିତ୍ସା ପାଇଁ ଗତ କିଛିଦିନ ହେବ ଭାରତରେ ଥିଲେ। ୪ ଦଶନ୍ଧିରୁ ଅଧିକ ସମୟ ଧରି କେନିଆ ରାଜନୀତିରେ ସକ୍ରିୟ ଥିବା ଓଡିଙ୍ଗା ୨୦୦୮ରୁ ୨୦୧୩ ମଧ୍ୟରେ ଦେଶର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିଛନ୍ତି।

## ଜାତିସଂଘ ମାନବାଧିକାର ପରିଷଦକୁ ଭାରତ ୭ମ ଥର ନିର୍ବାଚିତ

ଜାତିସଂଘ, ୧୫।୧୦

ମିଳିତ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି)କୁ ଭାରତ ସପ୍ତମ ଥର ପାଇଁ ନିର୍ବାଚିତ ହୋଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପି. ହରିଶ ସାମାଜିକ ଗଣମାଧ୍ୟମ 'X'ରେ ଏହି ସୂଚନା ଦେଇଛନ୍ତି। ୨୦୨୬ରୁ ୨୦୨୮ କାର୍ଯ୍ୟକାଳ ପାଇଁ ୟୁଏନ୍‌ଏଚ୍‌ଆର୍‌ସିକୁ ଭାରତ ନିର୍ବାଚିତ ହୋଇଛି। ୩ ବର୍ଷ ପାଇଁ ଭାରତର ଏହି କାର୍ଯ୍ୟକାଳ ଆସନ୍ତା ଜାନୁଆରୀ ୧ରୁ ଆରମ୍ଭ ହେବ। ନିର୍ବାଚନରେ ଭାରତକୁ ସମର୍ଥନ କରିଥିବାରୁ ହରିଶ ଏହି ପୋଷ୍ଟରେ ସମସ୍ତ ପ୍ରତିନିଧିମଣ୍ଡଳୀଙ୍କୁ କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି ନିର୍ବାଚନ ମାନବାଧିକାର ଏବଂ ମୌଳିକ ସ୍ୱାଧୀନତା ପ୍ରତି ଭାରତର ଅଟଳ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି। ଆଗାମୀ କାର୍ଯ୍ୟକାଳରେ ଭାରତ ଏହି ଉଦ୍ଦେଶ୍ୟକୁ ପୂରଣ କରିବ ବୋଲି ସେ କହିଛନ୍ତି। ଜାନୁଆରୀ ୧ରୁ ଆରମ୍ଭ ହେଉଥିବା କାର୍ଯ୍ୟକାଳ ପାଇଁ ନିର୍ବାଚିତ ହୋଇଥିବା ଅନ୍ୟ ସଦସ୍ୟ ଦେଶଗୁଡ଼ିକ ହେଉଛନ୍ତି ଆଙ୍ଗଲୋ, ବ୍ରିଟେନ୍, ଚିଲି, ଇକ୍ୱେଡର, ଇଜିପ୍ଟ, ଏଷ୍ଟୋନିଆ, ଇରାକ୍, ଇଟାଲୀ, ମରିସସ୍, ପାକିସ୍ତାନ, ସ୍ଲୋଭେନିଆ, ଦକ୍ଷିଣ ଆଫ୍ରିକା ଏବଂ ଭିଏଟନାମ।

## ଜୁବିନ୍ ଗର୍ଗ ମୃତ୍ୟୁ ମାମଲା
# ଆସାମ ଜେଲ ବାହାରେ ହିଂସା

ଗୁଆହାଟୀ, ୧୫।୧୦

ଆସାମର ବକ୍‌ସାସ୍ଥିତ ଜିଲା କାରାଗାର ସମ୍ମୁଖରେ ବୁଧବାର ହିଂସାତ୍ମକ ସ୍ଥିତି ସୃଷ୍ଟି ହୋଇଥିଲା। ଲୋକପ୍ରିୟ ସଙ୍ଗୀତଜ୍ଞ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ମାମଲାରେ ଗିରଫ ୫ ଅଭିଯୁକ୍ତଙ୍କୁ ବୁଧବାର ଗୁଆହାଟୀର ଏକ ସ୍ଥାନୀୟ କୋର୍ଟ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇଛନ୍ତି। ଏହାପରେ ୫ ଅଭିଯୁକ୍ତଙ୍କୁ ପୋଲିସ ଗାଡ଼ିରେ ନେଇ ବକ୍‌ସା ଜିଲା କାରାଗାରକୁ ଆଣୁଥିବାବେଳେ ସେଠାରେ ଅନେକ ସଂଖ୍ୟାକ ଜୁବିନ୍‌ଙ୍କ ପ୍ରଶଂସକ ଏକତ୍ରିତ ହୋଇ ପୋଲିସ ଗାଡ଼ି ଉପରେ ଟେକାପଥର ମାଡ଼ କରିଥିଲେ। ଫଳରେ ପୋଲିସ ଲାଠିଚାର୍ଜ କରିବା ସହ ଲୁହବୁହା



ଆସାମର ବକ୍‌ସା ଜେଲ୍ ସମ୍ମୁଖରେ ବୁଧବାର ଜୁବିନ୍ ଗର୍ଗଙ୍କ ପ୍ରଶଂସକମାନେ ଏକ ପୋଲିସ ଗାଡ଼ିକୁ ଜାଳି ଦେଇଛନ୍ତି।

ଗ୍ୟାସ୍ ପ୍ରୟୋଗ କରିଥିଲା। ଏହି ସମୟରେ କିଛି ବ୍ୟକ୍ତି ଏକ ପୋଲିସ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ତେବେ କିଛି ଘଣ୍ଟା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ହିଂସା ପରେ ବକ୍‌ସା ଜେଲ ବାହାରେ ଭାରୀ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ଗିରଫ ଅଭିଯୁକ୍ତଙ୍କୁ ପ୍ରଶଂସକଙ୍କ ଆକ୍ରମଣ

ଜୁବିନ୍‌ଙ୍କ ମୃତ୍ୟୁକୁ ନେଇ ତଦନ୍ତ ନିରପେକ୍ଷ ଭାବରେ ଚାଲିଛି। ତେଣୁ ଶାନ୍ତି ବଜାୟ ରଖିବାକୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଜୁବିନ୍‌ଙ୍କ ପ୍ରଶଂସକଙ୍କୁ ନିବେଦନ କରିଛନ୍ତି। ଜୁବିନ୍‌ଙ୍କ ମୃତ୍ୟୁ ମାମଲାରେ ନର୍ଥ ଇଷ୍ଟର୍ନ ଫେଷ୍ଟିଭାଲର ଇଭେଣ୍ଟ ଆୟୋଜକ ଶ୍ୟାମକାନୁ ମହାନ୍ତ, ଜୁବିନ୍‌ଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା, ତାଙ୍କ ସମ୍ପର୍କୀୟ ଭାଇ ତଥା ନିଲମ୍ବିତ ପୋଲିସ ଅଧିକାରୀ ସନ୍ଦିପନ୍ ଗର୍ଗ, ଜୁବିନ୍‌ଙ୍କ ୨ ଜଣ ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କୁ ଗିରଫ କରାଯାଇଛି।

## ଫୁର୍‌ସତ୍

# ୧,୬୩୮ କ୍ରେଡିଟ୍ କାର୍ଡ ରଖି ବିଶ୍ୱ ରେକର୍ଡ

ମୁମ୍ବାଇ

ସାଧାରଣତଃ ଅନ୍‌ଲାଇନ୍ ଶପିଂ, ବିଲ୍ ପେମେଣ୍ଟ ଆଦି କାର୍ଯ୍ୟ ପାଇଁ କ୍ରେଡିଟ୍ କାର୍ଡକୁ ବ୍ୟବହାର କରାଯାଇଥାଏ। ତେବେ ଉତ୍ତରପ୍ରଦେଶର ଲକ୍ଷ୍ନୌ ନିବାସୀ ମନୀଷ ଧାମେଜାଙ୍କର କାହାଣୀ ଏହାର ଠିକ୍ ବିପରୀତ। ସେ କ୍ରେଡିଟ୍ କାର୍ଡଗୁଡ଼ିକୁ ପାରମ୍ପରିକ ବ୍ୟବହାର ବ୍ୟତୀତ ନିଜ ଆୟର ଏକ ଉତ୍ସରେ ପରିଣତ କରିଛନ୍ତି। ତାଙ୍କ ନିକଟରେ ୧,୬୩୮ଟି ବୈଧ କ୍ରେଡିଟ୍ କାର୍ଡ ରହିଛି। ସର୍ବାଧିକ ବୈଧ କ୍ରେଡିଟ୍ କାର୍ଡ ରଖିଥିବା ବ୍ୟକ୍ତି ଭାବରେ ୨୦୨୧ ଏପ୍ରିଲ ୩୦ରେ ତାଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇଥିଲା। ଏନେଇ ନିକଟରେ ଜିଡବ୍ଲ୍ୟୁଆର୍ ପକ୍ଷରୁ ନିଜ ଅଫିସିଆଲ ୱେବ୍‌ସାଇଟରେ ଏକ ଅପଡେଟ୍ ଶେୟାର କରାଯାଇଛି, ଯାହାପରେ ମନୀଷ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି।

ମନୀଷ ନିଜର ସମସ୍ତ କ୍ରେଡିଟ୍



କାର୍ଡଗୁଡ଼ିକ କେବଳ ପ୍ରଦର୍ଶନ କିମ୍ବା ଶପିଂ ପାଇଁ ନୁହେଁ, ବରଂ ଚତୁରତାର ସହ ରିୱାର୍ଡ୍ସ, କ୍ୟାସ୍‌ବ୍ୟାକ୍, ଯାତ୍ରା ସୁବିଧା ଏବଂ ହୋଟେଲ ସୁବିଧା ଅର୍ଜନ କରିବା ପାଇଁ ବ୍ୟବହାର କରିଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏତେ ସଂଖ୍ୟକ କ୍ରେଡିଟ୍ କାର୍ଡ ରଖିଥିଲେ ମଧ୍ୟ ମନୀଷଙ୍କର କୌଣସି ଋଣ ନାହିଁ। ଶୂନ୍ୟ ଋଣ ସହ ସେ ଏହି କାର୍ଡଗୁଡ଼ିକୁ ଟଙ୍କା ରୋଜଗାର ମେଶିନ୍ ପରି ବ୍ୟବହାର କରନ୍ତି। ସମ୍ପ୍ରତି ମନୀଷ ଦିଲ୍ଲୀରେ ରହୁଛନ୍ତି। ଲକ୍ଷ୍ନୌର ଇଣ୍ଟିଗ୍ରାଲ ୟୁନିଭରସିଟିରୁ ଏମ୍‌ସିଏ (ମାଷ୍ଟର ଅଫ୍ କମ୍ପ୍ୟୁଟର ଆପ୍ଲିକେଶନ) ଡିଗ୍ରୀ ହାସଲ କରିଥିବା ମନୀଷ ରାଜସ୍ଥାନର ବିଆଇଟିଏସ୍ ପିଲାନିରୁ ଡେଟା ସାଇନ୍ସରେ ଏମ୍‌ଟେକ୍ ଏବଂ ଆମିଟି ୟୁନିଭର୍ସିଟିରୁ ଏମ୍‌ବିଏ ମଧ୍ୟ କରିଛନ୍ତି। ସମ୍ପ୍ରତି ସେ ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗରେ କାର୍ଯ୍ୟ କରୁଛନ୍ତି।

ମନୀଷ 'କିଙ୍ଗ୍ ଅଫ କ୍ରେଡିଟ୍ କାର୍ଡ ଆଣ୍ଡ୍ କଏନସ୍' ନାମରେ ମଧ୍ୟ ଜଣାଶୁଣା। ସେ ଉଭୟ କ୍ରେଡିଟ୍ କାର୍ଡ ଏବଂ କଏନ୍ ସଂଗ୍ରହ ପାଇଁ ୨ ଥର ଜିଡବ୍ଲ୍ୟୁଆର୍‌ରେ ସ୍ଥାନିତ ହୋଇଛନ୍ତି। ମନୀଷ ଜଣେ ୟୁଟ୍ୟୁବର ମଧ୍ୟ। ସେ କ୍ରେଡିଟ୍ କାର୍ଡ ଏବଂ କଏନ୍ କଲେକ୍ସନକୁ ନେଇ ଭିଡିଓ ତିଆରି କରିଥାନ୍ତି। ସେ ଏକାଧାରରେ ଜଣେ ମୁଦ୍ରା ବିଶେଷଜ୍ଞ, ଡେଟା ସାଇଣ୍ଟିଷ୍ଟ ଏବଂ ସାମାଜିକ କର୍ମୀ। ମନୀଷ ନିଜ ଲିଙ୍କ୍‌ଡଇନ୍, ଇନ୍‌ଷ୍ଟାଗ୍ରାମ ଏବଂ ଫେସ୍‌ବୁକ୍ ଆକାଉଣ୍ଟରେ କ୍ରେଡିଟ୍ କାର୍ଡ ସମ୍ବନ୍ଧୀୟ ବିଭିନ୍ନ ଟିପ୍ସକୁ ଶେୟାର କରିଥାନ୍ତି।

ଭାରତରେ କ୍ରେଡିଟ୍ କାର୍ଡ ବ୍ୟବହାରକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ କ୍ରେଡିଟ୍ କାର୍ଡ ବ୍ୟବହାର ଦ୍ୱାରା ଋଣ ଜାଲରେ ପଡୁଛନ୍ତି। ତେବେ ସ୍ମାର୍ଟ ପଦକ୍ଷେପ ସହ ଏହି କାର୍ଡଗୁଡ଼ିକ ବିନା ଋଣରେ କିପରି ଲାଭଦାୟକ ହୋଇପାରେ, ତାହା ମନୀଷ ପ୍ରମାଣିତ କରି ଦେଖାଇଛନ୍ତି।

# ଇନ୍‌ସପେକ୍ଟର ଭୂମିକାରେ ଅର୍ଶଦ

ମୁମ୍ବାଇ



ଅର୍ଶଦ ୱାର୍ସି

ଚଳିତ ମାସର ବହୁ ପ୍ରତୀକ୍ଷିତ ଫିଲ୍ମ ମଧ୍ୟରେ 'ଭାଗୱତ ଚାପ୍ଟର ୧ ରାକ୍ଷସ' ରହିଛି। ଏହି କ୍ରାଇମ ଥ୍ରୀଲର ମୁଭିରେ ଅଭିନେତା ଅର୍ଶଦ ୱାର୍ସିଙ୍କୁ ଇନ୍‌ସପେକ୍ଟର ବିଶ୍ୱାସ ଭାଗୱତଙ୍କ ଭୂମିକାରେ ଦେଖିବାକୁ ମିଳିବ। ସେହିପରି 'ପଞ୍ଚାୟତ' ସିରିଜ୍‌ର ଷ୍ଟାର୍ ଜିତେନ୍ଦ୍ର କୁମାରଙ୍କୁ ଜଣେ ରହସ୍ୟମୟ ବିଜ୍ଞାନ ଶିକ୍ଷକ ସୁରଜଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମ ବକ୍ସ ଅଫିସରେ ନୁହେଁ ବରଂ ଓଟିଟି ପ୍ଲାଟ୍‌ଫର୍ମ ଜି୫ରେ ଷ୍ଟ୍ରିମିଂ ହେବ।

**କାଲିଠୁ ଜି୫ରେ ଷ୍ଟ୍ରିମିଂ ହେବ 'ଭାଗୱତ ଚାପ୍ଟର ୧ ରାକ୍ଷସ'**

ଶୁକ୍ରବାରଠାରୁ ଏହି ଫିଲ୍ମ ଷ୍ଟ୍ରିମିଂ ହେବ ବୋଲି ବୁଧବାର ଜି୫ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରାଯାଇଛି। ଏହି ଚଳଚ୍ଚିତ୍ରର କାହାଣୀ ଏକ କାଳ୍ପନିକ ବେଶ୍ୟାବୃତ୍ତି ର୍‍ୟାକେଟକୁ ନେଇ ଗତି କରୁଛି। ଉତ୍ତର ପ୍ରଦେଶର ଏକ ଛୋଟ ସହରରୁ କିଛି ମାସ ମଧ୍ୟରେ ୧୯ ଜଣ ଯୁବତୀ ନିଖୋଜ ହେବାର ମାମଲା ସାମ୍ନାକୁ ଆସିଥିବା ବେଳେ ଏହାକୁ ନେଇ ଅର୍ଶଦ ଖୋଳତାଡ଼ କରିବା ସହ ବେଶ୍ୟାବୃତ୍ତି ର୍‍ୟାକେଟକୁ ଧରିବା ପାଇଁ ପ୍ରୟାସ କରୁଥିବା ନେଇ ଟ୍ରେଲରରେ ଦେଖିବାକୁ ମିଳିଛି। ମାମଲାର ତଦନ୍ତ ସମୟରେ ଜିତେନ୍ଦ୍ରଙ୍କ ଉପରେ ଅର୍ଶଦଙ୍କ ସନ୍ଦେହ ବଢୁଛି ଏବଂ ସେ ଜିତେନ୍ଦ୍ରଙ୍କୁ ଗିରଫ କରୁଛନ୍ତି। ତେବେ ବେଶ୍ୟାବୃତ୍ତି ର୍‍ୟାକେଟ ପଛରେ ଜିତେନ୍ଦ୍ରଙ୍କ ହାତ ରହିଛି କି ନାହିଁ ତାହାକୁ ନେଇ ଏହି ଫିଲ୍ମର କାହାଣୀ ପର୍ଯ୍ୟବସିତ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ

**ଥୁଆମୂଳ ରାମପୁର,୧୫।୧୦ (ଦୁର୍ଗା କାର୍ଯ୍ୟ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମାଲିଗାଁ ଗ୍ରାମପଞ୍ଚାୟତ ଡି.ଚେପେଟାଘାଟ ଗ୍ରାମରେ ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁମ ଓଡିଆଙ୍କ ସ୍ତ୍ରୀ ଗୁରୁବାରୀ ଓଡିଆ (୪୫)। ସୂଚନା ଅନୁସାରେ ଗୁରୁବାରୀ ଅପରାହ୍ନରେ ନିଜ ବାଡ଼ିରେ ଥିବା ଗଛରୁ ମୃତ ଗଣ୍ଡି ତୋଳିବା ସମୟରେ ଅସାବଧାନତା ବଶତଃ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଅଚେତ ହୋଇପଡିଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଏ ନେଇ ଏକ ମାମଲା (ନଂ.୮/୨୫) ରୁଜୁ କରିଛି।

### ପାଇକମାଳ ହାଇସ୍କୁଲରେ କାସ୍କେଡ ପ୍ରଶିକ୍ଷଣ

**ପାଇକମାଳ,୧୫।୧୦(ବଡ଼ ଶତପଥୀ):** ପାଇକମାଳ ହାଇସ୍କୁଲରେ ଖାନ୍ ଏକାଡେମୀର କାସ୍କେଡ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଡ. ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାଇକମାଳ ବନାଞ୍ଚଳ ହୃଦାନନ୍ଦ ମିଶ୍ର, ପାଇକମାଳ ଏବିଇଓ ଚକାମନ ସୁନା ଏବଂ ଦୁବରାଜ ବେଶ୍ରା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଖାନ୍ ଏକାଡେମୀର ଗଣିତ ଓ ବିଜ୍ଞାନ ବିଷୟରେ ପ୍ରଶିକ୍ଷଣ ଥିଲା ବେଳେ ୨ଜଣ ଆର.ପି. ଲଳିତ କୁମାର ବିଶ୍ୱାଳ ଏବଂ ବିକାଶ ଚନ୍ଦ୍ର ରଣାଙ୍କ ସହିତ ୫୨ଜଣ ଶିକ୍ଷକ ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**ଭେଡେନ,୧୫।୧୦(ହୃଷିକେଶ ଖମାରୀ):** ଅନ୍ୟମାନଙ୍କ ଦୁଃଖ ଯନ୍ତ୍ରଣା ସୂଚନା ପାଇ ଦୌଡ଼ି ଯାଉଥିବା ଏବଂ ସହଯୋଗର ହାତ ବଢ଼ାଉଥିବା ବରଗଡ଼ ଜିଲା ଭେଡେନ ବ୍ଲକ ଉଦେପୁର ଗ୍ରାମର ସାମାଜିକ କର୍ମୀ ସନାତନ ଦନ୍ତା (୩୫)ଙ୍କ ବୁଧବାର ପରଲୋକ ହୋଇଛି। ସେ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ବୁର୍ଲା, ୱାଲଟିୟର ସମେତ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେବେ ସ୍ୱାସ୍ଥ୍ୟ ଅଧିକ ବିଗିଡି ଯିବାରୁ ତାଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ପରଲୋକ ହୋଇଥିଲା।

### ଖବରଦାତା ରମେଶଙ୍କ ପରଲୋକ

**ଝାରବନ୍ଧ.୧୫।୧୦(ଦେବେନ୍ଦ୍ର ସାହୁ):** ପଦ୍ମପୁର ସବ୍‌ଡିଭିଜନର ବରିଷ୍ଠ ଖବରଦାତା ରମେଶ ଚନ୍ଦ୍ର ବାରିକ (୬୫)ଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କର ନିଜ ଘର ଝାରବନ୍ଧ ବ୍ଲକ କୋତନା ଗ୍ରାମରେ। ସାମ୍ବାଦିକତାରେ ତାଙ୍କର ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି। ତାଙ୍କର ଅକାଳ ବିୟୋଗ ଖବର ପାଇ ଜିଲା ସାମ୍ବାଦିକ ସଂଘ ସଭାପତି ରବି ନାରାୟଣ ପଣ୍ଡା, ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ବଡ଼ ଶତପଥୀ, ଲଲାଟେନ୍ଦୁ ଦାସ, ବଦ୍ରି ସାହୁ, ରଞ୍ଜନ ଦେବତା, ଗୌରାଙ୍ଗ ଦାସ, ସୁରଥ ସାହୁ, ମାନସ ନାୟକ, ପ୍ରଦୀପ୍ତ କୁମାର ଦାସ, ସତ୍ୟ ପ୍ରଧାନ, କ୍ଷମାନିଧି ନାୟକ ପ୍ରମୁଖ ଯୋଗଦାନ କରି ଶେଷଦର୍ଶନ କରିବା ସହ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ପୁତୁରା ଆଶିଷ ବାରିକ ମୁଖାଗ୍ନି ଦେଇଥିଲେ।

# ଦ୍ୱିତୀୟ ଉପନିର୍ବାଚନ ଦେଖିବେ ନୂଆପଡ଼ାବାସୀ

**ନୂଆପଡ଼ା,୧୫।୧୦(ମକାରୁ ବେମାଲ)**

ନୂଆପଡ଼ା ବିଧାନସଭା ଆସନରେ ଦ୍ୱିତୀୟ ଉପନିର୍ବାଚନ ହେବାକୁ ଯାଉଛି। ୧୯୭୦ରେ ଏଠାରେ ପ୍ରଥମ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଜିଲାର ପ୍ରମୁଖ ବିଧାନସଭା କ୍ଷେତ୍ର ହେଉଛି ନୂଆପଡ଼ା। ଛତିଶଗଡ଼କୁ ଲାଗି ରହିଥିବା ଏହି ନିର୍ବାଚନମଣ୍ଡଳୀରେ ଛତିଶଗଡ଼ୀ ଭାଷାଭାଷୀ ମତଦାତାଙ୍କ ସଂଖ୍ୟା ଯଥେଷ୍ଟ ରହିଛି। ଆସନ୍ତା ନଭେମ୍ବର ୧୧ରେ ଏଠାରେ ଉପନିର୍ବାଚନ ହେବ। ଏ ନେଇ ରାଜ୍ୟର ପ୍ରମୁଖ ଦଳଗୁଡିକ ରଣନୀତି ପ୍ରସ୍ତୁତକରି ସମରସଜ୍ଜା ଆରମ୍ଭକରି ଦେଇଛନ୍ତି। ଏହି ଆସନ ଲାଗି ୩ ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇସାରିଛି। ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ଯୋଗଦାନ କରିବା ପରେ କେବଳ ଢୋଲକିଆ ସମର୍ଥକ ତାଙ୍କ ସହ ସାମିଲ ହେଉଥିବାବେଳେ ପ୍ରକୃତ ବିଜେଡି ଅଲଗା ହୋଇଯାଇଛନ୍ତି । ଅନ୍ୟପଟେ ପୂର୍ବରୁ ଥିବା ଭାଜପା କର୍ମକର୍ତ୍ତା ଜୟଙ୍କୁ ସହଜରେ ଗ୍ରହଣ କରୁନାହାନ୍ତି । ନୂଆପଡ଼ା ନିର୍ବାଚନମଣ୍ଡଳୀରେ ମୋଟ ୨ ଲକ୍ଷ ୫୩ ହଜାର ୬୨୪ ଭୋଟର ରହିଛନ୍ତି। ସେଥିରୁ ପୁରୁଷ ଭୋଟର ୧ ଲକ୍ଷ ୨୪ ହଜାର ୧୦୮, ମହିଳା ୧ ଲକ୍ଷ ୨୯ ହଜାର ୪୯୫ ଓ ତୃତୀୟ ଲିଙ୍ଗୀ ୨୧ ରହିଛନ୍ତି। ଏହା ମଧ୍ୟରେ ବରିଷ୍ଠ ନାଗରିକ ୧୭୬, ଯୁବକ ୯୪୨୯ ଓ ଦିବ୍ୟାଙ୍ଗ ଭୋଟର ୩୯୮୮ଜଣ ଅଛନ୍ତି। ଚଳିତ ଉପନିର୍ବାଚନରେ ଏମାନେ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ୧୯୫୧ଠାରୁ ୨୦୨୪ ପର୍ଯ୍ୟନ୍ତ ଏହି ନିର୍ବାଚନମଣ୍ଡଳୀରେ ୮ ଜଣ ନେତାଙ୍କୁ ପଠାଇଲେଣି ନୂଆପଡ଼ା ମତଦାତା। ଓଡ଼ିଶା ବିଧାନସଭା ନିର୍ବାଚନ ଆରମ୍ଭ ହେବାଠାରୁ ୨୦୨୪ ପର୍ଯ୍ୟନ୍ତ ଅନୁପ ସିଂଦେଓ, ଚୈତନ୍ୟ ମାଝି, ଜଗନ୍ନାଥ ପଟ୍ଟନାୟକ, ଓଙ୍କାର ସିଂ ମାଝି, ଭାନୁ ପ୍ରତାପ ଜୋଷୀ, ଘାସିରାମ ମାଝି, ବସନ୍ତ କୁମାର ପଣ୍ଡା ଓ ରାଜେନ୍ଦ୍ର ଢୋଲକିଆଙ୍କ ଭଳି ବିଧାୟକମାନଙ୍କୁ ନୂଆପଡ଼ା ବିଧାନସଭାରେ ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ଦେଇଛନ୍ତି ଲୋକେ। ୧୯୬୧ରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝି ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ସେହିପରି ୧୯୭୧ରେ ସେ ସ୍ୱତନ୍ତ୍ର ପାର୍ଟି, ୧୯୭୭ରେ ଜନତା ଦଳରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ପରେ କ୍ରମାଗତ ଭାବେ ୧୯୮୫, ୧୯୯୦ ଓ ୧୯୯୫ରେ ବିଧାୟକ ଭାବରେ ବିଜୟୀ ହୋଇ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ମଧ୍ୟ ରହିଥିଲେ। ୧୯୯୭ ଏପ୍ରିଲ ୨୩ରେ ମାଝିଙ୍କ ବିୟୋଗ ହେବାରୁ ନୂଆପଡ଼ା ଉପନିର୍ବାଚନ ହୋଇଥିଲା। ଏଥିରେ କଂଗ୍ରେସ ପ୍ରାର୍ଥୀ ଜଗନ୍ନାଥ ପଟ୍ଟନାୟକ ବିଜୟୀ ହୋଇଥିଲେ। ବିଜୁ ଜନତା ଦଳର ବିଜୟୀ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଉପନିର୍ବାଚନ ହେବାକୁ ଯାଉଛି ।

## ନୃସିଂହନାଥରେ ବିଶ୍ୱ ଖାଦ୍ୟ ଦିବସ ପାଳନ



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

**ପାଇକମାଳ,୧୫।୧୦(ବଡ଼ ଶତପଥୀ)**

ପାଇକମାଳ ବ୍ଲକ ନୃସିଂହନାଥସ୍ଥିତ ଧର୍ମଶାଳାଠାରେ ବୁଧବାର ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଇଛି। ଅହିଂସା କ୍ଲବ, ରାଇଜ ଏଗ୍ନେଷ୍ଟ ହଙ୍ଗର ଇଣ୍ଡିଆ ତଥା ସହଯୋଗୀ ଅନୁଷ୍ଠାନ ଆର୍.ସି. ଡିଶି, ନିର୍ମାଣ, ଭିଭିଭୂମି, ପ୍ରଗତି କୋରାପୁଟ, ଆସ୍ଥା, କ୍ରପ ଫର୍ ଏଚ୍.ଡି.ଓ ଓଡ଼ିଶା ବିହନ ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି ବିଶ୍ୱ ଖାଦ୍ୟ ଦିବସ ଦୁଇ ଦିନ ଧରି ଚାଲିବ। ବୁଧବାର ପ୍ରଥମ ଦିନରେ ଗୋପୂଜା କାର୍ଯ୍ୟକ୍ରମ ରଖାଯାଇଥିଲା। ଗୋପୂଜକ ଭାବରେ ସ୍ୱାମୀ କ୍ରିଷ୍ଣାନନ୍ଦ ମହାରାଜ ହରିହରାନନ୍ଦ ଗୋକୁଳାଶ୍ରମ ପୁରୀରୁ ଆସିଥିଲେ। ଗୋ ପୂଜାରେ କର୍ତ୍ତା ଭାବରେ ରାମକୁମାର ଗୁପ୍ତା, ତପନ ବଡ଼େଇ ଓ ରୁକ୍ମଣ ଶତପଥୀ, ଫୁଲେଶ୍ୱର ରଣା, କୁମାର ଦିଶ୍ରି, ଓମ୍ ପ୍ରକାଶ ମେହେର ଯୋଗଦାନ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ଡି. ନାରାୟଣ ବ୍ରହ୍ମପୁର, ଦ୍ୱାଦଶ ପ୍ରଧାନ, ପ୍ରଭା ପାଢ଼ୀ, ସୁଶାନ୍ତ କୁମାର ସାହୁ ଓ ସଙ୍ଗୀତା ସାହୁ ଉପସ୍ଥିତ ଥିଲେ। ଅହିଂସା କ୍ଲବ ସମ୍ପାଦକ ଶିବ ପ୍ରସାଦ ସାହୁ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। କ୍ରିଷ୍ଣାନନ୍ଦ ମହାରାଜ ଗୋ ସେବା ଓ ତାହାର ମହତ୍ତ୍ୱ ବିଷୟରେ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପାଇକମାଳ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନଙ୍କୁ ନେଇ କୁଇଜ୍, ବକ୍ତୃତା ଓ ଗଳ୍ପ ଲିଖନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅହିଂସା କ୍ଲବର କର୍ମକର୍ତ୍ତା ଗୌର ଚରଣ ସାହୁ, ବିଦ୍ୟାଚରଣ ପିଞ୍ଜରା, ତୁଳସୀ ରାମ ବିଶ୍ୱାଳ, ଯମୁନା ବାଗ, ପାର୍ବତୀ ସାହା, ପୁରନ୍ଦର ରଣା, ଉମ୍ବରୁଧର ବଛା, କ୍ଷମା ଭୋଇ, ରାକେଶ ପ୍ରଧାନ, ନୀଳମଣି ପୁରୋହିତ ସମସ୍ତେ ସହଯୋଗ କରିଥିଲେ।

# ଲୋକନୃତ୍ୟ 'ଘୁମୁରା' ନାଦରେ କମ୍ପିଲା ମଞ୍ଚ



ଦଣ୍ଡପାଟ ଦଶରା ମହୋତ୍ସବରେ ଜଗଦାନନ୍ଦ ଜୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କୋକସରା,୧୫।୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

ଗତ ରବିବାରଠାରୁ କୋକସରା ବ୍ଲକର ଗୋତମୁଣ୍ଡାଠାରେ ଆରମ୍ଭ ହୋଇଥିବା ଦଣ୍ଡପାଟ ଦଶରା ମହୋତ୍ସବ ମଙ୍ଗଳବାର ସମ୍ପନ୍ନ ହୋଇଛି। ଉଦ୍‌ଘାଟନୀ ଦିବସରେ ନୃତ୍ୟ ପ୍ରତିଯୋଗିତା, ଦ୍ୱିତୀୟ ଦିବସରେ ନାଟକ ଓ ଉଦ୍‌ଯାପନୀ ଦିବସରେ କଳାହାଣ୍ଡିର ଲୋକନୃତ୍ୟ 'ଘୁମୁରା' ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଧର୍ମଗଡ ବିଧାୟକ ସୁଧୀର ପାଙ୍ଗଯୋଷୀ ମୁଖ୍ୟ ଅତିଥି ଓ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଜିଲା ଆଦିବାସୀ ସଂଘ ସଭପତି ପ୍ରକାଶ ଚନ୍ଦ୍ର ମାଝୀ, ବ୍ଲକ ସମ୍ପାଦକ ତ୍ରିନାଥ ଶବର, ଭାଜପା ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ମୋଟ ୧୨ ଗୋଟି ଘୁମୁରା ଦଳ ଭାଗନେଇଥିଲେ। 'ଘୁମୁରା' ନାଦିରେ ମଞ୍ଚ ଦୁଲୁକି ଉଠିଥିଲା। ଦଣ୍ଡପାଟ ଦଶରା ମହୋତ୍ସବ କମିଟି ପକ୍ଷରୁ ବରିଷ୍ଠ ଖବରଦାତା ଲକ୍ଷ ଜ୍ୟୋତି ଜାଲ, କାଳୀକୃଷ୍ଣ ସଂଘର ପରିଚାଳକ ଜଗଦାନନ୍ଦ ଜୀ, କଳାହାଣ୍ଡି ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ସମ୍ପାଦକ ରୁତୁରାଜ ମାଝୀ, କୋକସରା ବ୍ଲକ ଆଦିବାସୀ ସଂଘ ସମ୍ପାଦକ ତ୍ରିନାଥ ଶବର, ଯୁବ ସମାଜସେବୀ ଶ୍ୟାମସୁନ୍ଦର ମାଝୀ ପ୍ରମୁଖଙ୍କୁ ଦଶରା ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆ ମଞ୍ଚ ସଂଯୋଜନା କରିଥିଲେ।

## ପୋଷଣ ମାସ ପାଳନର ଶୁଭାରମ୍ଭ ସମାରୋହ

**ବରଗଡ଼,୧୪।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ ପରିସରରେ ବୁଧବାର ଜିଲାସ୍ତରୀୟ ଅଷ୍ଟମ ପୋଷଣ ମାସ-୨୦୨୫ ପାଳନର ଶୁଭାରମ୍ଭ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମାରୋହରେ ମୁଖ୍ୟ ଜିଲା କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ସମେତ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୋଇ, ଅତିରିକ୍ତ କୃଷି ଉଦ୍ୟାନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଡା. ବି. ଯୋଶୀ, ଅତିରିକ୍ତ କୃଷି ଅଧିକାରୀ ଅଞ୍ଜନ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ହୋଇ ଜିଲାସ୍ତରୀୟ ପୋଷଣ ମାସ ଉପରେ ଆଲୋଚନା କରିଥିଲେ। ଏହା ସହିତ ମେଦ ବହୁଳ ରୋଗ ଏବଂ ତାର ସମାଧାନ ଉପରେ ଅତିଥିବୃନ୍ଦ ଆଲୋକପାତ କରିଥଲେ। ମା'ମାନେ ଶିଶୁ ମାନଙ୍କୁ କିପରି ଉତ୍ତମ ପୋଷଣ ଖାଦ୍ୟ ସହ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ଉଚିତ୍ ଏବଂ ସେଥିପ୍ରତି ସଚେତନ ରହିବେ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ପୁଷ୍ଟିକର ଖାଦ୍ୟ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ଏହି ସମାରୋହରେ ମାଣ୍ଡିଆରେ ତିଆରି ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ କରାଯାଇଥିଲା।

## ବାଳିକା ବର୍ଗରେ ଗାଇସିଲେଟ ବ୍ଲକ ଚାମ୍ପିୟନ



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

**ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)**

### ଜିଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତା

ବରଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳିକା ବିଭାଗର ଖୋ ଖୋ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିମେଣ୍ଟ ନଗର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିମେଣ୍ଟ ନଗରଠାରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବକୁ ଜ୍ୟୋତିଷ ପଧାନ ଓ ସମ୍ପୂର୍ଣ୍ଣ ଭୋଇ ସଂଯୋଜନା କରିଥିଲେ। ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସରୋଜ ଭୁଏ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ୍ ସୁରେଶ ମହାପାତ୍ର, ଯୁବନେତା ଈଶ୍ୱର ବାଗ, ଆମ୍ବାପାଲି ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥ ପ୍ରମୁଖ ଉପସ୍ଥିତ ରହିଥିଲେ। ୧୪ ବର୍ଷରୁ କମ ବାଳିକା ବିଭାଗରେ ଗାଇସିଲେଟ ବ୍ଲକ ଚାମ୍ପିୟନ ଘୋଷିତ ହୋଇଥିବା ବେଳେ ଝାରବନ୍ଧ ବ୍ଲକ ଉପବିଜେତା ଘୋଷିତ ହୋଇଥିଲା। ସେହିପରି ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଗାଇସିଲେଟ ବ୍ଲକ ଚାମ୍ପିୟନ ହୋଇଥିବା ବେଳେ ପଦ୍ମପୁର ବ୍ଲକ ଉପବିଜେତା ଘୋଷିତ ହୋଇଥିଲା। କେଶବ ପ୍ରଧାନ, ବଳିଷ୍ଠ ମହାପାତ୍ର, ଦଶରଥ ଗଡ଼ତିଆ, ବେଦବ୍ୟାସ ସାହୁ, ସୁମନ୍ତ ବାବୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ନଭେମ୍ବର ୧ରେ କଳାହାଣ୍ଡି ଜିଲା ଗଠନ ଦିବସ | ଜିଲା ସ୍ତରୀୟ ପ୍ରସ୍ତୁତି ବୈଠକ

**ଭବାନୀପାଟଣା,୧୫।୧୦(ଉତ୍ତମ କୁମାର ଦାଶ)**

ଆସନ୍ତା ନଭେମ୍ବର ୧ରେ କଳାହାଣ୍ଡି ଜିଲା ଗଠନ ଦିବସ ପାଳନ ହେବ। ଏହି ଉପଲକ୍ଷେ ବୁଧବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଅଧ୍ୟକ୍ଷତା କରିଥିଲେ। ଜିଲା ସଂସ୍କୃତି ପରିଷଦ ତରଫରୁ ଆୟୋଜିତ ବୈଠକରେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଜିଲା ଗଠନ ଦିବସକୁ ମହାସମାରୋହରେ ପାଳନ କରିବା ଦିଗରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଭବାନୀପାଟଣା ସହରରେ ମଶାଲ ଶୋଭାଯାତ୍ରା, ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ପୁସ୍ତକ ମେଳା, ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହରାଞ୍ଚଳ ନିର୍ବାହୀ ଅଧିକାରୀ କାର୍ଯ୍ୟକ୍ରମର ଖସଡା ପ୍ରସ୍ତୁତ କରି ଜିଲା ସଂସ୍କୃତି ଅଧିକାରୀଙ୍କ ସହିତ ଯୋଗାଯୋଗ କରି ବ୍ଲକ ଏବଂ ଜିଲାସ୍ତରୀୟ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଅତିରିକ୍ତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାର ସିଂ, ପିଏ ଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାସ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶିବାଜୀ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ସୁପ୍ରିୟା ସ୍ମାରକୀ ଫୁଟବଲ, ଫାଇନାଲରେ ଗର୍ଭନା ଦଳ

**ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ଆନ୍ତଃ କ୍ଲବ ନକ୍ ଆଉଟ ଫୁଟବଲ ପ୍ରତିଯୋଗିତାରେ ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ବରାହଗୋଡ଼ା ଦଳକୁ ହରାଇ ଗର୍ଭନା ଦଳ ପ୍ରତିଯୋଗିତାର ପ୍ରଥମ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଗର୍ଭନା ଦଳ ପ୍ରତିପକ୍ଷ ବରାହଗୋଡ଼ା ଦଳ ଉପରେ ଆକ୍ରମଣ ଜାରି ରଖି ମ୍ୟାଚକୁ ୪-୧ ଗୋଲରେ ଜିତି ନେଇଥିଲା। ଦଳ ପକ୍ଷରୁ ନରେନ୍ଦ୍ର ପାତ୍ର ଦୁଇଟି ଗୋଲ ଦେଇଥିବା ବେଳେ ଉମାଶଙ୍କର ମୁକ୍ରିଆ, ବଳିଆ ମଲ୍ଲିକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବରାହଗୋଡ଼ା ଦଳ ପକ୍ଷରୁ ଆଦିତ୍ୟ ସେଟ ଏକମାତ୍ର ଗୋଲ ଦେଇଥିଲେ। ସୁନିଲ ବାଗ ମ୍ୟାଚ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅଜୟ ପ୍ରଧାନ, ସଚିନ ଭୁଏ ସହଯୋଗ କରିଥିଲେ। ଶଙ୍କର୍ଷଣ ପ୍ରଧାନ ଚତୁର୍ଥ ରେଫରି ଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

## ବିଧାୟକଙ୍କ ମନ୍ତବ୍ୟକୁ ବିରୋଧ, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଧନୁଯାତ୍ରା ମହୋତ୍ସବ ବୈଠକ ସରିବା ପରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ମନ୍ତବ୍ୟ ରଖିବା ସମୟରେ 'ଏତିକିରେ ଥାଉ, ଇତି ଚକ୍ର ସାହୁ' ବୋଲି କହିଥିଲେ। ବିଧାୟକଙ୍କ ଏଭଳି ମନ୍ତବ୍ୟକୁ ବରଗଡ଼ ସାହୁ ସମାଜ ବିରୋଧ କରିଛି। ସାହୁ ସମାଜ ପ୍ରତି ବିଧାୟକଙ୍କ ସେଭଳି ଆକ୍ଷେପ ଶୋଭନୀୟ ନୁହେଁ ଏବଂ ଏଥିପାଇଁ ବିଧାୟକ କ୍ଷମା ମାଗନ୍ତୁ ବୋଲି ସାହୁ ସମାଜ ଦାବି କରିଛି। ଏହି କ୍ରମରେ ବୁଧବାର ସାହୁ ସମାଜର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ଅନ୍ୟପଟେ ତାହା ଏକ ଢଗଢମାଳି, ସେ କାହାରିକୁ ଆକ୍ଷେପ କରିନାହାନ୍ତି। ସବୁଥିରେ ନକାରାତ୍ମକ ଚିନ୍ତା କରିବା ଠିକ୍ ନୁହେଁ ବୋଲି ବିଧାୟକ ଷଡ଼ଙ୍ଗୀ କହିଛନ୍ତି। ସାହୁ ସମାଜର ଶୁଭେନ୍ଦୁ ସାହୁ, ଭବାନୀ ସାହୁ, ସୁଶାନ୍ତ ସାହୁ, ସୁଦାମ ସାହୁ, ଶ୍ରୀପତି ଭୋଇ, ବିବେକାନନ୍ଦ ଭୋଇ, ନକୁଳ ସାହୁ, ଲଳିତ ପଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।


ସାହୁ ସମାଜ ପ୍ରତିନିଧିମାନଙ୍କଠାରୁ ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

# ସକାଳୁଆ ଇଣ୍ଟରସିଟି ଦାବି ପୂରଣ ନ ହେଲେ ଆନ୍ଦୋଳନ

**ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)**


ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ସାଧାରଣ ସଭାରେ ଉପସ୍ଥିତ କର୍ମକର୍ତ୍ତା, ସଭ୍ୟବୃନ୍ଦ।

### ରେଳ ଉପଭୋକ୍ତା ସଂଘର ଏକ ସାଧାରଣ ସଭା

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରଦୀପ ଦେବତା ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ବିଭିନ୍ନ ରେଳ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଇତିମଧ୍ୟରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧିମଣ୍ଡଳୀ ଭୁବନେଶରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କୁ ଭେଟି ଭୁବନେଶ୍ୱର ପାଇଁ ସକାଳ ଇଣ୍ଟରସିଟି ବିଷୟରେ ଆଲୋଚନା ହୋଇଥିବା ନେଇ ସୂଚନା ଦିଆଯାଇଥିଲା। ପରେ ପୁଣିଥରେ ସର୍କିଟ ହାଉସରେ ଏମ୍‌ପିଙ୍କୁ ଭେଟି ଉକ୍ତ ଦାବି ଉପରେ ରେଳବାଇ ତରଫରୁ କି ପଦକ୍ଷେପ ନିଆଯାଉଛି, ସେଥିପାଇଁ ଫୋନ ଯୋଗେ ଏହି ତଥ୍ୟ ମାଗିବା ତଥା ଚାପ ପ୍ରୟୋଗ କରିବା ବିଷୟରେ ଆଲୋଚନା ହୋଇ ସାରିଥିବା ଏବଂ ଏମ୍‌ପି ପୁରୋହିତ ସମସ୍ତଙ୍କ ସମ୍ମୁଖରେ ମହାପ୍ରବନ୍ଧକଙ୍କୁ ଫୋନରେ ଦାବି କରିଥିବା ସକାଳ ଇଣ୍ଟରସିଟିକୁ ଚଳାଇବା ପାଇଁ ଶୀଘ୍ର ପଦକ୍ଷେପ ନେବା ପାଇଁ ଜଣାଇଥିଲେ ବୋଲି ସୂଚନା ଦିଆଯାଇଥିଲା। ସମ୍ବଲପୁର ମଣ୍ଡଳ ପ୍ରବନ୍ଧକଙ୍କୁ ପ୍ରତିନିଧିମଣ୍ଡଳୀ ଭେଟି ଟ୍ରେନ୍‌ଗୁଡ଼ିକର ରହଣୀ ୫ମିନିଟ କରିବା, ସବୱେରେ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଯଥେଷ୍ଟ ଲାଇଟ ଓ ସିସିଟିଭି ଲଗାଇବା, ରେମ୍ପ ନିର୍ମାଣ, ନାଗାବଳୀ ଏକ୍ସପ୍ରେସର ପୁରୁଣା କୋଚ ବଦଳାଇ ନୂଆ କୋଚ ଲଗାଇବା, ସ୍ପେଶାଲ ଟ୍ରେନର ବରଗଡ଼ରେ ରହଣୀ ଆଦି ବିଷୟରେ ହୋଇଥିବା ଦାବିକୁ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଅନେକ ସଦସ୍ୟ ଭୁବନେଶ୍ୱରକୁ ସକାଳ ଇଣ୍ଟରସିଟି ପାଇଁ ଅନେକ ଦିନରୁ ଉଦ୍ୟମ କରିବା ସତ୍ତ୍ୱେ କିଛି ସୁଫଳ ମିଳି ନଥିବାରୁ ଆନ୍ଦୋଳନପନ୍ଥା ଗ୍ରହଣ କରିବା ପାଇଁ ସଭ୍ୟମାନେ ପ୍ରସ୍ତାବ ନିଆଯାଇଥିଲା। କିନ୍ତୁ ପ୍ରଥମଥର ପାଇଁ ବରଗଡ଼ ଏମ୍‌ପି ନିଜେ ଆଗ୍ରହର ସହିତ ଏ ଦିଗରେ ଚେଷ୍ଟା କରୁଥିବାରୁ କିଛିଦିନ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ନିଷ୍ପତ୍ତି ନିଆଗଲା। ପରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯିବାକୁ ସ୍ଥିର କରାଯାଇଥିଲା। ବରଗଡ଼ ଷ୍ଟେଶନରେ କୋଚ ଡିସପ୍ଲେ ସିଷ୍ଟମ ଲାଗିଥିବା ସତ୍ତ୍ୱେ ବିଭିନ୍ନ ସମୟରେ ତାହା ଚଳା ଯାଉ ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏଥିପାଇଁ ଏକ ପ୍ରତିନିଧି ଦଳ ଷ୍ଟେଶନକୁ ଯାଇ ଏହାକୁ ନିୟମିତ ଚଳାଇବାକୁ ସୁନିଶ୍ଚିତ କରିବାକୁ ପ୍ରୟାସ କରିବେ ବୋଲି ପ୍ରସ୍ତାବ ନିଆଯାଇଥିଲା। ନୂତନ ସଦସ୍ୟ ଭାବେ ବିନୟ ଲାଠ ଯୋଗ ଦେଇଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସଭାରେ ସଂଘର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପସଭାପତି ସର୍ଦ୍ଦାର ପ୍ରିତମ ସିଂହ, ଇନ୍ଦିରା ମହାନ୍ତି, ସମ୍ପାଦକ କମଳ ଯୋଶୀ, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପୂଜାରୀ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାଶ, ସଦସ୍ୟ ଭାରତ ଭୁଷଣ ଦାଶ, ମଳୟ ମହାନ୍ତି, ଅଭୟ କୁମାର ଭୋଇ, ସତ୍ୟନାରାୟଣ ପଣ୍ଡା, ତୁଳସୀ ଚରଣ ଦାଶ, ଉଦ୍ଧବ ଚରଣ ବେହେରା, ରାମକୃଷ୍ଣ ମେହେର, ବିଷ୍ଣୁ ପ୍ରସାଦ ଧାନୁକା, ଲକି ମୀରୱାନି, ସି.ଏମ ରାଓ, ହରେକୃଷ୍ଣ ସାହୁ, ଅମିତ କୁମାର ସାହୁ, ପ୍ରଫୁଲ୍ଲ କୁମାର ନନ୍ଦ, ମହମ୍ମଦ ଅସଲମ, ଅନିଲ କୁମାର ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ନିର୍ମଳ କିଶୋର କର ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

କୁଆଁରମୁଣ୍ଡା,୧୫।୧୦
(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡା ବନ ରେଞ୍ଜ ଅନ୍ତର୍ଗତ ବିର୍ଦା ସେକ୍ସନ ବଡ଼ଦଳକି ପଞ୍ଚାୟତ ଲାମଜିରା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ହେଲେ ତାହେ ଏକ୍କା(୬୨)। କୁଆଁରମୁଣ୍ଡା ରେଞ୍ଜ ଅଧିକାରୀ ପଞ୍ଚ ନାରାୟଣ ସରାଫ୍ ହାତୀ ଘଉଡ଼ାଳି ଦଳ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ସରକାରୀ ନିୟମ ଅନୁସାରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସରାଫ୍ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଦନ୍ତାଟି ନିକଟସ୍ଥ ଚାଷଜମିରେ ପଶି ଫସଲ ନଷ୍ଟ କରୁଥିବା ଜାଣି ଲାମଜିରା ଗ୍ରାମର ଚାଷୀମାନେ ଘଉଡ଼ାଇବା ପାଇଁ ସେଠାକୁ ଯାଇଥିଲେ। ହେଲେ ବୁଦାମୂଳେ ଥିବା ଦନ୍ତା ହଠାତ୍ ସେମାନଙ୍କୁ ଗୋଡ଼ାଇଥିଲା। ଏହି ସମୟରେ ବୃଦ୍ଧ ତାହେ ତଳେ ପଡ଼ିଯାଇଥିଲେ। ପରେ ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ଦନ୍ତାଟି ବଣାଇ ରେଞ୍ଜରୁ ପଳାଇଆସିଥିବା ବେଳେ ପୁଣି ସେଠାକୁ ଚାଲିଯାଇଥିବା ରେଞ୍ଜର ସରାଫ୍ ସୂଚନା ଦେଇଛନ୍ତି।

# ପରଲୋକରେ ପୂର୍ବତନ ବିଧାୟକ ହେମେନ୍ଦ୍ର

ଲହୁଣୀପଡ଼ା,୧୫।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ ଖୁଣ୍ଟଗାଁ ପଞ୍ଚାୟତ ନୂଆଡ଼ିହି ଗ୍ରାମ ସ୍ଥିତ ବାସଭବନରେ ବୁଧବାର ସକାଳେ ପୂର୍ବତନ ବଣେଇ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ର(୯୨)ଙ୍କ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ଏହି ଖବର ପ୍ରଚାରିତ ହେବାପରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସୂଚନା ଅନୁସାରେ, ସୁନ୍ଦରଗଡ଼ ଜିଲ୍ଲା ବଣେଇ ନିର୍ବାଚନ ମଣ୍ଡଳୀରେ ହେମେନ୍ଦ୍ର ପ୍ରସାଦ ମହାପାତ୍ର ତିନିଥର ବିଧାୟକ ଥିଲେ। ସେ ୧୯୬୧ରୁ ୧୯୭୩ ମସିହା ପର୍ଯ୍ୟନ୍ତ ସ୍ୱତନ୍ତ୍ର


ହେମେନ୍ଦ୍ର ପ୍ରସାଦ ମହାପାତ୍ର

ଓ ଗଣପରିଷଦରୁ ନିର୍ବାଚିତ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଆଖପାଖ ଅଞ୍ଚଳର ଲୋକେ ତାଙ୍କ ଆମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।


## GOVERNMENT AUTONOMOUS COLLEGE, ROURKELA
### TENDER CALL NOTICE

No. CAD-1998: Two bids sealed tenders are invited for lease of the College Canteen. For detailed information and tender papers visit the College Website: **http://www.gacrkl.ac.in**.

**OIPR-11146/11/0012/2526** **Sd./- Principal**

## Office of the Chief District Medical & Public Health Officer, Puri
Grand Road, Medical Square, Puri, Pin No.-752002
Phone No.-06752-222124 (O) & 232294 (C.S), E-mail- cdspuri@gmail.com

### TENDER CALL NOTICE
No. 4530 Sub Store, Puri Dated 14.10.25
No.E-439

**FOR SUPPLY OF DRUGS & MEDICAL CONSUMABLES, LABORATORY REAGENTS & KITS FOR PURI DISTRICT**

| | |
|---|---|
| DATE OF PUBLICATION OF BID DOCUMENT IN WEBSITE | Dt.15.10.25 from 11.00 A.M. |
| PRE BID MEETING | Dt.22.10.25 at 11.00 A.M. |
| LAST DATE & TIME OF RECEIPT OF BID DOCUMENTS | Dt.06.11.25 upto 04.30 P.M. |
| DATE & TIME OF OPENING OF TENDER (Cover-A) | Dt.07.11.25 at 11.00 A.M. |
| Venue | D.T.U.-1, O/o- CDM & PHO, Puri |

*For detail regarding this tender call notice please visit the website www.puri.nic.in or contact office of the undersigned during the office hour in all working days.

**Sd./- Chief District Medical & Public Health Officer, Puri**
OIPR-10021/11/0023/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, JAGATSINGHPUR
### 1st Corrigendum

No. O-993: Corrigendum to tender Online 03 of 2025-26 invited by the Superintending Engineer, Rural Works Division, Jagatsinghpur vide Letter No. 5984 Dtd.02.09.2025. The critical date has been changed due to unavoidable circumstances are as follows:

**New Critical Dates:**

| | | | |
| 3 | Estimated Cost | : | Rs.37.06 Lakhs/ Rs.72.74 Lakhs (Appx.) (Excluding GST) as per work |
| 4 | Period of Completion | : | 03 (Three Calendar Months) |
| 5 | Cost of Bid Document | : | Rs.6,000/- Rs.10,000/- |
| 6 | Bid Security | : | As per Column No. 06 of IFB |
| 7 | Class of Contractor | : | "B" & "C" / "B" |
| 8 | Date & Time of Availability of Bid document in the Portal | : | From 11.00 hours of dt.15.10.2025 to 17.00 hours of dated 28.10.2025 |
| 9 | Last date/time for receipt of bids in the portal | : | 17.00 hours of dated 28.10.2025 |
| 10 | Opening dates of Bid | : | 11.00 hours of dated 29.10.2025 |
| 11 | Name and address of the Officer Inviting Bid | : | EXECUTIVE ENGINEER, NATIONAL HIGHWAY DIVISION, JHARSUGUDA, At-PWD Colony, PO-Kalimandir Road, Dist-Jharsuguda, Pin-768202 |
| | Further details can be seen from the e-procurement portal http://www.tendersodisha.gov.in. Any addendum/corrigendum/cancellation of tender can also be in the said website only. | | |

Sd./- Executive Engineer, N.H. Division, Jharsuguda
OIPR-24431/11/0002/2526

## Fisheries & ARD Department
Government of Odisha
Dated:15.10.2025
**Corrigendum No.1**
**Extension of deadline in EOI for the design, construction, exhibit development and operation of a State-of-the Art-Marine Aquarium and under water zoo at/near Puri Sea Beach**

**No.M-31:**1.With reference to EOI for the design, construction, exhibit development and operation of a State-of-the Art-Marine Aquarium and under water zoo at/near Puri Sea Beach dated 12.09.2025 issued by Fisheries & ARD Department all prospective developers/ companies are hereby informed that, it has been decided to revise the last date and time for submission of proposal, review of the proposal and the final decision announcement. The revised dates are given below.

Proposal submission deadline : 25.10.2025, 5 PM
Proposal review period : 04.11.2025, 5 PM
Final Decision Announcement : 15.11.2025, 5 PM

2.All other conditions in the EOI document remain the same. Developers/ Companies / Firms are advised to submit the proposal well in advance in PDF format to pmufard@gmail.com by 25.10.2025, 5 PM. Detailed EOI document is available in the website of F& ARD Department, Government of Odisha.

Sd./- Principal Secretary
Fisheries & ARD Department, Lok Seva Bhawan
Sachivalaya Marg, Bhubaneswar, Odisha
OIPR-52014/11/0002/2526

# ‘ସକ୍ଷମ’, ‘ଟ୍ୟୁନ୍ ଅଫ୍ ଲାଇଫ୍’, ‘କଚ୍ଚିସ୍ କଚ୍ଚି’ ଶ୍ରେଷ୍ଠ ଚଳଚ୍ଚିତ୍ର

## ୧୦ମ ‘ଧ୍ୱନି ଫିଲ୍ମୋତ୍ସବ’

ଭୁବନେଶ୍ୱର, ୧୫।୧୦
(ସୌମ୍ୟରଞ୍ଜନ ରାଉତ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆଇନା ଅନୁଷ୍ଠାନ ସହଯୋଗରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଚାଲିଥିବା ୨ଦିନିଆ ଭିନ୍ନକ୍ଷମ ଚଳଚ୍ଚିତ୍ର ଉତ୍ସବ ୧୦ମ ‘ଧ୍ୱନି ଫିଲ୍ମୋତ୍ସବ’ ବୁଧବାର ଶେଷ ହୋଇଛି। ଏହି ଅବସରରେ ପ୍ରତିଯୋଗିତାରେ ପ୍ରଦର୍ଶିତ ଚଳଚ୍ଚିତ୍ରଗୁଡ଼ିକର ଫଳାଫଳ ଘୋଷଣା ହୋଇଛି। ୧ ମିନିଟ୍ ବର୍ଗରେ ଅନନ୍ୟ କାନୁନ୍‌ଗୋଙ୍କ ଚଳଚ୍ଚିତ୍ର ‘ସକ୍ଷମ’ ସର୍ବଶ୍ରେଷ୍ଠ ବିବେଚିତ ହୋଇ ‘ଡ. ଶରତ ପୂଜାରୀ ସ୍ମାରକୀ ପୁରସ୍କାର’ ଲାଭ କରିଥିବାବେଳେ ୫ ମିନିଟ୍ ବର୍ଗରେ ଆକାଶ ମନୋହର ଫୁକ୍‌ଙ୍କ ନିର୍ଦ୍ଦେଶିତ ‘ଟ୍ୟୁନ୍ ଅଫ୍ ଲାଇଫ୍’ ଏବଂ ୩୦ ମିନିଟ୍ ବର୍ଗରେ ଆଦିତ୍ୟ ଯାଦବଙ୍କ ‘କଚ୍ଚିସ୍ କଚ୍ଚି’ ଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ ପୁରସ୍କୃତ ହୋଇଛି। ସେହିପରି ୧ ମିନିଟ୍ ବର୍ଗରେ ଅଭିନନ୍ଦନ ଶତପଥୀଙ୍କ ‘ସାଇଲେନ୍ସ ଭିଜନ’, ୫ ମିନିଟ୍ ବର୍ଗରେ ସୁରେଶ କୁମାରଙ୍କ ‘ବେଉଲା’ ସହ ସାମିଲ ରାଜ୍‌ଙ୍କ ‘ଇସାଇ’, ଶୁଭ୍ରାଂଶୁ ସାହୁଙ୍କ ‘ରି ଥିଙ୍କ୍’, ସୁଶ୍ରୀ ସହେଲି ସାନ୍ୟାଲଙ୍କ ‘ବିୟଣ୍ଡ୍ ଲେଭଲ୍‌ସ’ ଏବଂ ୩୦ ମିନିଟ୍ ବର୍ଗରେ ଡରିଆ ଚାପାନୋଭାଙ୍କ ‘ଦ ୱେ ଉଇ ଆର୍’ ଓ ରିଦ୍ଧିବେଶ୍ ଭଟ୍ଟାଚାର୍ଯ୍ୟଙ୍କ ‘ଅଶ୍ରୁତ’ ଶ୍ରେଷ୍ଠ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଲାଭ କରିଛି।

ଉତ୍ସବ କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ରାଜ୍ୟ କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଯୋଗଦେଇ କହିଲେ, ଅସମାନତା ହେଉଛି ମାନବିକତାର ସବୁଠୁ ବଡ଼ ଆହ୍ୱାନ। ଏନେଇ ସାଧାରଣ ଲୋକଙ୍କୁ ସଚେତନ ସହ ପ୍ରଭାବିତ କରିବା ପାଇଁ ଏଭଳି ଦୃଷ୍ଟାନ୍ତମୂଳକ ଚଳଚ୍ଚିତ୍ର ନିର୍ମାଣର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର କହିଲେ, ଭିନ୍ନକ୍ଷମ ପିଲାଙ୍କ ସାମ୍ନାରେ ଅନେକ ସୁଯୋଗ ରହିଛି। ସେମାନଙ୍କ ମାତାପିତା ପରଦାରେ ନିଜକୁ ଦେଖିବା ସହ ପିଲାଙ୍କ ପାଇଁ ଆଗକୁ ଆସିବା ଉଚିତ ବୋଲି ସେ କହିଥିଲେ। ଧ୍ୱନିର ଅଧ୍ୟକ୍ଷ ଜିତେନ୍ଦ୍ର କହିଲେ, ବହୁତ ନୀତି ବର୍ତ୍ତମାନ ପରିବର୍ତ୍ତନ ହେଉଛି, ଅନେକ ସୁଯୋଗ ପାଇଁ ବୈଷୟିକତାର ଆବଶ୍ୟକ ହେଉଛି। ଉତ୍ସବ ମାଧ୍ୟମରେ ସେମାନଙ୍କ ଅଭାବ ଓ ଦକ୍ଷତା ଦେଖାଇବାକୁ ଚାହୁଁଥିଲୁ। ଚଳିତବର୍ଷ ପ୍ରତିଯୋଗିତାରେ ଫିଲ୍ମ ସଂଖ୍ୟା ବୃଦ୍ଧି ପାଇବା ଏହାର ଲୋକପ୍ରିୟତାର ପ୍ରମାଣ ବୋଲି ସେ କହିଥିଲେ। ରାଜ୍ୟ ଭିନ୍ନକ୍ଷମ କମିଶନର ଅଧ୍ୟକ୍ଷା ବ୍ରତତୀ ହରିଚନ୍ଦନ, ଫିକି ଫ୍ଲୋ ଅଧ୍ୟକ୍ଷା ଡ. ପ୍ରଜ୍ଞାପାରମିତା ମିଶ୍ର, ଅଭିଷେକ ଗିରି, ପ୍ରଫେସର ମୃଣାଳ ଚାଟାର୍ଜୀ, ଲଳିତା ମିଶାଲ, ଡ. ଅଦିତି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସେହିପରି ନମ୍ରତା ଚହଲଙ୍କ ଅଧ୍ୟକ୍ଷତାରେ କୃତ୍ରିମ ବୁଦ୍ଧିମତ୍ତା ଓ ଭିନ୍ନକ୍ଷମ ଶୀର୍ଷକ ଆଲୋଚନାଚକ୍ରରେ ମନୀଷ ପାଣ୍ଡେ, ମାନସ ପଟ୍ଟନାୟକ, ପଞ୍ଚମୀ ମାନୁ ଉକିଲ, ରଶ୍ମିରଞ୍ଜନ ମହାନ୍ତି ଏବଂ ସାଗରିକା ରାୟ ପ୍ରମୁଖ ଯୋଗଦେଇଥିଲେ। ଧ୍ୱନିର କାର୍ଯ୍ୟକ୍ରମ ସଂଯୋଜିକା ଫୁଲରୀ ଚକ୍ରମା ଧନ୍ୟବାଦ ଦେଇଥିଲେ।



ଧ୍ୱନି ଫିଲ୍ମୋତ୍ସବରେ ଉପସ୍ଥିତ ଅତିଥି ଓ ଏକ ଚଳଚ୍ଚିତ୍ରକୁ ପୁରସ୍କାର ପ୍ରଦାନ କରାଯାଉଛି।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ ବାସଭବନରେ ଭେଟି ଦୀପାବଳି ଶୁଭେଚ୍ଛା ଜଣାଉଛନ୍ତି।

# ନୂଆପଡ଼ା ଉପନିର୍ବାଚନ | ଫେରିଲେ ଘାସିରାମ, ୧୮ରେ ନାମାଙ୍କନ ଭରିବେ

ଭୁବନେଶ୍ୱର, ୧୫।୧୦
(ରବିନାରାୟଣ ଜେନା)

ଆସନ୍ତା ନଭେମ୍ବର ୧୧ରେ ହେବାକୁଥିବା ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ବୁଧବାର ଅପରାହ୍ନ ସୁଦ୍ଧା କୌଣସି ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିନାହାନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବଗତ କରାଯାଇଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ ଆସନ୍ତା ୧୮ରେ ଘାସିରାମ ମାଝୀ ନାମାଙ୍କନପତ୍ର ଦାଖଲ କରିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନରେ ଘାସିରାମ ଓ ତାଙ୍କ ସମର୍ଥକମାନେ ନାମାଙ୍କନପତ୍ର ଦାଖଲ କରିବା ଲାଗି ଜିଲା ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମାତ୍ର ସେଠାରେ କାଗଜପତ୍ର ଯାଞ୍ଚବେଳେ ଜଣାପଡ଼ିଥିଲା ଯେ, ଘାସିରାମ ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ କେତେକ କାଗଜପତ୍ର ପ୍ରସ୍ତୁତ କରିନାହାନ୍ତି। ଏହାକୁ ନେଇ ସେ ଓ ତାଙ୍କ ସମର୍ଥକ ଲେଉଟି ଆସିଛନ୍ତି। ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ନୂଆପଡା ନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ (ସୋମବାର) ତାରିଖ ଧାର୍ଯ୍ୟ ହୋଇଛି।

# ଯୁକ୍ତ୨ ପରୀକ୍ଷା ହଲ୍, ଷ୍ଟ୍ରଙ୍ଗ୍‌ରୁମ୍‌ରେ ସିସିଟିଭି ବାଧ୍ୟତାମୂଳକ

## ସିଏଚ୍ଏସ୍ଇ କାର୍ଯ୍ୟାଳୟରୁ ପରୀକ୍ଷା ଉପରେ ନଜର ରଖାଯିବ

ଭୁବନେଶ୍ୱର,୧୫।୧୦(ସୁଚିସ୍ମିତା ସାହୁ)

ଯୁକ୍ତ୨ ଇଣ୍ଟର୍‌ନାଲ ପରୀକ୍ଷା ଡିସେମ୍ବର ୨୨ରୁ ଓ ମୁଖ୍ୟ ପରୀକ୍ଷା ଫେବୃଆରୀରୁ ଆରମ୍ଭ ହେବ। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ପ୍ରସ୍ତୁତି ଚାଲିଛି। ତେବେ ସ୍ୱଚ୍ଛ, ଶୃଙ୍ଖଳିତ ପରୀକ୍ଷା ପରଚାଳନାକୁ ପରିଷଦ ଗୁରୁତ୍ୱ ଦେବା ସହ ଷ୍ଟ୍ରଙ୍ଗ୍‌ରୁମ୍, ପରୀକ୍ଷା ହଲ୍, ସିଏସ୍ ରୁମ୍ ଓ ଲାବରେଟୋରିରେ ସିସିଟିଭି ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ନଭେମ୍ବର ୨୯ ସୁଦ୍ଧା ସିସିଟିଭି ଲଗାଇ ସିଏଚ୍ଏସ୍ଇକୁ ଅବଗତ କରାଇବା ପାଇଁ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମଥର ସେଣ୍ଟର ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିସିଟିଭି ଲଗାଇବା ସୁନିଶ୍ଚିତ କରିବା ପରେ ନଭେମ୍ବର ୨୯ ସୁଦ୍ଧା ସେଗୁଡ଼ିକର ଆଇଡି ଓ ପାସ୍‌ୱାର୍ଡ ସିଏଚ୍ଏସ୍ଇକୁ ପ୍ରଦାନ କରିବେ। ପରୀକ୍ଷା ସମୟରେ ସିଏଚ୍ଏସ୍ଇ କାର୍ଯ୍ୟାଳୟରେ ସିସିଟିଭିର ସିଧା ପ୍ରସାରଣ ହେବ। ପରୀକ୍ଷା ସମ୍ପର୍କରେ ସିଧାସଳଖ ନଜର ରଖିବା ସହ କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ ପରିଷଦ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏଚ୍ଏସ୍ଇ ପକ୍ଷରୁ କୁହାଯାଇଛି।

# ନୂଆପଡା ପାଇଁ କଂଗ୍ରେସର ଷ୍ଟିଅରିଂ କମିଟି

ଭୁବନେଶ୍ୱର,୧୫।୧୦(ରବିନାରାୟଣ ଜେନା)

ନୂଆପଡା ଉପନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ ବୁଧବାର ଷ୍ଟିଅରିଂ ଓ ମନିଟରିଂ କମିଟି ଗଠନ କରାଯାଇଛି। ଷ୍ଟିଅରିଂ କମିଟିରେ ଏମ୍‌ପି ସପ୍ତଗିରି ଉଲାକାଙ୍କ ସହିତ ଦେବାଶିଷ ପଟ୍ଟନାୟକ(ରାଜ୍ୟ କଂଗ୍ରେସ ଉପସଭାପତି), ସିଦ୍ଧାର୍ଥ ସ୍ୱରୂପ ଦାଶ(କୋଷାଧ୍ୟକ୍ଷ) ଏବଂ ବିଧାୟକ ଅଶୋକ ଦାସ, ସାଗର ଚରଣ ଦାସ, କେ ଆପଲ୍ଲା ସ୍ୱାମୀ, ସତ୍ୟଜିତ୍ ଗମାଙ୍ଗୋ, ମଙ୍ଗୁ ଖିଲ, ପବିତ୍ର ସାଉଁତା ଓ ନୀଳମାଧବ ହିକ୍କା ରହିଛନ୍ତି।

ସେହିପରି ନିର୍ବାଚନ ମନିଟରିଂ କମିଟିରେ ଭାରତ ବେମାଲ, ବିନୋଦ ପାତ୍ର, କୃଷ୍ଣଚନ୍ଦ୍ର ଶଗଡିଆ, ଯାକବ ପ୍ରଧାନ, ଅସିତ ପଟ୍ଟନାୟକ, ଦ୍ରୌପଦୀ ମାଝୀ, ବିଜୟାନନ୍ଦ ଚାଉଳିଆ, ସୁରଜ ପ୍ରଧାନ, ପିନାକୀ ନାରାୟଣ ଦାସ, ସେମ୍ ହେମ୍ବ୍ରମ୍, ଜ୍ଞାନରଞ୍ଜନ ଦାସ, ଗଣେଶ ସାହୁ, ଅନିଲ ମେହେର, ଅଜିତ ଦାସ, ଜଳନ୍ଧର ନାଏକ, ଅଖିଳ ଭର୍ତ୍ତା, ଦିଗମ୍ବର ଦୁରିଆ, ନିର୍ମଳ ନାୟକ, ହରଦୀପ ସିଂହ, ପ୍ରଫୁଲ୍ଲ ମାଝୀ, ଅଙ୍କିତ ସିଙ୍ଘେଇ ଏବଂ ଫକୀର ଜଗତ ପ୍ରମୁଖ ରହିଛନ୍ତି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# ଜଗମୋହନ ଖମ୍ବରେ ଫାଟ, ନୀଳଚକ୍ର ହୁଗୁଳା ସ୍ଥାନ ହେବ ମରାମତି

## ଶ୍ରୀବଳଦେବଜୀଉ ମନ୍ଦିରରେ ଏଏସ୍ଆଇ ଟିମ୍

କେନ୍ଦ୍ରାପଡ଼ା, ୧୫।୧୦ (ଜଗନ୍ନାଥ ଧଳ)

ବହୁତ ଦିନ ଧରି ଅବହେଳାର ଶିକାର ହୋଇଥିବା ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ମନ୍ଦିରର ଉନ୍ନତୀକରଣ କରାଯିବ। ମନ୍ଦିର ଓ ପାରିପାର୍ଶ୍ୱିକ ଆଧ୍ୟାତ୍ମିକ ବ୍ୟବସ୍ଥାକୁ ସଂରକ୍ଷଣ ବ୍ୟବସ୍ଥା କରାଯିବ। ଏହି ଆଭିମୁଖ୍ୟରେ ପ୍ରତ୍ନତତ୍ତ୍ୱ ବିଭାଗର ପଦାଧିକାରୀଙ୍କ ଏକ ଟିମ୍ କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥିତ ମନ୍ଦିରରେ ବୁଧବାର ପହଞ୍ଚି ଥିଲା। ଏଏସ୍ଆଇର ଅଧୀକ୍ଷକ ଦେବଯାନୀ ଭୂୟାଁଙ୍କ ନେତୃତ୍ୱରେ ଆସିଥିବା ବିଭାଗୀୟ ସଦସ୍ୟମାନେ ଜଗମୋହନ ଖମ୍ବ ଫାଟକୁ ନିରୀକ୍ଷଣ କରିଥିଲେ। ଏଠାରେ ପ୍ଲେଟ ବଦଳରେ ପଥର ଦ୍ୱାରା ମରାମତି ପାଇଁ ଯୋଜନା କରିଥିଲେ। ସେହିପରି ନୀଳଚକ୍ର ହୁଗୁଳି ଥିବାରୁ ଏହାର ମରାମତି ସହ ଝୁଲଣ ଘର, ବିବାହ ମଣ୍ଡପ, ପୁରୁଣା ଅନ୍ନ ବଜାର ଆଦିକୁ ଉନ୍ନତୀକରଣ କରାଯିବ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ମିଳିଛି।

ଏ ସମ୍ପର୍କରେ ଟ୍ରଷ୍ଟ ସଦସ୍ୟ ଧୀରେନ ସାହୁ କହିଛନ୍ତି, ମନ୍ଦିର ଓ ପାରିପାର୍ଶ୍ୱିକ ସ୍ଥଳର ବିକାଶ ପାଇଁ ଏକ ଘରୋଇ ଆର୍କିଟେକ୍ଟର ସଂସ୍ଥାକୁ ଡିପିଆର ପାଇଁ ଅନୁମତି ଦିଆଯାଇଛି। ଏହି ଡିପିଆର ପ୍ରସ୍ତୁତ ପରେ ରାଜ୍ୟ ସରକାରଙ୍କୁ ଏହା ପ୍ରଦାନ କରାଯିବ। ଏଏସ୍ଆଇ ଟିମ୍‌ରେ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ, ସହ ସଂଗ୍ରହାଧ୍ୟକ୍ଷ ରୁଦ୍ରପ୍ରସାଦ ବେହେରା, ଆର୍କିଟେକ୍ଟ ରୋଶନ ମହନ୍ତ ଥିଲେ। ସେହିପରି ଜିଲାପାଳ ରଘୁରାମ ଆର୍. ଆୟାର, ଟ୍ରଷ୍ଟ ସଭାପତି ନବକୃଷ୍ଣ ଜେନା, ସଦସ୍ୟ ପଣ୍ଡିତ ହୃଷୀକେଶ ରଥ, ନୃସିଂହ ପ୍ରସାଦ ପତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ମନ୍ଦିର ଉନ୍ନୟନ କାର୍ଯ୍ୟର ସମୀକ୍ଷାରେ ଭାଗ ନେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ବଳାତ୍କାରୀଙ୍କୁ ଗିରଫକଲା ମମତାଙ୍କ ସରକାର

## ପଶ୍ଚିମବଙ୍ଗରେ ଓଡ଼ିଆ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

ଭୁବନେଶ୍ୱର,୧୫।୧୦(ସୁନିତ୍ ମିଶ୍ର)

ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଘରୋଇ ଡାକ୍ତରୀ କଲେଜରେ ପଢୁଥିବା ଜଣେ ଓଡ଼ିଆ ଛାତ୍ରୀଙ୍କୁ କିଛିଦିନ ତଳେ ଅତି ନିର୍ମମ ଭାବେ ଗଣବଳାତ୍କାର କରାଯାଇଥିଲା। ଏହା ଅତ୍ୟନ୍ତ ଅମାନବୀୟ ଲଜ୍ଜାଜନକ ଘଟଣା। ଏହାକୁ ଯେତେ ନିନ୍ଦାକଲେ ବି କମ୍ ହେବ। ଏହି ଗଣବଳାତ୍କାର ପରେ ଅପରାଧୀମାନଙ୍କୁ ଧରିବା ପାଇଁ ପଶ୍ଚିମବଙ୍ଗର ମମତା ବାନାର୍ଜୀଙ୍କ ସରକାର କୌଣସି ପ୍ରୟାସ କରି ନ ଥିଲେ। ଓଡ଼ିଶା ସରକାର ତାଙ୍କ ଉପରେ ଚାପ ନ ପକାଇବା ପର୍ଯ୍ୟନ୍ତ ମମତାଙ୍କ ସରକାର ଚୁପ୍ ବସିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଚାପ ପରେ ବଳାତ୍କାରୀମାନଙ୍କୁ ଗିରଫ କରାଯାଇଥିଲା ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାପତି ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଐଶ୍ୱର୍ଯ୍ୟା କହିଛନ୍ତି, ମଙ୍ଗଳବାର ଭାଜପା ମହିଳା ମୋର୍ଚ୍ଚାର ଏକ ଟିମ୍ ସହ ଦୁର୍ଗାପୁର ଗସ୍ତକରି ପୀଡ଼ିତାଙ୍କୁ ଭେଟିଥିଲେ। ପୀଡ଼ିତାଙ୍କ ସହ ଆଲୋଚନା ସମୟରେ ସେ ବହୁ ମାନସିକ ଚାପରେ ଥିବା ଜଣାପଡ଼ିଥିଲା। ଅପରପକ୍ଷେ ମମତା ବାନାର୍ଜୀ ପୀଡ଼ିତାଙ୍କ ନାମରେ ମିଛ ବୟାନବାଜି କରିଥିବା ଜଣାପଡ଼ିଛି। ମମତା ମିଛ କହିଥିଲେ, ପୀଡ଼ିତା ରାତି ୧୨ଟା ପରେ ମେଡିକାଲ କ୍ୟାମ୍ପସ ବାହାରକୁ ଯାଇଥିଲେ। ମେଡିକାଲ କଲେଜର ପ୍ରେସ୍ ରିଲିଜ ଅନୁସାରେ ପୀଡ଼ିତା ସନ୍ଧ୍ୟା ପ୍ରାୟ ୮ଟା ବେଳେ କ୍ୟାମ୍ପସ ବାହାରକୁ ଯାଇଥିଲେ। ଏଥିରୁ ମମତାଙ୍କ ମିଛ ପଦାରେ ପଡ଼ିଯାଇଛି। ସେ ଜଣେ ଅପରାଧୀମାନଙ୍କୁ ବଞ୍ଚାଇବାକୁ ଯାଇ ପୀଡ଼ିତାଙ୍କ ନାଁରେ ମିଛ କହୁଛନ୍ତି। ମମତା ପ୍ରବାସୀ ଓଡ଼ିଆଙ୍କୁ କେବଳ ଭୋଟବ୍ୟାଙ୍କ ଭଳି ବ୍ୟବହାର କରୁଥିବା ଏଥିରୁ ସ୍ପଷ୍ଟ ହୋଇଛି ବୋଲି ଐଶ୍ୱର୍ଯ୍ୟା କହିଛନ୍ତି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

କୁଆଁରମୁଣ୍ଡା,୧୫।୧୦
(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବନ ରେଞ୍ଜ୍ ଅନ୍ତର୍ଗତ ବିର୍ଡା ସେକ୍ସନ ବଡ଼ଦଲକି ପଞ୍ଚାୟତ ଲାମଜିରା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ହେଲେ ଚାହୋ ଏକ୍କା(୬୨)। କୁଆଁରମୁଣ୍ଡା ରେଞ୍ଜ୍ ଅଧିକାରୀ ପଞ୍ଚ ନାରାୟଣ ସରାଫ୍ ହାତୀ ଘଉଡ଼ାଳି ଦଳ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ସରକାରୀ ନିୟମ ଅନୁସାରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସରାଫ୍ କହିଛନ୍ତି।



ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ଭୁବନେଶ୍ୱରରେ ନୂଆପଡ଼ା ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଭାବେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନାମ ଘୋଷଣା କରୁଛନ୍ତି। ନିକଟରେ ଅଛନ୍ତି ସ୍ନେହାଙ୍ଗିନୀ ଛୁରିଆ ଏବଂ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ।

# ପୀଡ଼ିତାଙ୍କ ସହ ବାର୍ତ୍ତାଳାପର ରେକର୍ଡିଂ ଭାଇରାଲ କରିବା ନିନ୍ଦନୀୟ: ବିଜେଡି

ଭୁବନେଶ୍ୱର, ୧୫।୧୦(ସୁନିତ୍ ମିଶ୍ର)

ପଶ୍ଚିମବଙ୍ଗର ଦୁର୍ଗାପୁରଠାରେ ଗଣବଳାତ୍କାର ଶିକାର ହୋଇଥିବା ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତାଳାପର ଭିଡିଓ ଚିତ୍ର ଗଣମାଧ୍ୟମରେ ପ୍ରକାଶିତ ହେବାକୁ ନେଇ ବିଜେଡି ଏହି କାର୍ଯ୍ୟକୁ ଭର୍ତ୍ସନା କରିଛି। ପୀଡ଼ିତାଙ୍କ ପରିଚୟ ଓ ତାଙ୍କ ସହ ବାର୍ତ୍ତାଳାପର ରେକର୍ଡିଂକୁ ଭାଇରାଲ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବାରଣ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟ ଘୋର ନିନ୍ଦନୀୟ ବୋଲି ବିଜେଡି କହିଛି।

ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଗୁରୁନି ସାହୁ କହିଛନ୍ତି, ଗତ ୧୫ ମାସର ଭାଜପା ସରକାରରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ବଳାତ୍କାରୀ, ଗଣବଳାତ୍କାରୀ, ଅସଦାଚରଣ, ହତ୍ୟା ଭଳି ଘଟଣା ପ୍ରତିଦିନ ଖବରକାଗଜର ଶିରୋନାମା ମଣ୍ଡନ କରୁଛି। ରାଜ୍ୟରେ ପ୍ରତିଦିନ ଅନେକ ମହିଳା ଏହିପରି ବଳାତ୍କାର, ଗଣବଳାତ୍କାରର ଶିକାର ହେଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ। ପଶ୍ଚିମବଙ୍ଗରେ ଘଟିଥିବା ଘଟଣା ନିଶ୍ଚିତ ଭାବେ ଦୁଃଖଦାୟକ ଓ ନିନ୍ଦନୀୟ। କିନ୍ତୁ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଯେଉଁଭଳି ଭାବେ ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ସହ ବାର୍ତ୍ତାଳାପର ରେକର୍ଡିଂକୁ ଭାଇରାଲ କଲେ ତାହା ଆହୁରି ଅଧିକ ନିନ୍ଦନୀୟ ବୋଲି ସେ କହିଛନ୍ତି।

# କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ହାଇଡ୍ରାମା | ମିଶିପାରିଲେନି ଅନନ୍ତ, ସମର୍ଥକ

## ଗାନ୍ଧୀଙ୍କ ନୀତି ଆଦର୍ଶ ଦଳରେ ଡ୍ରାମାବାଜିର ସ୍ଥାନ ନାହିଁ: ଭକ୍ତ

ଭୁବନେଶ୍ୱର,୧୫।୧୦
(ରବିନାରାୟଣ ଜେନା)

କଂଗ୍ରେସରେ ମିଶିବା ପାଇଁ ବଡ଼ଚଣାରୁ ଶତାଧିକ ସମର୍ଥକଙ୍କ ଗହଣରେ ଆସିଥିବା ତୁଳସୀ ଗଣନାଟ୍ୟର ମାଲିକ ଅନନ୍ତ ନାରାୟଣ ଧଳ(ନାଣ୍ଟୁବାବୁ) ବୁଧବାର ନିରାଶ ହୋଇଛନ୍ତି। କଂଗ୍ରେସ ଭବନରେ ତାଙ୍କୁ ଓ ତାଙ୍କ ସମର୍ଥକଙ୍କୁ ପୂରାଇ ଦିଆଯାଇ ନ ଥିବାବେଳେ ଏହାକୁ ନେଇ କଂଗ୍ରେସ ଭବନ ସମ୍ମୁଖରେ କିଛି ସମୟ ଧରି ହାଇଡ୍ରାମା ଦେଖିବାକୁ ମିଳିଛି। ଗୋଟିଏ ପଟେ ଅନନ୍ତ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଟାର୍ଗେଟ୍ କରିଥିବାବେଳେ ଅନ୍ୟପଟେ ଭକ୍ତ ଏହାର କଡ଼ା ଜବାବ ରଖିଛନ୍ତି। ତେବେ କଂଗ୍ରେସରେ ମିଶିବାକୁ ଅନନ୍ତଙ୍କ ଏଭଳି ପରୁଆରକୁ ନେଇ ରାଜଧାନୀରେ ଚର୍ଚ୍ଚା ଜୋର୍ ଧରିଛି।

ବୁଧବାର ପୂର୍ବାହ୍ନରେ ଅନନ୍ତ ଶତାଧିକ ସମର୍ଥକଙ୍କ ଗହଣରେ ବାଜା ବଜାଇ କଂଗ୍ରେସରେ ମିଶିବା ପାଇଁ ପହଞ୍ଚିଥିଲେ। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ରାସ୍ତାଘାଟ ଜାମ୍ ହୋଇଯାଇଥିଲା। ହେଲେ କଂଗ୍ରେସ କାର୍ଯ୍ୟାଳୟ ଫାଟକ ତାଙ୍କ ପାଇଁ ବନ୍ଦ ହେବା ପରେ ଅନନ୍ତ କହିଛନ୍ତି, ପିସିସି ସଭାପତିଙ୍କ ସହ ଦଳରେ ମିଶିବା ଲାଗି କଥା ହୋଇଥିଲି। ଆଜି ୧୦ ହଜାରରୁ ଅଧିକ ସମର୍ଥକଙ୍କୁ ନେଇ ଆସିଥିଲି। ହେଲେ ସଭାପତି ସମୟ ଦେଲେ ନାହିଁ। ଯଦି ତାଙ୍କ ପାଖରେ ସମୟ ନ ଥିଲା ତେବେ ସେ ଅନ୍ୟ ନେତୃବୃନ୍ଦଙ୍କ ମାଧ୍ୟମରେ ମୋତେ ଦଳରେ ମିଶାଇ ପାରିଥାନ୍ତେ। ମାତ୍ର ସେ କଂଗ୍ରେସକୁ ରାଜ୍ୟରେ ଆଗକୁ ବଢ଼ିବାକୁ ଚାହୁଁ ନାହାନ୍ତି।

ଏହାକୁ ନେଇ ଭକ୍ତ କହିଛନ୍ତି ଯେ, ଅନନ୍ତ ବାବୁ ଜଣେ ବିବାଦୀୟ ବ୍ୟକ୍ତି ବୋଲି ରିପୋର୍ଟ ଆସିଛି। ଏହାବାଦ୍ ଆଜି ମୁଁ ନୂଆପଡା ନିର୍ବାଚନରେ ବ୍ୟସ୍ତ ଥିବାରୁ ଅନୁପସ୍ଥିତ ରହିବି ବୋଲି ସ୍ଥାନୀୟ ଜିଲା ସଭାପତି ତାଙ୍କୁ ଅବଗତ କରାଇଛନ୍ତି। ଏହାସତ୍ତ୍ୱେ ସେ ହଜାର ହଜାର ସମର୍ଥକଙ୍କୁ ଧରି କଂଗ୍ରେସ କାର୍ଯ୍ୟାଳୟକୁ ଆସିଥିଲେ। ଏଥିରୁ ତାଙ୍କର ଶୃଙ୍ଖଳିତ ଆଚରଣ କେତେ ତାହା ସ୍ପଷ୍ଟ ବାରି ହେଉଛି। କଂଗ୍ରେସ ହେଉଛି ଏକ ଶୃଙ୍ଖଳିତ ଦଳ। ଏହା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ। ଏଠାରେ କୌଣସି ଡ୍ରାମାବାଜି ଚଳିବ ନାହିଁ। ଏହା ପଛରେ ଷଡଯନ୍ତ୍ର ଲୁଚି ରହିଛି ବୋଲି ସେ କହିଛନ୍ତି।

ସନ୍ଧ୍ୟାରେ ଅନନ୍ତ ପୁନର୍ବାର ଗଣମାଧ୍ୟମକୁ କହିଛନ୍ତି ଯେ, କଂଗ୍ରେସ ରାହୁଲ ଗାନ୍ଧୀଙ୍କ ଚିନ୍ତାଧାରାରେ ଅଣୁପ୍ରାଣିତ। ଏଠି ତାଙ୍କୁ ପ୍ରଦେଶ କଂଗ୍ରେସ ସଭାପତି ଗ୍ରହଣ ନ କଲେ ନାହିଁ। ସେ ସିଧା ଦିଲ୍ଲୀ ଯାଇ କଂଗ୍ରେସରେ ମିଶି ଓଡ଼ିଶା ଆସିବେ। ଏହାକୁ ନେଇ ପିସିସି ସଭାପତି କହିଛନ୍ତି ଯେ, ଯଦି ସେ ରାହୁଲଙ୍କ ପାଖକୁ ଯାଇ ପାରିବେ ଯାଆନ୍ତୁ। ଏଥିରେ ଆମର କୌଣସି ଆପତ୍ତି ନାହିଁ। ତେବେ କଂଗ୍ରେସରେ ମିଶିବାପାଇଁ ଆଜି ଅନନ୍ତ ଓ ଭକ୍ତଙ୍କ ଏହି ବାକ୍ ବିତଣ୍ଡାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଛି।



ଅନନ୍ତ ନାରାୟଣ ଧଳ

# ନିଶ୍ଚେତକର ଭୂମିକା ଗୁରୁତ୍ୱପୂର୍ଣ୍ଣ




ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖକୁ ‘ବିଶ୍ୱ ନିଶ୍ଚେତକ ଦିବସ’ (ୱାର୍ଲ୍ଡ ଆନାସ୍ଥେସିଆ ଡେ) ଭାବରେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି–‘ସ୍ୱାସ୍ଥ୍ୟଜନିତ ଜରୁରୀକାଳୀନ ପରିସ୍ଥିତିରେ ଆନାସ୍ଥେସିଓଲୋଜି’। ଏହା ପ୍ରାକୃତିକ ବିପର୍ଯ୍ୟୟ, ମହାମାରୀ ଏବଂ ସଂଘର୍ଷ ଭଳି ସଙ୍କଟର ପ୍ରତିକ୍ରିୟାରେ ଆନାସ୍ଥେସିଓଲୋଜିଷ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୂଚିତ କରେ। ତେବେ ବିଶେଷଭାବରେ ଅପରେଶନ ସମୟରେ ନିଶ୍ଚେତକ ବ୍ୟବହାର କରାଯାଇଥାଏ। ଏହି ଦୃଷ୍ଟିରୁ ଚିକିତ୍ସା ବିଜ୍ଞାନରେ ଏହାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଛୋଟ ହେଉ କି ବଡ଼ ଅପରେଶନ ବେଳେ ସମ୍ପୃକ୍ତ ରୋଗୀକୁ ଆନାସ୍ଥେସିଆ ଦିଆଯାଏ। ଏହାର ପରିମାଣ କେତେ ରହିବ ତାହା ଆନାସ୍ଥେସିଆ ଡାକ୍ତର ନିର୍ଦ୍ଧାରଣ କରିଥାଆନ୍ତି। ଏହି ଇଞ୍ଜେକ୍ସନ ଦେବା ପରେ ରୋଗୀର ଅପରେଶନ ଅଙ୍ଗ ବଧିରା ହୋଇଯାଏ ଏବଂ ସେ ଅପରେଶନ କଷ୍ଟ ଜାଣିପାରେନି। ଏ ନେଇ କେତେଜଣଙ୍କ ମନରେ ଭୟ ସୃଷ୍ଟି ହୋଇଥାଏ। ହେଲେ ଅପରେଶନ ସମୟରେ ଏଭଳି ଭାବନା ଦୂର କରିବାକୁ ନିଶ୍ଚେତକ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ୧୮୪୬ ମସିହା ଅକ୍ଟୋବର୧୬ ରେ ଡାଇଥାଇଲ ଇଥର ନିଶ୍ଚେତକର ପ୍ରୟୋଗ କରାଯାଇଥିଲା। ଏହାକୁ ସ୍ମରଣ କରିବା ଲାଗି ଉକ୍ତ ଦିବସକୁ ‘ବିଶ୍ୱ ନିଶ୍ଚେତକ ଦିବସ’ ଭାବରେ ପାଳନ କରାଯାଏ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୦ ମାସରେ ୫୦%ରୁ ଅଧିକ ରିଟର୍ନ ଦେଇଛି ସୁନା

**ଭୁବନେଶ୍ୱର,୧୫।୧୦**

ଆମେରିକା ଓ ଚାଇନା ମଧ୍ୟରେ ବଢୁଥିବା ତିକ୍ତତା ଏବଂ ଆମେରିକୀୟ ଫେଡେରାଲ ରିଜର୍ଭ ବ୍ୟାଙ୍କ ଦ୍ୱାରା ସୁଧ ହାର ହ୍ରାସ ସମ୍ଭାବନା ମଧ୍ୟରେ ସୁନା ଓ ରୁପାର ଦର ରେକର୍ଡ ଉଚ୍ଚତାରେ ପହଞ୍ଚିଛି। ସୁନା ଏବେ ପ୍ରତିଆଉନ୍ସ୪,୧୮୫ ଡଲାରରେ ଏବଂ ରୁପା ୫୩.୫୪ ଡଲାରରେ ନିଜର ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଚଳିତ ବର୍ଷର ପ୍ରଥମ ୧୦ ମାସରେ ସୁନା ୫୦%ରୁ ଅଧିକ ରିଟର୍ନ ଦେଇଛି। ରିପୋର୍ଟ ଅନୁଯାୟୀ, ଏହି ବର୍ଷ ସୁନା ୩୦ରୁ ଅଧିକ ଥର ନିଜର ସର୍ବୋଚ୍ଚ ସ୍ତର ଛୁଇଁଛି। ଯଦିଓ ଗତ ୧୫ ବର୍ଷ ଧରି ସୁନାର ଚାହିଦା ସ୍ଥିର ରହିଛି ଏବଂ ଯୋଗାଣରେ ମଧ୍ୟ କୌଣସି ବଡ଼ ଅଭାବ ହୋଇନାହିଁ, ତଥାପି ଏହାର ଦର ଅଭୂତପୂର୍ବ ଭାବେ ବଢୁଛି। ବିଶେଷଜ୍ଞଙ୍କ ମତରେ ନିରାପଦ ନିବେଶ ଭାବେ ସୁନାର ଚାହିଦା ବୃଦ୍ଧି ହେବା ସୁନା ଦର ବୃଦ୍ଧିର ପ୍ରମୁଖ କାରଣ ଗତ ୩ବର୍ଷରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପ୍ରଚୁର ପରିମାଣରେ ସୁନା କିଣୁଛନ୍ତି।



ଆମେରିକାରେ ଟ୍ରମ୍ପଙ୍କ ଟାରିଫ ନୀତି ଓ ଭୂରାଜନୈତିକ ସଙ୍କଟ ସୁନା ଦର ବୃଦ୍ଧିର ଆଉ ଏକ କାରଣ। ସେହିପରି ଆମେରିକୀୟ ଡଲାରର ମୂଲ୍ୟ ୧୧% ହ୍ରାସ, ଯାହା ୧୯୭୩ ପରେ ସର୍ବାଧିକ ଏହା ମଧ୍ୟ ଏକ କାରଣ ବୋଲି ବିଶେଷଜ୍ଞଙ୍କର ରହିଛି। ଭାରତରେ ସୁନାର ଦର ଦ୍ରୁତଗତିରେ ବଢୁଛି। ୨୦୧୦ ଦଶକରେ ୧୦ ଗ୍ରାମ ସୁନାର ମୂଲ୍ୟ ୪୦,୦୦୦-୫୦,୦୦୦ ଟଙ୍କା ଥିବା ବେଳେ ଏବେ ଏହା ୧,୩୦,୦୦୦ ଟଙ୍କା ଅତିକ୍ରମ କରିଛି। ଚଳିତ ବର୍ଷ ମାତ୍ର ୧୦ ମାସରେ ସୁନାର ଦର ୭୭,୦୦୦ ଟଙ୍କାରୁ ୧,୩୦,୦୦୦ ଟଙ୍କାକୁ ବୃଦ୍ଧି ପାଇଛି, ଅର୍ଥାତ୍ ୫୧% ବୃଦ୍ଧି। ବିଶ୍ୱ ସୁନା ପରିଷଦ (ୱାର୍ଲ୍ଡ ଗୋଲ୍ଡ କାଉନସିଲ) ରିପୋର୍ଟ ଅନୁଯାୟୀ, ୨୦୨୨, ୨୦୨୩ ଓ ୨୦୨୪ରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପ୍ରତିବର୍ଷ ୧,୦୦୦ ଟନ୍‌ରୁ ଅଧିକ ସୁନା କିଣିଛନ୍ତି। ୨୦୨୫ ମେ ସୁଦ୍ଧା ଏମାନଙ୍କ ପାଖରେ ୩୬,୩୪୪ ଟନ ସୁନା ରହିଛି। ଏହି ଖରିଦ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ରିପୋର୍ଟରେ କୁହାଯାଇଛି। ବିଶ୍ୱରେ ସୁନାର ମୋଟ ଭଣ୍ଡାରର ୪ଭାଗରୁ ଗୋଟିଏ ଅଂଶ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ କିଣୁଛନ୍ତି, ଯାହା ଗହଣା ଓ ନିବେଶ ପାଇଁ ଯୋଗାଣରେ ଅଭାବ ସୃଷ୍ଟି କରୁଛି। ଏହା ସହ ଭାରତ ଓ ଚାଇନା ଭଳି ଦେଶ ଗତ ୧୫ ବର୍ଷ ଧରି ସୁନାର ବଡ଼ ଗ୍ରାହକ ହୋଇ ରହିଛନ୍ତି। ଆମେରିକୀୟ ଡଲାରର ମୂଲ୍ୟ ହ୍ରାସ ଓ ଅନ୍ୟାନ୍ୟ କାରଣ ହେତୁ ସୁନାର ଦର ନିକଟ ଭବିଷ୍ୟତରେ କମିବାର ସମ୍ଭାବନା କମ୍ ଦେଖାଯାଉଛି। ନ୍ୟୁୟର୍କ ଇଣ୍ଟରକଣ୍ଟିନେଣ୍ଟାଲ ଏକ୍ସଚେଞ୍ଜ (ଆଇସିଇ) ଅନୁଯାୟୀ ଡଲାର ଇଣ୍ଡେକ୍ସ ବର୍ତ୍ତମାନ ୯୮.୫୭ରେ ରହିଛି।

# ନୂଆଦିଲ୍ଲୀରେ ୧୬ତମ ଅନ୍ତର୍ଜାତୀୟ ରେଳ ଉପକରଣ ପ୍ରଦର୍ଶନୀ

**ଭୁବନେଶ୍ୱର,୧୫।୧୦(ଅନୁରାଧା ମହାରଣା)**

ରେଳ, କେନ୍ଦ୍ର ସୂଚନା ଓ ଇଲେକ୍ଟ୍ରୋନିକ୍ସ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ୧୬ତମ ଅନ୍ତର୍ଜାତୀୟ ରେଳ ଉପକରଣ ପ୍ରଦର୍ଶନୀ-୨୦୨୫ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରଦର୍ଶନୀ ଏସିଆର ସବୁଠାରୁ ବଡ଼ ଓ ବିଶ୍ୱର ଦ୍ୱିତୀୟ ବୃହତ୍ତମ ରେଳ ପ୍ରଦର୍ଶନୀ । ମନ୍ତ୍ରୀ ବୈଷ୍ଣବ ଘୋଷଣା କରିଛନ୍ତି , ବିକଶିତ ଭାରତ ଲକ୍ଷ୍ୟ ଅଧୀନରେ ୨୦୪୭ ସୁଦ୍ଧା ୭,୦୦୦ କିଲୋମିଟରର ନିର୍ଦ୍ଦିଷ୍ଟ ଯାତ୍ରୀ କରିଡର ନିର୍ମାଣ କରାଯିବ, ଯାହା ୩୫୦ କି.ମି. ପ୍ରତି ଘଣ୍ଟା ଗତିରେ ଚାଲିବ। ଏହି କରିଡରରେ ଦେଶୀୟ ସିଗ୍‌ନାଲିଂ ସିଷ୍ଟମ ଓ ଆଧୁନିକ ଅପରେଶନ୍ସ କଣ୍ଟ୍ରୋଲ ସେଣ୍ଟର ରହିବ। ବନ୍ଦେ ଭାରତ ୩.୦ ବିଶ୍ୱସ୍ତରୀୟ ମାନକ ସହ ମେଳ ଖାଉଛି, ଯାହା ୫୨ ସେକେଣ୍ଡରେ ୦ରୁ ୧୦୦ କି.ମି. ଗତି ହାସଲ କରୁଛି। ଆଗାମୀ ୧୮ ମାସ ମଧ୍ୟରେ ବନ୍ଦେ ଭାରତ ୪.୦ ଲଞ୍ଚ ହେବ, ଯାହା ଆରାମଦାୟକ ଆସନ, ଉନ୍ନତ ଶୌଚାଳୟ ଓ ଉଚ୍ଚମାନର କାରିଗରି ସହ ବିଶ୍ୱସ୍ତରୀୟ ମାନକ ସ୍ଥାପନ କରିବ। ଅମୃତ ଭାରତ ୨.୦ ଚାଲୁଛି ଓ ୩.୦


ଅଶ୍ୱିନୀ ବୈଷ୍ଣବ

ନିର୍ମାଣାଧୀନ। ଆଗାମୀ ୩୬ ମାସରେ ନୂଆ ପିଢ଼ିର ଯାତ୍ରୀ ଲୋକୋମୋଟିଭ ପରୀକ୍ଷଣ ପାଇଁ ପ୍ରସ୍ତୁତ ହେବ। ଗତ ୧୧ ବର୍ଷରେ ୩୫,୦୦୦ କି.ମି. ନୂଆ ଟ୍ରାକ୍ ଓ ୪୬,୦୦୦ କି.ମି. ବିଦ୍ୟୁତୀକରଣ ହୋଇଛି। ଭାରତୀୟ ରେଳ ଏବେ ଆଫ୍ରିକା, ଅଷ୍ଟ୍ରେଲିଆକୁ ରପ୍ତାନି କରୁଛି। ଦୈନିକ ୨ କୋଟିରୁ ଅଧିକ ଯାତ୍ରୀଙ୍କୁ ସେବା ଦେଉଥିବା ଭାରତୀୟ ରେଳ ମାଲ ପରିବହନରେ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ‘ଭବିଷ୍ୟତ ପାଇଁ ପ୍ରସ୍ତୁତ ରେଳ’ ଥିମ୍ ଅଧୀନରେ ୧୫ରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଦର୍ଶନୀରେ ୧୫ଟି ଦେଶର ୪୫୦ରୁ ଅଧିକ ପ୍ରଦର୍ଶକ ଅଂଶଗ୍ରହଣ କରୁଛନ୍ତି।

# ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ‘ସଗୁନ୍ କଲେକ୍ସନ’

**ଭୁବନେଶ୍ୱର,୧୫।୧୦(ଅନୁରାଧା ମହାରଣା)**

ଧନ୍‌ତେରସ୍‌ରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ‘ସଗୁନ୍ କଲେକ୍ସନ’ ଲଞ୍ଚ କରାଯାଇଛି। ଏଥିରେ ସୁନା, ହୀରା, ଆଣ୍ଟିକ୍ ଓ ପୋଲକୀ ଅଲଙ୍କାର ରହିଛି। ଏଭରଲାଇଟର ଟ୍ରେଣ୍ଡି ଲୋଟସ କଲେକ୍ସନ, ଗସିପ୍ ସିଲ୍‌ଭର ଓ ଫ୍ୟାଶନ ଜୁଏଲେରିର ଆଧୁନିକ ତତ୍ତ୍ୱ କଲେକ୍ସନ, ପୁରୁଷମାନଙ୍କ ପାଇଁ ଅହମ କଲେକ୍ସନ ଏବଂ ପର୍‌ଫେକ୍ଟ ଲଭ୍ କଲେକ୍ସନରେ ହାର୍ଟସ ଆଣ୍ଡ ଆରୋଜ କଟ୍ ହୀରା ଅଲଙ୍କାର ରହିଛି। ଏହି ଲଞ୍ଚକୁ ଆହୁରି ଆକର୍ଷଣୀୟ କରିବା ପାଇଁ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ବଲିଉଡ୍ ତାରକା କିଆରା ଆଡଭାନୀଙ୍କ ସହ ଏକ ପ୍ରଚାର ଅଭିଯାନ ଆରମ୍ଭ କରିଛି। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ତଥା ମାର୍କେଟିଂ ଓ ଡିଜାଇନ ମୁଖ୍ୟ ଯଜୋଇତା ସେନ୍ କହିଛନ୍ତି, ଧନ୍‌ତେରସ୍ ହେଉଛି ଆନନ୍ଦ, ପ୍ରେମ ଓ ନୂଆ ଆରମ୍ଭର ସମୟ। ପର୍ବର ଆନନ୍ଦକୁ ଆହୁରି ବୃଦ୍ଧି କରିବା ପାଇଁ ସେନ୍‌କୋ ଆକର୍ଷଣୀୟ ଅଫର ମଧ୍ୟ ପ୍ରଦାନ କରୁଛି। ଗ୍ରାହକମାନେ ସୁନା ଅଲଙ୍କାର ଉପରେ ପ୍ରତି ଗ୍ରାମରେ ୭୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଏବଂ ହୀରା ଅଲଙ୍କାର ଉପରେ ୧୫% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହା ସହ ପୁରୁଣା ସୁନା ବଦଳରେ ୧୦୦% ମୂଲ୍ୟ ମଧ୍ୟ ମିଳିବ।

# ସିମେଣ୍ଟ ବିକ୍ରି ପରିମାଣ ୪.୩ ଏମ୍‌ଏମ୍‌ଟି ରହିଛି

**ଯାଜପୁର,୧୫।୧୦(ହର୍ଷବର୍ଦ୍ଧନ ବେହେରା)**

**ନୁଭୋକୋ ଭିସ୍ତାସ୍‌ର ୨ୟ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା**

ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍ ସେପ୍ଟେମ୍ବର ୩୦ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି। ନିକଟରେ ଅଧିଗ୍ରହଣ କରାଯାଇଥିବା ବଦରାଜ ସିମେଣ୍ଟ ପ୍ଲାଣ୍ଟର ଉତ୍ପାଦନ କାରଖାନା ପୁନର୍ନିର୍ମାଣ ପ୍ରକ୍ରିୟାରେ ରହିଥିବାବେଳେ ଏହାର ପରିଚାଳନା ୨୦୨୬-୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ସୁଦ୍ଧା ଆରମ୍ଭ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାବ୍ୟତୀତ ସୋନାଡ଼ିହ ସିମେଣ୍ଟ ପ୍ଲାଣ୍ଟ ଏବଂ ଓଡ଼ିଶା ସିମେଣ୍ଟ ପ୍ଲାଣ୍ଟରେ ରେଲୱେ ସାଇଡିଂ ଭଳି ସମସ୍ତ ଆଭ୍ୟନ୍ତରୀଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପରେ କମ୍ପାନୀ ୨୦୨୫ ଡିସେମ୍ବରରୁ ୨୦୨୭ ମାର୍ଚ୍ଚ ମଧ୍ୟରେ ପୂର୍ବ ଭାରତରେ ପର୍ଯ୍ୟାୟକ୍ରମେ ଏହାର କ୍ଷମତାକୁ ୪ ମିଲିୟନ ମେଟ୍ରିକ୍ ଟନ୍ ପର ଆନମ(ଏମ୍‌ଏମ୍‌ଟିପିଏ)କୁ ବିସ୍ତାର କରିବା ଉପରେ କାର୍ଯ୍ୟ ଆରମ୍ଭ କରିଛି। ଏହି ଉନ୍ନତୀକରଣ ସହ ନୁଭୋକୋର ସିମେଣ୍ଟ କ୍ଷମତା ୨୦୨୭ ଆର୍ଥିକ ବର୍ଷ ସୁଦ୍ଧା ୩୫ ଏମ୍‌ଏମ୍‌ଟିପିଏକୁ ବୃଦ୍ଧି ପାଇବା ପାଇଁ ପ୍ରସ୍ତୁତ ରହିଛି। କମ୍ପାନୀ ଏହି ତ୍ରୈମାସିକ ସମୟରେ ଉନ୍ନତ ବାର୍ଷିକ ପ୍ରଦର୍ଶନ ବଜାୟ ରଖିଛି। କମ୍ପାନୀ ଏହି ୨ୟ ତ୍ରୈମାସିକରେ ୪.୩ ମିଲିୟନ ମେଟ୍ରିକ୍ ଟନ୍(ଏମ୍‌ଏମ୍‌ଟି)ର ମୋଟ ସିମେଣ୍ଟ ବିକ୍ରି ପରିମାଣ ହାସଲ କରିଛି। ଏହାବ୍ୟତୀତ ୨୦୨୫-୨୬ର ୨ୟ ତ୍ରୈମାସିକରେ କମ୍ପାନୀର ମୋଟ ପରିଚାଳନାଗତ ରାଜସ୍ୱ ବାର୍ଷିକ ଭିତ୍ତିରେ ୮% ବୃଦ୍ଧି ହୋଇ ୨୪୫୮ କୋଟି ଟଙ୍କା ରହିଛି। କମ୍ପାନୀ ଏହି ୨ୟ ତ୍ରୈମାସିକରେ ୩୭୧ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। କମ୍ପାନୀ ଏହାର ଶୁଦ୍ଧ ଋଣକୁ ବାର୍ଷିକ ଭିତ୍ତିରେ ୧୦୦୯ କୋଟି ଟଙ୍କା ହ୍ରାସକରି ୩୪୯୨ କୋଟି ଟଙ୍କାରେ ପହଞ୍ଚାଇଛି। ଏହି ଅବଧିରେ ପ୍ରିମିୟମ ଉତ୍ପାଦଗୁଡିକର ବ୍ୟବସାୟ ପରିମାଣ ହାର ୨ୟ ତ୍ରୈମାସିକରେ ୪୪%ର ଏକ ଐତିହାସିକ ଉଚ୍ଚତାରେ ପହଞ୍ଚିଛି। ପ୍ରତି ଟନ୍ ସିମେଣ୍ଟିୟସ ମ୍ୟାଟେରିଆଲ ପିଛା ୪୫୩.୮ କିଲୋଗ୍ରାମ ସର୍ବନିମ୍ନ କାର୍ବନ ନିର୍ଗମନ ହେଉଛି। କମ୍ପାନୀର ପ୍ରଦର୍ଶନ ସମ୍ପର୍କରେ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, ମୌସୁମୀ, ଜିଏସ୍‌ଟି ହାର ହ୍ରାସ ପାଇଁ ଆଡ୍‌ଜଷ୍ଟମେଣ୍ଟ ଓ ପ୍ରାରମ୍ଭିକ ପାର୍ବଣ ଉତ୍ସବ ଭଳି ପ୍ରତିକୂଳ ସ୍ଥିତି ସତ୍ତ୍ୱେ କମ୍ପାନୀ ଉନ୍ନତ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ଜାରି ରଖିଛି। ବଦରାଜ ସିମେଣ୍ଟରେ ପୁନର୍ନିର୍ମାଣ ଓ ପ୍ରକଳ୍ପ କାର୍ଯ୍ୟକାରିତା ଧାର୍ଯ୍ୟ ସମୟସୀମା ଅନୁଯାୟୀ ଆଗକୁ ବଢୁଛି, ଯାହା ପଶ୍ଚିମାଞ୍ଚଳରେ ଆମର ବଜାର ଉପସ୍ଥିତିକୁ ଆହୁରି ବୃଦ୍ଧି କରିବ। ଏଥିସହ ସେ କହିଛନ୍ତି, ପୂର୍ବ ଭାରତରେ ଯୋଜନାଗତ ସମ୍ପ୍ରସାରଣ ସମେତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର ଓ ଉତ୍ତର-ପୂର୍ବ ରାଜ୍ୟଗୁଡିକର ବଜାରରେ ଆମର ଉପସ୍ଥିତିକୁ ମଜଭୁତ କରିବା ପାଇଁ ପ୍ରସ୍ତୁତ ରହିଛି।

# ଦକ୍ଷିଣ ପୂର୍ବ ରେଳପଥର ଜୋନାଲ ରେଳପଥ ଉପଭୋକ୍ତା ପରାମର୍ଶ କମିଟି ବୈଠକ

**ଭୁବନେଶ୍ୱର,୧୫।୧୦**

ଦକ୍ଷିଣ ପୂର୍ବ ରେଳପଥର ୧୦୫ତମ ଜୋନାଲ ରେଳପଥ ଉପଭୋକ୍ତା ପରାମର୍ଶ କମିଟି (ଜେଡଆରୟୁସିସି) ବୈଠକ କୋଲକାତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଅନୀଲ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ଏମପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜ୍ୟୋର୍ତିମୟ ସିଂ ମହାତୋ, ବିଦ୍ୟୁତ ବରଣ ମହାତୋ, ଖିରୁ ମହାତୋ, କାଳୀପଦ ସାରେନ ଖେରୱାଲ, ବିଧାୟକ ଶ୍ୟାମଳ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୨୫ ଜଣ ସଦସ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। ମହାପ୍ରବନ୍ଧକ ମିଶ୍ର ସଦସ୍ୟମାନଙ୍କୁ ଦକ୍ଷିଣ ପୂର୍ବ ରେଳପଥର ସାମ୍ପ୍ରତିକ ଉନ୍ନତି ଓ ବିକାଶମୂଳକ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ସେ ଯାତ୍ରୀ ସୁବିଧା, ନିର୍ମାଣ କାର୍ଯ୍ୟର ଅଗ୍ରଗତି, ନିରାପତ୍ତା ବ୍ୟବସ୍ଥାରେ ଉନ୍ନତି, ମାଲବାହୀ ଲୋଡିଂରେ ବୃଦ୍ଧି ଏବଂ ଅମୃତ ଷ୍ଟେଶନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ ଆଦି ବିଷୟରେ ଆଲୋଚନା କରିଥିଲେ। ସଦସ୍ୟମାନେ ରେଳପଥର ବିକାଶମୂଳକ କାର୍ଯ୍ୟକୁ ପ୍ରଶଂସା କରିବା ସହ ଟ୍ରେନ ସେବା, ଯାତ୍ରୀ ସୁବିଧା ଓ ସଂଯୋଗୀକରଣରେ ଉନ୍ନତି ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ।



ସେମାନେ ଟ୍ରେନର ସମୟାନୁବର୍ତ୍ତିତା, ରୁଟ ବିସ୍ତାର, ଅତିରିକ୍ତ ଷ୍ଟପେଜ, ଟ୍ରେନର ଫ୍ରିକ୍ୱେନ୍ସି ବୃଦ୍ଧି, ନୂଆ ହଲ୍ଟ ଷ୍ଟେଶନ ନିର୍ମାଣ ଆଦି ଦାବି କରିଥିଲେ। ଏହା ସହ ଷ୍ଟେଶନରେ ଲିଫ୍ଟ, ଏସ୍କେଲେଟର, ଶୌଚାଳୟ, ପ୍ଲାଟଫର୍ମ ଛାତ ଓ ରାମ୍ପ ଭଳି ଯାତ୍ରୀ ସୁବିଧାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ମହାପ୍ରବନ୍ଧକ ମିଶ୍ର କହିଥିଲେ ଯେ, ସଦସ୍ୟମାନଙ୍କର ପରାମର୍ଶ ଓ ଦାବିକୁ ଗୁରୁତ୍ୱ ଦିଆଯିବ। ସେ ରେଳ ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରୀ ପାଇଁ ସଦସ୍ୟମାନଙ୍କର ସହଯୋଗ ଆବଶ୍ୟକ ବୋଲି ମଧ୍ୟ କହିଥିଲେ। ବୈଠକରେ ଅତିରିକ୍ତ ମହାପ୍ରବନ୍ଧକ ସୌମିତ୍ର ମଜୁମଦାର ଏବଂ ଦକ୍ଷିଣ ପୂର୍ବ ରେଳପଥର ଅନ୍ୟାନ୍ୟ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନିଯୁକ୍ତି, ବ୍ୟବସାୟ, ଭ୍ରମଣ ପାଇଁ ଇଣ୍ଟିଗ୍ରେଟେଡ୍ ପୋର୍ଟାଲ



**ଭୁବନେଶ୍ୱର,୧୫।୧୦**

ଓଡ଼ିଶା ୩୬୦.କମ୍ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହାର ନୂଆ ଇଣ୍ଟିଗ୍ରେଟେଡ୍ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହି ନୂଆ ପ୍ଲାଟ୍‌ଫର୍ମରେ ଓଡ଼ିଶାର ବ୍ୟବସାୟ ଡିରେକ୍ଟୋରି, ବଜାର, ନିଯୁକ୍ତି ତାଲିକା, ଭ୍ରମଣ ବିକଳ୍ପ, କାର୍ଯ୍ୟକ୍ରମ କ୍ୟାଲେଣ୍ଡର ଏବଂ ପବ୍ଲିକେଶନକୁ ଏକ ଉପଭୋକ୍ତା-ଅନୁକୂଳ ଡିଜିଟାଲ ବ୍ୟବସ୍ଥାରେ ଏକତ୍ରିତ କରାଯାଇଛ। ଏହାଦ୍ୱାରା ଉପଭୋକ୍ତାମାନେ ଏ ସମସ୍ତ ସୁବିଧାକୁ ଗୋଟିଏ ସ୍ଥାନରେ ସହଜରେ ପାଇପାରିବେ। ଏ ସମ୍ପର୍କରେ ଓଡ଼ିଶା୩୬୦ ଏବଂ ବାଟୋଇର ସିଇଓ ଡ. ଅଶ୍ୱିନୀ କୁମାର ରଥ କହିଛନ୍ତି, ‘ଓଡ଼ିଶା୩୬୦ ଓଡ଼ିଶାର ଲୋକ ଓ ସଂଗଠନଗୁଡ଼ିକ ଜୀବନକୁ ସହଜ କରିବା ପାଇଁ ନିର୍ମିତ। ଚାକିରି ଖୋଜିବାଠାରୁ ଆରମ୍ଭ କରି ବ୍ୟବସାୟ ତାଲିକାଭୁକ୍ତ କରିବା କିମ୍ବା ସପ୍ତାହ ଶେଷରେ ଭ୍ରମଣ ଯୋଜନା କରିବା ପର୍ଯ୍ୟନ୍ତ ଯାଞ୍ଚ କରାଯାଇଥିବା ତାଲିକା, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଏବଂ ସୁରକ୍ଷିତ ପେମେଣ୍ଟ ସହିତ ସବୁକିଛି ଗୋଟିଏ ସ୍ଥାନରେ କରିହେବ। ଓଡ଼ିଶା ବଜାର ପାଇଁ ବିଶେଷ ଭାବେ ତିଆରି କରାଯାଇଥିବା ଚାକିରି ତାଲିକା ଏବଂ ରିଜ୍ୟୁମର ଏକ ସନ୍ଧାନଯୋଗ୍ୟ ଡାଟାବେସ୍ ପ୍ରଦାନକରେ, ଯାହା ନିଯୁକ୍ତିଦାତା ଓ ଚାକିରି ଖୋଜୁଥିବା ଲୋକଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବ।

# ଭାରତର ହାଉସିଂ ସେଣ୍ଟିମେଣ୍ଟ ଇଣ୍ଡେକ୍ସ ୧୪୨କୁ ବୃଦ୍ଧି

**ଭୁବନେଶ୍ୱର,୧୫।୧୦**

ମ୍ୟାଜିକବ୍ରିକ୍ସ ଦ୍ୱାରା ପ୍ରକାଶିତ ଏଚ୍‌ଏସ୍‌ଆଇ ରିପୋର୍ଟରେ ଭାରତର ଗୃହ ବଜାର ଏକ ସ୍ଥିର ପୁନରୁତ୍ଥାନ ଦେଖୁଛି। ପୂର୍ବ ରାଉଣ୍ଡରେ ୧୫୬ରୁ ୧୩୮ କୁ ହ୍ରାସ ପାଇବା ପରେ, ଏଚଏସଆଇ ୧୪୨କୁ ପୁନର୍ବାର ବୃଦ୍ଧି ପାଇଛି। ଗୃହକ୍ରେତାମାନେ ଉଚ୍ଚ ମୂଲ୍ୟ ଏବଂ ସୁଧ ହାର ସତ୍ତ୍ୱେ ଗୃହ କ୍ରୟ ବଢୁଛି। ଚେନ୍ନାଇ ଶ୍ରେଷ୍ଠ ପ୍ରଦର୍ଶନକାରୀ ସହର ଭାବରେ ଉଭା ହୋଇଛି, ତା'ପରେ ନୋଏଡା/ଗ୍ରେଟର ନୋଏଡା ଏବଂ କୋଲକାତା ରହିଛି। ଭିତ୍ତିଭୂମି ବିକାଶ, ବାଣିଜ୍ୟିକ ଅଭିବୃଦ୍ଧି ଏବଂ ନୂତନ ପ୍ରକଳ୍ପ ଲଞ୍ଚ ଦ୍ୱାରା ଉଚ୍ଚ-ସମ୍ଭାବ୍ୟ ବଜାରଗୁଡ଼ିକ ପାରମ୍ପରିକ ବିଳାସପୂର୍ଣ୍ଣ ହବ୍ଗୁଡ଼ିକୁ କ୍ରମଶଃ ପଛରେ ପକାଇ ଦେଉଛନ୍ତି। ତେଣୁ ମେଟ୍ରୋ ସହରଗୁଡ଼ିକର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକ ଅଧିକ ଆଗ୍ରହୀ ହେଉଛିନ୍ତି।


# Classified Everyday
0674-2580101, 9692975378


REAL ESTATE
SALE

କେଶୁରାରେ Immediate ଘରକରି ରହିବା ପାଇଁ ପାଚେରିସହିତ ଘରବାରି ପ୍ଲଟ ମିଳୁଛି। 9692213354. ଧ-୭୬୯୪୧



Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

Newly open health benefits spa by expert therapists 9658088274. D-2234

The massage felt totally professional! & comfortable at all times- 7978109255. D-76500

## AFFIDAVIT

By virtue of an affidavit sworn before Executive Magistrate, Hatadihi, Kendujhar, Dated- 21.08.2025 I, Ramamani Panda, W/o- Late Upendra Panda, Vill.- Sulana, P.O.-Sulana ,Via- Fakirpur, P.S.- Nandipada, Dist.- Kendujhar, PIN- 758022, State-Odisha, declare that I have changed my name from Rama Panda to Ramamani Panda. Henceforth, I shall be known as Ramamani Panda for all purposes.
Ramamani Panda
D-2289

By Virtue of an Affidavit before Executive Magistrate, Kantabanji on 15/10/2025 that in my all documents my name is recorded as V.V.Ramana Murty, S/o- V.Venkata Rao At/P.O./P.S.- Kantabanji Patel Colony, Dist.-Bolangir(Odisha) but in Educational Certificates of my daughter V.V.S.S.Praveena, my name is wrongly mentioned as V.V.Ramana Murthy whereas V.V.Ramana Murty & V.V.Ramana Murthy is same and one person. D-2284

By virtue of an affidavit sworn before the Notary Public, Khariar, No.- 3455, Dt.- 11.10.25, I, Sashikala Agrawal, W/o- Pawan Kumar Agrawal, R/o- Khariar, Azad Chowk, W.N.- 8, P.O./P.S.- Khariar, Dist.- Nuapada declare that, I have changed my name from SASHI AGRAWAL to SASHIKALA AGRAWAL. That, from today onwards I shall be known as 'SASHIKALA AGRAWAL' W/o- PAWAN KUMAR AGRAWAL for all purpose.
Sashikala Agrawal
D-2287

By virtue of an affidavit sworn before Executive Magistrate, Aul dated- 09.10.25, I, Aman Kumar Mohanty, S/o- Gagan Bihari Mohanty, Village- Nial, P.O.- Nial, P.S.- Aul, Dist.- Kendrapara, Odisha, declare that I have changed my name from Amar Mohanty to Amon Kumar Mohanty. Henceforth, I shall be known as Aman Kumar Mohanty for all purposes.
Aman Kumar Mohanty
D-2288

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Manoranjan Sahoo father of Sneha Sahu, Address: ward No.- 01, Majhi Sahi, Patana, P.O.- Kantilo, Dist.- Nayagarh, PIN- 752078, Odisha, have changed my name to Manoranjan Sahoo for all the purposes. D-2283

By virtue of an affidavit sworn before Executive Magistrate, Rasulpur, dated- 30.08.2025, I, Golap Sahu, Address: Vill- Chitrakul, P.O.- Barabati, P.S.- Dharmasala, Via- Dharmasala, Dist.- Jajpur, PIN- 755008, Odisha declare that I have changed my name from Golapi Sahu to Golap Sahu. Henceforth, I shall be known as Golap Sahu for all purposes.
Golap Sahu
D-2285

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Junagarh, dated- 09.09.2025, I, Baijayanti Sunani, D/o- Cheru Sunani, R/o- Village- Balichhada, P.O.- Kaliakundal, P.S.- Junagarh, Dist.- Kalahandi, Odisha declare that I have changed my name from Baimayanti Senapati to Baijayanti Sunani. Henceforth, I shall be known as Baijayanti Sunani for all purposes.
Baijayanti Sunani
D-2291

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱ.ମଞ୍ଜୁଳା ବେହେରା
ଶ୍ରୀବିହାର, ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୭।୧୯୫୪
ତିରୋଧାନ:୦୮.୧୧.୨୦୨୩
(କାର୍ତ୍ତିକ କୃଷ୍ଣ ଏକାଦଶୀ)
ତୁମ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠ, ତ୍ୟାଗମୟ ଆଦର୍ଶର ପ୍ରତିଛବି, ଉଦାରତାର ପ୍ରତିଫଳନ ଆମକୁ ପ୍ରତିକ୍ଷଣ ନୈତିକତାର ମାର୍ଗଦର୍ଶନ କରାଉଥିବ ତୁମ ଅନୁପସ୍ଥିତି ଜନିତ ଅପୂରଣୀୟ ଶୂନ୍ୟସ୍ଥାନ ଆମକୁ ସଦା ଆନ୍ଦୋଳିତ କରିବ, ଶ୍ରୀଜଗନ୍ନାଥଙ୍କ କରୁଣାରୁ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପ୍ରାର୍ଥନା ସହିତ ତୁମ ଶୁଭାଶୀର୍ବାଦ ଆମର କାମ୍ୟ।
ଶୋକସନ୍ତପ୍ତ ପରିବାରବର୍ଗ:- ସ୍ୱାମୀ: ଶ୍ରୀଚରଣ, ପୁତ୍ର: ବିକ୍କୁ, ବିଶ୍ଣୁ, ପୁତ୍ରବଧୂ: ବିସ୍ମିତା, ସ୍ମୃତିରେଖା, ଝିଅ: ଅନୁପମା, ଜ୍ୱାଇଁ: ବିଶ୍ୱରଞ୍ଜନ, ନାତି/ନାତୁଣୀ: ଅଙ୍କିତା, ନିକିତା, ଭୂମିକା, ଅର୍ଣ୍ଣବ, ଜ୍ୟୋତିଗଣେଶ୍ୱର ଏବଂ ଆତ୍ମୀୟସ୍ୱଜନ।
ଧ-୨୨୯୦

### ୧୧ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



ସ୍ୱ.ଭୁବନେଶ୍ୱର ହୋତା
(ଶିକ୍ଷକ), ସାଲ-୨୦୧୪
କାର୍ତ୍ତିକ ଏକାଦଶୀ, କମା ଶାସନ
କେତେ ସ୍ନେହ ଢାଳୁଥିଲ ଆପଣା ଶିରରେ ସେଥିପାଇଁ ଲୁହରେ ସବୁରି ଆଖିରେ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର:- ପୁଅ- ଗଦା, ବିମ୍ବା, ବୋହୂ- ପ୍ରତିମା, ରୁବି, ନାତି- ବୁଲୁଲୁ, ଅଶୋକ, ଆଶୁ, ଝିଅ- କୁନି, ନାତୁଣୀ- ପୂଜା, ସୋମି, ଜ୍ୱାଇଁ- ଅର୍ଜୁନ, ଭାଇ- ରବି, ସ୍ତ୍ରୀ- ବାସନ୍ତୀ ଓ ବନ୍ଧୁ ପରିବାରବର୍ଗ
ଧ-୨୨୮୬

# ମହାରାଜାଙ୍କ ବଦାନ୍ୟତା ଚିରସ୍ମରଣୀୟ

## ମହାରାଜା ପ୍ରତାପ କେଶରୀ ଦେଓ ସ୍ମାରକୀ ବକ୍ତୃତାମାଳା

**ଭବାନୀପାଟଣା,୧୫।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ମହାରାଜା ପ୍ରତାପ କେଶରୀ ଦେଓଙ୍କ ସ୍ମୃତିରେ 'ମହାରାଜା ପ୍ରତାପ କେଶରୀ ଦେଓ ସ୍ମାରକୀ ବକ୍ତୃତା' ବୁଧବାର ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଓ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ 'ଦି ଆପ୍ଲିକେସନ ଅଫ ଆର୍ଟିଫିସିଆଲ ଇଣ୍ଟିଲିଜେନ୍ସ ଇନ ଡେ ଟୁ ଡେ ଲାଇଫ' ଶୀର୍ଷକରେ ଏହି ବକ୍ତୃତା ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଅଧ୍ୟକ୍ଷତା କରି ମହାରାଜା ପ୍ରତାପ କେଶରୀ ଦେଓଙ୍କ ସ୍ମୃତିଚାରଣ କରିଥିଲେ। ଜୀବବିଜ୍ଞାନ ବିଭାଗର ମୁଖ୍ୟ ତଥା ମହାରାଜା ପ୍ରତାପ କେଶରୀ ଦେଓ ସ୍ମାରକୀ ବକ୍ତୃତାର ସଂଯୋଜକ ଡ. ସୁବ୍ରତ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତାପ କେଶରୀ ଦେଓଙ୍କ ନାତି ମହାରାଜା ଅନନ୍ତ ପ୍ରତାପ ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ କଳାହାଣ୍ଡି ପ୍ରତି ନିଜ ଅଜାଙ୍କ ଅବଦାନ ସମ୍ପର୍କରେ ବଖାଣିଥିଲେ। ସେହିପରି ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ସିଣ୍ଡିକେଟ ସଦସ୍ୟ ଡ. ଫଣିନ୍ଦମ ଦେଓ ମହାରାଜା ପ୍ରତାପ କେଶରୀ ଦେଓଙ୍କ ରାଜନୈତିକ ଜୀବନ ଓ ବ୍ୟକ୍ତିତ୍ୱର ମୂଲ୍ୟାୟନ କରିଥିଲେ। କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି କୃଷ୍ଣାବତାର ଦେଓ ମହାରାଜଙ୍କ ଶିକ୍ଷା ପ୍ରତି ଥିବା ଦୃଷ୍ଟିକୋଣ ସମ୍ପର୍କରେ କହିଥିଲେ। କିଟ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଡ. ଶୁଭଶ୍ରୀ ଦର୍ଶନ ମୁଖ୍ୟ ବକ୍ତାରୂପେ ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ, ଏହାର ଉପକାରିତା ଓ ଅପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥଲେ। ଏହି ବକ୍ତୃତାମାଳାରେ ସିଣ୍ଡିକେଟ ସଦସ୍ୟ ଡ. ଭବାନୀଶଙ୍କର ନେଗୀ, ପ୍ରଫେସର ରଜନୀକାନ୍ତ ବେହେରା, କଳ୍ପନା ମିଶ୍ର, ସୁମନ ରଥ, ଜୀବବିଜ୍ଞାନ ବିଭାଗର ଅତିଥି ଅଧ୍ୟାପକ ରାଜକୁମାର ବେହେରା, ଅଧ୍ୟାପିକା ଭକ୍ତିସୁଧା ଦଣ୍ଡସେନା, ଅର୍ପିତା ନାୟକ, ବର୍ଷା ବୈଶାଖୀ ସାହୁ, ରଞ୍ଜିତା ତାଣ୍ଡି, ଉଦ୍ଭିଦବିଜ୍ଞାନ ବିଭାଗର ମୁଖ୍ୟ ଡ. ଘନଶ୍ୟାମ ବେହେରା, ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ସୁଚିତ ମଣ୍ଡଳୀ, ବାଣିଜ୍ୟ ବିଭାଗର ମୁଖ୍ୟ ଡ. ହଳଧର ସାହୁ, ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ ସୀମାଞ୍ଚଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମହାରାଜ ପ୍ରତାପ କେଶରୀ ଦେଓ କଳାହାଣ୍ଡିର ଶିକ୍ଷା ବିକାଶ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ଫଳସ୍ୱରୂପ କଳାହାଣ୍ଡି ବିଜ୍ଞାନ ମହାବିଦ୍ୟାଳୟ ସୃଷ୍ଟି ହୋଇଥିଲା। ଏହି ମହାବିଦ୍ୟାଳୟ ପାଇଁ ସେ ୫୫ ଏକର ଭୂମିଦାନ କରିଥିଲେ, ଯାହା କଳାହାଣ୍ଡିର ଶିକ୍ଷା ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାଜି ବର୍ତ୍ତମାନ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। ବାସ୍ତବରେ ମହାରାଜାଙ୍କ ଏହି ବଦାନ୍ୟତା ଚିରସ୍ମରଣୀୟ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ।



ବକ୍ତୃତାମାଳାରେ ଉପସ୍ଥିତ ଅତିଥିଗଣ।

# ସାମାନ୍ୟ ବଚସାରୁ ହତ୍ୟା

**ଲାଞ୍ଜିଗଡ଼,୧୫।୧୦(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଜଣେ ଯୁବକଙ୍କୁ ସାମାନ୍ୟ ବଚସାକୁ ନେଇ ମଙ୍ଗଳବାର ରାତିରେ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ଦିଲ୍ଲୀପ ଲୋହରା (୨୮)। ସୂଚନାନୁସାରେ ବଳଭଦ୍ରପୁର ଗ୍ରାମର ୪ ଯୁବକ କୁନିଲ ଲୋହାରା, ଲଳିତ ମାଝୀ, ଦିଲୀପ ଲୋହାରା, କୁଣ୍ଡୁଆ ମାଝୀ ଗତମାସ ୧୪ ତାରିଖରେ ରାୟଗଡା ଜିଲା ବିଷମକଟକ ବ୍ଲକ ଭାଟଗୁଡା ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କି ନିର୍ମାଣ କାମରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ଏପରିସ୍ଥଳେ ମଙ୍ଗଳବାର ରାତିରେ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳ ଆରମ୍ଭ ହୋଇଯାଇଥିଲା। ଏହି ସମୟରେ କୁନିଲ ଏକ ଟାଙ୍ଗିଆରେ ଆକ୍ରମଣ କରିବାରୁ ଦିଲ୍ଲୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଆକ୍ରମଣରେ ଲଳିତ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଖବରପାଇ ବିଷମକଟକ ପୋଲିସ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ହତ୍ୟାକାରୀ କୁନିଲଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୁଧବାର ସନ୍ଧ୍ୟାରେ ବଳଭଦ୍ରପୁର ଗ୍ରାମରେ ଶୋକାକୁଳ ପରିବେଶରେ ଶବଦାହ କରାଯାଇଛି।

# ଅଭାବ ଅସୁବିଧା ସରକାରଙ୍କୁ ଜଣାଇବ ଉନ୍ନୟନ ପରିଷଦ

**ଲାଞ୍ଜିଗଡ଼,୧୫।୧୦(ରମେଶ ଚନ୍ଦ୍ର ନାୟକ)**

ଅଞ୍ଚଳର ଅଭାବ ଅସୁବିଧା ସରକାରଙ୍କୁ ଜଣାଇବା ପାଇଁ ଗତ ସେପ୍ଟେମ୍ବର ୧୪ରେ ଗଠନ ହୋଇଥିବା ଲାଞ୍ଜିଗଡ଼ ଆଞ୍ଚଳିକ ଉନ୍ନୟନ ପରିଷଦ ବୁଧବାର ଲାଞ୍ଜିଗଡ଼ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟିତ ହୋଇଛି। ଏଥିରେ ସୁରେନ୍ଦ୍ର ପ୍ରତାପ ସିଂଦେଓ ମୁଖ୍ୟ ଅତିଥି ଓ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂଦେଓ, ଯୁବ ସମାଜସେବୀ ସୁବାସ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଶ୍ରୀମୁଖ ଅଗସ୍ତି ପରିଚାଳନା କରିଥିଲେ। ଏହି ଉନ୍ନୟନ ପରିଷଦକୁ ପରିଚାଳନା କରିବା ପାଇଁ ପୂର୍ବରୁ ଏକ ଗଭର୍ଣ୍ଣିଂ ବଡି ଗଠନ ହୋଇଥିଲା। ଏଥିରେ ଶ୍ରୀଧର ପେଶନିଆ ସଭାପତି, ରାଜେନ୍ଦ୍ର ପ୍ରତାପ ସିଂଦେଓ କାର୍ଯ୍ୟକାରୀ ସଭାପତି, ଶ୍ରୀମୁଖ ଅଗସ୍ତି ସାଧାରଣ ସମ୍ପାଦକ, ଅଶୋକ ପଟ୍ଟନାୟକ, ଶିଶିର ପୂଜାରୀ ଓ ଭୂପେନ୍ଦ୍ର ମହରଥା ସହ ସମ୍ପାଦକ, ସୁବାସ ଅଗ୍ରୱାଲ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ସେହିପରି କମିଟିରେ ୨ ଜଣ କନଭେନର ଚନ୍ଦ୍ରଧ୍ୱଜ ପେଶନିଆ ଓ ରାଜେନ୍ଦ୍ର ପ୍ରତାପ ସିଂଦେଓ ରହିଥିବା ବେଳେ ଆଇନ ପରାମର୍ଶଦାତା ସିଦ୍ଧାର୍ଥ ନାୟକ, ଆଇନଜୀବୀ ଅନୱାର ଭାରତୀ ରହିଛନ୍ତି। ସେହିପରି ୬ ଗୋଟି ପଞ୍ଚାୟତର ୭୫ ଜଣ ଏକ୍‌ଜିକ୍ୟୁଟିଭ ମେମ୍ବର ରହିଛନ୍ତି। ଶେଷରେ ଯୁବ ସମାଜସେବୀ ପାତ୍ର ମାଝୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବାଲିଘାଟରୁ ବେଆଇନ ବାଲି ଉଠାଣ

**ଖଡ଼ିଆଳ,୧୫।୧୦ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ବିଭିନ୍ନ ବାଲି ଘାଟରରୁ ବେଆଇନ ଭାବରେ ବାଲି ଉଠାଯାଇ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଥିଲା। ଏପରିସ୍ଥଳେ ଖଡ଼ିଆଳ ଥାନା ଅଧିକାରୀ ଦିଲିପ କୁମାର ସାହୁ ଓ ନୂଆପଡା ଜିଲା ଉପ ଖଣି ଅଧିକାରୀ ନିରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଏହି ସମୟରେ ବଡ ଦୋହେଲ ଛକଠାରୁ ଦୁଇଟି ବାଲି ବୋଝେଇ ହାଇୱା ନଂ.ଓଡ଼ିଓ୮ୱାଇ-୧୭୯୯, ଓ୨୬ଜି-୪୫୮୬ଠାରୁ ୪,୦୫,୨୨୨ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ଗୀତିନାଟ୍ୟ ମହିଷମର୍ଦ୍ଦିନୀ ମଞ୍ଚସ୍ଥ

**ରିଷିଡ଼ା, ୧୫।୧୦ (ସୁଶାନ୍ତ ମଲ୍ଲିକ):** କର୍ଲାମୁଣ୍ଡା ବ୍ଲକ ତେରେସିଂହା ଗ୍ରାମର ରାମଲୀଳା ସାଂସ୍କୃତିକ ଅନୁଷ୍ଠାନ କଳାକାରଙ୍କୁ ନେଇ ଭାଇ ଜିଉଁତିଆ ଉପଲକ୍ଷେ ମହିଷାମର୍ଦ୍ଦିନୀ ଗୀତିନାଟ୍ୟ ମଙ୍ଗଳବାର ରାତ୍ରିରେ ମଞ୍ଚସ୍ଥ ହୋଇଥିଲା। ଅନୁଷ୍ଠାନର କଳାକାର ଯୁଗଳ କିଶୋର ନାଏକ ଏହାର ନିର୍ଦ୍ଦେଶନା ଦେଇଥିଲେ। ଅନୁଷ୍ଠାନର ସଭାପତି ମଙ୍ଗଳ ମାଝୀ ଓ ସମ୍ପାଦକ ଗୁଣସାଗର ପଧାନଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଗୀତିନାଟ୍ୟ ଦେଖିବାକୁ ଆଖପାଖ ଅଞ୍ଚଳର ଶତାଧିକ ଦର୍ଶକଙ୍କ ସମାଗମ ହୋଇଥିଲା ।

### କୃଷି ସମବାୟ ସମିତିର ନୂତନ ଗୃହ ଉଦ୍‌ଘାଟନ

**ବୋଡ଼େନ,୧୫।୧୦ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟତ ହୋଇଯାଇଛି। ସମିତି ସଭାପତି ବିପିନ ବିହାରୀ ଧରୁଆ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ସମିତି ସମ୍ପାଦକ ପ୍ରଜେଶ କୁମାର ହଂସ ଓ ସମିତିର ସମସ୍ତ କର୍ମକର୍ତ୍ତା ଯୋଗଦାନ କରିଥିଲେ।



ସୁରଭି ମହୋତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**କର୍ଲାମୁଣ୍ଡା,୧୫।୧୦(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ଜୋରାଡ଼ବରା କ୍ଲଷ୍ଟର ଟେର୍ଚାପଲା ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟର ଅନ୍ତର୍ଗତ ୧୧ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଟେର୍ଚାପଲା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡମ୍ବରୁ ମାଝୀ ସଭାପତିତ୍ୱ କରିଥିଲେ। ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସୁବୋଧ କୁମାର ଶତପଥି ମୁଖ୍ୟ ଅତିଥି, ବିଦ୍ୟାଳୟ ପାଇଁ ଜମି ଦାନ କରିଥିବା ଡିଙ୍ଗର ମାଝୀ, ଶିକ୍ଷକ ଦୁର୍ଗା ପ୍ରସାଦ ସାହୁ, ଅଧ୍ୟାପକ ପୀତାମ୍ବର ସାହୁ, ସ୍ୱେଚ୍ଛାସେବୀ ଭୁପିନ୍ଦର ଚୌଧୁରୀ, ସିଆରସିସି ଯୁଗଳ କିଶୋର ନାଗ, ଜୋରାଡ଼ବରା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତରୁଣ ଜାନି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ ସଭାକୁ ଶିକ୍ଷକ ପ୍ରଫୁଲ୍ଲ ବଡ଼ମାଳି ସଂଯୋଜନା କରିଥିବା ବେଳେ ପଦ୍ମନାଭ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା।

# ସ୍ୱାସ୍ଥ୍ୟ, ପରିବେଶ, ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

**ରିଷିଡ଼ା,୧୫।୧୦(ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ଗ୍ରାମ ପଞ୍ଚାୟତ ଗାନ୍ଧୀନଗର ପଡ଼ାଠାରେ ଡ. ବି.ଆର୍. ଆମ୍ବେଡକର ବିକାଶ ପରିଷଦ ବଡ଼ପଡା ତରଫରୁ ସ୍ୱାସ୍ଥ୍ୟ, ପରିବେଶ, ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ାର ଏକ ଘରୋଇ ହସ୍ପିଟାଲ ଡାକ୍ତର ଅଜୟ ଗୁପ୍ତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳା ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରିଷଦର ସାମାଜିକ କର୍ମୀ ସଚିନ୍ଦ୍ରା ଚନ୍ଦ୍ର ନାଏକ, ଗଭୀର ସୁନା, ପ୍ରଭାକର କୁମାର, ଉମାକାନ୍ତ ସୁନା, ସୁଶୀଲ କୁମାର, ଦଣ୍ଡପାଣି ନାଏକ, ଥୟଚନ୍ଦ୍ର କୁମାର, ଶ୍ରୀୟାକାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

**ତୁଣ୍ଡଲା,୧୫।୧୦(ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପଞ୍ଚାୟତ ମହାବିଦ୍ୟାଳୟ ବେଲଖଣ୍ଡିଠାରେ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ବେଲଖଣ୍ଡିର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସିଏଚ୍‌ଓ ସୁମତି ସେଲମା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କିପରି ଏକ ସୁସ୍ଥ ଜୀବନ ଓ ସୁଖୀ ଜୀବନ ବଞ୍ଚିପାରିବା ସେ ଉପରେ ମୂଲ୍ୟବାନ ଉପଦେଶ ଦେଇଥିଲେ । ପରିଶେଷରେ କାର୍ଯ୍ୟକ୍ରମ ସଂଯୋଜକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ମନୋବିଜ୍ଞାନ ବିଭାଗର ଜାତୀୟ ଆଲୋଚନାଚକ୍ର



ଆଲୋଚନଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ଖଡ଼ିଆଳ,୧୫।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଦ୍ୟାଧାରା ସିରିଜ-୨ ଆଧାରରେ ଏକ ଜାତୀୟ ଆଭାସି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ବିପର୍ଯ୍ୟୟ ଓ ଜରୁରିକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟସେବାର ସୁଯୋଗ ନେବା' ଶୀର୍ଷକରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ମାନସିକ ଚାପର ନିରାକାରଣ ଉପରେ ଉଦ୍‌ବୋଧନ ଦେଇଥିଲେ। ସହକାରୀ ପ୍ରଫେସର ଡ. ସୁବାସ ଚନ୍ଦ୍ର ବିଶ୍ୱାଳ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଓଡ଼ିଶାର ସୁନାମ ଧନ୍ୟ ମନୋବିଜ୍ଞାନ ବିଶେଷଜ୍ଞ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁରର ସହକାରୀ ପ୍ରଫେସର ଡ. ରୂପଶ୍ରୀ ଗୋସ୍ୱାମୀ ମୁଖ୍ୟ ଆଲୋଚକ ଏବଂ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ନାଜିଆ ଆରିଫ, ପାରଳାଖେମୁଣ୍ଡି ଗଜପତି ମୁଖ୍ୟ ଚିକିତ୍ସାଳୟର ମନୋବିଜ୍ଞାନୀ ପ୍ରଦୀପ କୁମାର ମହାପାତ୍ର, ସୁନ୍ଦରଗଡ଼ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ଶୁଭସ୍ମିତା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପକ ଚନ୍ଦ୍ରକାନ୍ତ ଦାସ ସଭା ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ପ୍ରୀତମ ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ବାଲଟ ପେପର ମାଧ୍ୟମରେ ନିର୍ବାଚନ କରାଯାଉ'

**ଭବାନୀପାଟଣା,୧୫।୧୦(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣାରେ ବୁଧବାର ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଜନ ଆକ୍ରୋଶ ମହାରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ନକଟିଗୁଡା ଆମ୍ବେଦକର ଛକରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଭାରତ ମୁକ୍ତି ମୋର୍ଚ୍ଚା ସମେତ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଓ ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚା ସାମିଲ ହୋଇଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କୁ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ନିର୍ବାଚନ ଇଭିଏମ୍ ବଦଳରେ ବ୍ୟାଲେଟ ପେପର୍ ବ୍ୟବହାର, ଓବିସି ସମେତ ସମସ୍ତ ଜାତିର ଜନଗଣନା କରି ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ଲାଗୁ, ବିକାଶ ନାମରେ ଆଦିବାସୀଙ୍କ ବିସ୍ଥାପନ ବନ୍ଦ, ନୂତନ ଶିକ୍ଷାନୀତି ୨୦୨୦କୁ ରଦ୍ଦ ଆଦି ଦାବି କରାଯାଇଛି। ଶୀଘ୍ର ଏହି ଦାବିଗୁଡିକୁ ସରକାର ପୂରଣ ନ କଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ସରପଞ୍ଚ ସଂଘର ଜରୁରୀ ବୈଠକ

**ଲାଞ୍ଜିଗଡ଼,୧୫।୧୦(ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ ବ୍ଲକ ସରପଞ୍ଚ ସଂଘର ଏକ ଜରୁରୀ ବୈଠକ ବୁଧବାର ବ୍ଲକ କନଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚମାନେ ଯୋଗଦେଇ ବ୍ଲକର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ବିକାଶ ଅପହଞ୍ଚ ହୋଇରହିଛି। ବ୍ଲକର ଅନେକ ପଞ୍ଚାୟତ ଓ ଗାଁ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଅନେକ ଗାଁକୁ ରାସ୍ତା ଓ ପୋଲ ନାହିଁ। ଫଳରେ ଗୁରୁତର ରୋଗୀ ଓ ଗର୍ଭବତୀ ମହିଳାଙ୍କୁ କାନ୍ଧରେ ବୋହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବାକୁ ପଡୁଛି। ଅନେକ ଗାଁରେ ସ୍କୁଲ ଥିଲେ ମଧ୍ୟ ଶିକ୍ଷକ ନାହାନ୍ତି। ଏସବୁ ସମସ୍ୟା ନେଇ ବ୍ଲକର ୨୬ ପଞ୍ଚାୟତର ସରପଞ୍ଚ ପ୍ରଶାସନକୁ ଅବଗତ କରିଥିଲେ ସୁଦ୍ଧା ସମାଧାନ ହୋଇପାରି ନାହିଁ। ବୈଠକରେ ସରପଞ୍ଚମାନେ ଅଭିଯୋଗ କରିଥିଲେ ଯେ, ବ୍ଲକ ପ୍ରଶାସନ ସେମାନଙ୍କ ପ୍ରସ୍ତାବ ଓ ଦାବିକୁ ଅଣଦେଖା କରୁଛି। ଗ୍ରାମ ଉନ୍ନତି ପାଇଁ ଦିଆଯାଇଥିବା ଯୋଜନାଗୁଡ଼ିକ ଠିକଭାବେ କାମ କରୁନାହିଁ। ମାନକ ଅନୁଯାୟୀ ଗୁଣମାନ ରଖାଯାଉନାହିଁ। ଦୂର ଗାଁଗୁଡ଼ିକ ପ୍ରତି ଅବହେଳା ହେଉଛି। ଯଦି ପ୍ରଶାସନ ଶୀଘ୍ର ଏହି ଅଞ୍ଚଳର ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନ ନିଅନ୍ତି ତେବେ ସେମାନେ ଗଣ ଆନ୍ଦୋଳନ ଆରମ୍ଭ କରିବେ ବୋଲି ଚେତାବନୀ ଦେଇଛନ୍ତି। ଲାଞ୍ଜିଗଡ଼ ସରପଞ୍ଚ ସଂଘ ସଭାପତି ସାନ୍ଦରୁ ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ ନାଏକ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ।


ବୈଠକରେ ଯୋଗଦେଇଥିବା ସରପଞ୍ଚମାନେ।

# ଉପନିର୍ବାଚନ ପରେ ନୂଆପଡ଼ାରେ ମେଡିକାଲ କଲେଜ: ମନମୋହନ

**ନୂଆପଡ଼ା,୧୫।୧୦ (ମକାରୁ ବେମାଲ)**



ରେଙ୍ଗଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପା ନେତୃବୃନ୍ଦ।

କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ରହିଛି। ଆପଣମାନଙ୍କ ଆଶୀର୍ବାଦ ହେଲେ ନୂଆପଡ଼ା ଡବାକୁ ମଧ୍ୟ ଯୋଡି ଦିଆଯିବ। ଆମ ସରକାର ସବୁବେଳେ ବିକାଶ ଚାହେଁ। ଯାହା କହେ ତାହା କରି ଦେଖାଏ। ନୂଆପଡାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସଂକଳ୍ପ ନେଇଛନ୍ତି। ବର୍ତ୍ତମାନ ନିର୍ବାଚନ ସମୟ, ତେଣୁ କିଛି କହିବା ଠିକ ନୁହଁ। ନିର୍ବାଚନ ପରେ ନୂଆପଡ଼ାରେ ମେଡିକାଲ କଲେଜ ନିର୍ମାଣ କରାଯିବ। ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟୀ କଲେ ନୂଆପଡାର ବିକାଶ ହେବ ବୋଲି ବୁଧବାର ନୂଆପଡ଼ା ଜିଲା କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ରେଙ୍ଗଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗଦେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏହା କହିଛନ୍ତି। କଳାହାଣ୍ଡିର ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମିଶ୍ରଣ ପର୍ବରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ଧର୍ମଗଡ ବିଧାୟକ ସୁଧୀର ପାଟ୍ଟଯୋଶୀ ପ୍ରମୁଖ ଯୋଗଦେଇଥିଲେ। ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୋମନା ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ବୃଦ୍ଧିକୋମନା ସରପଞ୍ଚ ସନ୍ତୋଷିନୀ ବାଗ, କୁରେଶ୍ୱର ସରପଞ୍ଚ ସତ୍ୟବାନ ସାହୁଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗ ଦେଇଥିଲେ। ଭାଜପାରୁ ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ଲୋକଙ୍କ ଆଶୀର୍ବାଦ ଭିକ୍ଷା କରି ଏହି ଉପନିର୍ବାଚନରେ ବିଜୟୀ ହୋଇ ବାପାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ସହ ଜିଲାର ବିକାଶ ପାଇଁ କାମ କରିବେ ବୋଲି କହିଥିଲେ। ସେହିପରି ଜିଲା ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ନୂଆପଡା ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଲକର, ଖରିଆର ରୋଡ ଏନ୍‌ଏସି ଉପାଧ୍ୟକ୍ଷ ନିଶାନ୍ତ ଡାଗାଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ଢୋଲକିଆଙ୍କ ସମର୍ଥକ, ଯୁବ ବର୍ଗ ଓ ବହୁ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି କମଲେଶ ଦୀକ୍ଷିତ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ପୂର୍ବତନ କଳାହାଣ୍ଡି ଏମ୍‌ପି ଅର୍କ କେଶରୀ ସିଂଦେଓ, ଅଭିନନ୍ଦନ ପଣ୍ଡା, ସରୋଜ କୁମାର ସାହୁ, ସୁଶାନ୍ତ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ।

### ନିବୃତ୍ତି ଜୋର ପୋଲତଳୁ ମୃତଦେହ ଜବତ

ତରଭା,(ମାନଭଞ୍ଜନ ମିଶ୍ର): ସୁବର୍ଣ୍ଣପୁର ଜିଲା ତରଭା ଖଲିଆପାଲି ନିକଟ ନିବୃତ୍ତି ଜୋର ପୋଲ ତଳେ ବୁଧବାର ସନ୍ଧ୍ୟାରେ ଏକ ମୃତଦେହ ପଡିଥିବା ଜଣାପଡିଥିଲା। ଘଟଣାସ୍ଥଳ ବଲାଙ୍ଗୀର ଜିଲା ପୁଇଁତଳା ଥାନା ଅଞ୍ଚଳ ହୋଇଥିବାରୁ ତରଭା ଥାନା ଅଧିକାରୀ ଅନିତା କିଡୋ ପୁଇଁତଳା ଥାନା ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ତରଭା ଅଗ୍ନିଶମ କର୍ମଚାରୀ, ତରଭା ପୋଲିସ ଏବଂ ବଇରାସର ଫାଣ୍ଡି ପୋଲିସ ଉପସ୍ଥିତ ଥିବା ଦେଖାଯାଇଥିଲା। ପାରିପାର୍ଶ୍ୱିକ ସ୍ଥିତି ଏବଂ ଲୋକମାନଙ୍କ କହିବା ଅନୁସାରେ ମୃତକଙ୍କ ବେକରେ ଛିଣ୍ଡା ରଶି ଲାଗିଛି। ସେ ପଟଲ ପିଲରରେ ରଶି ଲଗାଇ ଆତ୍ମହତ୍ୟା କରିବା ପରେ ରଶି ଛିଣ୍ଡି ଯିବାରୁ

# ଅନ୍ତର୍ନିହିତ ପ୍ରତିଭାର ସୌରଭ ପ୍ରକାଶ କରେ ସୁରଭି

ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)



ଖୁଣ୍ଟାପାଲିରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀମାନେ।



ଅମ୍ବାଭୋନାରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ବରଗଡ଼ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ପ୍ରତିଭା ଉତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଇଓ ଡ.ସୁରେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ସୁରଭି ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ସୌରଭ ପ୍ରକାଶିତ ହେବାର ପ୍ରକୃଷ୍ଟ ମଞ୍ଚ ବୋଲି ସେ କହିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଗ୍ରୀବର ବିଶି, ଏବିଇଓ ଦିଲ୍ଲୀପ ମେହେର, ଈଶ୍ୱର ବାଗ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅର୍ଚ୍ଚିତା ପାଣିଗ୍ରାହୀ ଓ ତେଜ ରାଜ ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏହି କ୍ଲଷ୍ଟରର ୧୧ ସ୍କୁଲରୁ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ନୃତ୍ୟ ଗୁରୁ ଶଙ୍କର ପଟ୍ଟନାୟକ, ମୁଗ୍ଧା ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ଶତପଥି, ମନୋଜ ଦାଶ, ବଶିଷ୍ଠ ଖମାରୀ, ହିମାଂଶୁ ପଣ୍ଡା, ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ଆଶୁତୋଷ ଛତର, ମନୋଜ ଜେନା, ଅନିତା ସାହୁ, ଭଗ୍ୟବନ୍ତି ବିଶାଳ, ସୁନୀତା ମିଶ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ହାଟପଦା ପ୍ରାଥମିକ ବିଦ୍ୟାଳୟ ପ୍ରଥମ, ସମଲେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ଓ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଆଞ୍ଚଳିକ ସାଧନ କେନ୍ଦ୍ର, ଖୁଣ୍ଟାପାଲି ଅନ୍ତର୍ଗତ କେ. ଡୁରୁଙ୍ଗାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିଆର୍‌ସିସି ନାରାୟଣ ନାଗ ସଭାପତିତ୍ୱ କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ଧର୍ମରାଜ ସାହୁ, ବଳିଷ୍ଠ ସାହୁ, ସୂର୍ଯ୍ୟ ପଣ୍ଡା, ଆଦିତ୍ୟ ସାହୁ, ସହଦେବ ପାଧାନ ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ବିଜୟ କୁମାର ମିଶ୍ର ଏବଂ ନମିତା ସ୍ୱାଇଁ ମଞ୍ଚ ପରିଚାଳନା କରିଥିବା ବେଳେ ଫଗୁ ଚରଣ ମହାନ୍ତି, ସଚ୍ଚିକାନ୍ତ ରଏ, ମୁରଲୀ ପଧାନ, ଧନଞ୍ଜୟ ତାଣ୍ଡି, ଚୁନି ସେଟଙ୍କ ସମେତ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ। ଅମ୍ବାଭୋନାସ୍ଥିତ ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲାଲ ମୋହନ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରାଣୀଧନ ଚିକିତ୍ସକ ଡା. ନରେନ୍ଦ୍ର ପଣ୍ଡା, ମହାତ୍ମା ଗାନ୍ଧୀ ମାଧ୍ୟମିକ ବିଦ୍ୟାଳୟର ଜୟନ୍ତ କୁମାର ବାରିକ, ନେତାଜୀ ସୁବାସ ଚନ୍ଦ୍ର ବୋଷ କ୍ଲବର କଳାକାର କୁମାର ପଟେଲ ବିଚାରକ ଭାବେ ଯୋଗଦାନ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର, ଭୁଲ୍ଟାର କେଦାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜ୍ଞାନ ଶିକ୍ଷକ ମନୋହର ସାହୁ ସଭା ପରିଚାଳନ କରିଥିଲେ। ବରିଷ୍ଠ ଶିକ୍ଷକ ଦିନବନ୍ଧୁ ପଣ୍ଡା, ସୈରନ୍ଧ୍ରି ରଥ, ଶିବ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଜିଲାସ୍ତରକୁ ଉନ୍ନୀତ ହୋଇଥିଲା। ଏଥିରେ ଭୂପେସ ରଞ୍ଜନ ସାହୁ, ସ୍ନେହା ମାଝୀ, ଲକ୍ଷ୍ମୀପ୍ରିୟା ମହାନନ୍ଦ, ଅବିନାଶ ପଟେଲ, ଖୁସିରାଣୀ ପାତ୍ର, ଅମ୍ବିକା ପଟେଲ, ରୋହନ କୁମାର୍ ଦାସ, ଆଲୋକ ବଗର୍ତ୍ତୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଗୌରୀ ସେଠଙ୍କ ରଚନା ଓ ନିର୍ଦ୍ଦେଶନାରେ ଅନୁଷ୍ଠିତ ନାଟକରେ ବିଜ୍ଞାନ ଯୁଗରେ ନାରୀଙ୍କ ସଫଳତା ପ୍ରତିଫଳିତ ହୋଇଥିଲା। ଏହି ଅବସରରେ ବିଶ୍ୱ ହାତ ଧୁଆ ଦିବସ ପାଳନ କରାଯାଇଥିଲା। ପି.ଏମ ପୋଷଣ ଉପରେ ପାଲା ପରିବେଷଣ ହୋଇଥିଲା। ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ କେଦାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁପ୍ରିୟା ସ୍ମାରକୀ ଫୁଟବଲ, ଫାଇନାଲରେ ଗର୍ଭନା ଦଳ

ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ଆନ୍ତଃ କ୍ଲବ ନକ୍ ଆଉଟ ଫୁଟବଲ ପ୍ରତିଯୋଗିତାରେ ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ବରାହଗୋଡ଼ା ଦଳକୁ ହରାଇ ଗର୍ଭନା ଦଳ ପ୍ରତିଯୋଗିତାର ପ୍ରଥମ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଗର୍ଭନା ଦଳ ପ୍ରତିପକ୍ଷ ବରାହଗୋଡ଼ା ଦଳ ଉପରେ ଆକ୍ରମଣ ଜାରିରଖି ମ୍ୟାଚକୁ ୪-୧ ଗୋଲରେ ଜିତି ନେଇଥିଲା। ଦଳ ପକ୍ଷରୁ ନରେନ୍ଦ୍ର ପାତ୍ର ଦୁଇଟି ଗୋଲ ଦେଇଥିବା ବେଳେ ଉମାଶଙ୍କର ମୁକ୍ରିଆ, ବଳିଆ ମଲ୍ଲିକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବରାହଗୋଡ଼ା ଦଳ ପକ୍ଷରୁ ଆଦିତ୍ୟ ସେଟ ଏକମାତ୍ର ଗୋଲ ଦେଇଥିଲେ। ସୁନିଲ ବାଗ ମ୍ୟାଚ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅଜୟ ପ୍ରଧାନ, ସଚିନ ଭୁଏ ସହଯୋଗ କରିଥିଲେ। ଶଙ୍କର୍ଷଣ ପ୍ରଧାନ ଚତୁର୍ଥ ରେଫରି ଥିଲେ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ମ୍ୟାଚ ପରେ ଗାଗାରିନ ମିଶ୍ର, ଗୋକୁଳ ଗହୀର, ଜୟ ମେହେର ଓ ରମାକାନ୍ତ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଗର୍ଭନା ଦଳର ବଳିଆ ମଲ୍ଲିକଙ୍କୁ ପୁରସ୍କୃତ କରିଥିଲେ।

## ବାଳିକା ବର୍ଗରେ ଗାଇସିଲେଟ ବ୍ଲକ ଚାମ୍ପିୟନ

ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)

ଜିଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତା

ବରଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳିକା ବିଭାଗର ଖୋ ଖୋ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିମେଣ୍ଟ ନଗର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିମେଣ୍ଟ ନଗରଠାରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବକୁ ଜ୍ୟୋତିଷ ପଧାନ ଓ ସମ୍ପୂର୍ଣ୍ଣ ଭୋଇ ସଂଯୋଜନା କରିଥିଲେ। ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସରୋଜ ଭୁଏ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ୍ ସୁରେଶ ମହାପାତ୍ର, ଯୁବନେତା ଈଶ୍ୱର ବାଗ, ଆମ୍ବାପାଲି ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥ ପ୍ରମୁଖ ଉପସ୍ଥିତ ରହିଥିଲେ। ୧୪ ବର୍ଷରୁ କମ ବାଳିକା ବିଭାଗରେ ଗାଇସିଲେଟ ବ୍ଲକ ଚାମ୍ପିୟନ ଘୋଷିତ ହୋଇଥିବା ବେଳେ ଝାରବନ୍ଧ ବ୍ଲକ ଉପବିଜେତା ଘୋଷିତ ହୋଇଥିଲା। ସେହିପରି ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଗାଇସିଲେଟ ବ୍ଲକ ଚାମ୍ପିୟନ ହୋଇଥିବା ବେଳେ ପଦ୍ମପୁର ବ୍ଲକ ଉପବିଜେତା ଘୋଷିତ ହୋଇଥିଲା। କେଶବ ପ୍ରଧାନ, ବଳିଷ୍ଠ ମହାପାତ୍ର, ଦଶରଥ ଗଡ଼ତିଆ, ବେଦବ୍ୟାସ ସାହୁ, ସୁମନ୍ତ ବାବୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।




ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ପରଲୋକ

ଭେଡେନ,୧୫।୧୦(ହୃଷିକେଶ ଖମାରୀ): ଅନ୍ୟମାନଙ୍କ ଦୁଃଖ ଯନ୍ତ୍ରଣା ସୂଚନା ପାଇ ଦୌଡ଼ି ଯାଉଥିବା ଏବଂ ସହଯୋଗର ହାତ ବଢ଼ାଉଥିବା ବରଗଡ଼ ଜିଲା ଭେଡେନ ବ୍ଲକ ଉଦେପୁର ଗ୍ରାମର ସାମାଜିକ କର୍ମୀ ସନାତନ ଦନ୍ତା (୩୫)ଙ୍କ ବୁଧବାର ପରଲୋକ ହୋଇଛି। ସେ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ବୁର୍ଲା, ୱାଲଟିୟର ସମେତ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେବେ ସ୍ୱାସ୍ଥ୍ୟ ଅଧିକ ବିଗିଡି ଯିବାରୁ ତାଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ପରଲୋକ ହୋଇଥିଲା। ଉଦେପୁର ମହାନଦୀ ଉପରେ ଡଙ୍ଗାଘାଟ ନିକଟ ଶ୍ମଶାନ ଘାଟରେ ଶେଷକୃତ୍ୟ କରାଯାଇଥିଲା। ପୁଅ ହର୍ଷିତ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।



### ଖବରଦାତା ରମେଶଙ୍କ ପରଲୋକ

ଝାରବନ୍ଧ.୧୫।୧୦(ଦେବେନ୍ଦ୍ର ସାହୁ): ପଦ୍ମପୁର ସବ୍‌ଡିଭିଜନର ବରିଷ୍ଠ ଖବରଦାତା ରମେଶ ଚନ୍ଦ୍ର ବାରିକ (୬୫)ଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କର ନିଜ ଘର ଝାରବନ୍ଧ ବ୍ଲକ କୋତନା ଗ୍ରାମରେ। ସାମ୍ବାଦିକତାରେ ତାଙ୍କର ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି। ତାଙ୍କର ଅକାଳ ବିୟୋଗ ଖବର ପାଇ ଜିଲା ସାମ୍ବାଦିକ ସଂଘ ସଭାପତି ରବି ନାରାୟଣ ପଣ୍ଡା, ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ବଡ଼ ଶତପଥୀ, ଲଲାଟେନ୍ଦୁ ଦାସ, ବଦ୍ରିସାହୁ, ରଞ୍ଜନ ଦେବତା, ଗୌରାଙ୍ଗ ଦାସ, ସୁରଥ ସାହୁ, ମାନସ ନାୟକ, ପ୍ରଦୀପ୍ତ କୁମାର ଦାସ, ସତ୍ୟ ପ୍ରଧାନ, କ୍ଷମାନିଧି ନାୟକ ପ୍ରମୁଖ ଯୋଗଦାନ କରି ଶେଷଦର୍ଶନ କରିବା ସହ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ପୁତୁରା ଆଶିଷ ବାରିକ ମୁଖାଗ୍ନି ଦେଇଥିଲେ।

## ସାଲନା ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

ଭେଡେନ,୧୫।୧୦ (ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଭେଡେନ ବ୍ଲକ ସାଲନା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶଭଟିଲ ଓ ଡାଲବ ପଞ୍ଚାୟତର ୧୦ଟି ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ର ମାନଙ୍କଠାରେ ଲୁଚି ରହିଥିବା ପ୍ରତିଭା ଅନ୍ୱେଷଣ କରିବା ସୁରଭି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ। ଏହି କର୍ଯ୍ୟକ୍ରମରେ ଦେଶ ଭଟିଲି ପଞ୍ଚାୟତ ସରପଞ୍ଚ ତୋଷବନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ସାଲନା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାର୍ଚ୍ଚନ ଭୋଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରଗଡ଼ ପଞ୍ଚାୟତ କଲେଜର ଆଧାପିକା ପଦ୍ମିନୀ ଡନସନା, ଅତାବିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ସୁମନ୍ତ ସାହୁ, ଶିକ୍ଷୟିତ୍ରୀ ଅର୍ଚ୍ଚନା ପୂଜାରୀ, ଯଶ୍ମିତା ନାୟକ, ରଞ୍ଜୁ ସାହୁ, ସିଆର୍‌ସିସି ଅମିତ ତ୍ରିପାଠୀ, ଶିକ୍ଷକ ରାଜନୀ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ସାନନ୍ଦ ଦାଶ, ଓକିଲ ସେଠ, ରବୀନ୍ଦ୍ର ସେଠଙ୍କ ସମେତ ବିଭିନ୍ନ ସ୍କୁଲରୁ ଆସିଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ବିଜୟ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ରଜନୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।



ସାଲନା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ପାଇକମାଳ ହାଇସ୍କୁଲରେ କାସ୍‌କେଡ ପ୍ରଶିକ୍ଷଣ

ପାଇକମାଲ,୧୫।୧୦(ବଡ଼ ଶତପଥୀ)

ପାଇକମାଳ ହାଇସ୍କୁଲରେ ଖାନ୍ ଏକାଡେମୀର କାସ୍‌କେଡ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଡ. ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାଇକମାଳ ବନାଞ୍ଚଳ ହୃଦାନନ୍ଦ ମିଶ୍ର, ପାଇକମାଳ ଏବିଇଓ ଚକାମନ ସୁନା ଏବଂ ଦୁବରାଜ ବେଶ୍ରା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଖାନ୍ ଏକାଡେମୀର ଗଣିତ ଓ ବିଜ୍ଞାନ ବିଷୟରେ ପ୍ରଶିକ୍ଷଣ ଥିଲା ବେଳେ ୨ଜଣ ଆର.ପି. ଲଳିତ କୁମାର ବିଶ୍ୱାଳ ଏବଂ ବିକାଶ ଚନ୍ଦ୍ର ରଣାଙ୍କ ସହିତ ୫୨ଜଣ ଶିକ୍ଷକ ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ପୋଷଣ ମାସ ପାଳନର ଶୁଭାରମ୍ଭ ସମାରୋହ



ପୋଷଣ ମାସ-୨୦୨୫ ପାଳନ ଆଧାରିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରବୃନ୍ଦ।



କାର୍ଯ୍ୟକ୍ରମରେ ସଚେତନତା ସୃଷ୍ଟି କରାଯାଉଛି।

ବରଗଡ଼,୧୪।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ ପରିସରରେ ବୁଧବାର ଜିଲାସ୍ତରୀୟ ଅଷ୍ଟମ ପୋଷଣ ମାସ-୨୦୨୫ ପାଳନର ଶୁଭାରମ୍ଭ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମାରୋହରେ ମୁଖ୍ୟ ଜିଲା କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ସମେତ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୋଇ, ଅତିରିକ୍ତ କୃଷି ଉଦ୍ୟାନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଡା. ବି. ଯୋଶୀ, ଅତିରିକ୍ତ କୃଷି ଅଧିକାରୀ ଅଞ୍ଜନ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ହୋଇ ଜିଲାସ୍ତରୀୟ ପୋଷଣ ମାସ ଉପରେ ଆଲୋଚନା କରିଥିଲେ। ଏହା ସହିତ ମେଦ ବହୁଳ ରୋଗ ଏବଂ ତାର ସମାଧାନ ଉପରେ ଅତିଥିବୃନ୍ଦ ଆଲୋକପାତ କରିଥଲେ। ମା'ମାନେ ଶିଶୁ ମାନଙ୍କୁ କିପରି ଉତ୍ତମ ପୋଷଣ ଖାଦ୍ୟ ସହ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ଉଚିତ୍ ଏବଂ ସେଥିପ୍ରତି ସଚେତନ ରହିବେ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ପୁଷ୍ଟିକର ଖାଦ୍ୟ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ଏହି ସମାରୋହରେ ମାଣ୍ଡିଆରେ ତିଆରି ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ କରାଯାଇଥିଲା। ପୋଷଣ ମାସର କାର୍ଯ୍ୟକ୍ରମ ଉପରେ ବିଭିନ୍ନ ସ୍କୁଲ କଲେଜ ଗୁଡ଼ିକୁ ନେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଆଇସିଡିଏସ୍, ସିଡିପିଓ, ଏଲଏସ୍, ପୋଷଣ କୋର୍ଡିନେଟର ଏବଂ ଅଙ୍ଗନୱାଡି କର୍ମୀ ଯୋଗଦାନ କରିଥିଲେ। ତରୁଣସେନ ପୃଷ୍ଟେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ନୃସିଂହନାଥରେ ବିଶ୍ୱ ଖାଦ୍ୟ ଦିବସ ପାଳନ

ପାଇକମାଲ,୧୫।୧୦(ବଡ଼ ଶତପଥୀ)

ପାଇକମାଳ ବ୍ଲକ ନୃସିଂହନାଥସ୍ଥିତ ଧର୍ମଶାଳାଠାରେ ବୁଧବାର ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଇଛି। ଅହିଂସା କ୍ଲବ, ରାଇଜ ଏଗ୍‌ନେଷ୍ଟ ହଙ୍ଗର ଇଣ୍ଡିଆ ତଥା ସହଯୋଗୀ ଅନୁଷ୍ଠାନ ଆର୍.ସି. ଡିଶି, ନିର୍ମାଣ, ଭିତିଭୂମି, ପ୍ରଗତି କୋରାପୁଟ, ଆସ୍ଥା, କ୍ରପ ଫର୍ ଏର୍.ଡି.ଓ ଓଡ଼ିଶା ବିହନ ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି ବିଶ୍ୱ ଖାଦ୍ୟ ଦିବସ ଦୁଇ ଦିନ ଧରି ଚାଲିବ। ବୁଧବାର ପ୍ରଥମ ଦିନରେ ଗୋପୂଜା କାର୍ଯ୍ୟକ୍ରମ ରଖାଯାଇଥିଲା। ଗୋପୂଜକ ଭାବରେ ସ୍ୱାମୀ କ୍ରିଷ୍ଣାନନ୍ଦ ମହାରାଜ ହରିହରାନନ୍ଦ ଗୋକୁଳାଶ୍ରମ ପୁରୀରୁ ଆସିଥିଲେ। ଗୋ ପୂଜାରେ କର୍ତ୍ତା ଭାବରେ ରାମକୁମାର ଗୁପ୍ତା, ତପନ ବଢ଼େଇ ଓ ରୁକ୍ମଣ ଶତପଥୀ, ଫୁଲେଶ୍ୱର ରଣା, କୁମାର ଦିଶ୍ରି, ଓମ୍ ପ୍ରକାଶ ମେହେର ଯୋଗଦାନ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ଡି. ନାରାୟଣ ବ୍ରହ୍ମପୁର, ଦ୍ୱାଦଶ ପ୍ରଧାନ, ପ୍ରଭା ପାଢ଼ୀ, ସୁଶାନ୍ତ କୁମାର ସାହୁ ଓ ସଙ୍ଗୀତା ସାହୁ ଉପସ୍ଥିତ ଥିଲେ। ଅହିଂସା କ୍ଲବ ସମ୍ପାଦକ ଶିବ ପ୍ରସାଦ ସାହୁ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। କ୍ରିଷ୍ଣାନନ୍ଦ ମହାରାଜ ଗୋ ସେବା ଓ ତାହାର ମହତ୍ତ୍ୱ ବିଷୟରେ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପାଇକମାଳ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନଙ୍କୁ ନେଇ କୁଇଜ୍, ବକ୍ତୃତା ଓ ଗଳ୍ପ ଲିଖନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅହିଂସା କ୍ଲବର କର୍ମକର୍ତ୍ତା ଗୌର ଚରଣ ସାହୁ, ବିଦ୍ୟାଚରଣ ପିଞ୍ଜରା, ତୁଳସୀ ରାମ ବିଶ୍ୱାଳ, ଯମୁନା ବାଗ, ପାର୍ବତୀ ସାହା, ପୁରନ୍ଦର ରଣା, ଡମ୍ବରୁଧର ବଛା, କ୍ଷମା ଭୋଇ, ରାକେଶ ପ୍ରଧାନ, ନୀଳମଣି ପୁରୋହିତ ସମସ୍ତେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

## ବିଧାୟକଙ୍କ ମନ୍ତବ୍ୟକୁ ବିରୋଧ, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଧନୁଯାତ୍ରା ମହୋତ୍ସବ ବୈଠକ ସରିବା ପରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ମନ୍ତବ୍ୟ ରଖିବା ସମୟରେ 'ଏତିକିରେ ଥାଉ, ଇତି ଚକ୍ର ସାହୁ' ବୋଲି କହିଥିଲେ। ବିଧାୟକଙ୍କ ଏଭଳି ମନ୍ତବ୍ୟକୁ ବରଗଡ଼ ସାହୁ ସମାଜ ବିରୋଧ କରିଛି। ସାହୁ ସମାଜ ପ୍ରତି ବିଧାୟକଙ୍କ ସେଭଳି ଆକ୍ଷେପ ଶୋଭନୀୟ ନୁହେଁ ଏବଂ ଏଥିପାଇଁ ବିଧାୟକ କ୍ଷମା ମାଗନ୍ତୁ ବୋଲି ସାହୁ ସମାଜ ଦାବି କରିଛି। ଏହି କ୍ରମରେ ବୁଧବାର ସାହୁ ସମାଜର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ଅନ୍ୟପଟେ ତାହା ଏକ ଢଗଢମାଳି, ସେ କାହାରିକୁ ଆକ୍ଷେପ କରିନାହାନ୍ତି। ସବୁଥିରେ ନକାରାତ୍ମକ ଚିନ୍ତା କରିବା ଠିକ୍ ନୁହେଁ ବୋଲି ବିଧାୟକ ଷଡ଼ଙ୍ଗୀ କହିଛନ୍ତି। ସାହୁ ସମାଜର ଶୁଭେନ୍ଦୁ ସାହୁ, ଭବାନୀ ସାହୁ, ସୁଶାନ୍ତ ସାହୁ, ସୁଦାମ ସାହୁ, ଶ୍ରୀପତି ଭୋଇ, ବିବେକାନନ୍ଦ ଭୋଇ, ନକୁଳ ସାହୁ, ଲଳିତ ପଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



ସାହୁ ସମାଜ ପ୍ରତିନିଧିମାନଙ୍କଠାରୁ ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

## ସକାଳୁଆ ଇଣ୍ଟରସିଟି ଦାବି ପୂରଣ ନ ହେଲେ ଆନ୍ଦୋଳନ

ବରଗଡ଼,୧୫।୧୦(ପ୍ରେମାନନ୍ଦ ଖମାରୀ)



ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ସାଧାରଣ ସଭାରେ ଉପସ୍ଥିତ କର୍ମକର୍ତ୍ତା, ସଭ୍ୟବୃନ୍ଦ।

### ରେଳ ଉପଭୋକ୍ତା ସଂଘର ଏକ ସାଧାରଣ ସଭା

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରଦୀପ ଦେବତା ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ବିଭିନ୍ନ ରେଳ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଇତିମଧ୍ୟରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ସଂଘର ଏକ ପ୍ରତିନିଧିମଣ୍ଡଳୀ ଭୁବନେଶରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କୁ ଭେଟି ଭୁବନେଶ୍ୱର ପାଇଁ ସକାଳ ଇଣ୍ଟରସିଟି ବିଷୟରେ ଆଲୋଚନା ହୋଇଥିବା ନେଇ ସୂଚନା ଦିଆଯାଇଥିଲା। ପରେ ପୁଣିଥରେ ସର୍କିଟ ହାଉସରେ ଏମ୍‌ପିଙ୍କୁ ଭେଟି ଉକ୍ତ ଦାବି ଉପରେ ରେଳବାଇ ତରଫରୁ କି ପଦକ୍ଷେପ ନିଆଯାଉଛି, ସେଥିପାଇଁ ଫୋନ ଯୋଗେ ଏହି ତଥ୍ୟ ମାଗିବା ତଥା ଚାପ ପ୍ରୟୋଗ କରିବା ବିଷୟରେ ଆଲୋଚନା ହୋଇ ସାରିଥିବା ଏବଂ ଏମ୍‌ପି ପୁରୋହିତ ସମସ୍ତଙ୍କ ସମ୍ମୁଖରେ ମହାପ୍ରବନ୍ଧକଙ୍କୁ ଫୋନରେ ଦାବି କରିଥିବା ସକାଳ ଇଣ୍ଟରସିଟିକୁ ଚଳାଇବା ପାଇଁ ଶୀଘ୍ର ପଦକ୍ଷେପ ନେବା ପାଇଁ ଜଣାଇଥିଲେ ବୋଲି ସୂଚନା ଦିଆଯାଇଥିଲା। ସମ୍ବଲପୁର ମଣ୍ଡଳ ପ୍ରବନ୍ଧକଙ୍କୁ ପ୍ରତିନିଧିମଣ୍ଡଳୀ ଭେଟି ଟ୍ରେନ୍‌ଗୁଡ଼ିକର ରହଣୀ ୫ମିନିଟ କରିବା, ସବୱେରେ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଯଥେଷ୍ଟ ଲାଇଟ ଓ ସିସିଟିଭି ଲଗାଇବା, ରେମ୍ପ ନିର୍ମାଣ, ନାଗାବଳୀ ଏକ୍ସପ୍ରେସର ପୁରୁଣା କୋଚ ବଦଳାଇ ନୂଆ କୋଚ ଲଗାଇବା, ସ୍ପେଶାଲ ଟ୍ରେନର ବରଗଡ଼ରେ ରହଣୀ ଆଦି ବିଷୟରେ ହୋଇଥିବା ଦାବିକୁ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଅନେକ ସଦସ୍ୟ ଭୁବନେଶ୍ୱରକୁ ସକାଳ ଇଣ୍ଟରସିଟି ପାଇଁ ଅନେକ ଦିନରୁ ଉଦ୍ୟମ କରିବା ସତ୍ତ୍ୱେ କିଛି ସୁଫଳ ମିଳି ନଥିବାରୁ ଆନ୍ଦୋଳନପନ୍ଥା ଗ୍ରହଣ କରିବା ପାଇଁ ସଭ୍ୟମାନେ ପ୍ରସ୍ତାବ ନିଆଯାଇଥିଲା। କିନ୍ତୁ ପ୍ରଥମଥର ପାଇଁ ବରଗଡ଼ ଏମ୍‌ପି ନିଜେ ଆଗ୍ରହର ସହିତ ଏ ଦିଗରେ ଚେଷ୍ଟା କରୁଥିବାରୁ କିଛିଦିନ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ନିଷ୍ପତ୍ତି ନିଆଗଲା। ପରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯିବାକୁ ସ୍ଥିର କରାଯାଇଥିଲା। ବରଗଡ଼ ଷ୍ଟେଶନରେ କୋଚ ଡିସପ୍ଲେ ସିଷ୍ଟମ ଲାଗିଥିବା ସତ୍ତ୍ୱେ ବିଭିନ୍ନ ସମୟରେ ତାହା ଚଳା ଯାଉ ନ ଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏଥିପାଇଁ ଏକ ପ୍ରତିନିଧି ଦଳ ଷ୍ଟେଶନକୁ ଯାଇ ଏହାକୁ ନିୟମିତ ଚଳାଇବାକୁ ସୁନିଶ୍ଚିତ କରିବାକୁ ପ୍ରୟାସ କରିବେ ବୋଲି ପ୍ରସ୍ତାବ ନିଆଯାଇଥିଲା। ନୂତନ ସଦସ୍ୟ ଭାବେ ବିନୟ ଲାଠ ଯୋଗ ଦେଇଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସଭାରେ ସଂଘର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପସଭାପତି ସର୍ଦ୍ଦାର ପ୍ରିତମ ସିଂହ, ଇନ୍ଦିରା ମହାନ୍ତି, ସମ୍ପାଦକ କମଳ ଯୋଶୀ, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପୂଜାରୀ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ଦାଶ, ସଦସ୍ୟ ଭାରତ ଭୂଷଣ ଦାଶ, ମଳୟ ମହାନ୍ତି, ଅଭୟ କୁମାର ଭୋଇ, ସତ୍ୟନାରାୟଣ ପଣ୍ଡା, ତୁଳସୀ ଚରଣ ଦାଶ, ଉଦ୍ଧବ ଚରଣ ବେହେରା, ରାମକୃଷ୍ଣ ମେହେର, ବିଷ୍ଣୁ ପ୍ରସାଦ ଧାନୁକା, ଲକି ମୀରଓ୍ୱାନି, ସି.ଏମ ରାଓ, ହରେକୃଷ୍ଣ ସାହୁ, ଅମିତ କୁମାର ସାହୁ, ପ୍ରଫୁଲ୍ଲ କୁମାର ନନ୍ଦ, ମହମ୍ମଦ ଅସଲମ, ଅନିଲ କୁମାର ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ନିର୍ମଳ କିଶୋର କର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଧନ୍ଦାମୂଳକ ତାଲିମ ଶିବିର

**ସୁନ୍ଦରଗଡ,୧୪।୧୦(ଜୟ ନାରାୟଣ ମେଣ୍ଟୁଲି):** ସୁନ୍ଦରଗଡ ଜିଲା କରମଡିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଏକ ଦିବସୀୟ ଧନ୍ଦାମୂଳକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ କୁକୁଡ଼ା ପାଳନ ଓ ଗୋପାଳନ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ଯୋଗଦେଇ ପ୍ରଶିକ୍ଷଣରେ ସୃଜନାତ୍ମକ ପ୍ରୟୋଗିକ ଶିକ୍ଷା ଅର୍ଜନ କରିଥିଲେ। ଏହା ମାଧ୍ୟମରେ ପ୍ରଶିକ୍ଷାର୍ଥୀମାନେ ଆତ୍ମନିର୍ଭରଶୀଳ ହେବାର ଉପାୟ ଶିଖିଥିଲେ। ଏଥିରେ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଆତ୍ମ ନିର୍ଭରଶୀଳ ହେବାପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ନନ୍ଦିତା ନାଏକ ଓ ସମସ୍ତ ଅଧାପିକା ଅଧାପକ ମାନେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ବିଶ୍ରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ

**ବନ୍ଧମୁଣ୍ଡା,୧୫।୧୦(ସୁବ୍ରତ ଦେ) :** ବିଶ୍ରା ବ୍ଲକ ଅଧୀନ ସନ୍ତୋଷପୁରସ୍ଥିତ ସୁବୋଧ ରାଉତରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଧାୟକ ପାଣ୍ଠିରେ ନିର୍ମିତ ଏକ ନୂତନ ଶ୍ରେଣୀଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି।
ଉଦ୍‌ଘାଟନୀ ଉତ୍ସବରେ ବୀରମିତ୍ରପୁର ବିଧାୟକ ରୋହିତ୍ ଯୋସେ଼ଫ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରେଣୀଗୃହ ଉଦ୍‌ଘାଟନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ବିଧାୟକ ତିର୍କୀ କହିଥିଲେ, ଏହି ନୂତନ ଶ୍ରେଣୀଗୃହ ଛାତ୍ରୀଛାତ୍ରମାନଙ୍କ ପାଇଁ ଶିକ୍ଷା ପରିବେଶକୁ ଆହୁରି ଉନ୍ନତ କରିବ। ଏହି ଅବସରରେ ସ୍କୁଲର ପ୍ରଧାନଶିକ୍ଷକ କ୍ଷୀରୋଦ ଚନ୍ଦ୍ର ବରାଳ, ଗୋପାଳ ସିଂହ, ସୋମନାଥ ରାହା, ତାରିକ୍ ଅଜିଜ୍ ଆନ୍‌ସାରୀ, ବିକ୍ରମ ସିଂହ, ସୁରେଶ ଏକ୍କା, ଦୀପକ ତିର୍କୀ ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ହାଟକୁ ଦେଲେନି ବିଜୁଳି ସଂଯୋଗ, ଗ୍ରାହକ ହଟହଟା

**ରାଉରକେଲା,୧୫।୧୦(ସଙ୍ଗୀତା ଜେନା):** ରାଉରକେଲା ମହାନଗର ନିଗମ ପରିଚାଳିତ ଛେଣ୍ଡ ସ୍ଥିତ ହାଟରେ ବୁଧବାର ସନ୍ଧ୍ୟା ୬ଟାରୁ ବିଜୁଳି ସଂଯୋଗ ହୋଇନାହିଁ। ଫଳରେ ବଣେଇ, ନୂଆଗାଁ, ବିଶ୍ରା ସମେତ ଦୂରଦୂରାନ୍ତରୁ ଆସିଥିବା ଶତାଧିକ ଚାଷୀ ଅସନ୍ତୋଷ ହୋଇଥିବା ଅଭିଯୋଗ ହୋଇଛି। ହାଟକୁ ପରିଚାଳନା କରୁଥିବା ଭେଣ୍ଡର ସନ୍ଧ୍ୟାରେ ଲାଇନ ସଂଯୋଗ ଦେଇ ନ ଥିଲେ। ଫଳରେ ନିଜର ଉତ୍ପାଦିତ ସାମଗ୍ରୀ ବିକିବାକୁ ଆସିଥିବା ଚାଷୀ ହଇରାଣ ହେବା ସହ ଗ୍ରାହକମାନେ ମଧ୍ୟ ହଇରାଣ ହୋଇଥିଲେ। ଅନ୍ଧାରରେ ଗ୍ରାହକ ହାଟ ଫେରି ଯାଇଥିଲେ। ହାଟରେ ୬ ଶହରୁ ଊର୍ଦ୍ଧ୍ୱ ପିଣ୍ଡି ରହିଛି। ପିଣ୍ଡି ପିଛା ୩୦ ଟଙ୍କା ଆଦାୟ ମଧ୍ୟ କରାଯାଏ। ପରିବାଗୁଡ଼ିକ ବିକ୍ରୟ ନ ହୋଇଥିବା ଯୋଗୁ ତାହା ନଷ୍ଟ ହୋଇଯିବ ଓ ବ୍ୟାପକ ଆର୍ଥିକ କ୍ଷତି ହେବ। ସ୍ମାର୍ଟ୍ ସିଟିରେ ସମସ୍ତ ସ୍ଥାନରେ ଲାଇଟ୍ ଥିବାବେଳେ ଉକ୍ତ ହାଟ ଅନ୍ଧକାରରେ ବୁଡି ରହିଛି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଆର୍‌ଏମ୍‌ସି ସହାୟକ କମିଶନର ଅଜିତ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ,ଏପରି ଅବ୍ୟବସ୍ଥା ହେବା କଥା ନୁହେଁ। ଗୁରୁବାର ଆସିବା ପରେ ଭେଣ୍ଡରଙ୍କୁ ପଚାରି ବୁଝାଯିବ ଓ ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଧାନ ଫସଲରେ ପୋକ: ଚିନ୍ତାରେ ଚାଷୀ



ପାମରା ଗ୍ରାମରେ ପୋକ ଲାଗି ନଷ୍ଟ ହୋଇଥିବା ଫସଲ।

**ବଡ଼ଗାଁ,୧୫।୧୦(ଅଶୋକ ଷଡ଼ଙ୍ଗୀ)**

**ବଡ଼ଗାଁ ଅଞ୍ଚଳ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଚଳିତବର୍ଷ ସ୍ୱାଭାବିକ୍‌ରୁ ଅଧିକ ବର୍ଷା ହୋଇଥିଲା। ଧାନଚାଷ ଭଲ ହେବ ବୋଲି ଚାଷୀମାନେ ଆଶା ବାନ୍ଧିଥିଲେ। ହେଲେ କେତେକ ପଞ୍ଚାୟତରେ ଧାନଫସଲରେ ପୋକ ଲାଗିବାରୁ ଚାଷୀଙ୍କ ଆଶା ମଉଳିଯାଇଛି। ଚାଷୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ପାମରା ଗ୍ରାମର ନବୀନ ରଣା, ଟୋନିସ ରୋହିଦାସ, ଜଗନ୍ନାଥ ସାଥୁଆ, ମିଲକୁ ଡେଲକି, ଦିଲୀପ ଖୁଣ୍ଟିଆଙ୍କ ସମେତ ଅନେକ ବ୍ୟକ୍ତିଙ୍କ ଚାଷଜମିରେ ଚକଡ଼ା ଓ ପତ୍ରକୋରା ପୋକ ଲାଗି ସମ୍ପୂର୍ଣ୍ଣ ଚାଷକୁ ନଷ୍ଟ କରିଦେଇଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ପୋକ ଲାଗି ଚାଷ ନଷ୍ଟ ହେଉଥିବା ଚାଷୀଙ୍କଠାରୁ ସୂଚନା ମିଳିଛି। ସେହିପରି ଗରଗଡ଼ବାହାଲ ଗ୍ରାମର ସନାତନ ବେହେରା, ଗୋକୁଳାନନ୍ଦ ବେହେରା, କଲା ଧାନ, ସୁରେଶ ଧାନ, ଦୁତିଆ ମାଝୀ, ଜୟଦେବ ସାହୁ, ରମେଶ ମାଝୀ, ଯଦୁ ମାଝୀଙ୍କ ଧାନଫସଲ ନଷ୍ଟ ହୋଇଯାଇଛି। ଏହି ଗାଁ ନିକଟ ଯାଜପୁର ଗ୍ରାମର ଚାଷ ଜମିରେ ପୋକ ଲାଗିଥିବା ଜଣାପଡ଼ିଥିଲାବେଳେ ରୁନଗାଁ ପଞ୍ଚାୟତର କେତେକ ଗ୍ରାମରେ ପୋକ ଧାନଫସଲ ନଷ୍ଟ କରିଦେଉଥିବା ସୂଚନା ମିଳିଛି। ବଡ଼ଗାଁର ଉମାକାନ୍ତ ନାଏକ, ରବି ସା, ଯୋଗିନ କିସାନ, ସୁରେଶ କିସାନ, ଶିବ ସନ୍ତୋକର ସେଠ୍, ସଞ୍ଜୀବ ଚକ୍ରବର୍ତ୍ତୀଙ୍କ ଚାଷରେ ଚକଡା ପୋକ ଲାଗିଥିବା ଚାଷୀଙ୍କଠାରୁ ଜଣାପଡ଼ିଛି। ତୁଡ଼ାଲଗା ପଞ୍ଚାୟତର ଜାଙ୍ଗଲି, ଫୁଲବାରି ପଞ୍ଚାୟତର ବୁଦୁନା ଗ୍ରାମର ଚାଷଜମିରେ ପୋକ ଲାଗିଥିବା ଚାଷୀଙ୍କ ଠାରୁ ସୂଚନା ମିଳିଛି।
ଏ ସମ୍ପର୍କରେ ବଡ଼ଗାଁ ବ୍ଲକ କୃଷି ଅଧିକାରୀ ରିତୁରାଣୀ କାଲୋଙ୍କୁ ପଚାରିବାରୁ, କେତେକ ପଞ୍ଚାୟତ ଅଞ୍ଚଳରେ ଏହି ପୋକ ଫସଲ ନଷ୍ଟ କରୁଥିବା ଚାଷୀଙ୍କଠାରୁ ଜଣାପଡ଼ିଛି। ପୋକ ଦମନ ପାଇଁ ଇମାମେକଟିନ ବେଞ୍ଜଏଟ ଏବଂ ପାଏ ମେଟ୍ରୋଜାଇନ ଔଷଧ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଥିବା ସେ କହିଛନ୍ତି।

# ୫ ଦିନିଆ ସୁନ୍ଦରଗଡ଼ ଗସ୍ତରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି

**ସୁନ୍ଦରଗଡ,୧୪।୧୦(ଜୟ ନାରାୟଣ ମେଣ୍ଟୁଲି)**

ଓଡ଼ିଶା ଖଣିଜ କ୍ଷେତ୍ର ବିକାଶ ନିଗମ ପାଇଁ ତଦାରଖ ପ୍ରାଧିକରଣ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏ.କେ. ପଟ୍ଟନାୟକ ମଙ୍ଗଳବାର ସୁନ୍ଦରଗଡ଼ ଜିଲାକୁ ୫ ଦିନିଆ ଗସ୍ତରେ ଆସିଛନ୍ତି। ତାଙ୍କ ଗସ୍ତ ସମୟରେ ସେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଏବଂ ଜଳ ସଂରକ୍ଷଣ କ୍ଷେତ୍ର ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରି ଏହାର କାର୍ଯ୍ୟକାରିତା ବୁଝିବା ପାଇଁ ବିଭିନ୍ନ ବର୍ଗର ଲୋକଙ୍କ ସହିତ ଆଲୋଚନା କରୁଛନ୍ତି। ମଙ୍ଗଳବାର ଜଷ୍ଟିସ ପଟ୍ଟନାୟକ ଟାଙ୍ଗରପାଲି ବ୍ଲକର ଗୋଟିଏ ମଡେଲ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ଆଇସିଡିଏସ ଅଧିକାରୀ, ଆଗଧାଡ଼ିର କର୍ମୀ ଏବଂ ମହିଳା ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଉଜ୍ଜ୍ୱଳପୁର ଏବଂ ଫୁଲଧୁଡି ଗ୍ରାମରେ ଥିବା ଛତୁ ଚାଷ ୟୁନିଟ ମଧ୍ୟ ପରିଦର୍ଶନ କରିଥିଲେ। ଏହାସହ ଜଷ୍ଟିସ ପଟ୍ଟନାୟକ ଜିଲା ମୁଖ୍ୟାଳୟ ଡାକ୍ତରଖାନା ପରିଦର୍ଶନ କରିଥିଲେ। ବୁଧବାର ରାଉରକେଲା ଏବଂ ବଣାଇ ଉପଖଣ୍ଡରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଛନ୍ତି। ରାଜ୍ୟ କାର୍ଯ୍ୟାଳୟର ଅଧିକାରୀ, ମହାପ୍ରବନ୍ଧକ ଜୟନ୍ତ ଦାସ, ଦଳ ନେତୃବର୍ଗ ଅମ୍ବୁଜ ପ୍ରସାଦ, ଜୀବିକା ବିଶେଷଜ୍ଞ ଜଗନ୍ନାଥ ମିଶ୍ର ଏବଂ ଜିଲ ସ୍ତରୀୟ ଅଧିକାରୀ ଡିଏମଏଫ ସିଇଓ ସୁଷମା ବିଲୁଙ୍ଗ, ଜଳ ବିଭାଜିକା ପ୍ରକଳ୍ପ ଅଧିକାରୀ, ଉଦ୍ୟାନ କୃଷି ବିଭାଗର ଉପ ନିର୍ଦ୍ଦେଶକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସମଗ୍ର ଶିକ୍ଷା ବରିଷ୍ଠ ବୈଷୟିକ ବିଶେଷଜ୍ଞ ଏବଂ ଜିଲା ଓମ୍ୱାଡ୍‌ସି ସେଲର ଯନ୍ତ୍ରୀ ୱାସିମ ଅହମ୍ମଦ ପ୍ରମୁଖ ଜଷ୍ଟିସ ପଟ୍ଟନାୟକଙ୍କ ସହିତ ଗସ୍ତ କରିଥିଲେ।

# ସାମାନ୍ୟ ବଚସାରୁ ହତ୍ୟା

**ଲାଞ୍ଜିଗଡ଼,୧୫।୧୦(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଜଣେ ଯୁବକଙ୍କୁ ସାମାନ୍ୟ ବଚସାକୁ ନେଇ ମଙ୍ଗଳବାର ରାତିରେ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଲେ ଦିଲ୍ଲୀପ ଲୋହରା (୨୮)। ସୂଚନାନୁସାରେ ବଳଭଦ୍ରପୁର ଗ୍ରାମର ୪ ଯୁବକ କୁନିଲ ଲୋହାରା, ଲଳିତ ମାଝୀ, ଦିଲୀପ ଲୋହାରା, କୁଣ୍ଠୁଯା ମାଝୀ ଗତମାସ ୧୪ ତାରିଖରେ ରାୟଗଡା ଜିଲା ବିଷମକଟକ ବ୍ଲକ ଭାଟଗୁଡା ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କି ନିର୍ମାଣ କାମରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ଏପରିସ୍ଥଳେ ମଙ୍ଗଳବାର ରାତିରେ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳ ଆରମ୍ଭ ହୋଇଯାଇଥିଲା। ଏହି ସମୟରେ କୁନିଲ ଏକ ଟାଙ୍ଗିଆରେ ଆକ୍ରମଣ କରିବାରୁ ଦିଲ୍ଲୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଆକ୍ରମଣରେ ଲଳିତ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଖବରପାଇ ବିଷମକଟକ ପୋଲିସ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ହତ୍ୟାକାରୀ କୁନିଲଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

# ଗଞ୍ଜେଇ ଜବତ : ୩ ଗିରଫ

- ୩ କାର୍, ୨ ବାଇକ୍, ନଗଦ ଟଙ୍କା ଜବତ
- ସୋନପୁର, ବୌଦ୍ଧ ଜିଲାରୁ ଗଞ୍ଜେଇ ଆଣି ବିଭିନ୍ନ ସ୍ଥାନକୁ କରୁଥିଲେ ଚାଲାଣ

**ସୁନ୍ଦରଗଡ଼,୧୫।୧୦(ଜୟ ନାରାୟଣ ମେଣ୍ଟୁଲି)**



ଗିରଫ ହୋଇଥିବା ଅଭିଯୁକ୍ତ।

ସୁନ୍ଦରଗଡ଼ ପୋଲିସ ଗଞ୍ଜେଇ ଚୋରାକାରବାର ଗ୍ୟାଙ୍ଗ୍‌ର ଜଣେ ଯୁବତୀଙ୍କ ସମେତ ୩ ଜଣଙ୍କୁ ମଙ୍ଗଳବାର ରାତିରେ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଉରକେଲା ବ୍ରାହ୍ମଣ ତରଙ୍ଗ ଥାନା ପୋଷାପାଲି ଲତା ଗ୍ରାମର ଅଜିତ୍ ଓରାମ(୨୫), କୁତ୍ରା ଥାନା ଅନ୍ତର୍ଗତ କୋରୋଙ୍ଗୋ ନୂଆପଡ଼ାର ସଞ୍ଜୀବ ଖାଲ୍‌କୋ(୩୩) ଓ ରେଶ୍ମା ଏକ୍କା(୨୪)। ବୁଧବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ଗଚ୍ଛିତ ଥିବା ୬୭ କେଜି ୫୦୦ ଗ୍ରାମ୍ ଓଜନର ଗଞ୍ଜେଇ ଜବତ କରିଥିଲା। ଏଥିସହ ୩ଟି ଦାମୀ କାର୍, ୨ଟି ବାଇକ୍, ୧ ଲକ୍ଷ ୫ ହଜାର ୪୦୦ ନଗଦ ଟଙ୍କା, ଆଧାର କାର୍ଡ, ଟୋଲ୍‌ଗେଟ୍ ରସିଦ୍ ଓ ୪ ମୋବାଇଲ ଫୋନ୍ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହେବ ବୋଲି ସୁନ୍ଦରଗଡ଼ ଏସ୍‌ପି ଅମ୍ରିତ୍‌ପାଲ କୌର ଟାଉନ ଥାନା ପରିସରରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ଏନେଇ ସୁନ୍ଦରଗଡ଼ ଟାଉନ ଥାନାରେ କେସ୍ ନଂ.୪୭୩/୨୦୨୫ରେ ଏନ୍‌ଡିପିଏସ୍ ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି।
ପୋଲିସ ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ଭବାନୀପୁର ଅଞ୍ଚଳର ଏକ ଘରେ ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ ଥିବା ଓ ସେଠାରୁ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ଏସ୍‌ପି କୌରଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୋଲିସ ଦଳ ଗଠନ କରାଯାଇଥିଲା। ଅତିରିକ୍ତ ଏସ୍‌ପି ସାନ୍ତା ନୂତନ ସାମଦଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୋଲିସ ଦଳ ଭବାନୀପୁର ସ୍ଥିତ ଏହି ଘରେ ମଙ୍ଗଳବାର ରାତିରେ ଚଢ଼ାଉ କରିଥିଲା। ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତମାନେ ସୋନପୁର ଓ ବୌଦ୍ଧ ଜିଲାରୁ ଗଞ୍ଜେଇ ଆଣି ଏଠାରେ ଗଚ୍ଛିତ ରଖିବା ସହ ସୁନ୍ଦରଗଡ଼ ଜିଲାର ବିଭିନ୍ନ ସ୍ଥାନ ଏବଂ ସୀମାନ୍ତବର୍ତ୍ତୀ ଜିଲାର ବିଭିନ୍ନ ଜାଗାକୁ ଚାଲାଣ କରିଆସୁଥିଲେ। ବେଆଇନ ନିଶା କାରବାରକୁ ରୋକିବା ପାଇଁ ପୋଲିସ ପକ୍ଷରୁ ଚାଲିଥିବା ଅପରେଶନ ପ୍ରହାର ଅଧୀନରେ ନିରନ୍ତର ପ୍ରୟାସ ଜାରି ରଖାଯାଇଥିବା ଏସ୍‌ପି କୌର୍ ସୂଚନା ଦେଇଛନ୍ତି।

### ମା’ଝିଅଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ଅଭିଯୁକ୍ତ ଗିରଫ

**ସୁନ୍ଦରଗଡ଼,୧୫।୧୦(ଜୟ ନାରାୟଣ ମେଣ୍ଟୁଲି):** ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନା ଅନ୍ତର୍ଗତ କୁଅରମାଲ ଗ୍ରାମର ଜଣେ ମହିଳା ଓ ତାଙ୍କ ନାବାଳିକା ଝିଅଙ୍କୁ ଟଣାଓଟରା କରି ଦୁର୍ବ୍ୟବହାର କରିବା ଏବଂ ଏହାକୁ ବିରୋଧ କରିବା ବେଳେ ତାଙ୍କ ସ୍ୱାମୀଙ୍କୁ ଇଟାରେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିଜୟ ଧରୁଆ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଗାଇଦେବାକୁ ଦାବି

**ହେମଗିର,୧୫।୧୦(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ଜୁଲୁମ୍‌ବାହାଲ ପଞ୍ଚାୟତର ବେହେରାମୁଣ୍ଡା, ବଡ଼ରମ୍ପିଆ ଓ ପୂର୍ଣ୍ଣା ଗ୍ରାମରେ ମୁଖ୍ୟମନ୍ତ୍ରୀ ବସ୍ ସେବା ନ ଥିବାରୁ ବୁଧବାର ଶତାଧିକ ମହିଳା ହେମଗିର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବେହେରାମୁଣ୍ଡା, ବଡ଼ରମ୍ପିଆ ଓ ପୂର୍ଣ୍ଣା ଗ୍ରାମରେ ସରକାରୀ କିମ୍ବା ବେସରକାରୀ କୌଣସି ବସ୍ ସେବାର ସୁବିଧା ନ ଥିବାରୁ ଲୋକେ ପ୍ରତିଦିନ ତହସିଲ, ବ୍ଲକ୍, ଥାନା, ସ୍ୱାସ୍ଥ୍ୟକେନ୍ଦ୍ର, ବ୍ୟାଙ୍କ ଆଦି ବିଭିନ୍ନ କାର୍ଯ୍ୟାଳୟକୁ ଯିବାରେ ଅସୁବିଧା ଭୋଗୁଛନ୍ତି। ବାଧହୋଇ ଗାଡ଼ି ଭଡ଼ାକରି ଯିବାଆସିବା କରିବା ସହିତ ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି। ଅନେକ ସମୟରେ ଭଡ଼ାଗାଡ଼ି ମିଳୁ ନ ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ତେବେ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ନଚେତ୍ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ଏଇଇ ଚିନ୍ମୟ କୁମାର ମିଶ୍ରଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି।

# ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତିଙ୍କ କୁତ୍ରା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ



ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

**କୁତ୍ରା,୧୫।୧୦(ଦେବାଶିଷ ସାହୁ)**

ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଏବଂ ଓମ୍ୱାଡ୍‌ସି ରାଜ୍ୟ ତଦାରଖ ମୁଖ୍ୟ ଏ.କେ. ପଟ୍ଟନାୟକ ବୁଧବାର ସୁନ୍ଦରଗଡ଼ ଜିଲା କୁତ୍ରା ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ପଟ୍ଟନାୟକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନଳିନୀକାନ୍ତ ଶାସନୀ ଓ ବରିଷ୍ଠ ଶିକ୍ଷକ ଡ. ବିଭୀଷଣ ବାରିକଙ୍କ ସହ ଆଲୋଚନା କରି ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, ଶିକ୍ଷା ପ୍ରଣାଳୀ ଓ ପରିଚାଳନା ବିଷୟରେ ସମୀକ୍ଷା କରିଥିଲେ। ସେ ଶ୍ରେଣୀକକ୍ଷଗୁଡ଼ିକୁ ଯାଇ ଛାତ୍ରୀଛାତ୍ରଙ୍କ ସହିତ ଭାବବିନିମୟ କରି ତାଙ୍କ ଶିକ୍ଷାଗତ ଅନୁଭବ ଓ ଅଭିଳାଷ ସମ୍ପର୍କରେ ଜାଣିବାକୁ ଆଗ୍ରହ ଦେଖାଇଥିଲେ। ପରେ ସେ ବିଦ୍ୟାଳୟର ଇ-ଲାଇବ୍ରେରି, କମ୍ପ୍ୟୁଟର ଲାବ୍ ଓ ସମଗ୍ର ପରିବେଶ ପରିଦର୍ଶନ କରି ଖୁସି ବ୍ୟକ୍ତ କରିଥିଲେ। ଶିକ୍ଷକଙ୍କ ଅଙ୍ଗୀକାର ଓ ଛାତ୍ରୀଛାତ୍ରଙ୍କ ଉତ୍ସାହକୁ ପ୍ରଶଂସା କରିଥିଲେ। ଏହି ଗସ୍ତ ସମୟରେ ସୁନ୍ଦରଗଡ଼ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଡିଏମ୍‌ଏଫ୍ ସିଇଓ ସୁଷୁମା ବିଲୁଙ୍ଗ, ବିଡିଓ ଗୋପୀନାଥ ଖାଲ୍‌କୋ ଓ ଓମ୍ୱାଡ୍‌ସିର ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ।

# ଟ୍ରାକ୍ଟର ଓଲଟି ୨ ମୃତ

**ରାଜଗାଙ୍ଗପୁର,୧୫।୧୦(ଅଶୋକ ପାଣି)**

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ମାଲିଡିହି ପଞ୍ଚାୟତ ଅଫିସ କାର୍ଯ୍ୟାଳୟର ଅନତି ଦୂରରେ ଟ୍ରାକ୍ଟର ଓଲଟି ବୁଧବାର ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଣିପିଆ ଗ୍ରାମର ଧିରୁଆ ବାର୍ଲା(୨୭) ଓ ଉଇଲିୟମ ଖାଖା (୩୦)। ଦୁର୍ଘଟଣାରେ ଅନ୍ୟ ୨ ଜଣ ଆହତ ହୋଇ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ସେମାନେ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି। ରାଜଗାଙ୍ଗପୁର ପୋଲିସ କେସ୍ ନଂ. ୫୩୭/୨୫ ରେ ଏକ ମାମଲା ରୁଜୁ କରିଛି। ପୋଲିସ ଅଧିକାରୀ ଝରଣା ସ୍ୱାଇଁ ଘଟଣାର ତଦନ୍ତ କରୁଛନ୍ତି। ସୂଚନା ମୁତାବକ, ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ୪ ଜଣ ଟ୍ରାକ୍ଟରରେ ବସି ରାଜଗାଙ୍ଗପୁରରୁ ରାଣିପିଆ ଯାଉଥିଲେ। ମାଲିଡିହି ପଞ୍ଚାୟତ କାର୍ଯ୍ୟାଳୟର ଅନତିଦୂରରେ ଟ୍ରାକ୍ଟର ଓଲଟି ପଡିଥିଲା। ଟ୍ରାକ୍ଟରର ଇଞ୍ଜିନ ତଳେ ୨ଜଣ ଚାପିହୋଇ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ। ଅନ୍ୟ ୨ଜଣ ଆହତ ହୋଇଥିଲେ। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଲୋକ ଓ ପୋଲିସ ସହାୟତାରେ ମୃତକଙ୍କୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଟ୍ରାକ୍ଟର ଓଲଟି ପଡିଥିବା ପୋଲିସ ଅଧିକାରୀ ସ୍ୱାଇଁ କହିଛନ୍ତି।

# ଅନ୍ତର୍ନିହିତ ଗୁଣାବଳୀର ବିକାଶରେ କଳା ଉତ୍ସବ ସହାୟକ ହେବ

**ଜିଲା ସ୍ତରୀୟ କଳା ଉତ୍ସବ**

**ସୁନ୍ଦରଗଡ,୧୫।୧୦ (ଜୟ ନାରାୟଣ ମେଣ୍ଟୁଲି)**



ଅତିଥିମାନେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଜିଲା ସ୍ତରୀୟ କଳା ଉତ୍ସବ ବୁଧବାର ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ମୂରଲୀଧର ବେହେରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶରେ କଳା ଉତ୍ସବ ନିଶ୍ଚୟ ସହାୟକ ହେବ ଓ ଜିଲା ସ୍ତରରେ କୃତି ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ ଜାତୀୟ ସ୍ତରରେ ଯିବାକୁ ହେଲେ କଠିନ ପରିଶ୍ରମର ଆବଶ୍ୟକତା ଅଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଓ ସଦାନନ୍ଦ ପ୍ରଧାନ ଯୋଗଦାନ କରି କଳା ଉତ୍ସବ ସୁନ୍ଦରଗଡ଼ର କଳାକୁ ଉଜ୍ଜୀବିତ କରିବ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲା ଆଦିବାସୀ ଶିକ୍ଷା ସଂଯୋଜକ ଡ. ଦୀପକ କୁମାର ଦାସ କଳା ଉତ୍ସବର ଆଭିମୁଖ୍ୟ ଓ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଲା ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୧୭ରେ ବରଗଡରେ ହେବାକୁ ଥିବା ଜୋନାଲ ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ସସ୍ମିତା ନାଏକ ମଞ୍ଚପରିଚାଳନା କରିଥିବା ବେଳେ ସମଗ୍ର ଶିକ୍ଷାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଡ. ଦୀପକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ସୁନ୍ଦରଗଡ଼,୧୫।୧୦(ଜୟ ନାରାୟଣ ମେଣ୍ଟୁଲି)**



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ସେମନା ଗ୍ରାମରେ ଟାଇଗର କ୍ଲବ ଦ୍ୱାରା ଆୟୋଜିତ ୨ ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୮ ଟି ଦଳ ଅଂଶଗ୍ରହଣ କରିଥିଲେ। ୧୪ ତାରିଖରେ ଏହାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ଓ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଯଥାକ୍ରମେ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟୀ ଦଳ ଓ ରନର୍ସଅପ ଦଳକୁ ଟ୍ରଫି ସହିତ ନଗଦ ରାଶି ଦେଇଥିଲେ। ଫାଇନାଲ ମ୍ୟାଚ ୮ ଓଭର ଲେଖାଏଁ ଖେଳା ଯାଇଥିଲା। ଫାଇନାଲ ମ୍ୟାଚ ରୁପିଡିହି ଏବଂ ଖମାରବାହାଲ ଦଳ ମଧ୍ୟରେ ହୋଇଥିଲା। ରୁପିଡିହି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୮୧ରନ କରି ଚାମ୍ପିୟନ ହୋଇଥିଲା। ଏହାର ଜବାବରେ ଖମାରବାହାଲ ଦଳ ମାତ୍ର ୪୫ ରନ କରି ରନର୍ସଅପ ହୋଇଥିଲା। ଚାମ୍ପିୟନ ରୁପିଡିହି ଦଳକୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ମିଳିତ ଭାବେ ଟ୍ରଫି ସହିତ ନଗଦ ପାଞ୍ଚ ହଜାର ଟଙ୍କା ଏବଂ ରନର୍ସଅଫ ଦଳକୁ ଟ୍ରଫି ସହିତ ନଗଦ ତିନି ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଏହାସହିତ ଅତିଥି ଫାଇନାଲ ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ ଏବଂ ମ୍ୟାନ ଅଫ ଦ ସିରିଜ ଖେଳାଳିଙ୍କୁ ମଧ୍ୟ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ ଗୁଡିକ କ୍ଲବର ସଦସ୍ୟ ଅଜିତ କୁମାର ତିର୍କୀଙ୍କ ତତ୍ତ୍ୱାବଧାନରେ ଖେଳାଯାଇଥିଲା। ଟୁର୍ନାମେଣ୍ଟର ସମସ୍ତ ଖେଳରେ ଟାଇଗର କ୍ଲବର ଇନ୍ଦ୍ରଜିତ ଗରଡିଆ, ମାନସ ମାଝୀ, ବିଶ୍ୱଜିତ କୁମରା, ଅସୀମ ଦାଶ, ଆରିଆ ଦାଶ, ସୁବାଶିଷ ଗରଡିଆ, ଦିନେଶ ମାଝୀ, ବିଶ୍ୱ ନେଟି ଏବଂ ବଣ୍ଟି ନେଟି ତଥା ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

**ଜିଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧକ୍ଷତା କରି ସେପ୍ଟେମ୍ବରରେ ଜିଲାରେ ଧାର୍ଯ୍ୟ ହୋଇଥିବା ଭୂ-ରାଜସ୍ୱ, ରୟାଲ୍‌ଟି, ଜଳକର ଓ ଅନ୍ୟାନ କର ଆଦାୟ କରିବାକୁ ଥିବା ରାଜସ୍ୱ ଜିଲାର ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ବୈଠକରେ ଏସ୍‌ପି ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲିକ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ପୋଲିସ ସହ ଧସ୍ତାଧସ୍ତି

ଦେବଗଡ଼,୧୫।୧୦(ଶଶାଙ୍କ ଶେଖର ଝାଙ୍କର)

ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ଦାବିରେ ସାମାଜିକ ସଙ୍ଗଠନ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ସମୟରେ ପୋଲିସ ଅଟକାଇବାରୁ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାପରେ ଆନ୍ଦୋଳନକାରୀମାନେ ଆଲୋଚନା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ଜିଲାପାଳ ଆଲୋଚନା ପାଇଁ ଆସି ନ ଥିଲେ। ଏହାକୁ ନେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରଠାରୁ ଜିଲାରେ ଜନଅସନ୍ତୋଷ ବୃଦ୍ଧି ପାଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆଁବାଲିରୋଇକୁ ସ୍ଥାନାନ୍ତର ପରଠାରୁ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ଗତ କିଛିମାସ ହେବ ପୁରୁଣା ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ନେଇ ଜିଲା ପ୍ରଶାସନଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଦାବି ହୋଇଆସୁଛି । ହେଲେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଉକ୍ତ ଦାବି କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଦିନ ଗଡ଼ାଇ ଚାଲିଛନ୍ତି। ଏହାକୁ ନେଇ ଦେଖାଦେଇଥିବା ଅସନ୍ତୋଷ ଦିନକୁ ଦିନ ଜନଆନ୍ଦୋଳନ ପାଇଁ ଦାନା ବାନ୍ଧୁଛି । ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ଦାବି ନେଇ ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଆନ୍ଦୋଳନବେଳେ ଜିଲା ପ୍ରଶାସନ ପକ୍ଷରୁ ୧ ମାସ ମଧ୍ୟରେ ଏହାର ସମାଧାନ ପାଇଁ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ବାସ୍ତବରେ ଏହା କାର୍ଯ୍ୟକାରୀ ନ ହେବାରୁ ମଞ୍ଚ ପୁନର୍ବାର ଆନ୍ଦୋଳନ ପାଇଁ ସଜବାଜ ହୋଇଛି। ମଙ୍ଗଳବାର ମଞ୍ଚର ଆବାହକ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ସ୍ଥାନୀୟ ଗୋପାଳ ଜୀଉ ମନ୍ଦିର ପ୍ରାଙ୍ଗଣରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗଦେଇଥିଲେ। ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନକୁ ପୁଣିଥରେ ଏକ ସପ୍ତାହର ସମୟ ଦେବା ସହ ବୁଧବାର ପ୍ରତିବାଦ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପୁନର୍ବାର ଏକ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ଅନୁଯାୟୀ, ମଞ୍ଚ ଆବାହକ ମହାପାତ୍ରଙ୍କ ଆହ୍ୱାନକ୍ରମେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, କାଉନ୍‌ସିଲର ଧର୍ମେନ୍ଦ୍ର କୁମାର ଦେବତା, ସ୍ୱେଚ୍ଛାସେବୀ ପ୍ରଫୁଲ୍ଲ କୁମାର ନାଏକ, ଯୁବନେତା ଦୟାଶଙ୍କର ଦ୍ୱିବେଦୀ, ରାଜେଶ ନାୟକଙ୍କ ସମେତ ଶତାଧିକ ମହିଳା, ପୁରୁଷ ପ୍ରତିବାଦ ଶୋଭାଯାତ୍ରାରେ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବା ସହ ଭିତରକୁ ଧସେଇ ପଶିଥିଲେ। ଏହି ସମୟରେ ଉପସ୍ଥିତ ପୋଲିସ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲା। ହେଲେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଧାରଣାରେ ବସି ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଖାଲିପଡ଼ିଥିବା ଡାକ୍ତର ପଦବୀ ପୂରଣ ପାଇଁ ଅଡ଼ିବସିଥିଲେ। ତେବେ ପୋଲିସ ସୁରକ୍ଷା ବଳୟରେ ଉପଜିଲାପାଳ ପରିକ୍ଷିତ ସାହୁ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ପୋଲିସ ଭ୍ୟାନ୍‌ରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆଲୋଚନା ପାଇଁ ଡାକି ନେଇଥିଲେ। ସେଠାରେ ବିଧାୟକଙ୍କ ସମେତ ମଞ୍ଚର ସଦସ୍ୟ ଓ ଆନ୍ଦୋଳନକାରୀ ଦୀର୍ଘ ସମୟ ଅପେକ୍ଷା କରିବା ପରେ ଜିଲାପାଳ ଆଲୋଚନା ପାଇଁ ନ ଆସି ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ପଠାଇଥିଲେ। ହେଲେ ଜିଲାପାଳ ନ ଆସିବା ପର୍ଯ୍ୟନ୍ତ ଆଲୋଚନା ହୋଇପାରିବ ନାହିଁ ବୋଲି ଆନ୍ଦୋଳନକାରୀ ଜିଦ୍ ଧରିଥିଲେ। ଅପରପକ୍ଷରେ ଜିଲାପାଳ ମଧ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ପାଇଁ ନ ଆସିବା ଜିଦ୍‌ରେ ଅଟଳ ରହିବାରୁ ସେଠାରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ପରେ ୧ ସପ୍ତାହ ସମୟ ମଧ୍ୟରେ ଦାବି କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ଚରମ ଆନ୍ଦୋଳନ ପାଇଁ ଜିଲାବାସୀ ପ୍ରସ୍ତୁତ ଥିବା ମଞ୍ଚ ପକ୍ଷରୁ ଚେତାବନୀ ଦେଇ ଚାଲିଆସିଥିଲେ ।


ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।


ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଉତ୍ତେଜନା।

**ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରସଙ୍ଗ**

- କାର୍ଯ୍ୟାଳୟରୁ ଆସିଲେନାହିଁ ଜିଲାପାଳ
- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା
- ବଢ଼ୁଛି ଜନଅସନ୍ତୋଷ

# ରୁଦ୍ରାକ୍ଷମାଳା ବିବାଦ ମାମଲା: ୧୦ ହଜାର ଜରିମାନା

ଝାରସୁଗୁଡ଼ା,୧୫।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଉପଭୋକ୍ତା ବିବାଦ ନିରାକରଣ କମିଶନ ଦ୍ୱାରା ଏକ ରୁଦ୍ରାକ୍ଷମାଳା ବିବାଦ ସମ୍ପର୍କିତ ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ରୁଦ୍ରାକ୍ଷମାଳା ପଠାଇଥିବା କମ୍ପାନୀକୁ ୧୦,୦୦୦ ଟଙ୍କା ଜରିମାନା କରାଯାଇଛି। ଝାରସୁଗୁଡ଼ା ଜିଲା ଉପଭୋକ୍ତା ଆୟୋଗର ମାମଲା ନମ୍ବର ୧୦୫/୨୦୨୪ ଅନୁସାରେ, ଝାରସୁଗୁଡ଼ା ଜିଲା ବଞ୍ଜାରି ଗ୍ରାମ ସୁରଜ ପ୍ରଧାନଙ୍କୁ ଅଭିଯୋଗକାରୀ ଭାବେ ଏବଂ ଉତ୍ତର ପ୍ରଦେଶ ମେରଠ ନିବାସୀ ସୁଧାଂଶୁ ଜୀ ରତନ ଓ ରୁଦ୍ରାକ୍ଷ କମ୍ପାନୀକୁ ବିପକ୍ଷ ପକ୍ଷ ଭାବରେ ରଖାଯାଇ ବିଚାର କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ୨୦୨୪ ଅକ୍ଟୋବର ୨୫ରେ ସୁରଜ ୭ମୁଖୀ ରୁଦ୍ରାକ୍ଷମାଳା ଇନ୍‌ଭଏସ୍ ନମ୍ବର ୧୧୮୩୮ ଅନୁସାରେ ଅର୍ଡର କରିଥିଲେ। ଏଥିପାଇଁ ୧୫୦୦ ଟଙ୍କା କମ୍ପାନୀଙ୍କୁ ପେମେଣ୍ଟ କରିଥିଲେ। ହେଲେ ୨୦୨୪ ନଭେମ୍ବର ୨ରେ ସୁରଜଙ୍କ ପାଖରେ ୭ ମୁଖୀ ରୁଦ୍ରାକ୍ଷମାଳା ପରିବର୍ତ୍ତେ ୫ ମୁଖି ରୁଦ୍ରାକ୍ଷମାଳା ପହଞ୍ଚିଥିଲା। ଏନେଇ ସେ ସୁଧାଂଶୁ ଜୀ ରତନ ଓ କମ୍ପାନୀ ସହ ଯୋଗାଯୋଗ କରିଥିଲେ। କିନ୍ତୁ କୌଣସି ଉତ୍ତର ନ ମିଳିବାରୁ ସେ ଉପଭୋକ୍ତା ଆୟୋଗରେ ଅଭିଯୋଗ ଦାଖଲ କରିଥିଲେ। ପରବର୍ତ୍ତୀ ସମୟରେ ବିପକ୍ଷ କମ୍ପାନୀ ପକ୍ଷକୁ ନୋଟିସ ପଠାଯିବା ସତ୍ତ୍ୱେ ସେମାନେ ଆୟୋଗ ସମ୍ମୁଖରେ ଉପସ୍ଥିତ ହୋଇ ନ ଥିଲେ। ଏହାପରେ ଆୟୋଗ ସେମାନଙ୍କୁ ଏକ୍ସ ପାର୍ଟି ଘୋଷଣା କରି ଶୁଣାଣି କରିଥିଲେ। ସଦସ୍ୟ ଅଞ୍ଜୁ ଅଗରୱାଲଙ୍କ ଦ୍ୱାରା ପ୍ରସ୍ତୁତ ରାୟରେ ଉଲ୍ଲେଖ ହୋଇଛି, ଅଭିଯୋଗକାରୀ ଯାହା ଅର୍ଡର କରିଥିଲେ ତାହା ଅନୁସାରେ ସାମଗ୍ରୀ ମିଳି ନ ଥିଲା ଏବଂ ଏହା ସ୍ପଷ୍ଟ ଭାବରେ ସେବା ତ୍ରୁଟି ରୂପେ ଗ୍ରହଣଯୋଗ୍ୟ। ଏହି ମାମଲାର ଶୁଣାଣି ଗତ ୮ ତାରିଖରେ ହୋଇଥିବାବେଳେ ବୁଧବାର ରାୟ ପ୍ରକାଶ ପାଇଛି। ଯେଉଁଥିରେ କି ମାନସିକ ଭାବେ ହଇରାଣ କରିଥିବା ନେଇ ସୁଧାଂଶୁ ଜୀ ରତନଙ୍କୁ ୧୦,୦୦୦ ଟଙ୍କା ଜରିମାନା ୧ ମାସ ମଧ୍ୟରେ ପଇଠ କରିବା ଏବଂ ସମୟ ମଧ୍ୟରେ ପଇଠ ନ କଲେ ୧୨ ପ୍ରତିଶତ ସୁଧ ଦେବା ପାଇଁ ପାଇଁ ଆୟୋଗ ତାଙ୍କ ରାୟରେ ଶୁଣାଇଛନ୍ତି।

# ଜଙ୍ଗଲରେ ହାତୀ, ଲୋକେ ଭୟଭୀତ



ଝାରସୁଗୁଡ଼ା,୧୫।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଚାନ୍ଦିନୀମାଲ ପଞ୍ଚାୟତ ବରପାଲି ଗ୍ରାମ୍ୟ ଜଙ୍ଗଲରେ ବୁଧବାର ସନ୍ଧ୍ୟାରେ ଦୁଇଟି ହାତୀକୁ ତବଲାମାଲ ପଡ଼ାବାସୀ ଦେଖିଛନ୍ତି। ଏହାକୁ ନେଇ ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ହାତୀ ଦୁଇଟି ମଙ୍ଗଳବାର ଗୌଡ଼ମାଲ ପଞ୍ଚାୟତର ରଣକଟା-ବଡ଼ଯୋବ ଗ୍ରାମ୍ୟ ଜଙ୍ଗଲରେ ଥିଲେ। ଏନେଇ ବନବିଭାଗ ଖବରପାଇ ହାତୀଙ୍କୁ ଘଉଡାଇବା ଦ୍ୱାରା ଚାନ୍ଦିନୀମାଲ-ଖୁଣ୍ଟପାଣି ଦେଇ ବରପାଲି ଗ୍ରାମ୍ୟ ଜଙ୍ଗଲକୁ ପ୍ରବେଶ କରି ଗର୍ଜନ କରୁଥିବା ଶୁଣିବାକୁ ମିଳିଛି। ବ୍ରଜରାଜନଗର ରେଞ୍ଜର ରେସନା ଜାମଡାଲିୟାଙ୍କ ନେତୃତ୍ୱରେ ଗଠିତ ଦୁଇଟି ଟିମ୍ ହାତୀଙ୍କ ଗତିବିଧି ଉପରେ ନଜର ରଖିଛି। ରାଜପୁର ଫରେଷ୍ଟର ସରୋଜ ଭୋଇ, ବ୍ରଜରାଜନଗର ଫରେଷ୍ଟର ଅଜୟ ବିଶ୍ୱାଳ, ବନରକ୍ଷୀ କିଶୋର ଷଣ୍ଢ, ସଞ୍ଜୀବ କୁମାର ଚୌଧୁରୀ ପ୍ରମୁଖ ଏଥିରେ ସାମିଲ ହୋଇ ଜଙ୍ଗଲ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରୁଛନ୍ତି। ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ଜଙ୍ଗଲ ବିଭାଗର ପରାମର୍ଶରେ ସନ୍ଧ୍ୟା ୭ଟାରୁ ତିଲେଇମାଲ ଓ ବରପାଲି ଗ୍ରାମରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଯାଇଥିବା ଜଣାପଡିଛି।

# ଗଜଲକ୍ଷ୍ମୀ ପୂଜା କପ୍ ଫୁଟ୍‌ବଲ ପ୍ରତିଯୋଗିତା: କତ୍ରାପାଲି ଟିମ୍ ଚାମ୍ପିୟନ

ଦେବଗଡ଼,୧୫।୧୦(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ କଣ୍ଢଳ ଗ୍ରାମପଞ୍ଚାୟତ ସଦର ମହକୁମାରେ ଅଗ୍ରଗତି ସଂଘ ଆନୁକୂଲ୍ୟରେ ପାଳିତ ହେଉଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଗଜଲକ୍ଷ୍ମୀ ପୂଜା କପ୍ ଫୁଟ୍‌ବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଖଜୁରିବାହାଲ ଫୁଟ୍‌ବଲ ଟିମ୍‌କୁ ପରାସ୍ତକରି କତ୍ରାପାଲି ଫୁଟ୍‌ବଲ ଟିମ୍ ଚାମ୍ପିୟନ ହୋଇଛି। ରେଫରି ଭାବେ ପାପଲି ପାଲ୍, କୃଷ୍ଣଚନ୍ଦ୍ର ନାୟକ, ସୁମନ ରାଉତ, ବିପିନ ପାତ୍ର ଓ ସରୋଜ ଗଡ଼ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅଗ୍ରଗତି ସଂଘ ସଭାପତି ଦୟାନିଧି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ହର୍ଷବର୍ଦ୍ଧନ ସାହୁ, ପୂର୍ବତନ ସରପଞ୍ଚ ବିରଞ୍ଚି ବେହେରା ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୫ ହଜାର ଓ ରନର ଅପ୍ ଟିମ୍‌କୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ରାଜକିଶୋର ସାହୁ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ କଳା ଉତ୍ସବ


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଦେବଗଡ଼,୧୫।୧୦(ଶଶାଙ୍କ ଶେଖର ଝାଙ୍କର)

ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ସମ୍ମାନିତ ଅତିଥି ଭାବେ ରିଆମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନିତା ବେହେରା, ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ ଯୋଗଦେଇଥିଲେ। ସୁଗୁଡ଼ା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ପରିଚାଳନା ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭବାନୀକାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୩ଟି ବ୍ଲକରୁ ଅନୁଷ୍ଠିତ ପ୍ରତିଯୋଗିତାରେ ଚୟନ ହୋଇଆସିଥିବା ୬୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ର, ଚିତ୍ରକଳା, ଏକକ ସଙ୍ଗୀତ, ଦଳଗତ ସଙ୍ଗୀତ, ଏକକ ନୃତ୍ୟ, ଦଳଗତ ନୃତ୍ୟ, ବାଦ୍ୟ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଦେବଗଡ଼ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଚିତ୍ରକର ଜନ୍ମାଜୟ ନାୟକ ଓ ସାମ୍ବାଦିକ ଶିବାଶିଷ ଝାଙ୍କର ଦାୟିତ୍ୱ ତୁଲାଇଥିଲେ।

ସେହିପରି ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ୍ କୁମାର ଭୋଜ, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା, ଆକାଉଣ୍ଟାଣ୍ଟ ସଞ୍ଜୀବ କୁମାର ମିଶ୍ର, ଝରଣା ବେହେରା, ଦୀପିକା ମିଶ୍ର, ଶଶାଙ୍କ ଚୌଧୁରୀ, ସିଆର୍‌ସିସି ଚୂଡ଼ାମଣି ସାହୁ, ଭେନ୍‌ସ କୁମାର ପ୍ରଧାନ, ଅଶୋକ କୁମାର ସାହୁ, ଦାଶରଥି ପ୍ରଧାନ, ପ୍ରଭାତ କୁମାର ପ୍ରଧାନ, ପ୍ରଦୀପ କୁମାର ଅଟି ପ୍ରମୁଖ ଉପସ୍ଥିତ ଥିଲେ।

# ଗୋମାଂସ ଚାଲାଣ ଅଭିଯୋଗରେ ୫ ଗିରଫ

ଝାରସୁଗୁଡ଼ା,୧୫।୧୦(ଆଶିଷ ରଞ୍ଜନ ଦାଶ)

ଗୋମାଂସ ଚାଲାଣ ଅଭିଯୋଗରେ ଝାରସୁଗୁଡ଼ା ଟାଉନ୍ ଥାନା ପୋଲିସ ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ମାଲ ଥାନା ଅଧୀନ ସିଂହାବଗା ଅଞ୍ଚଳର ରୁଦ୍ରମଣି ରୋହିଦାସ, ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳର ସତ୍ୟନାରାୟଣ ମେହେର, ସମ୍ବଲପୁର ଠେଲକୋଲୋଇ ଅଞ୍ଚଳର ଈଶ୍ୱର ରୋହିଦାସ, ମଙ୍ଗଳ ବଜାର ଅଞ୍ଚଳର ଆରିଫ୍ ଖାନ୍ ଓ ଆସିଫ୍ ଖାନ୍।

ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଏକ କାର୍ ଦ୍ରୁତଗତିରେ ମଙ୍ଗଳ ବଜାର ପଟକୁ ଯାଉଥିବାବେଳେ ହନୁମାନ ମନ୍ଦିର ନିକଟରେ କେତେଜଣ ଯୁବକ ଅଟକାଇଥିଲେ। ଯାଞ୍ଚ ପରେ ସେଥିରେ ଗୋମାଂସ ଚାଲାଣ ହେଉଥିବା ଜଣାପଡ଼ିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଂସ ସହ କାର୍‌କୁ ଜବତ କରିଥିଲା। କାର୍‌ରେ ମାଂସ ନେଇ ଯାଉଥିବା ରୁଦ୍ରମଣି, ସତ୍ୟନାରାୟଣ, ଈଶ୍ୱରଙ୍କୁ ପୋଲିସ ଗିରଫ କରିଥିଲା। ପଚରାଉଚରାବେଳେ ମଙ୍ଗଳ ବଜାର ଅଞ୍ଚଳରେ ଥିବା ଏକ ହୋଟେଲକୁ ଆରିଫ୍ ଓ ଆସିଫ୍ ଗୋମାଂସ ଚାଲାଣ କରୁଥିବା ଅଭିଯୁକ୍ତମାନେ ପୋଲିସ ନିକଟରେ ପ୍ରକାଶ କରିଥିଲେ। ପରେ ପୋଲିସ ଆରିଫ୍ ଏବଂ ଆସିଫ୍‌ଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

# ଜବରଦଖଲ ଉଚ୍ଛେଦ, ଭଙ୍ଗାଗଲା ୩୮ ଦୋକାନ

ଝାରସୁଗୁଡ଼ା,୧୫।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌର ପରିଷଦର ପ୍ରଚେଷ୍ଟାରେ ହଟଲିପଡ଼ାରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଝାରସୁଗୁଡ଼ା ସହରର ବିକାଶ ପାଇଁ ଗତ ସେପ୍ଟେମ୍ବର ୯ରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ହଟଲିପଡ଼ାରେ ବ୍ୟବସାୟିକ କମ୍ପ୍ଲେକ୍ସ ନିର୍ମାଣ ପାଇଁ ମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ଏହାପରେ ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଜବରଦଖଲକାରୀଙ୍କୁ ନୋଟିସ୍ ଜାରି କରିଥିଲା ପୌର ପରିଷଦ। ନୋଟିସ ଅବଧି ସରିବା ପରେ ସୋମବାର, ମଙ୍ଗଳବାର ଓ ବୁଧବାର ଜିଲା ଏବଂ ପୌର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରି ଦୀର୍ଘଦିନ ଧରି ଥିବା ୩୮ଟି ଦୋକାନ ଗୃହକୁ ଭଙ୍ଗାଯାଇଛି। ଏନେଇ ଝାରସୁଗୁଡ଼ା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି, ଉକ୍ତ ସ୍ଥାନରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୪ କୋଟି ଟଙ୍କା ବ୍ୟୟରେ ଏକ ମଲ୍ଟି ଷ୍ଟୋରେଜ୍ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯିବ। ସେହିପରି ପୌର ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ କହିଛନ୍ତି, ଆଗାମୀ ଦିନରେ ନୂତନ କମ୍ପ୍ଲେକ୍ସ ତିଆରି ହେବା ଦ୍ୱାରା କେତେଜଣ ବ୍ୟକ୍ତି ରୋଜଗାରକ୍ଷମ ହେବା ସହିତ ଝାରସୁଗୁଡ଼ା ପୌର ପରିଷଦର ଭଡ଼ା ମାଧ୍ୟମରେ ଆୟ ହେବ। ତାହା ପୌର ପରିଷଦର ଉନ୍ନତି କାର୍ଯ୍ୟରେ ଲାଗିପାରିବ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଲଇକେରା,୧୫।୧୦(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅଧୀନ ସାହାସପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଖୁନ୍ତାମାଲ ଆଶ୍ରମ ବିଦ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାହାସପୁର ସିଆର୍‌ସିସି ପ୍ରଦୀପ କୁମାର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହାସପୁର ଜେଆର୍ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ବାରିକ ମୁଖ୍ୟ ଅତିଥି, ସୁତୁଙ୍ଗ ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ ମେହେର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଖୁନ୍ତାମାଲ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଡଲି ଗୁରୁ, ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ କୁମାର ଦେଓ, ମୁଣ୍ଡେରବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଛତ୍ରଲାଲ କିଷାନ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବ୍‌ଦୁଲ କଲାମଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୧୬ଟି ବିଦ୍ୟାଳୟରୁ ୬୫ ଜଣ ଛାତ୍ରୀଛାତ୍ର ଯୋଗଦେଇ ବକ୍ତୃତା, ରଚନା, ଚିତ୍ରାଙ୍କନ, ନାଚ ଓ ଗୀତରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଖୁନ୍ତାମାଲ ସରପଞ୍ଚ ସବ୍ୟସାଚୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ, ମୁଖ୍ୟବକ୍ତା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶକ ମଦନ ମୋହନ ସେଠ ଓ ଅନ୍ୟ ଅତିଥି ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଭୁବନେଶ୍ୱର ମାଝୀ କାର୍ଯ୍ୟକ୍ରମ ପରିଚାଳନା ଓ ବସନ୍ତ କିଷାନ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଯୌତୁକ ନିର୍ଯାତନା ରୋକିବାକୁ ସମସ୍ତେ ସଚେତନ ହୁଅନ୍ତୁ

ଦେବଗଡ଼,୧୫।୧୦(ଶଶାଙ୍କ ଶେଖର ଝାଙ୍କର)

ଯୌତୁକ ଭଳି କୁପ୍ରଥା ଏକ ସାମାଜିକ ବ୍ୟାଧି। ଯୌତୁକ ନିଷେଧ ଆଇନ ପ୍ରଣୟନର ଦୀର୍ଘବର୍ଷ ପରେ ମଧ୍ୟ ମହିଳାମାନେ ଯୌତୁକ ନିର୍ଯାତନାର ଶିକାର ହେଉଛନ୍ତି। ଏହାକୁ ରୋକିବା ପାଇଁ ହେଲେ ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ସଚେତନ କରିବାକୁ ପଡିବ। ଦେବଗଡ଼ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବୁଧବାର ଅତିରିକ୍ତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଯୌତୁକ ନିଷେଧ ଆଇନ ଉପରେ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିମାନେ ମତପ୍ରକାଶ କରିଥିଲେ। ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ପଙ୍କଜିନି ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଡିପିଏମ୍ ଓଏଲ୍‌ଏମ ଶିଶିର ଷଡଙ୍ଗୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗଦେଇଥିଲେ। ଶିବିରରେ ପ୍ରଶିକ୍ଷକ ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ଜିଲା ଲିଗାଲ ସର୍ଭିସ ଅଥରିଟି ଲିଗାଲ ଏକ୍ସପର୍ଟ ରଞ୍ଜନ କୁମାର ସାହୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିତାର ରୂପେଶ ବେହେରା ଓ ଶ୍ରଦ୍ଧାଞ୍ଜଳି ସାହୁ ଯୋଗଦେଇ ଯୌତୁକ ନିଷେଧ ଅଧିନିୟମ ୧୯୬୧ ବିଷୟରେ ଆଲୋକପାତ କରିଥିଲେ। ଶିବିରରେ ପ୍ରୋଟେକ୍ସନ ଅଧିକାରିଣୀ ଜ୍ୟୋସ୍ନା ତନ୍ତୀ, ପ୍ରୋଗ୍ରାମ ଅଧିକାରୀ ତାରାକାନ୍ତି ମହାନନ୍ଦିଆଙ୍କ ସମେତ ବିଭିନ୍ନ ଏନ୍‌ଜିଓର ସଦସ୍ୟା, ସଦସ୍ୟ ସାମିଲ ହୋଇଥିଲେ। ଜିଲା ସଂଯୋଜକ ସତ୍ୟବ୍ରତ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ।

**ଯୌତୁକ ନିଷେଧ ଆଇନ ସମ୍ବନ୍ଧୀୟ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର**

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୬/୨୦୨୫ Bhubaneswar, Thursday, October 16/ 2025




# ମହିଳା, ପୁରୁଷରେ ଚାଇନା ଚାମ୍ପିୟନ

**ଭୁବନେଶ୍ୱର, ୧୫ା୧୦(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଆଇଟିଟିଏଫ୍-ଏଟିଟିୟୁ ୨୮ତମ ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଉଭୟ ମହିଳା ଓ ପୁରୁଷ ବର୍ଗରେ ଚାମ୍ପିୟନ ହୋଇ ଚାଇନା କ୍ଲିନ୍ ସୁଇପ୍ କରିଛି। ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ

**ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ**

ପୁରସ୍କାର ପ୍ରଦାନ କରିଥିଲେ।

ଅନ୍ତିମ ଦିବସରେ ଅନୁଷ୍ଠିତ ମହିଳା ବିଭାଗ ଫାଇନାଲରେ ଜାପାନକୁ ୩-୦ରେ ହରାଇ ଚାଇନା ଚାମ୍ପିୟନ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଚାଇନାର ୱାଙ୍ଗ୍ ମାନ୍‌ୟୁ ୩-୧ (୧୦-୧୨, ୧୧-୩, ୧୧-୬, ୧୧-୩)ରେ ଜାପାନର ହଶିମୋତୋ ହୋନୋକାଙ୍କୁ ହରାଇଥିଲେ। ପରବର୍ତ୍ତୀ ୨ଟି ମ୍ୟାଚ୍‌ରେ ସୁନ୍ ୟିଙ୍ଗଶା ୩-୦ (୧୧-୯, ୧୧-୫, ୧୧-୭)ରେ ହାରିମୋତୋ ମିୱାଙ୍କୁ ଏବଂ କ୍ୱାଇ ମାନ୍ ୩-୧ (୮-୧୧, ୧୨-୧୦, ୧୧-୬, ୧୧-୯)ରେ ହାୟାତା ହିନାଙ୍କୁ ପରାସ୍ତ କରିବାରୁ ୪ର୍ଥ ମ୍ୟାଚ୍‌ର ଆବଶ୍ୟକତା ପଡ଼ି ନ ଥିଲା।

ମହିଳାଙ୍କ ପରି ପୁରୁଷ ବିଭାଗରେ ମଧ୍ୟ ଚାଇନାର ଆଧିପତ୍ୟ ଦେଖିବାକୁ ମିଳିଥିଲା। ହଂକଂକୁ ୩-୦ରେ ହରାଇଥିଲା ଶକ୍ତିଶାଳୀ ଚାଇନା। ପ୍ରଥମ ମ୍ୟାଚରେ ଚାଇନାର ଲିନ୍ ଶିଡଙ୍ଗ୍ ୩-୦ (୧୧-୮, ୧୧-୪, ୧୧-୪)ରେ ହଂକଂର ଓଙ୍ଗ୍ ଚୁନ୍ ଟିଙ୍ଗ୍‌ଙ୍କୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ୱାଙ୍ଗ୍ ଚୁକ୍ୱିନ ୩-୧ (୧୨-୧୦, ୧୧-୯, ୫-୧୧, ୧୪-୧୨)ରେ ଚାନ୍ ବାଲ୍ଡ୍‌ୱିନଙ୍କୁ ପରାସ୍ତ କରିଥିଲେ। ତୃତୀୟ ମ୍ୟାଚରେ ଚାଇନାର ଲିଆଙ୍ଗ୍ ଜିଙ୍ଗକୁନ୍ ୩-୦ (୧୩-୧୧, ୧୧-୬, ୧୨-୧୦)ରେ ହଂକଂର ୟୁ କ୍ୱାନ୍ ତୋ'ଙ୍କୁ ହରାଇବା ସହ ମୁକାବିଲା ଶେଷ ହୋଇଯାଇଥିଲା।






ମହିଳା (ଉପର) ଓ ପୁରୁଷ ବର୍ଗରେ ଚାମ୍ପିୟନ ଚାଇନା ଖେଳାଳିମାନେ ଖୁସି ମୁହୂର୍ତ୍ତରେ।

## ଭାରତୀୟ ପୁରୁଷଙ୍କୁ ୬ଷ୍ଠ, ମହିଳାଙ୍କୁ ୮ମ ସ୍ଥାନ

ର୍‍ୟାଙ୍କିଙ୍ଗ୍ ଦୃଷ୍ଟିରୁ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିଥିବା ଭାରତୀୟ ମହିଳା ଓ ପୁରୁଷ ଦଳ ଘରୋଇ ପରିବେଶରେ ଖେଳିଥିଲେ ମଧ୍ୟ ନୈରାଶ୍ୟର ସହ ପ୍ରତିଯୋଗିତା ଶେଷ କରିଛନ୍ତି। ସେମିଫାଇନାଲରେ ପ୍ରବେଶ ତ ଦୂରର କଥା। ହେଲେ ଗତ ୩ ସଂସ୍କରଣର ବ୍ରୋଞ୍ଜ୍ ପଦକ ବିଜେତା ଭାରତୀୟ ପୁରୁଷ ଦଳ ୬ଷ୍ଠ ଓ ମହିଳା ଦଳ ୮ମ ସ୍ଥାନରେ ସନ୍ତୁଷ୍ଟ ରହିଛି।

# ଆଇଟିଏଫ୍ ୱାର୍ଲ୍ଡ ଟେନିସ୍ ମାଷ୍ଟର୍ସ ଉଦ୍‌ଯାପିତ




ପୁରସ୍କାରପ୍ରାପ୍ତ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୫ା୧୦(ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଇଟିଏଫ୍ ୱାର୍ଲ୍ଡ ଟେନିସ୍ ମାଷ୍ଟର୍ସ ଟୁର୍ (ଏମ୍‌ଟି୧୦୦) ବୁଧବାର ଶେଷ ହୋଇଛି। ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ (ଆଇଟିଏଫ୍) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଓଡ଼ିଶା ଟେନିସ୍ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତ, ସ୍ଲୋଭାକିଆ ଓ ଜର୍ମାନୀ ଆଦି ଦେଶରୁ ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ୩୦ରୁ ଆରମ୍ଭକରି ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ପ୍ରତିଯୋଗିତା ହୋଇଥିଲା। ପୁରୁଷ ସିଙ୍ଗଲ୍ସ ୩୦+ରେ ଅଂଶୁ ଭୂୟାଁ, ୩୫+ରେ ବିଶ୍ୱଜିତ୍ ଦାସ, ୪୦+ରେ ଶିବ ଶଙ୍କର ପରିଡ଼ା, ୪୫+ରେ ଅଜୟ କୁମାର ନିଶଙ୍କ, ୫୦+ରେ ସ୍ଲୋଭାକିଆର ପିଟର ଜାନକୁସ୍କା, ୫୫+ରେ ବିନୋଦ ସେଠ୍, ୬୦+ରେ ଅଜୟ ସାହୁ, ୬୫+ରେ ଦିଲୀପ କୁମାର ମଙ୍ଗରାଜ, ୭୦+ରେ ରମଣ ଭେଲାମାର୍ଟି ଚାମ୍ପିୟନ ହୋଇଛନ୍ତି। ମହିଳା ସିଙ୍ଗଲ୍ସର ୪୫+ରେ ସ୍ଲୋଭାକିଆର ସିଲିଭିଆ ଜାନକୁସ୍କୋଭା ଟାଇଟଲ ହାସଲ କରିଛନ୍ତି।

ପୁରୁଷ ଡବଲ୍ସର ୩୦+ ବର୍ଗରେ ଅଂଶୁ ଭୂୟାଁ-ଚିନ୍ମୟ ପ୍ରଧାନ, ୩୫+ରେ ଗୋବିନ୍ଦ ବିଶ୍ୱାସ-ବିଶ୍ୱଜିତ୍ ଦାସ, ୪୦+ରେ ମନୋଜ ଦାସ-ଅର୍ଜୁନ କୁମାର ସାହୁ, ୪୫+ରେ ଅଜୟ କୁମାର ନିଶଙ୍କ-ଧିରଜ କୁମାର ପଣ୍ଡା, ୫୦+ରେ ଦୟାଲ ଗଙ୍ଗୱାର-ଆଶିଷ ପର୍‌ମାର, ୫୫+ରେ ସ୍ନେହାଶିଷ ବେହେରା-ବିନୋଦ ସେଠ୍, ୬୦+ରେ ଅଜୟ କୁମାର ମହାପାତ୍ର-ଅଜୟ ସାହୁ, ୬୫+ରେ ଦିଲୀପ କୁମାର ମଙ୍ଗରାଜ-ଚୁନିଲାଲ୍ ପଟେଲ, ୭୦+ରେ ପ୍ରଭାତ କୁମାର ବକ୍ସି-ବ୍ରହ୍ମାନନ୍ଦ ମିଶ୍ରଙ୍କ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ମିକ୍ସଡ ଡବଲ୍ସରେ ସ୍ଲୋଭାକିଆର ପିଟର ଜାନକୁସ୍କା-ସିଲିଭିଆ ଜାନକୁସ୍କୋଭା ଚାମ୍ପିୟନ ହୋଇଛନ୍ତି। ଓଟିଏ ଉପସଭାପତି ସତ୍ୟଜିତ୍ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ୍ ପଟ୍ଟନାୟକ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ପ୍ରବୀଣ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଭାରତୀୟ ଦଳର ଅଷ୍ଟ୍ରେଲିଆ ଯାତ୍ରା

**ନୂଆଦିଲ୍ଲୀ, ୧୫ା୧୦ (ପି.ଟି.)**

ଆସନ୍ତା ୧୯ ତାରିଖରୁ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ କ୍ରିକେଟ୍ ସିରିଜ୍ ଖେଳାଯିବ। ଏଥିଲାଗି ସିନିୟର ବ୍ୟାଟର ବିରାଟ କୋହଲି ଓ ରୋହିତ୍ ଶର୍ମା ପ୍ରଥମ ବ୍ୟାଚ୍‌ର ଭାରତୀୟ ଖେଳାଳିଙ୍କ ସହ ବୁଧବାର ସକାଳେ ଅଷ୍ଟ୍ରେଲିଆ ଯାତ୍ରା କରିଛନ୍ତି। ଏହି ବ୍ୟାଚ୍‌ରେ ଦୁଇ ସିନିୟର ଷ୍ଟାର୍‌ଙ୍କ ସହ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁଭମନ ଗିଲ୍, ଓପ୍‌ନର ଯଶସ୍ୱୀ ଜୟସ୍ୱାଲ, ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀ, ପେସର ଅର୍ଶଦୀପ ସିଂ ଓ ପ୍ରସିଦ୍ଧ କ୍ରିଷ୍ଣା ରହିଛନ୍ତି। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଦଳର ସପୋର୍ଟ ଷ୍ଟାଫ୍ ସଦସ୍ୟ ସନ୍ଧ୍ୟାରେ ଫ୍ଲାଇଟ୍ ଧରିଥିଲେ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତା ରବିବାର ପର୍ଥରେ ଖେଳାଯିବ।

# ଶୁଭ୍ରାଂଶୁ-ଧୂପର ଓଡ଼ିଶାର ସମ୍ମାନ ରଖିଲେ





ଶଟ୍ ଖେଳିବା ଅବସରରେ ରାଜେଶ ଧୂପର ଓ ଶୁଭ୍ରାଂଶୁ ସେନାପତି। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୧୫ା୧୦(ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ୍ ଦଳର ରଣଜୀ ଟ୍ରଫି-୨୦୨୫-୨୬ ସିଜନ ବୁଧବାର ଆରମ୍ଭ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ବରୋଦା ବିପକ୍ଷ ମ୍ୟାଚ୍‌ରେ ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ପରେ ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପରଙ୍କ ଶତକୀୟ ଭାଗୀଦାରି ଓଡ଼ିଶାର ସମ୍ମାନ ରଖିଛି। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଓଡ଼ିଶା ୫ ଉଇକେଟ ହରାଇ ୨୦୫ ରନ୍ କରିଛି। ଏଠାରେ ଗୌରବ

**ରଣଜୀ ଟ୍ରଫି**

**ଗୌରବ, ବାଦଲଙ୍କ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ**

ଚୌଧାରୀ ଓ ବାଦଲ ବିଶ୍ୱାଳ ସେମାନଙ୍କ ପ୍ରଥମଶ୍ରେଣୀ କ୍ରିକେଟ୍ କ୍ୟାରିୟର ଆରମ୍ଭ କରିଛନ୍ତି। ଗୌରବଙ୍କୁ ଶୁଭ୍ରାଂଶୁ ଏବଂ ବାଦଲଙ୍କୁ ସିନିୟର ଖେଳାଳି ଗୋବିନ୍ଦ ପୋଦ୍ଦାର ଓଡ଼ିଶା ଦଳର କ୍ୟାପ୍ ପ୍ରଦାନ କରିଥିଲେ।

## ଶତକୀୟ ଭାଗୀଦାରି

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଓଡ଼ିଶା। ଦୁଇ ଓପ୍‌ନର ସ୍ୱସ୍ତିକ୍ ସାମଲ ଓ ଗୌରବ ଚୌଧାରୀ ଓପ୍‌ନିଂ ଯୋଡ଼ିରେ ୪୯ ରନ୍ ଯୋଗକରି ଦଳକୁ ଭଲ ଆରମ୍ଭ ଦେଇଥିଲେ। ୧୯ତମ ଓଭରର ୫ମ ବଲ୍‌ରେ ଗୌରବଙ୍କୁ ରନ୍‌ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ବରୋଦା ଅଧିନାୟକ ଅତୀତ ସେଠ୍। ମାତ୍ର ସମାନ ସ୍କୋରରେ ଓଡ଼ିଶା ଆଉ ୩ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଅର୍ଥାତ୍ ୨୨.୨ ଓଭର ବେଳକୁ ଓଡ଼ିଶା ସ୍କୋର ୪୯/୪ ହୋଇଯାଇଥିଲା। ସନ୍ଦୀପ ପଟ୍ଟନାୟକ ଖାତା ଖୋଲିପାରି ନ ଥିବାବେଳେ ସ୍ୱସ୍ତିକ୍‌ଙ୍କୁ ୨୪ ରନ୍‌ରେ ପାଭିଲିୟନ ପଠାଇଥିଲେ ଅତୀତ। ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଡକ୍ (୦)ରେ ଆଉଟ ହେବାରୁ ଓଡ଼ିଶାକୁ ଶକ୍ତ ଝଟ୍‌କା ଲାଗିଥିଲା। ୧୫ ବଲ୍ ବ୍ୟବଧାନରେ ୪ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିବା ଓଡ଼ିଶା ପାଇଁ ସଙ୍କଟମୋଚକ ସାଜିଥିଲେ ଅଧିନାୟକ ଶୁଭ୍ରାଂଶୁ ଓ ରାଜେଶ। ଦୁହେଁ ସତର୍କତାର ସହ ବିପକ୍ଷ ବୋଲରଙ୍କୁ ମୁକାବିଲା କରି ୫ମ ଉଇକେଟରେ ୪୦୫ ବଲ୍‌ରୁ ୧୫୬ ରନ୍‌ର ଭାଗୀଦାରି ଗଢ଼ିବା ପରେ ଦିବସର ଶେଷ (୮୯.୫) ଓଭରର ୫ମ ବଲ୍‌ରେ ଶୁଭ୍ରାଂଶୁ ଆଉଟ୍ ହେବାରୁ ଷ୍ଟମ୍ପ ପ୍ରତ୍ୟାହୃତ ହୋଇଥିଲା। ୨୦୩ ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ସହାୟତାରେ ୭୯ ରନ୍ କରିଥିଲେ ଶୁଭ୍ରାଂଶୁ। ରାଜେଶ ୨୧୨ ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୨ ଛକା ସହାୟତାରେ ୭୬ ରନ୍‌ରେ ଅପରାଜିତ ରହିଥିଲେ। ବରୋଦା ବୋଲରଙ୍କ ମଧ୍ୟରେ ଅତୀତ ସେଠ୍ ଓ ଭାର୍ଗବ ଭଟ୍ଟ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୦୫/୫(ଶୁଭ୍ରାଂଶୁ ସେନାପତି-୭୯, ରାଜେଶ ଧୂପର-୭୬*, ସ୍ୱସ୍ତିକ୍ ସାମଲ-୨୪, ଗୌରବ ଚୌଧାରୀ-୨୪, ଅତୀତ ସେଠ୍-୨/୪୧, ଭାର୍ଗବ ଭଟ୍ଟ-୨/୫୪)।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ